# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୫/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, October 15/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୩୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 320 ମୂଲ୍ୟ ₹୭/-




ମା'ଙ୍କୁ ମେଲାଣି: କୁଆଖାଇ ନଦୀରେ ପ୍ରସ୍ତୁତ ଅସ୍ଥାୟୀ ପୋଖରୀରେ ସୋମବାର ଦେବୀ ଦୁର୍ଗାଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଉଛି। (ଫଟୋ: ବିକାଶ ନାୟକ)

## ୩ ଆମେରିକୀୟଙ୍କୁ ଅର୍ଥନୀତିରେ ନୋବେଲ

ଷ୍ଟକ୍‌ହୋମ୍,୧୪।୧୦

ଚଳିତବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଁ ଆମେରିକାର ୩ ଅର୍ଥନୀତିଜ୍ଞଙ୍କୁ ସୋମବାର ମନୋନୀତ କରାଯାଇଛି। ସେମାନେ ହେଲେ ଡାରୋନ୍ ଆସେମୋଗ୍ଲୁ, ସାଇମନ ଜନ୍‌ସନ ଏବଂ ଜେମ୍ସ ରବିନସନ୍। ସାମାଜିକ ଅନୁଷ୍ଠାନଗୁଡ଼ିକର ଗଠନ ଏବଂ ସମୃଦ୍ଧି ଉପରେ ସେଗୁଡ଼ିକର ପ୍ରଭାବକୁ ନେଇ ସେମାନେ ଅଧ୍ୟୟନ କରୁଥିଲେ। ଏଥିପାଇଁ ସେମାନଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ରୟାଲ ସୁଇଡିସ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ କୁହାଯାଇଛି। ଆଲ୍‌ଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ଦିଆଯାଉଥିବା ଏହି ପୁରସ୍କାର ବାବଦରେ ବିଜେତାଙ୍କୁ ୧୧ ନିୟୁତ ସୁଇଡିସ୍ କ୍ରୋନ୍ (୧.୧ ନିୟୁତ ଡଲାର) ମିଳିବ।

ବିଭିନ୍ନ ଦେଶ ମଧ୍ୟରେ ରହିଥିବା ଆୟ ତାରତମ୍ୟକୁ ହ୍ରାସ କରିବା ବର୍ତ୍ତମାନ ସମୟର ସବୁଠୁ ବଡ଼ ଚ୍ୟାଲେଞ୍ଜ। ଏହା ହାସଲ କରିବା ଦିଗରେ ସାମାଜିକ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱକୁ ଉପରୋକ୍ତ ଅର୍ଥନୀତିଜ୍ଞମାନେ ସେମାନଙ୍କ ଗବେଷଣା ଜରିଆରେ ଦର୍ଶାଇଥିବା ଅର୍ଥନୀତି ବିଜ୍ଞାନ ପୁରସ୍କାର କମିଟିର ଅଧ୍ୟକ୍ଷ ଜାକୋବ ସ୍ୱେନ୍‌ସନ କହିଛନ୍ତି। ଡାରୋନ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଶ୍ମୀରରେ ଗଣତନ୍ତ୍ର**






## ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୪।୧୦(ସତ୍ୟଜିତ୍ ରାଉତ)

ଦିଲ୍ଲୀରେ ଜଣେ ଓଡ଼ିଆ ଯୁବତୀ ବଳାତ୍କାରର ଶିକାର ହୋଇଛନ୍ତି। ଗତ ୧୦ତାରିଖ ବିଳମ୍ବିତ ରାତିରେ ଦିଲ୍ଲୀର ସରାଇ କାଲେ ଖାନ୍ ଅଞ୍ଚଳରେ ଏହି ଘଟଣା ଘଟିଛି। ବଳାତ୍କାର ପରେ ପୀଡ଼ିତାଙ୍କୁ ଏକ ନିଛାଟିଆ ସ୍ଥାନରେ ଦୁର୍ବୃତ୍ତ ଜଣକ ଫୋପାଡ଼ି ଫେରାର ହୋଇଯାଇଛନ୍ତି। ନର୍ସିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଉକ୍ତ ପୀଡ଼ିତାଙ୍କୁ ଘଟଣାସ୍ଥଳରୁ ପୋଲିସ ଉଦ୍ଧାର କରି ଦିଲ୍ଲୀସ୍ଥିତ ଏମ୍‌ସରେ ଭର୍ତ୍ତି କରିଥିଲା। ପୀଡ଼ିତା ଯୁବତୀ ☞ପୃଷ୍ଠା-୪

# ଦାଦନ ଦୂର ପାଇଁ ଟାସ୍କଫୋର୍ସ

**ରାଜ୍ୟରେ ଦାଦନ ଏକ ପ୍ରମୁଖ ସମସ୍ୟା। ଏହାକୁ ଦୂର କରିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଛନ୍ତି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ କେତେକ ବିଭାଗର ମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଉନ୍ନୟନ କମିଶନର ପ୍ରମୁଖ ସଦସ୍ୟ ରହିଛନ୍ତି। ପ୍ରତି ୬ମାସରେ ଥରେ ଏହି ଟାସ୍କଫୋର୍ସ ଦାଦନ ସମସ୍ୟାର ସମାଧାନ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବ।**

ଭୁବନେଶ୍ୱର,୧୪।୧୦(ଅନିଲ ଦାସ)

ରାଜ୍ୟ ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଓଡ଼ିଶାର ଶ୍ରମିକମାନଙ୍କ ସମସ୍ୟାର ସମାଧାନ ତଥା ଦାଦନଜନିତ ବିସ୍ଥାପନ ରୋକିବା ନିମନ୍ତେ ସବିଶେଷ ଭାବରେ ଆଲୋଚନା କରିବା ସହ ସେସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବ। ଏଥିସହ ବିଭିନ୍ନ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକୁ ସୁପାରିସ କରିବ। ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରେ କାର୍ଯ୍ୟ କରିବ। ୬ ମାସରେ ଥରେ ଟାସ୍କଫୋର୍ସର ବୈଠକ କରାଯାଇ ଦାଦନ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗଗୁଡ଼ିକର ସମୀକ୍ଷା ହେବ। ଦାଦନ ଦୂରୀକରଣ କ୍ଷେତ୍ରରେ ଉଚ୍ଚକୋଟୀର କାର୍ଯ୍ୟ କରିଥିବା ବିଶେଷଜ୍ଞ, ଶିକ୍ଷାବିତ୍, ଉନ୍ନୟନ ବିଶେଷଜ୍ଞ, ମିଳିତ ଜାତିସଂଘ ଅନୁବନ୍ଧିତ ସଂସ୍ଥାର ପ୍ରତିନିଧିମାନଙ୍କୁ ମଧ୍ୟ ବୈଠକକୁ ନିମନ୍ତ୍ରିତ କରାଯିବାର ବ୍ୟବସ୍ଥା ରହିଛି।

ଟାସ୍କଫୋର୍ସ ଅଞ୍ଚଳ ଅନୁଯାୟୀ ବିସ୍ଥାପନର ପ୍ରକାର ଭେଦ ନିରୀକ୍ଷଣ କରିବା ସହ ଆବଶ୍ୟକ ନିର୍ଦ୍ଦିଷ୍ଟ ପଦକ୍ଷେପ ଦିଗରେ ସୁପାରିସ କରିବ। ଏଥିସହ ବିସ୍ଥାପନଜନିତ ଆଞ୍ଚଳିକ ବୈଷମ୍ୟତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ନିରାକରଣ ନିମନ୍ତେ ପରାମର୍ଶ ଦେବ। ଏହାଛଡ଼ା ଦାଦନଜନିତ ବିସ୍ଥାପନ ହ୍ରାସ ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ଜାରି ରହିଥିବା କାର୍ଯ୍ୟକ୍ରମ ଓ ଏ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବା ବ୍ୟବସ୍ଥାର ଅଧ୍ୟୟନ କରାଯିବ। ଦକ୍ଷତା ବିକାଶ, ଋଣ ଯୋଗାଣ, ଦାରିଦ୍ର୍ୟ ନିରାକରଣ ଯୋଜନାରେ ପରିବାରଗୁଡ଼ିକୁ ସାମିଲ କରିବା, ଭିତ୍ତିଭୂମି ଯୋଗାଇ ଦେବା ତଥା ରୋଜଗାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ନିଆଯିବାକୁ ଥିବା ନିର୍ଦ୍ଦିଷ୍ଟ ପଦକ୍ଷେପ ସୁପାରିସ କରିବା, ରାଜ୍ୟ ସରକାରଙ୍କ ଦ୍ୱାରା ☞ପୃଷ୍ଠା-୪

# ଭାରତ-କାନାଡା ତିକ୍ତତା ବଢ଼ିଲା

**■ ଉଚ୍ଚାୟୁକ୍ତଙ୍କୁ ଫେରାଇ ଆଣିଲା ଭାରତ ■ ୬ କାନାଡୀୟ କୂଟନୀତିଜ୍ଞ ବହିଷ୍କୃତ**

ନୂଆଦିଲ୍ଲୀ,୧୪।୧୦



ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜାର ହତ୍ୟା ମାମଲାରେ ଭାରତୀୟ ଉଚ୍ଚାୟୁକ୍ତ ଓ ଅନ୍ୟ କୂଟନୀତିଜ୍ଞମାନଙ୍କୁ କାନାଡା ଅଭିଯୁକ୍ତ କରିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ପ୍ରତିବାଦରେ ନୂଆଦିଲ୍ଲୀ ସୋମବାର କାନାଡାରୁ ଭାରତୀୟ ହାଇକମିଶନର ସଞ୍ଜୟ କୁମାର ବର୍ମା ଓ ଅନ୍ୟ ବରିଷ୍ଠ କୂଟନୀତିଜ୍ଞମାନଙ୍କୁ ଫେରାଇ ଆଣିଛି। ଏଥିସହିତ ନୂଆଦିଲ୍ଲୀରେ ଅବସ୍ଥାପିତ କାନାଡାର ୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କରାଯାଇଛି। ସେମାନଙ୍କୁ ଆସନ୍ତା ୧୯ ତାରିଖ ସୁଦ୍ଧା ଭାରତ ଛାଡ଼ି ଚାଲିଯିବାକୁ କୁହାଯାଇଛି। ବହିଷ୍କୃତ କାନାଡା କୂଟନୀତିଜ୍ଞମାନେ ହେଲେ ଏହାର କାର୍ଯ୍ୟକାରୀ ହାଇକମିଶନର ଷ୍ଟିୱାର୍ଟ ରୋସ୍ ହ୍ୱିଲର, ଡେପୁଟି ହାଇକମିଶନର ପାଟ୍ରିକ ହେବର୍ଟ, ପ୍ରଥମ ସଚିବ ମାରି କାଥେରିନ୍ ଜୋଲି, ଇଆନ ରୋସ୍ ଡାଭିଡ୍ ଟ୍ରିଟ୍ସ, ଆଡାମ ଜେମ୍ସ ଚୁଇପ୍‌କା ଏବଂ ପାଉଲା ଓର୍ଜୁଏଲା। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସରକାରର କାର୍ଯ୍ୟ କୂଟନୀତିଜ୍ଞମାନଙ୍କ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିଛି। ଏଭଳି ଉଗ୍ରବାଦ ଏବଂ ହିଂସାତ୍ମକ ପରିବେଶରେ କୂଟନୀତିଜ୍ଞମାନେ ସେଠାରେ ରହିବା ସମ୍ଭବ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। କୂଟନୀତିଜ୍ଞମାନଙ୍କ ସୁରକ୍ଷା ପ୍ରତି କାନାଡାର ବର୍ତ୍ତମାନ ସରକାରଙ୍କ ପ୍ରତିଶ୍ରୁତି ଉପରେ ଭରସା ନାହିଁ। ତେଣୁ ଭାରତ ସରକାର ଏହାର ଉଚ୍ଚାୟୁକ୍ତ ଓ ଟାର୍ଗେଟରେ ଥିବା ଅନ୍ୟ ଅଫିସରମାନଙ୍କୁ ☞ପୃଷ୍ଠା-୪

# ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ ଚାଇନାର ବସ୍ତି ନିର୍ମାଣ

ନୂଆଦିଲ୍ଲୀ,୧୪।୧୦



**ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହେଲା**

ଭାରତ-ଚାଇନା ସୀମାରେ ଲାଗିରହିଥିବା ଉତ୍ତେଜନା ହ୍ରାସ ଲାଗି ଗୋଟିଏ ପଟେ କୂଟନୈତିକ ଉଦ୍ୟମ ଜାରି ରହିଥିବାବେଳେ ଅନ୍ୟପଟେ ବେଜିଂ ପାଙ୍ଗୋଙ୍ଗ୍ ହ୍ରଦର ଉତ୍ତର ପାର୍ଶ୍ୱ ନିକଟରେ ବିଶାଳ ବସ୍ତି ନିର୍ମାଣ କରୁଥିବା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି। ଏଥିରେ ନିର୍ମିତ ହୋଇଥିବା ଶତାଧିକ ବିଲ୍ଡିଂ ସାମରିକ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇପାରେ। ୨୦୨୦ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଯେଉଁ ସ୍ଥାନରେ ମୁହାଁମୁହିଁ ହୋଇଥିଲା, ତାହାଠାରୁ ୩୮ କିଲୋମିଟର ଦୂରରେ ଏହି ବସ୍ତି ନିର୍ମାଣ କରାଯାଉଥିବାରୁ ଏହାକୁ ଚାଇନା ସେନା ଆଗୁଆ ଘାଟି ଭାବେ ବ୍ୟବହାର କରିପାରେ। ବିଶ୍ୱର ସର୍ବୋଚ୍ଚ ଲୁଣିଜଳ ହ୍ରଦ ପାଙ୍ଗୋଙ୍ଗ ସୋ ଭାରତ ଦାବି କରୁଥିବା ଅଞ୍ଚଳ ବାହାରେ ଅବସ୍ଥିତ। ତେବେ ଭାରତ ଏବଂ ତିବ୍ବତ ମଧ୍ୟରେ ଅବସ୍ଥିତ ଏହି ଅଞ୍ଚଳକୁ ନେଇ ସୀମା ବିବାଦ ରହିଛି। ଗତ ୯ ତାରିଖରେ ଆମେରିକାର ମାକ୍ସାର ଟେକ୍ନୋଲୋଜି ଉକ୍ତ ଉପଗ୍ରହ ଚିତ୍ର ହାସଲ କରିଛି, ଯେଉଁଠି ପ୍ରାୟ ୧୭ ହେକ୍ଟର ଜମି ଉପରେ ନିର୍ମାଣ ☞ପୃଷ୍ଠା-୪







# ଦୁର୍ଗା ଭସାଣି ବେଳେ ହିଂସା

■ଯୁବକଙ୍କୁ ହତ୍ୟା ପ୍ରତିବାଦରେ ହସ୍ପିଟାଲ, ଦୋକାନ ଜାଳିଦେଲେ

■ସୀମା ସିଲ୍, ଡ୍ରୋନ୍ ମୁତୟନ କଲା ପୋଲିସ

ଲକ୍ଷ୍ନୌ,୧୪।୧୦

ଉତ୍ତରପ୍ରଦେଶର ବାହରିଚ୍ ଜିଲାରେ ରବିବାର ଦୁର୍ଗା ମୂର୍ତ୍ତି ଭସାଣି ବେଳେ ହିଂସାକାଣ୍ଡ ଘଟିଛି। ଦୁର୍ଗା ମେଢ଼କୁ ଶୋଭାଯାତ୍ରାରେ ନିଆଯାଉଥିବାବେଳେ ଗୀତ ବଜାଇବାକୁ କେନ୍ଦ୍ରକରି ଜଣେ ୨୨ ବର୍ଷୀୟ ଯୁବକଙ୍କୁ ହତ୍ୟା କରାଯିବା ସହ ଅନ୍ୟ କେତେଜଣ ଆହତ ହୋଇଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ବାହରିଚ୍‌ର ମହସି ସବ୍‌ଡିଭିଜନ ଦେଇ ଶୋଭାଯାତ୍ରା ଗଲାବେଳେ ଟେକାମାଡ଼ ସହ ଗୁଳିମାଡ଼ ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଲକ୍ଷ୍ନୌ ସେବା ହସ୍ପିଟାଲରେ ନିଆଁ ଲଗାଇଦେବା ସହ ଏକ୍ସ-ରେ' ମେଶିନ ଭାଙ୍ଗିଦେଇଛନ୍ତି। ହସ୍ପିଟାଲର କେତେକ ବେଡ୍ ଓ ଝରକା ମଧ୍ୟ ଭଙ୍ଗାଯାଇଛି। ଏଥିସହିତ ହସ୍ପିଟାଲ ନିକଟରେ ଥିବା ଅନେକ ଦୋକାନରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ଏକ ମୋଟରସାଇକେଲ ଶୋ'ରୁମ୍‌ରେ ନିଆଁ ଲଗାଇଦେବାରୁ ବହୁସଂଖ୍ୟାରେ ବାଇକ ପୋଡ଼ିଯାଇଛି।

ସଂଘର୍ଷ ପରେ ଜିଲା ପ୍ରଶାସନ ମହସିରେ ଇଣ୍ଟରନେଟ୍ ସେବା ବନ୍ଦ କରିଥିବାବେଳେ ବହୁସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେଠାକୁ ୧୦ କମ୍ପାନୀ ସଶସ୍ତ୍ର ପୋଲିସ, ୨ କମ୍ପାନୀ ସିଏପିଏଫ୍ ଏବଂ ଉତ୍ତରପ୍ରଦେଶ ସ୍ୱତନ୍ତ୍ର ଟାସ୍କଫୋର୍ସର ୫ଟି ଟିମ୍‌କୁ ପଠାଯାଇଛି। ସେଠାରେ ୧୫ ଜଣ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିବା ସହ ଦଙ୍ଗା ନିୟନ୍ତ୍ରଣ ଗାଡ଼ିଗୁଡ଼ିକୁ ମହଜୁଦ୍ ରଖାଯାଇଛି। ପୋଲିସ ଅନ୍ୟୂନ ୩୦ ଜଣଙ୍କୁ ଅଟକ ରଖିବା ସହ ସଲ୍‌ମାନ ନାମକ ଯୁବକଙ୍କୁ ଗିରଫ କରିଛି। ସେ ଶୋଭାଯାତ୍ରା ଉପରକୁ ଗୁଳି ଚଳାଇଥିବାର ପ୍ରମାଣ ମିଳିଛି। ଏଥିସହିତ ଅନ୍ୟ ୧୦ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଉକ୍ତ ଅଞ୍ଚଳକୁ ଯାଇଥିବା ସମସ୍ତ ରାସ୍ତାକୁ ପୋଲିସ ସିଲ୍ କରିବା ସହ ଡ୍ରୋନ୍ ନିୟୋଜିତ କରିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବରିଷ୍ଠ ଅଧିକାରୀମାନଙ୍କ ସହ ଜିଲାର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ବୈଠକରେ ଆଲୋଚନା କରିଛନ୍ତି। ମହସିରେ ହିଂସାକାଣ୍ଡ ଘଟାଇଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ଦଙ୍ଗାକାରୀଙ୍କୁ ତୁରନ୍ତ ଚିହ୍ନଟ କରିବା ସହ ଯେଉଁମାନଙ୍କ ଅବହେଳାରୁ ଏଭଳି ଘଟଣା ଘଟିଲା, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।


ଦୁର୍ବୃତ୍ତମାନେ ଏକ ମୋଟରସାଇକେଲ ଶୋ'ରୁମ୍‌ରେ ନିଆଁ ଲଗାଇଦେବାରୁ ବହୁ ବାଇକ୍ ଜଳିଯାଇଛି।

## ସଂକ୍ଷେପରେ

### ୩ ଅନ୍ତର୍ଜାତୀୟ ବିମାନକୁ ବୋମା ଧମକ

ମୁମ୍ବାଇ, ୧୪।୧୦

ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ବୋମାରେ ଉଡ଼ାଇଦେବାକୁ ସୋମବାର ଧମକ ମିଳିବାରୁ ଏହାକୁ ନୂଆଦିଲ୍ଲୀରେ ଜରୁରୀ ଅବତରଣ କରାଯାଇଛି। ଉକ୍ତ ବିମାନରେ ୨୩୯ ଜଣ ଯାତ୍ରୀ ଓ ୧୯ ଜଣ କ୍ରିଉ ସଦସ୍ୟ ରହିଥିଲେ। ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାରପୋର୍ଟକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିବାବେଳେ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିବା ନେଇ ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଉକ୍ତ ବିମାନର ସମୟକୁ ପୁନଃ ନିର୍ଦ୍ଧାରଣ କରାଯାଇଛି ଏବଂ ମଙ୍ଗଳବାର ସକାଳେ ଏହା ନୂଆଦିଲ୍ଲୀରୁ ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିବ ବୋଲି ଏୟାର ଇଣ୍ଡିଆ ସୂଚନା ଦେଇଛି। ସେହିପରି ମୁମ୍ବାଇରୁ ମସ୍କାଟ ଓ ଜେଦ୍ଦା ଅଭିମୁଖେ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ୨ଟି ବିମାନକୁ ମଧ୍ୟ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଫଳରେ ମୁମ୍ବାଇ ବିମାନବନ୍ଦରରେ ଉଭୟ ବିମାନର ତଲାସୀ ନିଆଯାଇଥିଲା। ତେବେ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିଲା। ତେବେ ଉଭୟ ବିମାନ ଅନେକ ଘଣ୍ଟା ବିଳମ୍ବରେ ଉଡ଼ାଣ ଭରିଥିଲା।

### ଷ୍ଟାର ହେଲ୍‌ଥ ଇନ୍‌ସ୍ୟୁରାନ୍ସ ତଥ୍ୟ ପ୍ରଘଟର ତଦନ୍ତ ଦାବି

ନୂଆଦିଲ୍ଲୀ,୧୪।୧୦

ଷ୍ଟାର ହେଲ୍‌ଥ ଆଣ୍ଡ ଆଲାଏଡ୍ ଇନ୍‌ସ୍ୟୁରାନ୍ସ ସଂସ୍ଥାର ଗ୍ରାହକମାନଙ୍କ ଗୋପନ ତଥ୍ୟ ଗତ ୯ ତାରିଖରେ ପ୍ରଘଟ ହୋଇଛି। ଉକ୍ତ ଡେଟା ପାଇବାକୁ ହେଲେ ଉକ୍ତ କମ୍ପାନୀକୁ ୬୮,୦୦୦ ଡଲାର ପୈଠ କରିବାକୁ ଏକ ମେସେଜ୍ ମିଳିଥିଲା। କମ୍ପାନୀ ସାଇବର ଆକ୍ରମଣର ସମ୍ମୁଖୀନ ହୋଇଥିଲେ ମଧ୍ୟ ଡେଟା ଲିକ୍ ଯୋଗୁ ଏହାର କାର୍ଯ୍ୟ ପ୍ରଭାବିତ ହୋଇ ନ ଥିବା କହିଛି। ଅନ୍ୟପକ୍ଷରେ ଷ୍ଟାର ହେଲ୍‌ଥ କମ୍ପାନୀର ଗୋପନୀୟ ତଥ୍ୟ ଲିକ୍ ଘଟଣାର ତଦନ୍ତ କରାଯିବାକୁ ଦିଲ୍ଲୀର ଲିଗାଲ ସର୍ଭିସ୍ ସଂସ୍ଥା ସଫ୍ଟୱେର ଫ୍ରିଡମ୍ ଲ' ସେଣ୍ଟର ଇଣ୍ଡିଆ (ଏସ୍‌ଏଫ୍‌ଏଲ୍‌ସିଆଇ) ସୋମବାର ନ୍ୟାଶନାଲ ସାଇବର ଏଜେନ୍ସି ଇଣ୍ଡିଆ କମ୍ପ୍ୟୁଟର ଏମର୍ଜେନ୍ସି ଟିମ୍ (ସିଇଆର୍‌ଟି-ଇନ୍)କୁ ପତ୍ର ଲେଖିଛି। ଦେଶର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା କମ୍ପାନୀ ଷ୍ଟାର ହେଲ୍‌ଥ ଆଣ୍ଡ ଆଲାଏଡ୍ ଇନ୍‌ସ୍ୟୁରାନ୍ସରେ ଏଭଳି ଡେଟା ଲିକ୍ ଭବିଷ୍ୟତରେ ଯେପରି ନ ହୁଏ, ତାହା ସୁନିଶ୍ଚିତ କରାଯିବା ଆବଶ୍ୟକ। ଅତ୍ୟନ୍ତ ସମ୍ବେଦନଶୀଳ ଏହି ବ୍ୟକ୍ତିଗତ ତଥ୍ୟରେ ଗ୍ରାହକଙ୍କ ନାଁ, ଫୋନ୍ ନମ୍ବର, ଠିକଣା, ଟ୍ୟାକ୍ସ ସୂଚନା, ପରିଚୟପତ୍ର ନକଲ, ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଆଦି ରହିଛି। ଟେଲିଗ୍ରାମରେ ଏହିସବୁ ତଥ୍ୟ ପ୍ରଘଟ ହୋଇଥିବାରୁ ଏହାର ଦୁରୁପଯୋଗ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ୩.୧ କୋଟିରୁ ଊର୍ଦ୍ଧ୍ୱ ଗ୍ରାହକଙ୍କ ସମ୍ପୂର୍ଣ୍ଣ ୭.୨୪ ଟିବି ଡେଟାକୁ ୧,୫୦,୦୦୦ ଡଲାରରେ ବିକ୍ରି କରିବାକୁ ହ୍ୟାକର ଏକ ୱେବ୍‌ସାଇଟରେ ଖୋଲା ଆହ୍ୱାନ ଦେଇଛି। ଷ୍ଟାର ହେଲ୍‌ଥକୁ ମଧ୍ୟ ୬୮,୦୦୦ ଡଲାର ପୈଠ ପାଇଁ ମେସେଜ୍ ପଠାଯାଇଛି।

### ୱାକ୍‌ଫ ବିଲ୍ ସଂସଦୀୟ କମିଟି ବୈଠକରୁ ଉଠି ଆସିଲେ ବିରୋଧୀ ଏମ୍‌ପି

ନୂଆଦିଲ୍ଲୀ, ୧୪।୧୦

ବିରୋଧୀ ଦଳର ଏମ୍‌ପିମାନେ ସୋମବାର ୱାକଫ୍ ସଂସଦୀୟ ବିଲ୍ ଉପରେ ମିଳିତ ସଂସଦୀୟ କମିଟି(ଜେପିସି) ବୈଠକକୁ ବହିଷ୍କାର କରିଛନ୍ତି। କମିଟି ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରୁ ନ ଥିବା ନେଇ ବିରୋଧୀ ଏମ୍‌ପିମାନେ ଅଭିଯୋଗ କରିବା ସହ ଅଧ୍ୟକ୍ଷ ଜଗଦମ୍ବିକା ପାଲ୍‌ଙ୍କୁ ହଟାଇବାକୁ ବାଚସ୍ପତି ଓମ ବିର୍ଲାଙ୍କୁ ଚିଠି ଲେଖିଛନ୍ତି। ବିରୋଧୀ ସଦସ୍ୟଙ୍କ ସହ ପକ୍ଷପାତିତା ହୋଇଥିବା ଅଭିଯୋଗ କରି ସେମାନେ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ସହ ଆଲୋଚନା କରିବାକୁ ସମୟ ମାଗିଛନ୍ତି। ବୈଠକ ସମୟରେ କର୍ଣ୍ଣାଟକ ରାଜ୍ୟ ସଂଖ୍ୟାଲଘୁ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଅନୱର ମଣିପାଦ୍ଧି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନେଇ ଆପତ୍ତିଜନକ ଟିପ୍ପଣୀ କରିଥିବାରୁ ବିରୋଧୀ ସଦସ୍ୟ ଏହାକୁ ବିରୋଧ କରିଥିଲେ। କମିଟି ନୀତି ଓ ଆଦର୍ଶ ସହ କାର୍ଯ୍ୟ କରୁ ନ ଥିବାରୁ ଏହାକୁ ବହିଷ୍କାର କରାଯାଇଛି ବୋଲି ଶିବସେନା (ୟୁବିଟି) ଏମ୍‌ପି ଅରବିନ୍ଦ ସାୱନ୍ତ କହିଛନ୍ତି। ୱକଫ୍ ସଂସଦୀୟ ବିଲ୍‌କୁ ନେଇ କରାଯାଇଥିବା ଜେପିସି କମିଟିର କାର୍ଯ୍ୟଧାରାକୁ ବିରୋଧ କରି କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ, ଇମ୍ରାନ ମାସୁଦ, ଏଆଇଏମ୍‌ଆଇଏମ୍‌ର ଅସାଦ୍ଦୁଦ୍ଦିନ ଓୱାଇସି, ଡିଏମ୍‌କେର ଏ. ରାଜା, ଆପ୍‌ର ସଞ୍ଜୟ ସିଂ ପ୍ରମୁଖ ମିଟିଂରୁ ଉଠି ଚାଲିଯାଇଥିଲେ।

# ଏନ୍‌ସିପି ନେତା ବାବା ସିଦ୍ଦିକୀଙ୍କୁ ହତ୍ୟା

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କଲା

ମୁମ୍ବାଇ,୧୪।୧୦


ବାବା ସିଦ୍ଦିକୀ

ବରିଷ୍ଠ ଏନ୍‌ସିପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକୀଙ୍କୁ ଶନିବାର ରାତିରେ ବାନ୍ଦ୍ରା ଅଞ୍ଚଳରେ ୩ ଜଣ ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଥିଲେ। ବିଧାନସଭା ନିର୍ବାଚନ ପୂର୍ବରୁ ଜଣେ ବରିଷ୍ଠ ନେତାଙ୍କ ହତ୍ୟା ଘଟଣାକୁ ନେଇ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଗୁଳିମାଡ଼ରେ ଗୁରୁତର ୬୬ ବର୍ଷୀୟ ସିଦ୍ଦିକୀଙ୍କୁ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ ତଥା ବିଧାୟକ ଜିଶନ ସିଦ୍ଦିକୀଙ୍କ କାର୍ଯ୍ୟାଳୟ ବାହାରେ ଏହି ଆକ୍ରମଣ ହୋଇଥିଲା। ସିଦ୍ଦିକୀ ବାନ୍ଦ୍ରା (ୱେଷ୍ଟ)ରୁ ୩ ଥର ବିଧାୟକ ନିର୍ବାଚିତ ହୋଇଥିବାବେଳେ ସେ ମୁମ୍ବାଇର ଖ୍ୟାତନାମା ମୁସଲମାନ ନେତା ଥିଲେ ଓ ଅନେକ ବଲିଉଡ୍ ତାରକାଙ୍କ ଘନିଷ୍ଠ ଥିଲେ।

ଏନ୍‌ସିପି ନେତାଙ୍କ ହତ୍ୟା ପାଇଁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି। ଏଥିସହିତ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କୁ ଯିଏ ସହାୟତା କରିବେ, ସେମାନେ ଗ୍ୟାଙ୍ଗ୍‌ର ଟାର୍ଗେଟରେ ରହିବେ ବୋଲି ଧମକ ଦିଆଯାଇଛି। ସଲ୍‌ମାନଙ୍କ ଘନିଷ୍ଠ ଥିବା ଅନ୍ୟ ସେଲିବ୍ରିଟିମାନେ ମଧ୍ୟ ଟାର୍ଗେଟରେ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ବିଷ୍ଣୋଇ ଗ୍ୟାଙ୍ଗର ଘନିଷ୍ଠ ଶୁଭମ୍ ରାମେଶ୍ୱର ଲୋଙ୍କାର ଏକ ଫେସ୍‌ବୁକ୍ ପୋଷ୍ଟରେ ସିଦ୍ଦିକୀଙ୍କ ହତ୍ୟା ପାଇଁ ଉକ୍ତ ଗ୍ୟାଙ୍ଗକୁ ଦାୟୀ କରିଥିଲେ। ତେବେ ସେ ଜେଲରେ ଥିବାରୁ ତାଙ୍କ ଭାଇ ପ୍ରଭିନ୍ ଉକ୍ତ ପୋଷ୍ଟ କରିଥିବା ସନ୍ଦେହ କରି ପୋଲିସ ତାଙ୍କୁ ଗିରଫ କରିବା ପରେ ୨୧ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେଇଛି। ଗୁଳି ଚଳାଇଥିବା ୩ ଜଣଙ୍କ ମଧ୍ୟରୁ ଗୁରମୈଲ ବଲ୍‌ଜିତ ସିଂ(୨୩)ଙ୍କୁ ହରିୟାଣାରୁ ଏବଂ ଧରମରାଜ କାଶ୍ୟପ(୧୯)ଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରାଯାଇଥିଲା। ତୃତୀୟ ଅଭିଯୁକ୍ତ ୟୁପିର ଶିବକୁମାର ଗୌତମଙ୍କୁ ପୋଲିସ ଚିହ୍ନଟ କରି ଧରିବା ପାଇଁ ତନାଘନା ଚଳାଇଛି।

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ହିଟ୍ ଲିଷ୍ଟରେ ବାବା ସିଦ୍ଦିକୀଙ୍କ ପୁଅ ତଥା ବିଧାୟକ ଜିଶନ ସିଦ୍ଦିକୀ ରହିଥିବା ଜଣାପଡ଼ିଛି। ଉଭୟ ବାପପୁଅଙ୍କୁ ହତ୍ୟା କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ବୋଲି ଗୁଳି ଚଳାଇଥିବା ଅଭିଯୁକ୍ତ ଜେରା ବେଳେ ପୋଲିସକୁ କହିଛନ୍ତି। ଉଭୟ ଘଟଣାସ୍ଥଳରେ ଉପସ୍ଥିତ ଥିବା ନେଇ ସେମାନଙ୍କୁ ସୂଚନା ଦିଆଯାଇଥିଲା। ତେବେ ଉଭୟଙ୍କୁ ଆକ୍ରମଣର ସୁଯୋଗ ନ ମିଳିଲେ, ପ୍ରଥମେ ଯାହାଙ୍କୁ ପାଇବ ହତ୍ୟା କରିବ ବୋଲି ସେମାନଙ୍କୁ ନିର୍ଦ୍ଦେଶ ମିଳିଥିଲା। କଂଗ୍ରେସ ବିଧାୟକ ଜିଶନ ବିଧାନ ପରିଷଦ ନିର୍ବାଚନ ବେଳେ କ୍ରସ୍-ଭୋଟିଂ କରିଥିବା ଜଣାପଡ଼ିବା ପରେ ଦଳ ତାଙ୍କୁ କିଛି ମାସ ପୂର୍ବରୁ ବହିଷ୍କାର କରିଥିଲା।

### ବିଷ୍ଣୋଇଙ୍କ ଗ୍ୟାଙ୍ଗ୍‌ରେ ୭୦୦ ଶୁଟର


ଲରେନ୍ସ ବିଷ୍ଣୋଇ

୨୦୨୨ରେ ପଞ୍ଜାବର ମନସା ଜିଲାରେ ଲୋକପ୍ରିୟ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା ଘଟଣା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ କରାଇଥିଲା। ଏହାର ଦୁଇବର୍ଷ ପରେ ତାଙ୍କ ଗ୍ୟାଙ୍ଗ ମୁମ୍ବାଇର ବରିଷ୍ଠ ରାଜନେତା ବାବା ସିଦ୍ଦିକୀଙ୍କୁ ହତ୍ୟା କରି ପୁଣିଥରେ ଚର୍ଚ୍ଚାକୁ ଆସିଛି। ଗୁଜରାଟର ସାବରମତି ଜେଲରେ ଥିବା ବିଷ୍ଣୋଇ ସେଠାରୁ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛି। ତାଙ୍କ ଅପରାଧର ସାମ୍ରାଜ୍ୟ କେବଳ ଭାରତ ଭିତରେ ସୀମିତ ନୁହେଁ, ଅନେକ ଦେଶକୁ ବ୍ୟାପିଛି। ଭାରତର ପଞ୍ଜାବ, ହରିୟାଣା, ରାଜସ୍ଥାନ, ଦିଲ୍ଲୀ ଏବଂ ହିମାଚଳପ୍ରଦେଶରେ ଉକ୍ତ ଗ୍ୟାଙ୍ଗ୍‌ର ପ୍ରଭାବ ରହିଥିବାବେଳେ ଉକ୍ତ ଅପରାଧ ସିଣ୍ଡିକେଟ୍‌ର ଅନ୍ୟତମ ମୁଖ୍ୟ ସଦସ୍ୟ ଗୋଲ୍ଡି ବ୍ରାର୍ କାନାଡାରେ ରହି ବିଭିନ୍ନ ଦେଶରେ ଅପରାଧ ଚଳାଇଛି। ସେମାନଙ୍କ ପ୍ରଭାବ ଏବଂ ନେଟ୍‌ୱର୍କ ଏତେ ବିଶାଳ ଯେ, ବିଷ୍ଣୋଇ ଜେଲରେ ଥିଲେ ମଧ୍ୟ ଗ୍ୟାଙ୍ଗ୍‌ର ଆପରାଧିକ କାର୍ଯ୍ୟ ଜାରି ରହିଛି। ଭାରତରେ ଏହି ଗ୍ୟାଙ୍ଗ୍‌ର ୭୦୦ ଶୁଟର ରହିଛନ୍ତି। ବିଭିନ୍ନ ଅଞ୍ଚଳର ଗ୍ୟାଙ୍ଗଷ୍ଟରଙ୍କ ସହ ବିଷ୍ଣୋଇ ଗ୍ୟାଙ୍ଗ ଯୋଗାଯୋଗ କରି ସେମାନଙ୍କୁ ତାଲିମ ଦେଇ ଟାର୍ଗେଟରେ ଥିବା ଲୋକଙ୍କୁ ହତ୍ୟା କରିବାରେ ନିୟୋଜିତ କରିଥାଏ। ଏଥିପାଇଁ ଉକ୍ତ ଶୁଟରଙ୍କୁ ମୋଟା ଅଙ୍କର ଆର୍ଥିକ ସହାୟତା ଦିଆଯାଇଥାଏ। ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଡି-କମ୍ପାନୀ ଭଳି ବିଷ୍ଣୋଇଙ୍କ ଗ୍ୟାଙ୍ଗ୍ ଏକ କର୍ପୋରେଟ୍ କମ୍ପାନୀ ଭଳି କାର୍ଯ୍ୟ କରିଥାଏ। ଏହାର ବିଭିନ୍ନ ବିଭାଗ ରହିଛି। ଲଜିଷ୍ଟିକ୍ସର ଦେଖାରଖା କରିବା ସହ ଆଇନଗତ ସହାୟତା ଓ ସୂଚନା ସଂଗ୍ରହ ପାଇଁ ଗ୍ୟାଙ୍ଗ ଅନେକଙ୍କୁ ନିଯୁକ୍ତି ଦେଇଛି।

## ମନ୍ତ୍ରୀ, ଆଇଏଏସ୍ ଅଫିସରଙ୍କ ଘରେ ଇଡି ଚଢ଼ାଉ

ଝାଡ଼ଖଣ୍ଡରେ ଜଳ ଜୀବନ ମିଶନ ଦୁର୍ନୀତି

ରାଞ୍ଚି,୧୪।୧୦

ଝାଡ଼ଖଣ୍ଡର ପାନୀୟ ଜଳ ଓ ପରିମଳ ବିଭାଗର ଜଳ ଜୀବନ ମିଶନ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଏକସଙ୍ଗେ ୨୩ଟି ସ୍ଥାନରେ ଚଢ଼ାଉ କରିଛି। ଏହି ବହୁକୋଟି ଟଙ୍କା ଦୁର୍ନୀତି ସହ ସମ୍ପୃକ୍ତ ଅଭିଯୋଗରେ ବିଭାଗୀୟ ମନ୍ତ୍ରୀ ମିଥିଲେଶ ଠାକୁର ଓ ତାଙ୍କ ସହଯୋଗୀ ଏବଂ ବରିଷ୍ଠ ଆଇଏଏସ୍ ଅଫିସର ମନୀଷ ରଞ୍ଜନଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ଏହା ବ୍ୟତୀତ ମନ୍ତ୍ରୀଙ୍କ ଭାଇ ବିନୟ ଠାକୁର, ବ୍ୟକ୍ତିଗତ ସଚିବ ହରେନ୍ଦ୍ର ସିଂ ଏବଂ ବିଭିନ୍ନ ବିଭାଗର ଯନ୍ତ୍ରୀମାନଙ୍କର ରାଞ୍ଚିର ଇନ୍ଦ୍ରପୁରୀ, ରାତୁ ରୋଡ୍, ହରମୁ ଏବଂ ମୋରହାବାଦୀରେ ଥିବା ଘରେ ଚଢ଼ାଉ କରାଯିବା ସହ ଚାଇବାସା ଏବଂ ଗଢ଼ୱାରେ ମଧ୍ୟ ଇଡି ଅଧିକାରୀମାନେ ଚଢ଼ାଉ କରିଛନ୍ତି।

ଠିକାଦାରରୁ ରାଜନେତା ହୋଇଥିବା ମିଥିଲେଶଙ୍କର ବର୍ତ୍ତମାନର ପ୍ରଶାସନ ଉପରେ ଯଥେଷ୍ଟ ପ୍ରଭାବ ରହିଛି। ସେହିପରି ମନୀଷ ରଞ୍ଜନ ପାନୀୟ ଜଳ ଓ ପରିମଳ ବିଭାଗରେ ଦୀର୍ଘଦିନ ଧରି ସଚିବ ରହିଥିଲେ। ଉକ୍ତ ବିଭାଗରେ ୪,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଦୁର୍ନୀତି ହୋଇଥିବା ନେଇ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ବହୁକୋଟି ଟଙ୍କା ଟେଣ୍ଡର ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ମନ୍ତ୍ରୀ ଆଲମଗିର ଆଲମ୍ ଏବେ ଜେଲରେ ଅଛନ୍ତି। ଗତ ମେ'ରେ ଇଡି ତାଙ୍କୁ ଗିରଫ କରିଥିଲା।

## ନାବାଳିକାଙ୍କୁ ନିଶା ଦେଇ ବଳାତ୍କାର

ଜାଲ୍‌ନା,୧୪।୧୦

ମହାରାଷ୍ଟ୍ରର ଜାଲ୍‌ନା ସହରରେ ଜଣେ ୯ ବର୍ଷର ବାଳିକାଙ୍କୁ ନିଶା ଦେଇ ବଳାତ୍କାର କରିବା ପରେ ଅଭିଯୁକ୍ତ ତାଙ୍କୁ ରାସ୍ତାରେ ଫିଙ୍ଗିଦେଇଛନ୍ତି। ସହରର ଚନ୍ଦନଝିରା ଅଞ୍ଚଳରେ ରବିବାର ରାତି ୧୧ଟାରେ ଏହି ଘଟଣା ଘଟିଛି। ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ପରେ ଛତ୍ରପତି ସମ୍ଭାଜୀନଗର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅପରାଧରେ ଜଣେ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବାବେଳେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଏବଂ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦାବିରେ ସ୍ଥାନୀୟ ଲୋକେ ଛତ୍ରପତି ସମ୍ଭାଜୀନଗର ରୋଡ୍‌ରେ ରାସ୍ତାରୋକ କରିଛନ୍ତି। ପୋଲିସ କହିବା ଅନୁଯାୟୀ ନାବାଳିକାଙ୍କ ମାଆ ରାଶନ ସଂଗ୍ରହ ପାଇଁ ବାହାରକୁ ଯାଇଥିବାବେଳେ ସେ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଉଠାଇ ଆଣିଥିଲେ।

# ଷ୍ଟାର୍‌ସିପ୍ ରକେଟ ବୁଷ୍ଟରକୁ ଧରିଲା ଲଞ୍ଚ୍‌ପ୍ୟାଡ୍

ସ୍ପେସ୍ ଏକ୍ସ'କୁ ସଫଳତା

ୱାଶିଂଟନ, ୧୪।୧୦



ଏଲନ ମସ୍କଙ୍କ ସ୍ପେସ୍ ଏକ୍ସ' ଦ୍ୱାରା ସୋମବାର ମାତ୍ର ୭ ମିନିଟ ମଧ୍ୟରେ ୫ମ ଷ୍ଟାର୍‌ସିପ୍ ରକେଟର ଉତ୍‌କ୍ଷେପଣ ଓ ଅବତରଣ କରାଯାଇଛି, ଯାହା ଇତିହାସ ସୃଷ୍ଟି କରିଛି। ପୂର୍ବ ୪ଟି ପ୍ରୟାସ ପରି ଚଳିତ ଥର ଷ୍ଟାର୍‌ସିପ୍ ରକେଟର ବୁଷ୍ଟର ଭାସମାନ ସମୁଦ୍ର ପ୍ଲାଟ୍‌ଫର୍ମରେ ଅବତରଣ କରିନାହିଁ। ବରଂ ଏହା ସମୁଦ୍ରରେ ଅବତରଣ କରିବା ପୂର୍ବରୁ ଲଞ୍ଚ୍‌ପ୍ୟାଡ୍‌ର ମେକାନିକାଲ ଆର୍ମସ ବା ଯାନ୍ତ୍ରିକ ବାହୁ ମେକାଜିଲା ଷ୍ଟାରଶିପ୍ ରକେଟର ବୁଷ୍ଟରକୁ ସଫଳତା ସହ ଆକାଶରେ ଧରିବାକୁ ସକ୍ଷମ ହୋଇଛି। ସ୍ପେସ୍ ଏକ୍ସ' ଏହାର ଲଞ୍ଚ୍‌ପ୍ୟାଡ୍‌ରେ ଯାନ୍ତ୍ରିକ ବାହୁକୁ ବ୍ୟବହାର କରି ଲଞ୍ଚିଂର ମାତ୍ର ୭ ମିନିଟ ମଧ୍ୟରେ ଷ୍ଟାର୍‌ସିପ୍ ରକେଟର ବୁଷ୍ଟରକୁ ସିଧାସଳଖ ଲଞ୍ଚ୍‌ପ୍ୟାଡ୍‌ରେ ଅବତରଣ କରାଇପାରିଛି। ସ୍ପେସ୍ ଏକ୍ସ' ପକ୍ଷରୁ ସୋସିଆଲ ମିଡିଆରେ ଏହାର ଭିଡିଓ ଜାରି କରାଯାଇଛି। ଚଳିତ ଥର ସ୍ପେସ୍ ଏକ୍ସ' ଏହାର ଲଞ୍ଚ୍‌ପ୍ୟାଡ୍‌ରେ ବିରାଟ ଏବଂ ଶକ୍ତିଶାଳୀ ମେକାନିକାଲ ଆର୍ମସ୍ ମେକାଜିଲାର ବ୍ୟବହାର କରିଛି। ଭବିଷ୍ୟତରେ ରକେଟ ଲଞ୍ଚିଂ ସମୟରେ ମଧ୍ୟ ଉକ୍ତ ଟେକ୍ନୋଲୋଜୀକୁ ବ୍ୟବହାର କରାଯିବ ବୋଲି ଏହି ମହାକାଶଯାନ ନିର୍ମାତା କମ୍ପାନୀ କହିଛି। ସୂଚନାଯୋଗ୍ୟ, ମେକାଜିଲା ହେଉଛି ଏକ ପ୍ରକାରର ଯାନ୍ତ୍ରିକ ବାହୁ ଯାହା ନିକଟତର ହେବା ସମୟରେ ରକେଟ ବୁଷ୍ଟରକୁ ଧରିବାକୁ ସକ୍ଷମ ହୋଇଥାଏ।

# ଭାରତରେ ସ୍ତନ କର୍କଟ ନେଉଛି ସର୍ବାଧିକ ଜୀବନ

ନୂଆଦିଲ୍ଲୀ, ୧୪।୧୦

ପୁରୁଷଙ୍କ କ୍ଷେତ୍ରରେ ମୁଖ ଗହ୍ୱର କର୍କଟ, ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ମାମଲା ସର୍ବାଧିକ



ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେଥିମଧ୍ୟରେ ମୁଖ ଗହ୍ୱର କର୍କଟ ବା ମାଉଥ କ୍ୟାନ୍‌ସର ରୋଗରେ ସର୍ବାଧିକ ପୀଡ଼ିତ ରହିଛନ୍ତି। ସେହିପରି ଭାରତରେ ପୁରୁଷଙ୍କଠାରେ ମୁଖ ଗହ୍ୱର କର୍କଟ ମାମଲା ସର୍ବାଧିକ ସାମ୍ନାକୁ ଆସୁଥିବାବେଳେ ମହିଳାଙ୍କଠାରେ ସ୍ତନ କର୍କଟ ମାମଲା ସର୍ବାଧିକ ରହିଛି। ଆଇସିଏମ୍‌ଆର୍-ନ୍ୟାଶ୍‌ନାଲ ସେଣ୍ଟର ଫର୍ ଡିଜିଜ୍ ଇନ୍‌ଫର୍‌ମେଟିକ୍ସ ଆଣ୍ଡ୍ ରିସର୍ଚ୍ଚ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଇ-କ୍ୟାନ୍‌ସର ଜର୍ନାଲରେ ସୋମବାର ପ୍ରକାଶିତ ଏହି ଅଧ୍ୟୟନରେ ବ୍ରିକ୍ସ (ବ୍ରାଜିଲ, ରୁଷିଆ. ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା) ଦେଶଗୁଡ଼ିକରେ କର୍କଟ ରୋଗଜନିତ ମୃତ୍ୟୁ, ଜୀବନ ଉପରେ ଏହାର ପ୍ରଭାବ ଆଦି ବିଭିନ୍ନ କ୍ଷେତ୍ରକୁ ବିଶ୍ଳେଷଣ କରାଯାଇଛି। ଅଧ୍ୟୟନ ଅନୁଯାୟୀ, ବ୍ରିକ୍ସ ଦେଶ ଗୁଡ଼ିକରେ କର୍କଟ ରୋଗର ପ୍ରଭାବ ଚିନ୍ତାଜନକ ରହିଛି। ବିଶ୍ୱରେ କର୍କଟଜନିତ ମୃତ୍ୟୁର କେବଳ ୪୨% କେବଳ ବ୍ରିକ୍ସ ଦେଶଗୁଡ଼ିକରୁ ରେକର୍ଡ ହେଉଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରୁ ରୁଷିଆରେ ସର୍ବାଧିକ ସଂଖ୍ୟାରେ କର୍କଟ ରୋଗୀ ରହିଛନ୍ତି। ତେବେ ମହିଳାଙ୍କ କ୍ଷେତ୍ରରେ ଚାଇନାକୁ ଛାଡ଼ି ଅନ୍ୟ ବ୍ରିକ୍ସ ଦେଶଗୁଡ଼ିକରେ ସର୍ବାଧିକ ସଂଖ୍ୟାରେ ସ୍ତନ କର୍କଟ ରୋଗୀ ରହିଛନ୍ତି। ଚାଇନାରେ ଫୁସ୍‌ଫୁସ୍ କର୍କଟ ରୋଗରେ ସର୍ବାଧିକ ମହିଳା ପୀଡ଼ିତ ରହିଛନ୍ତି। ବ୍ରିକ୍ସ ଅନ୍ତର୍ଗତ କର୍କଟ ରୋଗରେ ପୀଡ଼ିତ ହୋଇ ରୁଷିଆରେ ସର୍ବାଧିକ ସଂଖ୍ୟାରେ ପୁରୁଷଙ୍କ ମୃତ୍ୟୁ ଘଟିଥିବାବେଳେ ଦକ୍ଷିଣ ଆଫ୍ରିକାରେ ସର୍ବାଧିକ ମହିଳାଙ୍କର ମୃତ୍ୟୁ ଘଟୁଛି। ଭାରତକୁ ଛାଡ଼ି ଅନ୍ୟ ସମସ୍ତ ବ୍ରିକ୍ସ ଦେଶରେ ଫୁସ୍‌ଫୁସ୍ କର୍କଟ ରୋଗ ସର୍ବାଧିକ ଜୀବନ ନେଉଛି। ତେବେ ଭାରତରେ ସ୍ତନ କର୍କଟ ସର୍ବାଧିକ ଜୀବନ ନେଉଥିବା ଏହି ଅଧ୍ୟୟନ ପ୍ରକାଶ କରିଛି। ଆଗାମୀ ବର୍ଷଗୁଡ଼ିକରେ ଦକ୍ଷିଣ ଆଫ୍ରିକା ଏବଂ ଭାରତରେ ଉଭୟ ନୂତନ କର୍କଟ ମାମଲା ଓ କର୍କଟଜନିତ ମୃତ୍ୟୁ ସର୍ବାଧିକ ବୃଦ୍ଧି ଘଟିବ ବୋଲି ଏହି ଅଧ୍ୟୟନରେ ଗବେଷକମାନେ ଆକଳନ କରିଛନ୍ତି।




# କବାଡ଼ି କୋର୍ଟରେ ଟଳିପଡ଼ିଲେ ଖେଳାଳି

ନୂଆପଡ଼ା,୧୪।୧୦
(ମକାରୁ ବେମାଲ)


କବାଡ଼ି କୋର୍ଟରେ ଅନ୍ୟ ଖେଳାଳିଙ୍କ ସହ ଖଗେଶ୍ୱର।

ଖେଳ ସରିବାକୁ ଦେଢ ମିନିଟ ବାକି ରହିଥିଲା। କେଇଟା ମୁହୂର୍ତ୍ତ ପରେ ବିଜୟ ସ୍ୱାଦ ଚାଖି ଥାଆନ୍ତେ, ଆଉ ପୁରସ୍କୃତ ମଧ ହୋଇଥାଆନ୍ତେ। ହେଲେ ତା' ପୂର୍ବରୁ କବାଡି କୋର୍ଟରେ ଟଳିପଡିଲେ ଖେଳାଳି। ସୋମବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି ନୂଆପଡ଼ା ଜିଲା କୋମନା ଥାନା ତରବୋଡ଼ ଗାଁରେ। ମୃତ ଖେଳାଳି ହେଉଛନ୍ତି ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲା ସରେଇପାଲି ଥାନା ଡୁମଡୁମରୁଆଁ ଗାଁର ଖଗେଶ୍ୱର ରାଠିଆ (୨୬)। ସେ ମହାସମୁନ୍ଦ ଜିଲା ପିଥୋରା ଥାନା ପୋଟାପାରା କବାଡି ଦଳ ତରଫରୁ ଖେଳିବା ପାଇଁ ଯାଇଥିଲେ।

ସୂଚନା ମୁତାବକ ପ୍ରତିବର୍ଷ ଭଳି ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ କୋମନା ଥାନା ତରବୋଡ ଗାଁ ସାପ୍ତାହିକ ହାଟ ପଡିଆରେ ଆନ୍ତଃ ରାଜ୍ୟ କବାଡି ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ ନୂଆପଡ଼ା, ବରଗଡ଼, ବଲାଙ୍ଗୀର ଓ ଛତିଶଗଡ଼ ରାଜ୍ୟର ମୋଟ ୨୪ଟି ଦଳ ଭାଗ ନେଇଥିଲେ। ସୋମବାର ଫାଇନାଲ ମ୍ୟାଚ ଖେଳାଯାଉଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଆରମ୍ଭ ହୋଇ ଛତିଶଗଡ ରାଜ୍ୟ ପୋଟାପାରା ଦଳ ୨୪ ପଏଣ୍ଟ କରିଥିବା ବେଳେ ନୂଆପଡା ଜିଲାର ହାତୀସରା ଦଳ ୧୩ ପଏଣ୍ଟ କରି ଖେଳ ଚାଲିଥିଲା। ପ୍ରଥମ ହାଫ୍‌ରୁ ପୋଟାପାରା ଦଳ ଜବରଦସ୍ତ ଖେଳ ପ୍ରଦର୍ଶନ କରିଥିଲା। ପ୍ରତିପକ୍ଷ ଦଳକୁ ଚକ୍‌ମା ଦେଖାଇ ପଏଣ୍ଟ ହାସଲ କରିଚାଲିଥିଲା। ଦ୍ୱିତୀୟ ହାଫ୍‌ରେ ମଧ ଦଳ ଭଲ ଖେଳ ପ୍ରଦର୍ଶନ କରି ପଏଣ୍ଟ ହାତେଇଥିଲା। ଦଳ ବିଜୟ ଦ୍ୱାରରେ ପହଞ୍ଚି ସାରିଥିଲା। ଖେଳ ସରିବାକୁ ମାତ୍ର ଦେଢମିନିଟ ବାକି ରହିଥିଲା। ଶେଷ ପର୍ଯ୍ୟାୟରେ ପୋଟାପାରା ଦଳର ଖଗେଶ୍ୱର ରେଡ୍ କରିବାକୁ ଯାଇଥିଲେ। ପ୍ରତିପକ୍ଷ ଦଳର ଡିଫେଣ୍ଡରମାନେ ତାଙ୍କୁ ଧରିଥିଲେ ମଧ ଏକ ପଏଣ୍ଟ ନେଇ ସେ ନିଜ ପାର୍ଶ୍ୱକୁ ଫେରୁଥିବା ବେଳେ ତଳେ ପଡିଯାଇଥିଲେ। ଆଉ ଉଠିପାରି ନ ଥିଲେ। ସାଥୀ ଖେଳାଳି ଓ ଆୟୋଜକ କମିଟି ସଦସ୍ୟ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କୋମନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୪) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସ ସୂଚନା ଦେଇଛନ୍ତି।

# ବାଇକ୍‌କୁ ଧକ୍କା ଦେଇ ଜଳିଗଲା ଯାତ୍ରୀବାହୀ ବସ୍

- ବାଇକ୍ ଚାଳକ ମୃତ
- ବସ୍‌ଯାତ୍ରୀଙ୍କୁ ଉଦ୍ଧାର କଲେ ସ୍ଥାନୀୟ ଲୋକେ

ଚଣ୍ଡିଖୋଲ/ଛତିଆ,୧୪।୧୦
(ପ୍ରଦୀପ୍ତ କୁମାର ପୃଷ୍ଟି/ ସୌମ୍ୟରଞ୍ଜନ ସାହୁ)


ଜଳିଯାଉଥିବା ବସ୍।

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ୧୬ନଂ.ଜାତୀୟ ରାଜପଥର ଛତିଆ ନିକଟ ଭାଟିଆ ଛକରେ ସୋମବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ବସ୍‌ଟି ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଯାଇଛି। ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ଦେଢ଼ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା।

ସୂଚନା ଅନୁଯାୟୀ, କଟକ ଜିଲା କନ୍ଦରପୁର ଥାନା ପରମହଂସ ଗ୍ରାମର ସନାତନ ସାହୁଙ୍କ ପୁଅ ବଳରାମ (୩୩) ଭଦ୍ରକରୁ କଟକ ଅଭିମୁଖେ ଏକ ବାଇକ୍(ନଂ. (ଓଡି ୦୫ ବି ଏଚ୍ ୫୦୨୫)ରେ ଆସୁଥିଲେ। ଛତିଆ ନିକଟରେ ତାଙ୍କ ଆଗରେ ଆସୁଥିବା ଏକ ବୋଲେରୋ ଡାହାଣ ପଟକୁ ହଠାତ୍ କାଟିଦେବାରୁ ସେ ନିଜ ବାଇକ୍‌କୁ ଡାହାଣକୁ କାଟି ଦେଇଥିଲେ। ଏହି ସମୟରେ ଦ୍ରୁତଗତିରେ ବାଲେଶ୍ୱର ପଟରୁ ଆସୁଥିବା ଏକ ବସ୍ (ନଂ.ଓଡି ୨୨ଏଫ୍ ୫୪୫୪) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ବଳରାମ ରାସ୍ତା ଉପରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବାଇକ୍‌କୁ ବସ୍ ୧୦୦ ମିଟର ଦୂରକୁ ଘୋଷାଡ଼ି ନେଇଥିଲା। ବାଇକ୍‌ଟି ରାସ୍ତାରେ ଘୋଷାଡି ହେବା ଯୋଗୁ ସେଥିରୁ ନିଆଁ ବାହାରି ପ୍ରଥମେ ବସ୍‌ର ଏସିରେ ଲାଗିଯାଇଥିଲା। ଏହାର କିଛି ସମୟ ମଧ୍ୟରେ ବସ୍‌ଟି ହୁତୁହୁତୁ ହୋଇ ରାସ୍ତା ଉପରେ ଜଳି ଉଠିଥିଲା। ରାସ୍ତାପାର୍ଶ୍ୱରେ ଦୋକାନ କରିଥିବା ବ୍ୟବସାୟୀମାନେ ତୁରନ୍ତ ସେଠାରେ ପହଞ୍ଚି ଯାତ୍ରୀମାନଙ୍କୁ ବସ୍ ଭିତରୁ ଉଦ୍ଧାର କରିଥିଲେ। ବସ୍‌ରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ। ତେବେ କୌଣସି ଯାତ୍ରୀଙ୍କ ବିଶେଷ କିଛି କ୍ଷତି ହୋଇନାହିଁ। ଦୁର୍ଘଟଣା ପରେ ବସର ଡ୍ରାଇଭର ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ଦମକଳ ବାହିନୀ ପହଞ୍ଚିବା ବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

ମୃତ ବଳରାମ ଭଦ୍ରକଠାରେ ଏକ ଫାଇନାନ୍ସ କମ୍ପାନୀରେ କାମ କରନ୍ତି। ସେ ସକାଳେ ଭଦ୍ରକରୁ କଟକ ଅଭିମୁଖେ ଆସୁଥିଲା ବେଳେ ଏଭଳି ଦୁର୍ଘଟଣା ଘଟିଛି। ସେହିଭଳି ଦୁର୍ଘଟଣା ଘଟାଇଥିବା ବସ୍‌ରେ ୩ ପ୍ରକାର ନାମ ଲେଖା ହୋଇଛି। ସମ୍ମୁଖରେ ଚକାଡୋଳା ଲେଖାହୋଇଥିଲା ବେଳେ ପଛରେ ଟିକି ପୁଅ ଓ ପାର୍ଶ୍ୱରେ ମା'ଶାରଳା ଲେଖା ହୋଇଛି। ବୈରୀ ଥାନା ଓ ଛତିଆ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିଥିଲେ।

# ୨୩ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ବାରିପଦା,୧୪।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୩ରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ପ୍ରଥମେ ଜନ୍ମମାଟି ମୟୂରଭଞ୍ଜ ଜିଲାକୁ ଯାଇ ବହୁ ପ୍ରତୀକ୍ଷିତ ୩ଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏନେଇ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲା ଗସ୍ତ କାର୍ଯ୍ୟକ୍ରମ ପରେ ୨୪ତାରିଖ ସକାଳ ୯ଟାରୁ ବାହାରି ପୁରୀ ଜିଲାସ୍ଥିତ ତାଳବଣିଆ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭୁବନେଶ୍ୱରସ୍ଥିତ ଓଡ଼ିଶା ୟୁନିଭର୍ସିଟିଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜିର ୪୦ତମ କନ୍‌ଭୋକେଶନ ଉତ୍ସବରେ ଯୋଗଦେବେ। ସେହିପରି ୨୫ତାରିଖ ସକାଳ ୯ଟା ୨୦ରେ ନୂତନ ଭାବେ ସ୍ଥାପିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି।

# ବାଙ୍ଗିରିପୋଷିରେ ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ


ଲାଇନ୍‌ଚ୍ୟୁତ ମାଲ୍‌ବାହୀ ଟ୍ରେନ୍।

ବାଙ୍ଗିରିପୋଷି,୧୪।୧୦
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଷ୍ଟେଶନ ନିକଟରେ ସୋମବାର ଏକ ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି।

ସୂଚନା ଅନୁଯାୟୀ, ସନ୍ଧ୍ୟା ୬ଟା ସମୟରେ ମାଲ୍‌ବାହୀ ଟ୍ରେନଟି ବାଙ୍ଗିରିପୋଷି ରେଲୱେ ଟ୍ରାକ୍‌ର ମରାମତି ପାଇଁ ସାମଗ୍ରୀ ନେଇ ଆସିଥିବା ବେଳେ ପ୍ଲାଟଫର୍ମ ନିକଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ବାଙ୍ଗିରିପୋଷିକୁ ଆସୁଥିବା ଭୁବନେଶ୍ୱର-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍‌କୁ ବାତିଲ କରାଯାଇଛି। ଖବରପାଇ ରେଲୱେ ଉଚ୍ଚ ପଦାଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଲାଇନ୍‌ଚ୍ୟୁତ ମାଲବାହୀ ଟ୍ରେନ୍‌ଟିକୁ ଟ୍ରାକ୍‌କୁ ଉଠାଇବା ପାଇଁ ରେଲୱେ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଫେରୁଛି ମୌସୁମୀ, ଦହଗଞ୍ଜି କଲା ଖରା-ଗୁଳୁଗୁଳି

ଭୁବନେଶ୍ୱର, ୧୪।୧୦
(ଅନୁରାଧା ମହାରଣା)

ଓଡ଼ିଶାରୁ ଧୀରେ ଧୀରେ ବିଦାୟ ନେଉଛି ମୌସୁମୀ। ସୋମବାର ସୁଦ୍ଧା ୨୫ ଜିଲାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଅନ୍ୟ ସ୍ଥାନରୁ ମଧ ଫେରିବା ପାଇଁ ପାଗ ଅନୁକୂଳ ରହିଛି। ଆସନ୍ତା ୨ଦିନ ମଧ୍ୟରେ ରାଜ୍ୟରୁ ମୌସୁମୀ ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏପରିସ୍ଥିତିରେ ରାଜ୍ୟରେ ଏବେ ଅସହ୍ୟ ଖରା ସହ ଗୁଳୁଗୁଳିରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିବାବେଳେ ଲୋକେ ଦହଗଞ୍ଜି ହେଉଛନ୍ତି। ବିଶେଷକରି ଦିନରେ ଗ୍ରୀଷ୍ମଋତୁର ଅନୁଭବ ହେଉଛି। ଗତ କିଛିଦିନ ଧରି ରାଜ୍ୟକୁ ପୂର୍ବାଳି ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଲଗାତର ପ୍ରବେଶ ସହ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁର ଚଳାଚଳ ଯୋଗୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଅନ୍ୟପଟେ ମଙ୍ଗଳବାର ଓ ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମାତ୍ର ଅନ୍ୟ ସମସ୍ତ ସ୍ଥାନରେ ପାଗ ପ୍ରାୟ ଶୁଖିଲା ରହିବ। ଗୁରୁବାର ରାଜ୍ୟର ୧୦ ଜିଲାକୁ ଭୀଷଣ ଘଡ଼ଘଡ଼ି ଭୟ ରହିଥିବାବେଳେ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ୫ମ ଜାତୀୟ ଜଳ ପୁରସ୍କାର: ଓଡ଼ିଶା ପ୍ରଥମ

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ସୋମବାର ନୂଆଦିଲ୍ଲୀର ଶ୍ରମ ଶକ୍ତି ଭବନଠାରେ ୫ମ ଜାତୀୟ ଜଳ ପୁରସ୍କାର ବିଜେତାଙ୍କ ତାଲିକା ଘୋଷଣା କରିଛନ୍ତି। ଏଥିରେ ଓଡ଼ିଶାକୁ ପ୍ରଥମ, ଉତ୍ତରପ୍ରଦେଶ ୨ୟ ଏବଂ ଗୁଜରାଟ ଓ ପୁଡୁଚେରୀ ମିଳିତ ଭାବେ ୩ୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ପ୍ରଶଂସାପତ୍ର ଓ ଟ୍ରଫି ସହ ନିର୍ଦ୍ଦିଷ୍ଟ ବର୍ଗରେ ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ। ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଜଳ ସମ୍ପଦ, ନଦୀ ଉନ୍ନୟନ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ (ଡିଓଡବ୍ଲ୍ୟୁଆର୍, ଆର୍‌ଡି ଏବଂ ଜିଆର୍) ଶ୍ରେଷ୍ଠ ରାଜ୍ୟ, ଶ୍ରେଷ୍ଠ ଜିଲା, ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ, ଶ୍ରେଷ୍ଠ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଶ୍ରେଷ୍ଠ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ଭଳି ୯ଟି ବର୍ଗର ୫ମ ଜାତୀୟ ଜଳ ପୁରସ୍କାର, ୨୦୨୩ ପାଇଁ ଯୁଗ୍ମ ବିଜେତାଙ୍କ ସମେତ ୩୮ ଜଣ ବିଜେତାଙ୍କ ନାମ ଘୋଷଣା କରିଛି। ଶ୍ରେଷ୍ଠ ଶିଳ୍ପ, ଶ୍ରେଷ୍ଠ ଜଳ ଉପଭୋକ୍ତା ସଂଘ, ଶ୍ରେଷ୍ଠ ଅନୁଷ୍ଠାନ (ବିଦ୍ୟାଳୟ କିମ୍ବା କଲେଜ ବ୍ୟତୀତ) ଏବଂ ଶ୍ରେଷ୍ଠ ନାଗରିକ ସମାଜ ବିଜେତାଙ୍କ ତାଲିକା ଅନ୍ତର୍ଭୁକ୍ତ କରାଯାଇଛି। ପୁରସ୍କାର ବିତରଣ ସମାରୋହ ଆସନ୍ତା ୨୨ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ସ୍ଥିତ ପ୍ଲେନାରି ହଲ୍‌ଠାରେ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

# କେନାଲରେ ଭାସିଗଲେ ୨ ନାବାଳକ

ସୋର, ୧୪।୧୦(ଜନ୍ମେଜୟ ମିଶ୍ର)

## ଦୀର୍ଘ ସମୟ ପରେ ଉଦ୍ଧାର ହେଲା ମୃତଦେହ


ସାଇମହେଶ


ହରିହର

ବାଲେଶର ଜିଲା ସୋର ଥାନା ଗୋପୀନାଥପୁର ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ସୋମବାର ଯୋକା ଗ୍ରାମ ନିକଟସ୍ଥ କେନାଲଠାରେ ୩ ଜଣ ନାବାଳକ ଖେଳିବାକୁ ଯାଇଥିବା ବେଳେ ୨ ଜଣ ଭାସିଯାଇ ପ୍ରାଣ ହରାଇଛନ୍ତି। ୧ ଘଣ୍ଟା ପରେ ଜଣଙ୍କ ମୃତଦେହ ବାହାର କରାଯାଇଥିବା ବେଳେ ଅନ୍ୟଜଣଙ୍କ ମୃତଦେହ ସନ୍ଧ୍ୟାରେ ଉଦ୍ଧାର କରାଯାଇଛି।

ଗୋପୀନାଥପୁର ପଞ୍ଚାୟତ ବରିସାହିର ହିମାଂଶୁ ନାୟକଙ୍କ ଏକମାତ୍ର ପୁଅ ସାଇମହେଶ ନାୟକ (୧୦), ଅଲିପୁର ଗ୍ରାମର ଅଶୋକ ଦାସଙ୍କ ପୁଅ ହରିହର ଦାସ (୧୩) ଯିଏକି ଦୁଇଦିନ ତଳେ ତାଙ୍କ ମାମୁ ଘରକୁ ଆସିଥିଲେ ଓ ଅନ୍ୟ ଜଣେ ନାବାଳକ ସାଙ୍ଗ ହୋଇ ନିକଟରେ ଥିବା ସାଳନ୍ଦୀ କେନାଲ ଯୋକା ଗ୍ରାମ କେନାଲ ନିକଟକୁ ଖେଳିବାକୁ ଯାଇଥିଲେ। ଏହି ସମୟରେ ଶିଉଳିରେ ଗୋଡ଼ ଖସିଯିବାରୁ ହରିହର ଓ ସାଇ ମହେଶ ଭାସିଯାଇଥିଲେ। ସାଙ୍ଗରେ ଥିବା ଅନ୍ୟଜଣେ ସାଙ୍ଗ ସ୍ଥାନୀୟ ଲୋକଙ୍କୁ ଡାକ ପକାଇ ପଳାଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଖୋଜାଖୋଜି କରିବା ପରେ ସାଇ ମହେଶଙ୍କୁ ପ୍ରଥମେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ପରେ ହରିହରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଶବ ଜବତ କରି ତଦନ୍ତ ଚଳାଇଛି।

# ୨୩ ଜିଲା ପଞ୍ଚାୟତ ଅଧିକାରୀ ପଦବୀ ପୂରଣ ଦାବି

ଭୁବନେଶ୍ୱର,୧୪।୧୦
(ଅନୁରାଧା ମହାରଣା)

୨୦୨୩ ମାର୍ଚ୍ଚରେ ଓଡ଼ିଶା ପଞ୍ଚାୟତିରାଜ ସେବା କ୍ୟାଡରରେ ୩୦ ଜିଲା ପଞ୍ଚାୟତ ଅଧିକାରୀ ପଦବୀ ପ୍ରଥମ କରି ସୃଷ୍ଟି କରାଯାଇଥିଲା। ତେବେ ଗୁରୁତର ତ୍ରୁଟି ଯୋଗୁ ଏଥିମଧ୍ୟରୁ ୨୩ଟି ପଦବୀ ବର୍ତ୍ତମାନ ଯାଏ ଖାଲି ପଡ଼ିଛି। ତୁରନ୍ତ ଏହି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ପଞ୍ଚାୟତିରାଜ ସେବା କ୍ୟାଡରର ଅଧିକାରୀମାନେ ଦାବି କରିଛନ୍ତି। ପଞ୍ଚାୟତିରାଜ ବିଭାଗର ଟାଳଟୁଳନୀତି ଯୋଗୁ ପଞ୍ଚାୟତିରାଜ ସେବା କ୍ୟାଡରରେ ଥିବା ତ୍ରୁଟି ସଂଶୋଧନ ହୋଇପାରୁନାହିଁ। ଏହାସହ ଅର୍ଥ ବିଭାଗ ଦ୍ୱାରା ଅନୁମୋଦନ ପାଇଥିବା ୩୦ ପ୍ରତିଶତ ଅତିରିକ୍ତ ବିଡିଓ ପଦବୀ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଚୟନ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ବହୁ ବରିଷ୍ଠ ଅତିରିକ୍ତ ବିଡିଓ ଏବଂ ଉପଖଣ୍ଡ ପଞ୍ଚାୟତ ଅଧିକାରୀମାନେ ଏଥିରୁ ବଞ୍ଚିତ ହୋଇ ଅବସର ନେଉଥିବା ସେମାନେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱରରେ ଯବାନଙ୍କ ଜମିକୁ ମାଫିଆଙ୍କ ହଡ଼ପ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଲାବଣ୍ୟ ଥିଏଟରର ୪୦ତମ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଦୁର୍ଗାପୂଜା ପରେ ମୃଣ୍ମୟୀ ମୂର୍ତ୍ତିଙ୍କ ସାମୂହିକ ଭସାଣି ଉତ୍ସବ, ସ୍ଥାନ: ନୂଆପାଟଣା, ତିଗିରିଆ,ସମୟ: ଅପରାହ୍ନ ୩ଟା।

## ପୁରୀ

- ଉମାଶଙ୍କର ଯୋଗାଶ୍ରମର ସ୍ୱନକ୍ଷେତ୍ର ଉତ୍ସବ ଅବସରରେ ପ୍ରାକୃତିକ ଚିକିତ୍ସା ଏବଂ ଯୋଗ ଶିବିର, ସ୍ଥାନ: ଟାଉନହଲ୍, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଖଇରା ଶିକ୍ଷକ ସଂଘ ଭବନ, ଖଇରା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ରାବଣପୋଡ଼ି ଉତ୍ସବ, ସ୍ଥାନ: ମୁକୁଳୁସି ଚନ୍ଦନ ପଡ଼ିଆ, ବସ୍ତା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିଧାୟକଙ୍କ କାର୍ଯ୍ୟାଳୟ, କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଉପଭୋକ୍ତା ମାମଲା ବିଚାର, ସ୍ଥାନ: ଉପଭୋକ୍ତା ଆୟୋଗ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ହନୁମାନଙ୍କ ମନ୍ଦିରରେ ରାମଚରିତ, ବେଦପାଠ ଏବଂ ହନୁମାନଙ୍କ ପୂଜା, ଯଜ୍ଞ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ଟା।
- ମଙ୍ଗଳାଙ୍କ ପୂଜା ଏବଂ ମେଳା, ସ୍ଥାନ: ତରଭା, ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।

## ମୟୂରଭଞ୍ଜ

- ବ୍ୟକ୍ତିତ୍ୱ ବିକାଶ ଶିବିର 'ଜାଗୃତି', ସ୍ଥାନ: ଚିନ୍ମୟ ଗୁରୁପାଦ ଆଶ୍ରମ, ମଧୁବନ, ବାରିପଦା, ସମୟ: ସକଳା ୮ଟା।
- ଇପିଏଫ୍ ଉପଭୋକ୍ତା ଜିଲା ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟାଡିୟମ କନଫରେନ୍ସ ହଲ୍, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ତୁଳସୀ ଚଉରା, ବାରିପଦା, ସମୟ ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଚକରା ଘାଟିର ବିକାଶ ଉପରେ ଆଲୋଚନାଚକ୍ର, ସ୍ଥାନ: ଚକରାଘାଟି, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତ୍‌ସିଂହପୁର

- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ବୈଠକ, ସ୍ଥାନ: ଦଳୀୟ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତରାସ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବନମାଳିପୁର ଚାଲେଞ୍ଜ କ୍ରିକେଟର ୮ମ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ ନୟାଗଡ଼ ବନାମ ବନମାଳିପୁର କ୍ରିକେଟ ଟିମ୍, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ସମାଜିକ ନାଟକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପାଣ୍ଡୁସାହୁପାଟଣା, ସମୟ: ରାତ୍ର ୧୦ଟା।

## କୋରାପୁଟ

- ପରବ ପାଳନ ନେଇ ସାଧାରଣ ପରିଷଦର ପ୍ରସ୍ତୁତି ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ସକାଳ ୯ ଟା ୩୦।

## ସମ୍ବଲପୁର

- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା
- ଚଣ୍ଡୀପାଠ ଓ ହୋମ ଯଜ୍ଞ, ସ୍ଥାନ : ତାଲବ ସମଲେଶ୍ୱରୀ ମନ୍ଦିର, ସମୟ : ସକାଳ ୮ଟା।
- ସଡକ ସୁରକ୍ଷା ସଚେତନତା ସଭା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ: ସନ୍ଧ୍ୟା ୫ଟା।
- ବଏଲ ଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ତାଲବ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଦୁର୍ଗା ମେଢ଼ ଭସାଣି, ସ୍ଥାନ: କଳାପଥର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ମାଁ ପର୍ଷାପାଟ୍ ଦଶହରା ଷୋହଳ ପୂଜା ମହୋତ୍ସବ, ସ୍ଥାନ: ପର୍ଷାପାଟ୍ ମନ୍ଦିର ପରିସର, ବରାହଗୋଡ଼ା, ସମୟ: ସକାଳ ୯ଟା।
- ସାର୍ବଜନୀନ ଦୁର୍ଗାପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପଲ୍ଲୀ ବିକାଶ, ବେହେରାମୁଣ୍ଡା ଛକ, ଗାଇସିଲେଟ୍, ସମୟ: ରାତି ୮ଟା।

## ରାଉରକେଲା

- ମହିଳା ସୁରକ୍ଷା ପାଇଁ କରାଟେ ପ୍ରଶିକ୍ଷଣ ଓ ସମ୍ମିଳନୀ, ସ୍ଥାନ: ସେକ୍ଟର-୨୦, ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- କୁମାର ପୂର୍ଣ୍ଣିମା ଉତ୍ସବ ପାଳନ, ସ୍ଥାନ : ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜାର ଦ୍ୱାଦଶ ଦିବସ ପାଳନ, ସ୍ଥାନ: ସେକ୍ଟର-୨୦, ଡି ବ୍ଲକ, ସମୟ: ସକାଳ ୮ଟା।
- ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୬, ପଦ୍ମବେର୍ଣ୍ଣା ସାଂସ୍କୃତିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ଆସର, ସ୍ଥାନ: ଜେଲ୍ ରୋଡ, ଲେବର ଟେନାମେଣ୍ଟ, ସମୟ: ସନ୍ଧ୍ୟା ୫ଟା ୩୦।
- ଗାୟତ୍ରୀ ଶକ୍ତିପୀଠରେ ବିଶ୍ୱଶାନ୍ତି ହୋମଯଜ୍ଞ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ପୀଠ, ସମୟ: ସକାଳ ୬ଟା ୩୦।

## ଦେବଗଡ଼

- ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ପେଟ୍ରୋଲ ପମ୍ପ ସାହି, ପୁରୁଣାଗଡ଼, ସମୟ: ଅପରାହ୍ନ ୫ଟା।
- ବଣିଆ ସାହି ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ପ୍ରଦାନପାଟ ଜଳପ୍ରପାତରୁ ବଣିଆ ସାହି ମେଢ଼, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଜମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘର ଧାରଣା, ସ୍ଥାନ: ଭବାନୀପାଟଣା ଜିଲା ଶିକ୍ଷାଧିକାରୀ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ବଞ୍ଜାରୀ ଦେବୀ ପୂଜା ଉପଲକ୍ଷେ ଭଣ୍ଡାରା (ଅନ୍ନଛତ୍ର), ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ବିଶିବାହାଲ ଗାଁ, ସମୟ: ଅପରାହ୍ନ ୫ଟା ୨୧।
- ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ ଅପରାହ୍ନ ୪ଟା।
- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୩୦।
- ଏକାଦଶୀ ଅବସରରେ ଭାଗବତ ପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ମା' ମାହେଶ୍ୱରୀ ଲୋକମହୋତ୍ସବର ଦ୍ୱିତୀୟ ଦିନ, ସ୍ଥାନ: ମା' ମାହେଶ୍ୱରୀ ପୀଠ ବେହେରାପଡା (ଲମ୍ବସରୀ), କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ମା' ଖମ୍ଭେଶ୍ୱରୀ ପୂଜା ଓ କଂସ ଦରବାରର ଦ୍ୱିତୀୟ ଦିନ, ସ୍ଥାନ: ଲୋକାପଡ଼ା, କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଆପଣ କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ। ବନ୍ଧୁମାନଙ୍କ ସାହାଯ୍ୟରୁ ଜମିଜମା ବିବାଦରେ, ପରିବହନର ଝଗଡ଼ାରେ ସମାଧାନ ହୋଇପାରିବ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଅର୍ଥ, ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁମିଳନ ହେତୁକ ଖୁସି ରହିବ।

**ବୃଷ** — ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ର କରି ପରିବାରରେ ଝଡ଼ ଉଠିପାରେ।

**ମିଥୁନ** — କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଅନୁରୋଧକ୍ରମେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। ମିଠା କଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ। ଅସୁବିଧାରେ ପଡ଼ି ଅର୍ଥ ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରିବନାହିଁ।

**କର୍କଟ** — ସହକର୍ମୀମାନେ ସହଜରେ ହାତ ବଢ଼ାଇବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବା କାରଣରୁ ମନେମନେ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** — ଆଜି ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା, ଜମିଜମା କାରବାର ଏବଂ ଗାଡ଼ି ମୋଟର ମରାମତି ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ, ଯାହାକି ଆପଣଙ୍କ କାମକୁ ବହୁତ ପରିମାଣରେ ସାହାଯ୍ୟ କରିବ।

**କନ୍ୟା** — ଆଜି ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇ ଖୁସି ହେବେ। ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ ଏବଂ ଏଥିପାଇଁ ବନ୍ଧୁ ମହଲରେ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି।

**ତୁଳା** — କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁମିଳନ ଅବକାଶରେ ସନ୍ତାନମାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ସଭାସମିତିରେ ଯୋଗ ଦେଇ ଲାଭବାନ୍ ହେବେ ଓ ସମ୍ମାନ, ପ୍ରତିଷ୍ଠା ପାଇବେ। ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ ଆକସ୍ମିକ ଭବେ ବାତିଲ ହେବାର ଆଶଙ୍କା ରହିଛି।

**ବିଛା** — ଆଶା ପୂରଣ ହେବା କାରଣରୁ ମନ ଉତ୍‌ଫୁଲ୍ଲିତ ରହିବ। ଜମିଜମା କିମ୍ବା ଗୃହ ସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ମୁକ୍ତି ମିଳିବ। ଅନ୍ୟମାନଙ୍କ ଉଦ୍ଦେଶ୍ୟକୁ ବୁଝିନପାରି ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ଆବଶ୍ୟକତା ପୂରଣ ସକାଶେ ଧାର କରିବାକୁ ପଡ଼ିପାରେ।

**ଧନୁ** — ଭୁଲ୍ ବୁଝାମଣାରୁ ପରିବାରରେ କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ସାଙ୍ଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଆଜି ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଠିକ୍ ସମୟରେ ଯାଇପାରିବେ ନାହିଁ।

**ମକର** — ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** — ଦୀର୍ଘଦିନ ହେଲା ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି, ସେଥିରେ ବିଳମ୍ବରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଆତ୍ମୀୟମାନଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢ଼ାଇପାରେ।

**ମୀନ** — କର୍ମକ୍ଷେତ୍ରରେ ଟେନସନ୍ କମିଯିବ, ମାତ୍ର ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସନ୍ଦେହ ଓ ଭୁଲ୍ ବୁଝାମଣା ଯୋଗୁଁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବ। ଉଚ୍ଚଶିକ୍ଷା, ସନ୍ତାନ, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। ପରିବାର ସକାଶେ ସେମାନେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ଅକ୍ଟୋବର ୧୫ ତାରିଖ, ବିଶ୍ୱ ହାତଧୁଆ ଦିବସ, ବିଶ୍ୱ ଛାତ୍ର ଦିବସ, ଏ.ପି.ଜେ. ଅବଦୁଲ୍ କଲାମ୍‌ଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ ମଙ୍ଗଳବାର, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୪ ଗତେ ଘ.୦୬।୩୧ ମଧ୍ୟେ, ଘ.୩୮।୧୮ ଗତେ ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୫ ଗତେ ଘ.୩।୫୨ ମଧ୍ୟେ ରାହୁକାଳ।

# ବିଶ୍ୱ ଅର୍ଥନୀତିର ଗ୍ରୋଥ୍ ଇଞ୍ଜିନ ହେବ ଭାରତ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)




ଜାତୀୟ ଶିକ୍ଷାନୀତି ଭାରତୀୟ ଶିକ୍ଷା ପ୍ରଣାଳୀରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଭାରତ ସରକାରଙ୍କ ଶିକ୍ଷାନୀତି ସହ ଅନ୍ୟାନ୍ୟ କ୍ଷେତ୍ରରେ ସଂସ୍କାର ଭାରତକୁ ଆଗାମୀ ୨ ଦଶନ୍ଧି ମଧ୍ୟରେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ଇଞ୍ଜିନ କରାଇବ ବୋଲି ସୋମବାର ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଇଣ୍ଡିଆ ଲିଡରଶିପ୍ ସମ୍ମିଟ -୨୦୨୪ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆମେରିକା-ଇଣ୍ଡିଆ ଷ୍ଟ୍ରାଟେଜିକ୍ ପାର୍ଟନରଶିପ ଫୋରମ(ୟୁଏସ୍‌ଆଇଏସ୍‌ପିଏଫ୍) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅଧୀନରେ ଫାୟାରସାଇଡ୍ ଚାର୍ଟରେ ଜାତୀୟ ଶିକ୍ଷାନୀତି ସହ ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଉତ୍ତର ରଖିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ର ପ୍ରାଥମିକ କ୍ଷେତ୍ର, ଭାରତର ଶିକ୍ଷା ବ୍ୟବସ୍ଥାରେ ନୂଆ ଶିକ୍ଷାନୀତି ଦ୍ୱାରା ହେବାକୁ ଥିବା ପରିବର୍ତ୍ତନ ଉପରେ ମତ ରଖି ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଦେଶରେ ପ୍ରଣୟନ ହୋଇଥିବା ଜାତୀୟ ଶିକ୍ଷାନୀତି ଏକ ଦାର୍ଶନିକ ଦସ୍ତାବିଜ। ଜାତୀୟ ଶିକ୍ଷାନୀତି ଦେଶର ଯୁବପିଢ଼ି ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ସହ ବୈଶ୍ୱିକ ନାଗରିକରେ ପରିବର୍ତ୍ତନ କରିବ। ଏହି ଯୁବଶକ୍ତିମାନେ କେବଳ ଭାରତ ନୁହେଁ ବରଂ ବିଶ୍ୱର କଲ୍ୟାଣ ଦିଗରେ ବ୍ରତୀ ରହିବେ। ଜାତୀୟ ଶିକ୍ଷାନୀତିର ପ୍ରାଥମିକତା କ୍ଷେତ୍ର ଯଥା ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଉପରେ ଫୋକସ ରହିଛି। ଦେଶରେ ଡିଜିଟାଲ ଶିକ୍ଷା ପରିସଂସ୍ଥାନରେ ଅଭୂତପୂର୍ବ ପରିବର୍ତ୍ତନ ହେଉଛି। ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଛି। ଗବେଷଣା ଏବଂ ଇନୋଭେଶନର ପରମ୍ପରାକୁ ପ୍ରୋତ୍ସାହିତ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ମତରେ ଡିଗ୍ରୀ ଓ ସାର୍ଟିଫିକେଟ୍ ଅପେକ୍ଷା ଦକ୍ଷତା ବହୁ ଗୁରୁତ୍ୱପୂର୍ଣ୍ଣ। କୋଭିଡ୍ ସମୟରେ ଦକ୍ଷତା ତଥା ସାମର୍ଥ୍ୟ ବଳରେ ହୋଇଥିବା ଅନେକ ସୃଜନଶୀଳ ଇନୋଭେଶନକୁ ସମସ୍ତେ ପ୍ରଶଂସା କରିଛନ୍ତି। ଭାରତରେ ସବୁଠୁ ଅଧିକ ସଂଖ୍ୟକ ଯୁବବର୍ଗ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜାତୀୟ ଶିକ୍ଷାନୀତି କେବଳ ଶିକ୍ଷା ନୁହେଁ ବରଂ ନିଯୁକ୍ତି ଆଧାରିତ ଶିକ୍ଷା ପ୍ରଦାନ କରିବ। ଛାତ୍ରୀଛାତ୍ରଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍ ସ୍କିଲିଂ କରାଇବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମହାପ୍ରଭୁଙ୍କ ରାଧାଦାମୋଦର ବେଶ

ପୁରୀ,୧୪।୧୦(ଅଜିତ କୁମାର ମହାନ୍ତି)

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅର୍ଥାତ ସୋମବାରଠାରୁ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ କାର୍ତ୍ତିକ ନୀତି ଆରମ୍ଭ ହେବା ସହ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ଦୁର୍ଲଭ ରାଧାଦାମୋଦର ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଦାରୁଦିଅଁଙ୍କ ଏହି ବେଶ ଦୀର୍ଘ ଏକମାସ ଧରି ଚାଲିବ। ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରୁ କାର୍ତ୍ତିକ ଶୁକ୍ଳ ଦଶମୀ ତିଥି ପର୍ଯ୍ୟନ୍ତ ମହାପ୍ରଭୁ ରାଧାଦାମୋଦର ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ସେହିପରି ଏକାଦଶୀ ତିଥିରୁ ମହାପ୍ରଭୁଙ୍କ ନିକଟରେ ବାଳଭୋଗ ଲାଗିହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ମଙ୍ଗଳଆଳତି ଓ ଅବକାଶ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ। ଠାକୁରମାନେ ଏହି ବେଶରେ ବାଳଭୋଗ ପର୍ଯ୍ୟନ୍ତ ରହନ୍ତି। ଏହି ବେଶରେ ଥାଇ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ ଓ ବାଳ ଭୋଗ ହୋଇଥାଏ। ବାଳଭୋଗ ଛେକ ଆସିବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି ଓ ବାଳ ଭୋଗ ସରିବା ପରେ ତିନିବାଡ଼ରେ ବନ୍ଦାପନା ଏବଂ ବେଶ ଓଲାଗି ହୋଇଥାଏ। ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧରମାଳା ସହ ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଠାକୁରମାନଙ୍କୁ ଲାଗି କରାଯାଇଥାଏ। ଏଥିସହ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଦୁଇ ହସ୍ତରେ ସୁବର୍ଣ୍ଣ ନଳୀଭୁଜ , ତ୍ରିମୁଣ୍ଡିରେ ବାଉଁଶ ପାତିଆ ଓ କନାରେ ନିର୍ମିତ ଚୂଳ, ଚୂଳର ଅଗ୍ରଭାଗରେ ରୁପା, ଚନ୍ଦ୍ରିକା, କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ କମରପଟି, କଣ୍ଠରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ତିଳକ, ଚନ୍ଦ୍ର, ସୂର୍ଯ୍ୟ ଏବଂ ରାମାନନ୍ଦୀ ଚିତା ଇତ୍ୟାଦି ସୁବର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇଥାନ୍ତି। ମସ୍ତକରେ ତଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଓ ସୁବର୍ଣ୍ଣ ଅଳଙ୍କାର ସହ ପାଟଶାଢ଼ୀ, ଶିରି କପଡ଼ା, ବଳା, ଅଧରବଳା ଓ ଉତ୍ତରୀୟ ବସ୍ତ୍ର ଲାଗି ହୁଏ। ଏହି ବେଶରେ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଶ୍ରୀବିଗ୍ରହମାନେ ଲାଗି ହୋଇଥାନ୍ତି। ସେହିପରି ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ବାଳଭୋଗ ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବାଳ ଭୋଗ ଅନୁଷ୍ଠିତ ହେବ। ପଞ୍ଚ ଉପଚାରରେ ମହାପ୍ରଭୁଙ୍କ ନିକଟରେ ବାଳଭୋଗ ଲାଗି କରାଯାଇଥାଏ।

## ପ୍ରଥମ ପୃଷ୍ଠାରୁ...

### ୩ ଆମେରିକୀୟଙ୍କୁ...


ଡାରୋନ୍ ଆସେମୋଗ୍ଲୁ


ସାଇମନ ଜନ୍‌ସନ


ଜେମ୍ସ ରବିନ୍‌ସନ

ଆସେମୋଗ୍ଲୁ ଏବଂ ସାଇମନ୍ ଜନ୍‌ସନ୍ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରେ ଜେମ୍ସ ରବିନସନ ଶିକାଗୋ ୟୁନିଭର୍ସିଟିରେ କାର୍ଯ୍ୟ କରୁଥିଲେ। କେତେକ ଉନ୍ନତ ପ୍ରଯୁକ୍ତି କିପରି ଅଧିକ ନିଯୁକ୍ତି ସୃଷ୍ଟି କରେ ଏବଂ ଅନ୍ୟମାନଙ୍କ ତୁଳନାରେ ସମ୍ପତ୍ତିର ବିସ୍ତାର କରେ ତାହା ଆସେମୋଗ୍ଲୁ ଏବଂ ଜନ୍‌ସନ ଦର୍ଶାଇଛନ୍ତି। ସେମାନେ ନିକଟରେ ମିଳିତ ଭାବେ ସର୍ଭେଇଂ ଟେକ୍‌ନୋଲୋଜି ଉପରେ ଏକ ପୁସ୍ତକ ଲେଖିଛନ୍ତି। ଆଲ୍‌ଫ୍ରେଡ୍ ନୋବେଲ ୧୯୦୧ରେ ବିଜ୍ଞାନ, ସାହିତ୍ୟ ଏବଂ ଶାନ୍ତି ପାଇଁ ନୋବେଲ ପୁରସ୍କାର ଆରମ୍ଭ କରିଥିବା ବେଳେ ୧୯୬୮ରେ ସୁଇଡେନ୍ କେନ୍ଦ୍ରୀୟ ବ୍ୟାଙ୍କ ସହାୟତାରେ ଅର୍ଥନୀତିରେ ଏହି ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।

### ଭାରତ-କାନାଡା ତିକ୍ତତା...

ପ୍ରତ୍ୟାହାର କରିଆଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର କିଛି ସମୟ ପୂର୍ବରୁ ମନ୍ତ୍ରଣାଳୟ କାନାଡା କୂଟନୀତିଜ୍ଞ ଷ୍ଟିୱାର୍ଟ ହ୍ୱିଲରଙ୍କୁ ସମନ ଜାରି କରିଥିଲେ। ଭାରତୀୟ ଉଚ୍ଚାୟୁକ୍ତ ଏବଂ ଅନ୍ୟ କୂଟନୀତିଜ୍ଞ ଓ ଅଧିକାରୀମାନଙ୍କୁ କାନାଡା ସରକାର ଟାର୍ଗେଟ କରିବା ନିରାଧାର ଏବଂ ଆଦୌ ଗ୍ରହଣୀୟ ନୁହେଁ ବୋଲି ହ୍ୱିଲରଙ୍କୁ ଜଣାଇ ଦିଆଯାଇଥିଲା। ଟ୍ରୁଡୋ ସରକାର ଭାରତରେ ଉଗ୍ରବାଦ, ହିଂସା ଏବଂ ବିଚ୍ଛିନ୍ନତାବାଦକୁ ସମର୍ଥନ କରୁଥିବାରୁ ଏହା ବିରୋଧରେ ପଦକ୍ଷେପ ନେବାର ଅଧିକାର ଭାରତର ରହିଛି ବୋଲି ନୂଆଦିଲ୍ଲୀ ଅବଗତ କରାଇଛି। ଭାରତର ବାରମ୍ବାର ଅନୁରୋଧ ସତ୍ତ୍ୱେ ନିଜ୍ଜାର ହତ୍ୟା ସହ ଭାରତର ସମ୍ପୃକ୍ତି ନେଇ କାନାଡା ସରକାର କୌଣସି ପ୍ରମାଣ ଏପର୍ଯ୍ୟନ୍ତ ଶେୟାର କରିନାହାନ୍ତି। ଟ୍ରୁଡୋ ସରକାର କାନାଡା ମାଟିରେ ବିଚ୍ଛିନ୍ନତାବାଦୀ ତତ୍ତ୍ୱଙ୍କୁ କାବୁ କରିବା ପରିବର୍ତ୍ତେ ଭୋଟବ୍ୟାଙ୍କ ରାଜନୀତି କରୁଥିବା ନୂଆଦିଲ୍ଲୀ ଅଭିଯୋଗ କରିଛି।

### ଦାଦନ ଦୂର ପାଇଁ...

ନିଆଯିବାକୁ ଥିବା ଅନ୍ୟାନ୍ୟ ପଦକ୍ଷେପ ଓ ଯୋଜନା ସୁପାରିସ କରିବା, ସମସ୍ୟାର ସାମଗ୍ରିକ ଏବଂ ସ୍ଥାୟୀ ସମାଧାନ ପାଇଁ ରାଜ୍ୟ, ଜିଲା, ପଞ୍ଚାୟତ ସମିତି ସ୍ତରରେ ଆବଶ୍ୟକ ଆନୁଷ୍ଠାନିକ ଢାଞ୍ଚା ଉପଲବ୍ଧ କରାଇବା ନିମନ୍ତେ ପରାମର୍ଶ ଦେବା, ପ୍ରସ୍ତାବିତ ପଦକ୍ଷେପଗୁଡ଼ିକର ଉନ୍ନତ କାର୍ଯ୍ୟାନ୍ୱୟନ ପାଇଁ ବିଶେଷଜ୍ଞ ସଂସ୍ଥା, ନାଗରିକ ସମାଜ ଓ ବୈଷୟିକ ସଙ୍ଗଠନଗୁଡ଼ିକ ସହ ସହଭାଗିତା ଆଦି ବିଷୟରେ ବିଚାର କରାଯିବ। ଏହାବ୍ୟତୀତ ଏହି ସମସ୍ତ ପଦକ୍ଷେପ ପାଇଁ ସମ୍ବଳର ଉପଲବ୍ଧତାକୁ ସୁନିଶ୍ଚିତ କରାଇବା ଓ ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଭାରତ ସରକାର ତଥା ବିଭିନ୍ନ ରାଜ୍ୟ ସରକାରଙ୍କ ସହ ଆବଶ୍ୟକ ସମନ୍ୱୟ ଆଦି ବିଷୟରେ ଟାସ୍କଫୋର୍ସ ଦ୍ୱାରା ଆଲୋଚନା ଓ ସୁପାରିସ କରାଯିବ।

### ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ...

ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଏହି ଘଟଣାକୁ ଓଡ଼ିଶା ପୋଲିସ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇଛି। ଏନେଇ ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରାଙ୍କ ସହ ଓଡ଼ିଶା ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଆଲୋଚନା କରିଛନ୍ତି। ତଦନ୍ତର ଅଗ୍ରଗତି ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି ସଂକ୍ରାନ୍ତରେ ସେ କଥା ହୋଇଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଯୋଗାଇଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିକଟରେ ଆବେଦନ କରାଯାଇଛି। ଏନେଇ ସୋମବାର ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି ଯେ, ଦିଲ୍ଲୀରେ ଘଟିଥିବା ଘଟଣାକୁ ରାଜ୍ୟ ପୋଲିସ ପକ୍ଷରୁ ଗମ୍ଭୀରତା ଏବଂ ସମ୍ବେଦନଶୀଳତା ସହିତ ଅନୁସରଣ କରାଯାଉଛି। ପୋଲିସ ଯୁବତୀଙ୍କ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗରେ ଅଛି। ଏଥିସହ ଦିଲ୍ଲୀ ପୋଲିସ ସହିତ ସମ୍ପର୍କରେ ରହି ତଦନ୍ତର ଅଗ୍ରଗତି ସଂକ୍ରାନ୍ତରେ ଅନୁଧ୍ୟାନ କରୁଛି। ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଭୁବନେଶ୍ୱରରୁ ଦିଲ୍ଲୀ ପଠାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ଘଟଣାରେ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ଡିଏସ୍‌ପି ପୀଡ଼ିତାଙ୍କ ମାଉସୀଙ୍କ ସହ ଦିଲ୍ଲୀରେ ଅଛନ୍ତି ବୋଲି ସୂଚନା ମିଳିଛି। ପୀଡ଼ିତା ଜଣଙ୍କ ପୁରୀ ଅଞ୍ଚଳର ହୋଇଥିବାବେଳେ ସେ କିଛିବର୍ଷ ହେବ ଦିଲ୍ଲୀରେ ରହୁଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଛନ୍ତି। ଦିଲ୍ଲୀ ପୋଲିସ ଏହି ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିବା ସହ ଘଟଣା ସଂକ୍ରାନ୍ତରେ ତଦନ୍ତ କରୁ। ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଯୋଗାଇଦେବାକୁ ଦିଲ୍ଲୀ ଷ୍ଟେଟ୍ ଲିଗାଲ ସର୍ଭିସେସ୍ ଅଥରିଟିଙ୍କୁ କମିଶନ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଜୟନ୍ତ କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ ଆଇଜି ଯିବେ ଦିଲ୍ଲୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)

ରାଜଧାନୀ ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗମ୍ଭୀରତାର ସହ ନେଇଛନ୍ତି। ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ) ଆଇଜି ଏସ୍. ସାଇନି ଏହି ଘଟଣାର ତଦନ୍ତର ଅଗ୍ରଗତି ନିମନ୍ତେ ଦିଲ୍ଲୀ ଗସ୍ତ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସେ ସେଠାରେ ପୀଡ଼ିତାଙ୍କୁ ସାକ୍ଷାତକରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବେ। ଏହା ବ୍ୟତୀତ ଦିଲ୍ଲୀ ପୋଲିସ ସହ ଉପଯୁକ୍ତ ସମନ୍ୱୟ ରଖି ଘଟଣାର ତଦନ୍ତ ପ୍ରକ୍ରିୟାକୁ ଆଗେଇନେବାକୁ ରାଜ୍ୟ ପୋଲିସ ତରଫରୁ ସମସ୍ତ ସହଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ...

କାର୍ଯ୍ୟ ଦ୍ରୁତ ବେଗରେ ଆଗେଇ ଚାଲିଛି। ସମୁଦ୍ର ପତ୍ତନଠାରୁ ୪,୩୪୭ ମିଟର ଉଚ୍ଚରେ ୟେମାଗୋଉ ରୋଡ୍ ନିକଟରେ ଉକ୍ତ ଅଞ୍ଚଳ ରହିଛି। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବହୁ ଉପକରଣ ସେଠାରେ ରହିଛି। ଆବାସିକ ଗୃହ ଏବଂ ବୃହତ୍ ପ୍ରଶାସନିକ ବିଲ୍ଡିଂ ସମେତ ଶତାଧିକ ଗୃହ ନିର୍ମାଣ ହେଉଥିବା ତକ୍ଷଶିଳା ଇନ୍‌ଷ୍ଟିଚ୍ୟୁଟ୍‌ର ଜିଓସ୍ପାଟିଆଲ ରିସର୍ଚ୍ଚ ପ୍ରୋଗ୍ରାମ ମୁଖ୍ୟ ପ୍ରଫେସର ୱାଇ. ନିତ୍ୟାନନ୍ଦମ୍ କହିଛନ୍ତି। ଏହାର ଦକ୍ଷିଣପୂର୍ବ କୋଣରେ ୧୫୦ ମିଟର ଦୀର୍ଘ ଏକ ଆୟତାକାର ସ୍ଥାନ ରହିଥିବାରୁ ଏହାକୁ ହେଲିକପ୍ଟର ଉଡ଼ାଣ ପାଇଁ ବ୍ୟବହାର କରାଯାଇପାରେ ବୋଲି ଅନୁମାନ କରାଯାଉଛି। ସାଟେଲାଇଟ୍ ଚିତ୍ର ଅନୁଧ୍ୟାନରୁ ଯାହା ଜଣାପଡୁଛି, ହ୍ରଦ ଆଡ଼କୁ ଯାଇଥିବା ଗଡ଼ାଣିଆ ନଦୀଶଯ୍ୟାରେ ଗତ ଏପ୍ରିଲ ଆରମ୍ଭରୁ ଏହି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଉକ୍ତ ନିର୍ମାଣକୁ ପ୍ରଶାସନିକ ଏବଂ ଅପରେଶନାଲ ଜୋନ୍ ଏଭଳି ଦୁଇଭାଗରେ ବିଭକ୍ତ କରାଯାଇଥିବା ଜଣାଯାଇଛି। ସେଠାରେ ଏକ ମହଲା ଏବଂ ଦୁଇ ମହଲା ବିଲ୍ଡିଂ ସାଙ୍ଗକୁ ଛୋଟ ଘରଗୁଡ଼ିକ ରହିଛି। ଦୁଇଟି ବୃହତ୍ ବିଲ୍ଡିଂକୁ ପ୍ରଶାସନିକ ଏବଂ ଷ୍ଟୋରେଜ୍ ପାଇଁ ବ୍ୟବହାର କରାଯାଇପାରେ। ଘରଗୁଡ଼ିକୁ ଏଭଳି ଲେ'ଆଉଟ୍ ଓ ଡିଜାଇନରେ ନିର୍ମାଣ କରାଯାଉଛି, ଯେପରିକି ଦୀର୍ଘମିଆଦୀ ଆକ୍ରମଣର କ୍ଷୟକ୍ଷତି କମ୍ ହେବ। ଉଚ୍ଚ ଶୃଙ୍ଗଗୁଡ଼ିକ ପଛ ପାର୍ଶ୍ୱରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହା ସାମରିକ ଉପଯୋଗ ପାଇଁ ବ୍ୟବହାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ପାଖ ଅଞ୍ଚଳରୁ ଉକ୍ତ ସ୍ଥାନକୁ ଦେଖିହେବ ନାହିଁ। ଏହାକୁ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଗଲେ, ଏହା ଏକ ଆଡ୍‌ହକ୍ ଫରୱାର୍ଡ ବେସ୍ ଭାବେ କାର୍ଯ୍ୟ କରିବ ଏବଂ ଚାଇନା ସେନାର ପ୍ରତିଆକ୍ରମଣ ସମୟକୁ ହ୍ରାସ କରିବ ବୋଲି ସାମରିକ ସୂତ୍ର ଅନୁମାନ କରିଛି।

**ସଂକ୍ଷେପରେ**

## ଜନସେବା କେନ୍ଦ୍ର ମାଲିକ ଗିରଫ

**ଆଧାରରେ ନମ୍ବର ଲିଙ୍କ୍ ବେଳେ ଅର୍ଥ କଟିବା ଘଟଣା**



ଗିରଫ ଅଭିଯୁକ୍ତ

**କେନ୍ଦୁଝର,୧୪।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ ବେଣାମୁଣ୍ଡା ଓ ରାଇସୁଆଁରେ ଥିବା ଜନସେବା କେନ୍ଦ୍ରରେ ସୁଭଦ୍ରା ହିତାଧିକାରୀ ଆଧାର ସହିତ ମୋବାଇଲ ନମ୍ବର ଲିଙ୍କ୍ ବେଳେ ବ୍ୟାଙ୍କ ଜମା ଖାତରୁ ଟଙ୍କା କଟିଯାଇଥିଲା। ଏଥିରେ ଠକାମୀର ଶିକାର ହୋଇଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଖୋଳତାଡ଼ କରି ଜନସେବା କେନ୍ଦ୍ରର ମାଲିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ଜିଲା ନୟାକୋଟ ଥାନା କଲଣ୍ଡା ଗ୍ରାମର ରାମ ମୁଣ୍ଡା (୨୨)।

ସୂଚନା ଅନୁଯାୟୀ, ରାମ ମୁଣ୍ଡା ବେଣାମୁଣ୍ଡା ଓ ରାଇସୁଆଁରେ ଥିବା ତାଙ୍କ ଜନସେବା କେନ୍ଦ୍ରରେ ୨ ଜଣ ଯୁବକଙ୍କୁ ନିୟୋଜିତ କରିଥିଲେ। ସୁଭଦ୍ରା ହିତାଧିକାରୀ ଆଧାର ସହିତ ଫୋନ୍ ନମ୍ବର ଲିଂ କରିବାକୁ ଯାଇଥିବା ବେଳେ ଯୁବକ ଦ୍ୱୟ ସାଇବର ଅପରାଧୀମାନେ ଦେଇଥିବା ଲିଙ୍କ୍‌ରେ ସେମାନଙ୍କ ଆଇଡି ଓ ପାସୱାର୍ଡ ଦେଇ ହିତାଧିକାରୀଙ୍କ ଆଧାର ଲିଙ୍କ୍ କରୁଥିଲେ। ହିତାଧିକାରୀ ତାଙ୍କର ଫିଙ୍ଗର ପ୍ରିଣ୍ଟ ଦେବା ମାତ୍ରେ ଆଧାର ଲିଙ୍କ୍ ହୋଇଥିବା ଆକାଉଣ୍ଟରୁ ସାଇବର ଅପରାଧୀ ବ୍ୟାଙ୍କ ଖାତରୁ ଟଙ୍କା ହଡପ କରୁଥିଲେ। ଘଟଣାରେ ପୋଲିସ ଏକ ମାମଲା(ନଂ.୨୭୮/୨୦୨୪) ରୁଜୁ କରି ରାମଙ୍କୁ କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଶୀଘ୍ର ଗିରଫ ହେବେ ବୋଲି ପୋଲିସ ସୂଚନା ଦେଇଛି। ଲିଙ୍କ୍ ସେୟାର କରି ଏଭଳି ଠକେଇ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରିମାଣ୍ଡରେ ଆଣିବା ପରେ ଘଟଣାରେ କେତେ ଠକେଇ ହୋଇଛି। ଆଉ କିଏ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବ ବୋଲି ତେଲକୋଇ ଥାନା ଅଧିକାରୀ ସୁଶାନ୍ତ ପରିଡ଼ା କହିଛନ୍ତି।

# ଶ୍ରୀମନ୍ଦିରରେ ହେବ ୬ ଥାକିଆ ଦର୍ଶନ ବ୍ୟବସ୍ଥା

## କାର୍ତ୍ତିକ ମାସ ପରେ ସମୀକ୍ଷା କରାଯାଇ ନିଆଯିବ କାର୍ଯ୍ୟକାରୀ ନିଷ୍ପତ୍ତି

**ପୁରୀ,୧୪।୧୦ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ଭିତର ଭିଡ଼ ନିୟନ୍ତ୍ରଣ ପାଇଁ ଲାଗୁ ହେବ ୬ ଥାକିଆ ଦର୍ଶନ ବ୍ୟବସ୍ଥା। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ଆସୁଛନ୍ତି। ତେବେ ଅନେକ ସମୟରେ ଭକ୍ତମାନେ ଶ୍ରୀମନ୍ଦିରରେ ଭିଡ଼ ଯୋଗୁ ସମସ୍ୟାର ସାମ୍ନା କରୁଛନ୍ତି। ତେଣୁ ଶ୍ରୀମନ୍ଦିର ଭିତର କ୍ରାଉଡ୍ ମ୍ୟାନେଜମେଣ୍ଟ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ସୁଲଭ ଦର୍ଶନ ସହ ଗହଳି ନିୟନ୍ତ୍ରଣ ନିମନ୍ତେ ନାଟମଣ୍ଡପରେ ୬ ଥାକିଆ ଦର୍ଶନ ବ୍ୟବସ୍ଥା ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇଛି। ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ବାହାର କାଠ ଦର୍ଶନ ପାଇଁ ସୁଉଚ୍ଚ ର୍ୟାମ୍ପ ଓ ଷ୍ଟେ ବ୍ୟବସ୍ଥା ରହିବ। ଏନେଇ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନ ଲିମିଟେଡ୍ (ଓବିସିସି) ସ୍ୱତନ୍ତ୍ର ପ୍ରସ୍ତାବିତ ଡିଜାଇନ୍ ଦେଇଛି। ତେବେ କାର୍ତ୍ତିକ ମାସ ପରେ ଡିଜାଇନ୍‌ର ସମୀକ୍ଷା କରି ନିଷ୍ପତ୍ତି ନିଆଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ଚାରିଦ୍ୱାର ପ୍ରବେଶ ଉନ୍ମୁକ୍ତ ହେବା ପରେ ବାହାରେ ଭିଡ଼ କିଛିମାତ୍ରାରେ ନିୟନ୍ତ୍ରଣ ହୋଇଥିବାବେଳେ ଶ୍ରୀମନ୍ଦିର ଭିତରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଭିତରବେଢ଼ାରୁ ନାଟମଣ୍ଡପକୁ ଯିବା ପାଇଁ ସାତପାହାଚ ଦ୍ୱାର ହିଁ ଏକମାତ୍ର ପ୍ରବେଶ ପଥ ପୂର୍ବବତ ରହିଛି। ଏହାର ସେଭଳି ବିକଳ୍ପ ମଧ ନାହିଁ। ତେଣୁ ନାଟମଣ୍ଡପରେ ଦର୍ଶନ ଶୃଙ୍ଖଳା ପାଇଁ ନୂଆ କ୍ରାଉଡ୍ ମ୍ୟାନେଜମେଣ୍ଟ ଆପଣାଇବାକୁ ଶ୍ରୀମନ୍ଦିର ପ୍ରଶାସନ ଅଣ୍ଟା ଭିଡ଼ିଛି। ଏନେଇ ଓବିସିସି ସ୍ୱତନ୍ତ୍ର ଡିଜାଇନ୍ ସହ ଏକ ଡେମୋ ପାଇଁ ପ୍ରସ୍ତାବ ଦେଇଛି। ବାହାର କାଠ ଦର୍ଶନ ବେଳେ ବୟସ୍କ, ବୃଦ୍ଧାବୃଦ୍ଧ, ଶିଶୁ ଓ ମହିଳାଙ୍କୁ ଠେଲାପେଲା ପରିସ୍ଥିତି ସାମ୍ନା କରିବାକୁ ପଡୁଛି, ତାକୁ ନେଇ ନୂଆ ହ୍ୟୁମାନ ଚେନ୍ (ମାନବ ଶୃଙ୍ଖଳ) ସହ ଏକ ନିୟନ୍ତ୍ରିତ ଦର୍ଶନ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଫଳରେ ବାହାର କାଠ ନିକଟରୁ ଗରୁଡ଼ ସ୍ତମ୍ଭ ମଧ୍ୟରେ ୧୬ ପିଲର ଥିବା ଓସାରିଆ ସ୍ଥାନରେ ଷ୍ଟେପ୍ ଓ ରାମ୍ପ୍ ବ୍ୟବସ୍ଥା ଥିବା ପ୍ରସ୍ତାବିତ ଡିଜାଇନ୍ ଅନୁଯାୟୀ ବାହାର କାଠଠାରୁ ଗରୁଡ଼ ସ୍ତମ୍ଭ ପର୍ଯ୍ୟନ୍ତ ୬ଥାକିଆ ବା ୬ଟି ଧାଡି କରାଯିବ। ପ୍ରତି ଧାଡ଼ିରେ ଗୋଟିଏ ଲେଖାଏ ଷ୍ଟେପ୍ ରହିବ। ପ୍ରଥମ ଧାଡ଼ି ତଳ ଚଟାଣରେ ରହିବ, କିନ୍ତୁ ଦ୍ୱିତୀୟ ଧାଡ଼ି ତା' ପଛକୁ ଅର୍ଥାତ ୬ ଇଞ୍ଚ ଉପରକୁ ଷ୍ଟେପ୍ ହୋଇ ରହିବ। ଏଭଳି ଛଅ- ଛଅ ଇଞ୍ଚ ଉଚ୍ଚତାରେ ଷ୍ଟେପ୍‌ଗୁଡ଼ିକ ୬ଷ୍ଠ ଧାଡ଼ି ପର୍ଯ୍ୟନ୍ତ ଅନୁସରଣ କରିବ। ଅର୍ଥାତ୍ ଯିଏ ପଛରେ ରହିବେ, ଆଗ ଲୋକ ଯେପରି ବାଧକ ନ ହେବେ, ସେପରି ଷ୍ଟେପ୍ ଉପରୁ ସେ ଦର୍ଶନ କରିପାରିବ। ଷ୍ଟେପ୍‌ର ଦୁଇ ପାର୍ଶ୍ୱରେ ସୁଉଚ୍ଚ ର୍ୟାମ୍ପ ରଖିବାକୁ ପ୍ରସ୍ତାବ ଦିଆଯାଇଛି। କିଭଳି ଏହା ନୀତି ଓ ଭୋଗକୁ ପ୍ରଭାବିତ ନ କରିବ ସେନେଇ ବ୍ୟବସ୍ଥା କରାଯିବ। ଷ୍ଟେପ୍‌ରେ ଚକ ମଧ ଲାଗିପାରେ ବୋଲି ପ୍ରସ୍ତାବ ରହିଛି। ତେବେ ଉପରୋକ୍ତ ୬ଟି ଧାଡ଼ିରୁ ବୃଦ୍ଧାବୃଦ୍ଧ, ବୟସ୍କ, ମହିଳା ଓ ଶିଶୁଙ୍କ ପାଇଁ ୩ଟି ଷ୍ଟେପ୍ ସଂରକ୍ଷିତ ରହିବାକୁ ଥିବାବେଳେ ଅନ୍ୟ ୩ଟିରେ ସମସ୍ତେ ଯାଇପାରିବେ। ଭିତରବେଢ଼ାରୁ ଯେତେବେଳେ ସାତପାହାଚ ଦେଇ ଭକ୍ତ ନାଟମଣ୍ଡପକୁ ପ୍ରବେଶ କରିବେ, ଗରୁଡ଼ସ୍ତମ୍ଭ ପାର୍ଶ୍ୱରେ ମୁଣ୍ଡିଆ ମାରିବା ପରେ ଏହିଠାରୁ ଦୁଇଟି ଲେୟାର ଦେଇ ଯିବାକୁ ପଡ଼ିବ। ଗୋଟିଏ ଗରୁଡ଼ସ୍ତମ୍ଭ ସାମ୍ନା ଦେଇ ବାହାର କାଠ ଭିତର ଦେଇ ଗାରଦ ନିକଟ ଦ୍ୱାରରେ ପ୍ରସ୍ଥାନ କରିବେ। ଦ୍ୱିତୀୟଟି ହୁଣ୍ଡି ନିକଟ ଦେଇ ବାହାର କାଠ ବାହାର ପାଖ ଅଞ୍ଚଳ ଦେଇ ଦର୍ଶନ କରି ଘଣ୍ଟିଦ୍ୱାରରେ ପ୍ରସ୍ଥାନ କରିବେ। ବାହାର କାଠ ପାଇଁ ଏସବୁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ହେବାକୁ ଥିବାବେଳେ ଭିତର କାଠ ଦର୍ଶନ ବ୍ୟବସ୍ଥା ପୂର୍ବବତ ସ୍ୱାଭାବିକ ରହିବ। ତେବେ ଦିବ୍ୟାଙ୍ଗଙ୍କୁ ଏହି ୬ଥାକିଆ ଦର୍ଶନ ବ୍ୟବସ୍ଥାରେ ନ ରଖି ସ୍ୱତନ୍ତ୍ର ଭାବେ ଜୟ ବିଜୟ ଦ୍ୱାର ନିକଟରେ ଦର୍ଶନ ସୁବିଧା କରାଇବାକୁ ସେବାୟତ ମହଲରୁ ଦାବି ହୋଇଛି। ସ୍ୱତନ୍ତ୍ର ସ୍ଲଟ୍ ବୁକିଙ୍ଗ କରି ନିର୍ଦ୍ଦିଷ୍ଟ ସମୟରେ ଦିବ୍ୟାଙ୍ଗଙ୍କୁ ନେଇ ଦର୍ଶନ କରାଇବାକୁ ସେବାୟତ ଦାବି କରିଛନ୍ତି। କାର୍ତ୍ତିକ ମାସ ପରେ ଏହି ଡିଜାଇନ୍‌କୁ ଆଉଥରେ ସମୀକ୍ଷା କରାଯିବା ପରେ କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି।



ବିଧାନସଭା ପରିସରରେ ସୋମବାର ବାଚସ୍ପତି ସୁରମା ପାଢ଼ୀଙ୍କୁ ଓଡ଼ିଶା ପ୍ରଧାନ ମହାଲେଖାକାର ରାଜ କୁମାର ଅଗ୍ରୱାଲ ସାକ୍ଷାତ କରି ଭାରତ ସରକାରଙ୍କ ସିଏଜି ପକ୍ଷରୁ ପ୍ରକାଶିତ 'ଦ କାଟାଲିଷ୍ଟ' ପୁସ୍ତକ ପ୍ରଦାନ କରୁଛନ୍ତି।

## ଶୁଲିଆ ଜଙ୍ଗଲରେ ଦନ୍ତାହାତୀର ମୃତ୍ୟୁ



ଶୁଲିଆ ଜଙ୍ଗଲରେ ହାତୀର ମୃତଦେହ ପଡ଼ିଛି।

**ଦେଓଗାଁ, ୧୪।୧୦ (କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଆଟଗାଁ ରେଞ୍ଜ ଅନ୍ତର୍ଗତ ଶୁଲିଆ ଜଙ୍ଗଲରେ ଦନ୍ତାହାତୀର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବନବିଭାଗ ପକ୍ଷରୁ ରବିବାର ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ଜଙ୍ଗଲ ମଧ୍ୟରେ ପୋତି ଦିଆଯାଇଛି। ତେବେ ହାତୀର ସନ୍ଦେହଜନକ ମୃତ୍ୟୁକୁ ନେଇ ନାନାଚର୍ଚ୍ଚା ଜୋର ଧରିଛି। ବାର୍ଦ୍ଧକ୍ୟଜନିତ କାରଣରୁ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି ବଲାଙ୍ଗୀର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁଦର୍ଶନ ବେହେରା କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାହିଁକି ଓ କିପରି ହାତୀର ମୃତ୍ୟୁ ହେଲା ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଆଟଗାଁ ରେଞ୍ଜ ଅଞ୍ଚଳରେ ୫ ବର୍ଷ ହେଲା ଉକ୍ତ ହାତୀ ବୁଲାବୁଲି କରୁଥିଲା। ସାଟେଲାଇଟ୍ ମାଧ୍ୟମରେ ବନବିଭାଗ ହାତୀର ଗତିବିଧି ଉପରେ ନଜର ରଖିଥିଲା। କିନ୍ତୁ ଗତ ଚାରିଦିନ ତଳେ ହାତୀର କୌଣସି ସନ୍ଧାନ ମିଳି ନ ଥିଲା। ଫଳରେ ହାତୀକୁ ଖୋଜିବା ପାଇଁ ଡିଏଫ୍‌ଓ ବେହେରା ବନବିଭାଗର ଗଜସାଥୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଜସାଥୀମାନେ ଖୋଜିବା ପରେ ଗତ ଶନିବାର ସନ୍ଧ୍ୟାରେ ଜଙ୍ଗଲ ଭିତରେ ଦନ୍ତାହାତୀର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଘଟଣାସ୍ଥଳକୁ ଡିଏଫ୍‌ଓ, ଆରସିସିଏଫ୍ (ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ) ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ହାତୀର ମୃତ୍ୟୁ କିପରି ହେଲା ସେନେଇ ତଦନ୍ତ ଆରମ୍ଭ କରିଥିଲେ।

ପ୍ରକାଶ ଯେ, ବଲାଙ୍ଗୀର ରେଞ୍ଜ ଅନ୍ତର୍ଗତ ଅସୁରଡୁଙ୍ଗୁରି ଗାଁ ନିକଟ ମଠଖାଇ ଜଙ୍ଗଲ ପାଦଦେଶରେ ୮ତାରିଖରେ ଏକ ଦନ୍ତାହାତୀକୁ ମାରି ଶିକାରୀମାନେ ଦାନ୍ତ କାଟି ନେଇଥିଲେ।

# ଓଡ଼ିଶାର ବିରଳ ଭସାଣି

## ହଂସୁଆ ନଦୀରେ ଚାପଖେଳି ବିଦାୟ ନେଲେ ମା'



**ରାଜନଗର, ୧୪।୧୦ (ଭାସ୍କର ରାଉତରାୟ)**

ରାଜନଗରର ଗଣପର୍ବ ଶାରଦୀୟ ଦୁର୍ଗାପୂଜା ଶେଷ ହୋଇଛି। ରାଜନଗର ଦେବୀ ଘରେ ମା' ଦୁର୍ଗାଙ୍କର ରବିବାର ଜୟା, ବିଜୟା ଓ ଅପରାଜିତା ପୂଜା ସହ ବିସର୍ଜନ ପୂଜା ଅନୁଷ୍ଠିତ ହୋଇଥିଲା। ସମୂହ ପୁଷ୍ପାଞ୍ଜଳି ସହ ମା'ଙ୍କ ବିସର୍ଜନ ପୂଜା ସମାପନ ହୋଇଥିଲା। ସୋମବାର ମା'ଙ୍କୁ ହଂସୁଆ ନଦୀରେ ମେଲାଣି ଦିଆଯାଇଛି। ପରମ୍ପରା ଅନୁଯାୟୀ, ଗୋପାଳ ସମ୍ପ୍ରଦାୟର ଲୋକେ ମା'ଙ୍କୁ କାନ୍ଧରେ ବୋହି ରାଜନଗର ବଜାର ପରିକ୍ରମା କରି ହଂସୁଆ ନଦୀକୂଳରେ ପହଞ୍ଚାଇଥିଲେ। ଘଣ୍ଟଘଣ୍ଟା ଓ ପାରମ୍ପରିକ ବାଦ୍ୟ ସହ ହରିବୋଲ ହୁଳହୁଳି ଧ୍ୱନିରେ ମା'ଙ୍କୁ ମେଲାଣି ଦିଆଯାଇଛି। ହଂସୁଆ ନଦୀରେ ଥିବା ସୁସଜ୍ଜିତ ନୌକାରେ ମା' ବସି ୭ ଘେରା ଚାପ ଖେଳିଥିଲେ। ୨ଟି ନୌକାକୁ ଯୋଡ଼ାଯାଇ ତାକୁ ସୁସଜ୍ଜିତ କରାଯାଇ ମା'ଙ୍କୁ ବସାଇ ନଦୀରେ ୭ ଘେରା ଚାପ ଖେଳିବା ପରେ ମେଲାଣି ନେଇଛନ୍ତି। ମା' ଦୁର୍ଗାଙ୍କ ସହ ଗଳିଦାଣ୍ଡର ବନଦୁର୍ଗା, ସାନବଡ଼ଗୋପାଳପୁରର ମା'ଶାରଳା, ମାଛ ମାର୍କେଟର ମା' ଗଙ୍ଗାମାତା ଓ ପୁରୁଣା ବଜାରର ହରଗୌରୀ, ଘାଟଗଳିର ସାଇବାବାଙ୍କ ମୃଣ୍ମୟ ମୂର୍ତ୍ତିକୁ ସୁସଜ୍ଜିତ ନୌକାରେ ଚାପଖେଳ ମାଧ୍ୟମରେ ମେଲାଣି ଦିଆଯାଇଛି। ସାରା ଓଡ଼ିଶାରେ ବିରଳ ଏହି ଜଳପଥରେ ଭସାଣି ଉତ୍ସବ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ନଈ ମଧ୍ୟରେ ଭଜନ କୀର୍ତ୍ତନ, ପାରମ୍ପରିକ ବାଦ୍ୟ ସହ ମା' ଓ ଦେବଦେବୀଙ୍କୁ ମେଲାଣି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଦୀର୍ଘ ୨ କିମି ବ୍ୟାପୀ ନଈ ମଧ୍ୟରେ ୭ ଘେରା ଚାପ ଖେଳିବା ପରେ ମା'ଙ୍କୁ ମେଲାଣି ଦିଆଯାଇଛି। ଏହି ଭସାଣି ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ଶାରଦୀୟ କମିଟିର ସ୍ଥାୟୀ ସଭାପତି ତଥା ରାଜନଗର ଆଇଆଇସି ଅଜୟ କୁମାର ଜେନା, ଶାନ୍ତି କମିଟିର ସଭାପତି ତଥା ତହସିଲଦାର ଅଜୟ କୁମାର ମହାନ୍ତି, ଶାରଦୀୟ ଦୁର୍ଗାପୂଜା କମିଟିର ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ନାରାୟଣ ମାହୁନ୍ତ, ରମେଶ ଚନ୍ଦ୍ର ଲାଲ, ବିଜୟ କୁମାର ଗୁପ୍ତା, ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ, ଚିତ୍ତ ରଞ୍ଜନ ଦାସ, ରବୀନ୍ଦ୍ର ନାଥ ନାୟକ ପ୍ରମୁଖ ସାମିଲ ଥିଲେ। ରାଜନଗରରେ ମା' ଦୁର୍ଗାଙ୍କ ଭସାଣି ନିଆରା ଏବଂ ଓଡ଼ିଶା ପ୍ରସିଦ୍ଧ। ଭାରତରେ ଅନ୍ୟ କୌଣସି ସ୍ଥାନରେ ଜଳପଥରେ ମା'ଙ୍କ ଭସାଣି ଉତ୍ସବ ଏଭଳି ଅନୁଷ୍ଠିତ ହୋଇ ନ ଥାଏ। ସେହିପରି ବ୍ୟାଙ୍କ ଛକ ଶ୍ରୀଗଣପତିଙ୍କ ଭସାଣି ଉତ୍ସବ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ଅନୁଷ୍ଠିତ ହୋଇଯାଇଛି। ମୃଦଙ୍ଗ, ଚାଙ୍ଗୁ ବାଦ୍ୟ ସହିତ ଷଣ୍ଢ ଲଢ଼େଇ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

## ଜେଏସ୍‌ପି ବ୍ଲାଷ୍ଟ ଫର୍ନେସରେ ବିସ୍ଫୋରଣ

**ଅନୁଗୋଳ,୧୪।୧୦ (ଜ୍ୟୋତିରଞ୍ଜନ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)**

ଅନୁଗୋଳ ନିଶା ଶିଳ୍ପାଞ୍ଚଳଠାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ବ୍ଲାଷ୍ଟ ଫର୍ନେସରେ ସୋମବାର ସନ୍ଧ୍ୟାରେ କୌଣସି କାରଣରୁ ବିସ୍ଫୋରଣ ହୋଇଛି। ଖବରପାଇ ପ୍ଲାଣ୍ଟ ଭିତରେ ଥିବା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେଠାରେ କାର୍ଯ୍ୟରତ ଶ୍ରମିକ ଏବଂ ଅନ୍ୟ କର୍ମଚାରୀମାନଙ୍କ ମଧ୍ୟରୁ କେହି ଏହି ଦୁର୍ଘଟଣାରେ ଆହତ ହୋଇ ନାହାନ୍ତି। ଜରୁରୀକାଳୀନ ସୁରକ୍ଷା ପାଇଁ କମ୍ପାନୀ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ନିଶା ଶିଳ୍ପାଞ୍ଚଳ ଥାନା ଆଇଆଇସି ବିବେକାନନ୍ଦ ମହନ୍ତ କହିଛନ୍ତି, କମ୍ପାନୀର ଗ୍ୟାସ୍ ପାଇପ୍‌ରେ ବିସ୍ଫୋରଣ ହୋଇଥିଲା। ସଫେଇ କାର୍ଯ୍ୟ ବେଳେ ଗ୍ୟାସ୍ ପାଇପ୍ ଫାଟି ଯାଇଥିଲା।

## ଶଙ୍ଖାମାଳ ଗ୍ରାମରେ ମାଈ ହାତୀର ମୃତ୍ୟୁ

**ମାଧପୁର,୧୪।୧୦ (ମନୋଜ ପ୍ରଧାନ)**

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ମାଧପୁର ରେଞ୍ଜ ଶଙ୍ଖାମାଳ ଗ୍ରାମ ନିକଟରେ ରବିବାର ଏକ ମାଈ ହାତୀର ମୃତ୍ୟୁ ହୋଇଛି। ବିଦ୍ୟୁତ୍ ତାର ଲାଗି ହାତୀଟିର ଜୀବନ ଯାଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ଖବରପାଇ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଠମଲ୍ଲିକ ବନଖଣ୍ଡରେ ସପ୍ତାହେ ମଧ୍ୟରେ ୨ଟି ହାତୀର ମୃତ୍ୟୁ ହୋଇଥିବାବେଳେ ବାର୍‌ହା ଶିକାର ପାଇଁ ଶିକାରୀମାନେ ବସାଉଥିବା ବିଦ୍ୟୁତ୍ ଫାଶ ଏହାର କାରଣ ବୋଲି ଚର୍ଚ୍ଚା ହେଉଛି। ହେଲେ ଏ ନେଇ ବନ ବିଭାଗ ପକ୍ଷରୁ ଠିକ୍ ଭାବେ ସୂଚନା ଦିଆଯାଉ ନାହିଁ। ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ମାଧପୁର ରେଞ୍ଜର ବିଜୟ କୁମାର ସାହୁ ଫୋନ ଉଠାଇ ନ ଥିବା ବେଳେ ଆଠମଲ୍ଲିକ ଡିଏଫଓ ସନ୍ତୋଷ କପୁଲା ରେଞ୍ଜରଙ୍କ ସହିତ ଯୋଗାଯୋଗ କରିବାକୁ କହିବା ସହ



ମାଈ ହାତୀର ମୃତଦେହ।

ସକାଳ ୭ଟାରେ ବନବିଭାଗ ସୂଚନା ପାଇଛି ଏବଂ ବ୍ୟବଚ୍ଛେଦ ପରେ ଯାହା କିଛି କୁହାଯାଇ ପାରିବ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ପୋଖରୀରେ ବୁଡ଼ି ମହିଳା ମୃତ

**ବାଲେଶ୍ୱର, ୧୪।୧୦ (ବାଞ୍ଛାନିଧି ଦେ)**

ରୂପସା ଥାନା କସିପଦା ପଞ୍ଚାୟତ ଅଧୀନ ଆଗରଗୋହିରା ଗ୍ରାମର ମହିଳା ସିଗନ ଟୁଡୁ (୭୨) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ଘର ନିକଟ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ଅସାବଧାନତାବଶତଃ ସେ ପୋଖରୀରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପୋଖରୀରୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ରୂପସା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୪) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଧାମନଗର,୧୪।୧୦ (ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବ୍ଲକ ଅଧୀନ ପଧାନୀ ପଞ୍ଚାୟତ ସଇଲୋ ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର ନାମକ ବୃଦ୍ଧ ସୋମବାର ପୋଖରୀରେ ବୁଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଅପରାହ୍ନରେ ନିକଟସ୍ଥ ବିଲକୁ ଯାଇଥିଲେ। ପରେ ତାଙ୍କ ମୃତଦେହ ବିଲରେ ଥିବା ଏକ ପୋଖରୀରେ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଦମକଳ ବାହିନୀ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରିଥିଲା। ପରେ ଧାମନଗର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ପ୍ରଫୁଲ୍ଲଙ୍କ ସ୍ତ୍ରୀ ରେବତୀ ପାତ୍ରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୪) ରୁଜୁ ହୋଇଛି।

# ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କ ଆନ୍ଦୋଳନ

**ଭୋଗରାଇ, ୧୪।୧୦ (ପ୍ରଦୀପ ଦାସ)**

ଲକ୍ଷ୍ମୀ ବସ୍ ଡ୍ରାଇଭରମାନଙ୍କୁ ୧୨ଘଣ୍ଟା ବସ୍ ଚାଳନା ବନ୍ଦ କରି ୬ ଘଣ୍ଟା ଡ୍ୟୁଟି ଦେବା, ବିଭିନ୍ନ ସ୍ଥାନକୁ ଯାଉଥିବା ବସ୍‌ର କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରିବା, ଗାଡ଼ିରେ ଫିଟନେସ୍ ଠିକ୍ ରଖିବା, ବେତନ ପ୍ରଦାନକୁ ଠିକ କରି ମାସକୁ ନିୟମିତ ପ୍ରଦାନ କରିବା ଆଦି ୬ ଦଫା ଦାବିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ବସ ଡ୍ରାଇଭରମାନେ ଥାନାଛକ ବସ୍‌ଷ୍ଟାଣ୍ଡରେ ସୋମବାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ଧର୍ମଘଟ କରିଛନ୍ତି। ବସ୍‌ଗୁଡିକ କମ୍ପାନୀ ତରଫରୁ ଚକ ଓ ଅଖର ମରାମତି ନ ହେଉଥିବାରୁ କେତେବେଳେ ଯାତ୍ରୀମାନେ ଦୁର୍ଘଟଣାରେ ଶିକାର ହୋଇପାରନ୍ତି ବୋଲି ଡ୍ରାଇଭରମାନେ କହିଛନ୍ତି। ଏସବୁ ସମସ୍ୟା ନେଇ ବସ୍ ଚାଳକମାନେ ଓଏସ୍‌ଆର୍‌ଟିଓ ପାଖରେ ଲିଖିତ ଦାବି କରିଥିଲେ ମଧ ବିଭାଗୀୟ ଅଧିକାରୀ କୌଣସି କଥା ଶୁଣୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଲକ୍ଷ୍ମୀ ବସ୍ ଡ୍ରାଇଭର ନାରାୟଣ ପ୍ରସାଦ ବେହେରା, ସୁଦର୍ଶନ ଜେନା, ବନବିହାରୀ ଦାସ ଅଧିକାରୀ, ଶକ୍ତିପଦ ଦାସ, ରଘୁନାଥ ଦାସ, ରାଜେଶ ମାହାନା ରାଜେଶ ରାୟ, ଲମ୍ବୋଦର ସେଠୀ ପ୍ରମୁଖ ଡ୍ରାଇଭରମାନେ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲକ୍ଷ୍ମୀ ବସ୍ ସେବା ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି। ଲକ୍ଷ୍ମୀ ବସ୍ ବନ୍ଦ ଯୋଗୁ ଭୋଗରାଇର ବିଭିନ୍ନ ଗ୍ରାମାଞ୍ଚଳକୁ ଗମନାଗମନ ବାଧାପ୍ରାପ୍ତ ହେଉଥିବାବେଳେ ଯାତ୍ରୀମାନେ ହିନସ୍ତା ହୋଇଛନ୍ତି।



ଭୋଗରାଇ ଥାନାଛକ ବସ୍‌ଷ୍ଟାଣ୍ଡରେ ବସ ଡ୍ରାଇଭରଙ୍କ ଆନ୍ଦୋଳନ।

# କେନ୍ଦୁଝରରେ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୧୪।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ମଣ୍ଡୁଆସ୍ଥିତ ବାସଭବନରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସୋମବାର ପୂର୍ବାହ୍ନରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣି ତୁରନ୍ତ ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ସମସ୍ୟା ଜିଲାସ୍ତରରେ ହେବ ତାକୁ ଜିଲାପାଳ ସମାଧାନ କରିବାକୁ ନିର୍ଦ୍ଦେଶ ଦେବା ସହ ରାଜ୍ୟସ୍ତରର ସମସ୍ୟା ରାଜ୍ୟ ଅଭିଯୋଗ ପ୍ରକୋଷ୍ଠକୁ ପଠାଇବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

ଅଭିଯୋଗର ତୁରନ୍ତ ଫଇସଲା କରାଯିବା ସହ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ। ଜିଲାସ୍ତରରେ ହେଉଥିବା ଅଭିଯୋଗ ଶୁଣାଣି ପୂର୍ବପରି ହେବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, କେନ୍ଦୁଝର ଶାଖା ସହ ସମନ୍ୱୟ ରକ୍ଷା କରି ଏହା କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ପୂର୍ବରୁ ଅଭିଯୋଗ ନେଇ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଯଥା ହଇରାଣ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରରେ ତାଙ୍କ ବାସଭବନରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଶୁଭାରମ୍ଭ ହୋଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମ ପ୍ରତି ବୁଧବାର ଓ ଗୁରୁବାର ଅନୁଷ୍ଠିତ ହେବ। ସରକାରୀ ଛୁଟି ପଡ଼ିଲେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଶୁଣାଣି ହେବ। ଏହା ବ୍ୟତିତ ଆସନ୍ତା ଜୁନ୍ ୨୫ ସୁଦ୍ଧା କାନପୁର ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଅଗ୍ରଗତି ନେଇ ଅନୁଧ୍ୟାନ କରିବାକୁ ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ଇଂ. ହିମାଂଶୁ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ପୂର୍ବରୁ ଅକ୍ଟୋବର ୧୩ ସନ୍ଧ୍ୟା ଏବଂ ୧୪ ସକାଳେ କେନ୍ଦୁଝର ସର୍କିଟ ହାଉସ୍ ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଅଭିଯୋଗ ଗ୍ରହଣ କରି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ବେଳେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି, ଚିଫ୍ ଗ୍ରିଭାନ୍ସ ଅଫିସର ଇଂ. ହିମାଂଶୁ ଶେଖର ସାହୁ, ସ୍ପେଶିଆଲ ଗ୍ରିଭାନ୍ସ ଅଫିସର ଶରତ ଚନ୍ଦ୍ର ବାରିକଙ୍କ ସମେତ ଜିଲାପାଳ ବିଶାଲ ସିଂହ ଏବଂ ଏସ୍‌ପି ନିତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ମଣ୍ଡୁଆସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜଣେ ମହିଳାଙ୍କଠାରୁ ଅଭିଯୋଗ ଶୁଣୁଛନ୍ତି।

# କଶ୍ମୀରରେ ଗଣତନ୍ତ୍ର



ଆକାର ପଟେଲ

ଜମ୍ମୁ କଶ୍ମୀରରେ ହୋଇଥିବା ନିର୍ବାଚନରେ ଏକ ନୂତନ ସରକାର ଆସିଛି। ସବୁଠାରୁ ବଡ଼ କଥା ହେଉଛି ଏହି ନିର୍ବାଚନ ସମ୍ପୂର୍ଣ୍ଣ ଅବାଧ ଓ ସ୍ୱଚ୍ଛ ଥିଲା। ଏହା ମଧ୍ୟ ଏକ ସକାରାତ୍ମକ ବିକାଶ । କଶ୍ମୀର ପୂର୍ବାପେକ୍ଷା ଅଧିକ ସୁରକ୍ଷିତ ବୋଲି ଦାବି କରାଯାଇଛି। ତେବେ ଏହି ଜଟିଳ ପ୍ରସଙ୍ଗ ଉପରେ ତଥ୍ୟ ଦେଖିବା ଆବଶ୍ୟକ। ୧୯୮୦ ଦଶକର ଶେଷ ଭାଗରେ କଶ୍ମୀରରେ ଉଗ୍ରବାଦ ଆରମ୍ଭ ହୋଇଥିଲା। ସେବେଠାରୁ ଦକ୍ଷିଣ ଏସିଆ ଉଗ୍ରବାଦ ପୋର୍ଟାଲ ସମଗ୍ର ଅଞ୍ଚଳରେ ହିଂସା ସମ୍ପର୍କରେ ତଥ୍ୟ ସଂଗ୍ରହ ଜାରି ରଖିଛି। ୧୯୮୯ରେ କଶ୍ମୀରରେ ମୋଟ ୯୨ ଜଣଙ୍କର ମୃତ୍ୟୁ ଘଟିଥିଲା। ୧୯୯୦ରେ ୧,୧୭୭ ଜଣଙ୍କର ଜୀବନ ଯାଇଥିଲା, ଯେଉଁମାନଙ୍କ ମଧ୍ୟରେ ଥିଲେ ୮୬୨ ଜଣ ସାଧାରଣ ନାଗରିକ, ୧୩୨ ଜଣ ସୁରକ୍ଷା ବାହିନୀ କର୍ମଚାରୀ ଏବଂ ୧୮୩ ଜଣ ଉଗ୍ରବାଦୀ। ପରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଲା। ୧୯୯୧ ରେ ୧୩୯୩ , ୧୯୯୨ରେ ୧୯୦୯ ଏବଂ ୧୯୯୩ ରେ ୨୫୬୭ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିମଧ୍ୟରେ ସାଧାରଣ ନାଗରିକଙ୍କ ସଂଖ୍ୟା ଥିଲା ୧,୦୨୩ ଏବଂ ସୁରକ୍ଷା ବାହିନୀ କର୍ମଚାରୀ (୨୧୬) ପୂର୍ବପରି ସମାନ ରହିଥିଲେ ମଧ୍ୟ ଉଗ୍ରବାଦୀଙ୍କ ମୃତ୍ୟୁ ସଂଖ୍ୟା ୧,୩୨୮ରେ ପହଞ୍ଚିଥିଲା। ପରବର୍ତ୍ତୀ କିଛି ବର୍ଷ ପାଇଁ ଏହି ସ୍ଥିତି ଜାରି ରହିଥିଲା ଏବଂ ସୁରକ୍ଷା ବାହିନୀ ଯବାନଙ୍କ ମୃତ୍ୟୁ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ଘଟି ୨୦୦୦ ରେ ୪୪୧ ହୋଇଥିଲା ଯେତେବେଳେ କଶ୍ମୀରରେ ପ୍ରାୟ ୩୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨୦୦୧ରେ କଶ୍ମୀରରେ ସର୍ବାଧିକ ୪,୦୧୧ ଜଣଙ୍କର ମୃତ୍ୟୁ ଘଟିଥିଲା। ସେଥିମଧ୍ୟରେ ୬୨୮ ଜଣ ସୁରକ୍ଷା ବାହିନୀ, ୧,୦୨୪ ସାଧାରଣ ନାଗରିକ ଏବଂ ୨,୩୪୫ ଉଗ୍ରବାଦୀ ଥିଲେ। ପରବର୍ତ୍ତୀ ବର୍ଷ ୨୦୦୨ରେ ମୃତ୍ୟୁ ସଂଖ୍ୟା ୧୦୦୦ ହ୍ରାସ ପାଇ ୩୦୯୮ରେ ଏବଂ ୨୦୦୩ରେ ଏହା ୨୫୦୭ ଥିଲା। ମୃତ୍ୟ ସଂଖ୍ୟା ହ୍ରାସ ପଛରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଅଛି। ପ୍ରଥମେ ଆମେରିକାରେ ୧୧ ସେପ୍ଟେମ୍ବର ଆକ୍ରମଣ ପରେ ପାକିସ୍ତାନ 'ଆତଙ୍କବାଦ ବିରୋଧୀ ଯୁଦ୍ଧ'ରେ ସାମିଲହେବ ବୋଲି କହିଥିଲା। କିନ୍ତୁ ଏହାର ୩ମାସ ପରେ ଡିସେମ୍ବର ୨୦୦୧ରେ ଭାରତର ସଂସଦ ଉପରେ ହୋଇଥିବା ଆକ୍ରମଣ କରିଥିଲା। ଦ୍ୱିତୀୟ ଘଟଣା ପରେ ପାକିସ୍ତାନ ସହିତ ଯୁଦ୍ଧ ପାଇଁ ଭାରତ ଆଗକୁ ବଢ଼ିବା ସହ ଉଗ୍ରବାଦୀଙ୍କୁ ପଠାଉଥିବା ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ଭାରତ ଚାପ ପକାଇଥିଲା। ୧୩ ଜାନୁୟାରୀ ୨୦୦୨ରେ ପାକିସ୍ତାନ କହିଥିଲା ଯେ ପାକିସ୍ତାନର ଲଶ୍କର–ଏ–ତୋଇବା (ଏଲ୍‌ଇଟି)ଏବଂ ଜୈଶ୍–ଏ–ମହମ୍ମଦ (ଜେଇଏମ୍)କୁ ନିଷିଦ୍ଧ କରିଛି। ଏହି ପ୍ରତିବନ୍ଧକ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଆଉ ଆଗକୁ ବଢ଼ି ନ ଥିଲେ।

ଭାରତ ବହୁଦିନରୁ କହିଆସିଛି ଯେ ଉଗ୍ରବାଦ ରୋକିବାରେ ପାକିସ୍ତାନ ଗମ୍ଭୀର ନୁହେଁ। ଏହା ସତ ଯେ, ପାକିସ୍ତାନୀ ସେନା ଏବଂ ଏହାର ଶାଖାଗୁଡ଼ିକ ଉଗ୍ରବାଦୀ ଗୋଷ୍ଠୀକୁ ଭାରତ ବିରୋଧରେ ବ୍ୟବହାର କରିଆସିଛନ୍ତି। ତଥ୍ୟ ଦେଖିଲେ ବୁଝିପାରିବା। କଶ୍ମୀରରେ ୨୦୦୧ରେ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା ବେଳେ ଏହା କ୍ରମଶଃ ହ୍ରାସ ପାଇ ୨୦୦୨ରେ ୩୦୦୦ ଏବଂ ୨୦୦୩ ରେ ୨,୦୦୦ ଥିଲା। ୨୦୦୪ ରେ ମୃତ୍ୟୁ ସଂଖ୍ୟା ପୁନର୍ବାର ହ୍ରାସ ପାଇ ୧,୭୮୮ ଏବଂ ପରବର୍ତ୍ତୀ ବର୍ଷ ୧,୧୨୫ ରେ ପହଞ୍ଚିଥିଲା। ୨୦୦୭ ରେ ୧୯୯୦ ପରଠାରୁ ପ୍ରଥମ ଥର ପାଇଁ ମୃତ୍ୟୁ ସଂଖ୍ୟା ୧୦୦୦ (୭୪୪ ନିହତ)କୁ ଖସି ଆସିଥିଲା। ଏହା ୨୦୦୮ରେ ୫୪୮, ୨୦୦୯ ରେ ୩୭୩, ତା'ପରେ ୨୦୧୧ ରେ ୧୮୧ କୁ ଖସିଥିଲା। ୨୦୧୪ରେ ମନମୋହନ ସିଂ ଦାୟିତ୍ୱରୁ ଯିବା ପର୍ଯ୍ୟନ୍ତ ଏହା କୌଣସି ବର୍ଷରେ ୨୦୦ ରୁ ଅଧିକ ହୋଇ ନ ଥିଲା। ୨୦୨୩ରେ ୨୦୧୫ ତୁଳନାରେ ପ୍ରଥମ ଥର ପାଇଁ ପୁନର୍ବାର ମୃତ୍ୟୁ ସଂଖ୍ୟା ୨୦୦ ତଳକୁ ଖସିଥିଲା। ତେବେ କେବଳ ଗୋଟିଏ ତଥ୍ୟକୁ ଦୀର୍ଘକାଳୀନ ସୂଚକ ଭାବରେ ଦେଖିବା ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । ସମାନ ସମୟରେ ପାକିସ୍ତାନରେ କ'ଣ ଘଟିଛି ବିଚାର କରାଯାଉ। ୧୯୮୦ ଏବଂ ୧୯୯୦ ଦଶକରେ କରାଚୀରେ ଅତ୍ୟଧିକ ରାଜନୈତିକ ହିଂସା ଘଟିଥିଲା। ୨୦୦୦, ୨୦୦୧ ଏବଂ ୨୦୦୨ରେ ଉଗ୍ରବାଦ ଆକ୍ରମଣରେ ପାକିସ୍ତାନରେ ମୃତ୍ୟୁ ସଂଖ୍ୟା ଯଥାକ୍ରମେ ୧୬୬, ୨୯୫ ଏବଂ ୨୫୭ ଥିଲା। ୨୦୦୩ରେ ତତ୍କାଳୀନ ରାଷ୍ଟ୍ରପତି ଜେନେରାଲ(ଅବସରପ୍ରାପ୍ତ) ପରଭେଜ ମୁଶରଫ ଜେଇଏମ୍ ଏବଂ ଏଲ୍‌ଇଟିକୁ ନିଷିଦ୍ଧ କରିବାର ବର୍ଷକ ପରେ ଦୁଇଥର ତାଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ପ୍ରଥମରେ ତାଙ୍କ ଗାଡ଼ି ପାରହେଉଥିବା ବ୍ରିଜ୍‌ରେ ଏକ ବୋମା ରଖାଯାଇଥିଲା ଏବଂ ଖ୍ରୀଷ୍ଟମାସ୍ ଦିନ ୨୦୦୩ରେ ଦୁଇଜଣ ଆତ୍ମଘାତୀ ଉଗ୍ରବାଦୀ ତାଙ୍କ କାର୍‌କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏଥିରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିଲା, କିନ୍ତୁ ମୁଶରଫ ବର୍ତ୍ତିଯାଇଥିଲେ। ତା' ପରବର୍ଷ ମୃତ୍ୟୁ ସଂଖ୍ୟାରେ ବୃଦ୍ଧ ଘଟି ୯୨୫ରେ ପହଞ୍ଚିଥିଲା ଏବଂ ସେମାନଙ୍କ ମଧ୍ୟରେ ୨୦୮ ଜଣ ସୁରକ୍ଷା ବାହିନୀ କର୍ମଚାରୀ ଏବଂ ୩୦୨ ଜଣ ଉଗ୍ରବାଦୀ ଥିଲେ। ୨୦୦୬ରେ ଏହି ସଂଖ୍ୟା ୧,୪୬୬ ରେ ପହଞ୍ଚିଥିଲେ। ୨୦୦୭ରେ ମୋଟ ୩,୫୯୪ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୦୮ରେ ଏହା ୨ଗୁଣ ବୃଦ୍ଧି ହୋଇ ୬,୬୮୩ରେ ପହଞ୍ଚିଥିଲା। ୨୦୦୯ରେ ସବୁଠୁ ଅଧିକ ୧୧,୩୧୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଆମ ଦେଖିବାରେ ଏହି ସମୟରେ କଶ୍ମୀରରେ ୩୭୩ ଜଣଙ୍କର ମୃତ୍ୟୁ ଘଟିଥିଲା।

୨୦୧୦ରେ ପାକିସ୍ତାନୀ ସେନା ହିଂସା ରୋକିବାକୁ ଚେଷ୍ଟାକଲା ଏବଂ ମୃତ୍ୟୁ ସଂଖ୍ୟା ୭,୩୪୨କୁ ଖସି ଆସିଥିଲା । ପରବର୍ଷ ପୁଣି ୬,୦୫୦ରେ ପହଞ୍ଚିଥିଲା। ୨୦୧୩ ଏବଂ ୨୦୧୪ ରେ ମୃତ୍ୟୁ ସଂଖ୍ୟା ୫,୦୦୦ ଥିଲା, କିନ୍ତୁ ୨୦୧୫ରେ ୩,୬୮୫କୁ , ୨୦୧୬ରେ ୧,୭୯୭ ଏବଂ ୨୦୧୭ରେ ଏହା ୧,୨୬୯ କୁ ଖସି ଆସିଥିଲା। ୨୦୧୯ରେ ଏହି ସଂଖ୍ୟା ୪୦୦ରୁ କମ୍ ହୋଇଯାଇଥିଲା। କିନ୍ତୁ ଏହା ଗତ ୨ ବର୍ଷରେ ପ୍ରତ୍ୟେକଟିରେ ପାଖାପାଖି ୧୫୦୦କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ କଶ୍ମୀରରେ ହିଂସାର ଦୀର୍ଘକାଳୀନ ଧାରାକୁ ରୋକିବାକୁ ପଡ଼ିବ। ବୁଝିବାକୁ ହେବ ଯେ, ମୁକ୍ତ ନିର୍ବାଚନ ହେଉଛି ଗଣତନ୍ତ୍ରର ସର୍ବୋତ୍ତମ ପ୍ରତିକ୍ରିୟା।

Email:aakar.patel@gmail.com

# ଦୋଛକିରେ ନୋବେଲ ବିଜେତା ହିଣ୍ଟନ୍



ଡ. ଗୌରୀଶଙ୍କର ସାହୁ

କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)ର ଗଡ଼ଫାଦର ଜେଫ୍ରେ ହିଣ୍ଟନ୍ ଗୁଗୁଲ୍ କମ୍ପାନୀ ଛାଡ଼ିଦେଲେ ଓ ପ୍ରକାଶ୍ୟରେ ନିଜ ଉଦ୍ଭାବନ ପାଇଁ ପଶ୍ଚାତ୍ତାପ କରୁଛନ୍ତି ବୋଲି କହିଥିଲେ। ଗତବର୍ଷ ମେ' ପହିଲା ଦିନ ନ୍ୟୁୟର୍କ ଟାଇମ୍ସ ଓ ପରଦିନ ବି.ବି.ସି., ଦ ଗାର୍ଡିଆନ୍ ପ୍ରଭୃତି ପ୍ରତିଷ୍ଠିତ ଗଣମାଧ୍ୟମ ଏଇ ଚାଞ୍ଚଲ୍ୟକର ଶୀର୍ଷକରେ ଖବରଟିଏ ଛାପିଥିଲେ। ସେଦିନଠାରୁ ଡ. ହିଣ୍ଟନ୍ କୃତ୍ରିମ ବୁଦ୍ଧିମତ୍ତାଯୁକ୍ତ ମେଶିନ୍ ମଣିଷ ଜାତିର ସତ୍ତାକୁ ଭବିଷ୍ୟତର ବିପଦରେ ପକାଇବ ବୋଲି ଆକଳନ କରି, ନିଜ ପକେଟ୍‌ରୁ ପଇସା ଖର୍ଚ୍ଚ କରି ପୃଥିବୀସାରା ବୁଲି ବୁଲି କୃତ୍ରିମ ବୁଦ୍ଧିମତ୍ତା ମାନବ ଜାତି ପାଇଁ କିପରି ବିପଦ ତାହା ବୁଦ୍ଧିଜୀବୀମାନଙ୍କୁ ବୁଝାଉଛନ୍ତି।

'କୃତ୍ରିମ ସ୍ନାୟବିକ ଜାଲି' (ଆର୍ଟିଫିସିଆଲ୍ ନ୍ୟୁରାଲ୍ ନେଟ୍‌ୱର୍କ) ମାଧ୍ୟମରେ ମେଶିନ୍ ଲର୍ନିଂକୁ ଅଭିନବ ରୂପ ଦେଇ ପାରିଥିବାରୁ ଜନ୍ ଯୋଶେଫ୍ ହପ୍‌ଫେଲ୍‌ଡଙ୍କ ସହ ଯୁଗ୍ମ ଭାବରେ ୨୦୨୪ ବର୍ଷ ପାଇଁ ନୋବେଲ୍ ପୁରସ୍କାରରେ ସମ୍ମାନିତ ହେବେ ଜେଫ୍ରେ ଏଭରେଷ୍ଟ ହିଣ୍ଟନ୍। ସାଢ଼େ ଚାରିକୋଟି ଟଙ୍କା ପୁରସ୍କାର ରାଶି ଭାବେ ଲାଭ କରିବେ ହିଣ୍ଟନ୍। ଏବେ ଡ. ହିଣ୍ଟନ୍ ଆଗଠାରୁ ଯଥେଷ୍ଟ ଅଧିକ ଜନପ୍ରିୟ। କେବଳ ଉଚ୍ଚ ଶିକ୍ଷିତ ନୁହନ୍ତି, ଅର୍ଦ୍ଧଶିକ୍ଷିତ ଓ ସାଧାରଣ ଲୋକେ ଯେଉଁମାନେ ନୋବେଲ୍ ପୁରସ୍କାର କିଏ ପାଇଲେ ଶୁଣିବାକୁ ଅପେକ୍ଷା କରିବସିଥାନ୍ତି, ହିଣ୍ଟନ୍ ନାମ ସହ ପରିଚିତ ହେଲେ। ତେଣୁ ହିଣ୍ଟନ୍ ପୁରସ୍କାର ରାଶି ଖର୍ଚ୍ଚ କରି ପୃଥିବୀସାରା ବୁଲି ବୁଲି କୃତ୍ରିମ ବୁଦ୍ଧିମତ୍ତାର ଭୟଙ୍କର ରୂପ ଦେଖାଇପାରିବେ ସାଧାରଣ ଲୋକଙ୍କୁ ଓ ଏଇ କ୍ଷେତ୍ରରେ ଗବେଷଣାକୁ ବାଧିତ କରି ଭବିଷ୍ୟତର ବିପଦକୁ ଏଡ଼ାଇପାରିବେ। ସେପଟେ ନୈତିକତାର ବେଡ଼ି। ନୋବେଲ୍ ବିଜେତା ଭାବେ ତାଙ୍କୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ଗବେଷଣାଗାର ତରଫରୁ ନିମନ୍ତ୍ରଣ ମିଳିବ କୃତ୍ରିମ ବୁଦ୍ଧିମତ୍ତାର ଆଧାରଶିଳା କୃତ୍ରିମ ସ୍ନାୟବିକ ଜାଲିର ଗହନ ଓ ଜଟିଳ ତତ୍ତ୍ୱସବୁକୁ ସରଳ ଓ ସହଜ ଉପାୟରେ ବୁଝାଇଦେବା ପାଇଁ, ଯାହା ସେ ଅକ୍ଳେଶରେ କରିପାରିବେ। ଏହା ଏଇ ବିଭାଗରେ ଗବେଷଣା ଦ୍ୱାରା ତ୍ୱରାନ୍ୱିତ ହେବ ଯେ କେବଳ ସେତିକି ନୁହେଁ, ବରଂ ଖରାପ ନେତା ଓ ଦୁର୍ଜନ ଜନ ହାତରେ ପଡ଼ିବାର ସମ୍ଭାବନା ରହିବ ଏଇ ଜ୍ଞାନ, ବିଜ୍ଞାନ, ଯାହା ମଣିଷ ଜାତିକୁ ବିପଦର ଗହ୍ୱର ଭିତରକୁ ନେଇଯିବ। ଦୋଛକିରେ ଡ. ଜେଫ୍ରେ ହିଣ୍ଟନ୍! କେଉଁ ରାସ୍ତାର ପଥିକ ହେବେ ଆଗକୁ?

ଆମେ ଯାହାକୁ ଭବିଷ୍ୟତର ବିପଦ ବୋଲି ଭାବୁଛେ, ନୋବେଲ୍ ସମିତି ଓ ବିଶ୍ୱର ବିଭିନ୍ନ ଗଣମାଧ୍ୟମ ଆଜି ତା'ର ଜନମଙ୍ଗଳକାରୀ ପ୍ରଭାବ ସବୁ ବଖାଣିଛନ୍ତି। ଏଇ ଯେମିତି, କୃତ୍ରିମ ବୁଦ୍ଧିମତ୍ତା ଓ ମେଶିନ୍ ଲର୍ନିଂ କମ୍ପ୍ୟୁଟରର ଗଣନା କରିବା କ୍ଷମତା ବହୁଗୁଣିତ କରିଛି, ମୁହଁ ଚିହ୍ନିବା, ଭାଷାନ୍ତର ଓ ଅନୁବାଦ ସହଜ, ସୁଗମ ହୋଇପାରିଛି, ସ୍ୱୟଂକ୍ରିୟ ଚାରିଚକିଆ ଯାନ ରାଜପଥରେ ଦୌଡୁଛି, ଅଣୁ ଓ





ଏଥିରୁ ସଂଶ୍ଳେଷିତ ପଦାର୍ଥର ଗୁଣାବଳୀ ନିର୍ଣ୍ଣୟ, ମହାଜାଗତିକ ଘଟଣାକୁ ନିରୀକ୍ଷଣ କରୁଥିବା ଦୂରବୀକ୍ଷଣ ଯନ୍ତ୍ରର ଦକ୍ଷତା ବୃଦ୍ଧି, ପଦାର୍ଥର ନିର୍ଦ୍ଦିଷ୍ଟ ପ୍ରାବସ୍ଥା ପୁନରୁତ୍ପାଦନ, ଜଳର ତାପଗତି ଗୁଣାବଳୀ ନିର୍ଣ୍ଣୟ ସହ ପ୍ରାବସ୍ଥା ରୂପାନ୍ତରଣର ସଠିକ ଆକଳନ, ଆଲ୍‌ଫାଫୋଲ୍‌ଡ ମାଧ୍ୟମରେ ପୁଷ୍ଟିସାର ଅଣୁର ତ୍ରିବିମୀୟ ସଂରଚନା ନିରୂପଣ, ଏମ୍.ଆର୍.ଆଇ. ସ୍କାନ୍ ଠାରୁ ସ୍ତନକର୍କଟ ନିରୂପଣକୁ ପ୍ରଭାବୀ କରିପାରିଛି କୃତ୍ରିମ ବୁଦ୍ଧିମତ୍ତାରେ ଋଦ୍ଧିମନ୍ତ ମେଶିନ୍ ଲର୍ନିଂ। ଜେପ୍ଟୋ ସେକେଣ୍ଡ ମଧ୍ୟରେ ସୃଷ୍ଟି ହୋଇ ଲୋପ ପାଇଯାଏ ଈଶ୍ୱର କଣିକା (ହିଗ୍ସ ବୋଷନ)। ନିକଟ ଅତୀତରେ ସର୍ନ ଗବେଷଣାଗାରରେ ହିଗ୍ସର ସଂକେତ ଚିହ୍ନଟ ହୋଇପାରିଲା, କାରଣ ମେଶିନ୍ ଲର୍ନିଂ ଅସଂଖ୍ୟ ନଏଜ୍ ସଂକେତ ମଧ୍ୟରୁ ହିଗ୍ସ ସଂକେତକୁ ଚିହ୍ନି ଆମକୁ ଚିହ୍ନାଇଦେଲା। ଦୁଇଟି କୃଷ୍ଣଗହ୍ୱରର ସଂଘାତରୁ ସୃଷ୍ଟ ମାଧ୍ୟାକର୍ଷଣ ତରଙ୍ଗ ଆମେ ଗବେଷଣାଗାରରେ ଚିହ୍ନଟ କରିପାରିଲେ, କାରଣ କୃତ୍ରିମ ବୁଦ୍ଧିମତ୍ତା ଏଇ ଦୁର୍ବଳ ସଂକେତକୁ ସବଳ ନଏଜ୍ ସଂକେତମାନଙ୍କଠାରୁ ଅଲଗା କରି ଆମକୁ ଦେଖାଇଦେଲା। ଆଇସ୍‌କ୍ୟୁବ୍ ନ୍ୟୁଟ୍ରିନୋ ଡିଟେକ୍ଟର ଦ୍ୱାରା ଆମେ ଆକାଶଗଙ୍ଗାର ଛବି ଉତ୍ତୋଳନ କରିପାରିଲେ ଏଇ ଗବେଷକ ଦ୍ୱୟଙ୍କ ମୌଳିକ ଗବେଷଣା ଯୋଗୁ।

ହପ୍‌ଫେଲ୍‌ଡ ଓ ହିଣ୍ଟନ୍‌ଙ୍କ ମୌଳିକ ଗବେଷଣା କିପରି ଅସୀମିତ ତଥ୍ୟ ଅଧିଗ୍ରହଣ ଓ ସଂରକ୍ଷଣ ପାଇଁ ସକ୍ଷମ ସ୍ମୃତିକୋଷ ଗଢ଼ିବାର ବାଟ ଦେଖାଇଛି ଓ ସ୍ୱୟଂ ଅନୁଶୀଳନ ଓ ବିଶ୍ଳେଷଣ ପୂର୍ବକ ମେଶିନ୍‌କୁ ମଣିଷ ପରି ଚିନ୍ତା କରିବାର ସାମର୍ଥ୍ୟ ଦେଇଛି ତାହା ପ୍ରଣିଧାନଯୋଗ୍ୟ। ବାଳୁତ ପିଲାଟି ଆଗରୁ ଦେଖିନଥିବା ବାଛୁରୀ, ଛେଳି, ବିଲେଇ, ଗୁଣ୍ଡୁଚିକୁ ଚଟ୍‌କିନା ଚିହ୍ନିଦେବ। ଦେଖି ଦେଖି ଶିଖେ ଶିଶୁ, ଅନେକାଂଶରେ ବୁଝାଇବା ଆବଶ୍ୟକ ହୋଇନଥାଏ। ଶିଶୁର ସ୍ମୃତି, ସ୍ନାୟବିକ ଜାଲିର ଲୀଳାଖେଳା। ସ୍ନାୟବିକ କୋଷ ସମୂହର ଜଟିଳ ଜାଲ ସଠିକ ଢାଞ୍ଚା ବା ପାର୍ଟନ୍ ନିରୂପଣ କରି ବିଶ୍ଳେଷଣ ଓ ଅନୁଶୀଳନ ପୂର୍ବକ ଅବିକଳ ଚିତ୍ର ସ୍ମୃତିପଟଳରେ ଆଙ୍କିଥାଏ। ଶବ୍ଦ ଚିହ୍ନଟ ପ୍ରକ୍ରିୟା ମଧ୍ୟ ଏହିପରି। ସିନେମା ହଲ୍‌ର ଦର୍ଶକ ଗ୍ୟାଲେରିକୁ ମନେପକାଇବାବେଳେ ଏହା ବହିଥାକ ପରି ନୁହେଁ ବରଂ ଘରର ଶିଡ଼ିପରି ବୋଲି ଆମେ ତୁରନ୍ତ ଧରିଦେଉ। ପ୍ରେକ୍ଷାଳୟ କଥା ଚିନ୍ତା କଲାବେଳକୁ ଶିଡ଼ିର ରୂପ ଓ ଏଇ ଶିଡ଼ି ଶବ୍ଦ ଆମ ସ୍ମୃତିପଟଳରେ ଭାସିଆସିବା ସମ–ସ୍ମୃତି (ଆସୋସିଏଟ୍ ମେମୋରି) କହିଲେ ଅତ୍ୟୁକ୍ତି ହେବନାହିଁ। ଜନ୍ ହପ୍‌ଫେଲ୍‌ଡଙ୍କ ଗବେଷଣା ଏଇ ସମ–ସ୍ମୃତି ବିଷୟକ।

ଆମ ମସ୍ତିଷ୍କରେ ଯେମିତି ଡେନ୍‌ଡ୍ରାଇଟ୍ ଓ ଆକ୍ସନର ସମାହାରରେ ପ୍ରାକୃତିକ ସ୍ନାୟବିକ ଜାଲ ବିଛେଇ ହୋଇରହିଛି ଓ ସିନାପ୍‌ସ ବିନ୍ଦୁଦେଇ ତଥ୍ୟ ଅଧିଗ୍ରହଣ ଓ ପ୍ରେରଣ ସମ୍ଭବପର ହୁଏ, ଠିକ୍ ସେମିତି କୃତ୍ରିମ ସ୍ନାୟବିକ ଜାଲିରେ ଗଣ୍ଠି(ନୋଡ୍) ସ୍ଥାନରେ ଥିବା ଶୂନ ବା ଏକସଂଖ୍ୟା କୋଡ୍ ପରି କାମ କରେ ଓ ସୂଚନା ପ୍ରସାରଣର ଦିଗ ନିର୍ଦ୍ଧାରଣ କରେ। ଗଣ୍ଠିରୁ କେଉଁ ଦିଗରେ ସୂଚନା ପ୍ରେରିତ ହେବ ଓ କେଉଁ ଦିଗରୁ ସୂଚନା ଅଧିଗୃହୀତ ହେବ ତାହା ପରିସଂଖ୍ୟାନ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ।

୧୯୮୨ ସାଲ୍‌ରେ ଜନ୍ ହପ୍‌ଫେଲ୍‌ଡ ସରଳ ଉଦାହରଣ ମାଧ୍ୟମରେ ବଡ଼ ଜଟିଳ ତତ୍ତ୍ୱ ବୁଝାଇଦେଲେ। ଯେମିତି ଚୁମ୍ବକୀୟ ପଦାର୍ଥରେ ଗୋଟିଏ ଅଣୁର ସ୍ପିନର ଦିଗ ନିର୍ଣ୍ଣୟ କରେ, ଆଖପାଖର ଅଣୁଗୁଡ଼ିକ କେଉଁ ଦିଗ ଆଡ଼କୁ ମୁହାଁଇ ରହିବେ, ସେମିତି ହପ୍‌ଫେଲ୍‌ଡଙ୍କ କୃତ୍ରିମ ସ୍ନାୟବିକ ଜାଲରେ ଗଣ୍ଠିଗୁଡ଼ିକ କେଉଁ ନିର୍ଦ୍ଦିଷ୍ଟ ଦିଗରେ ସୂଚନା ପ୍ରେରିତ କରିବେ, ତାହା ପଦାର୍ଥ ବିଜ୍ଞାନର ନିୟମ ଦ୍ୱାରା ନିର୍ଦ୍ଧାରିତ। ଚୁମ୍ବକୀୟ ପଦାର୍ଥରେ ଅଣୁଗୁଡ଼ିକର ସ୍ପିନ ଗୋଟିଏ ନିର୍ଦ୍ଦିଷ୍ଟ ଦିଗ ଆଡ଼କୁ ମୁହାଁଇ ସିଷ୍ଟମଟିକୁ ସର୍ବନିମ୍ନ ଶକ୍ତିଯୁକ୍ତ କରିଥାଏ, ସେହିପରି ବିରୂପ ଓ ବିକୃତ ଛବି, ପରିବର୍ତ୍ତିତ ହୋଇ ବାସ୍ତବ ରୂପକୁ ରୂପାନ୍ତରିତ ହେବା ପରେ ହିଁ ସର୍ବନିମ୍ନ ଶକ୍ତିଯୁକ୍ତ ଜାଲକୁ ପ୍ରଦର୍ଶିତ କରିଥାଏ।

ପାରମ୍ପରିକ କମ୍ପ୍ୟୁଟର ସଫ୍ଟୱେୟର ବାହାରୁ ତଥ୍ୟ ପାଇବାମାତ୍ରେ ପୂର୍ବରୁ ସଂରକ୍ଷିତ ନିର୍ଦ୍ଦେଶାବଳୀ ମାନି ଫଳାଫଳ ଜଣାଇଥାଏ। ଏଇ ଯେମିତି ପାଞ୍ଚଟି ସଂଖ୍ୟା ନେଇ ଯୋଗ କରିବାକୁ କହିଲେ କମ୍ପ୍ୟୁଟର ଯୋଗଫଳ ବଢ଼ାଇଥାଏ। ଅପରପକ୍ଷରେ ମେଶିନ୍ ଲର୍ନିଂ ଜରିଆରେ ଆଧୁନିକ କମ୍ପ୍ୟୁଟର ଉଦାହରଣଗୁଡ଼ିକ ମାଧ୍ୟମରେ ସ୍ୱୟଂ ଶିଖେ ଓ ଜଟିଳ ସମସ୍ୟା ସବୁର ସମାଧାନ କରିଦେଖାଏ କୃତ୍ରିମ ବୁଦ୍ଧିମତ୍ତା ବଳରେ। ହପ୍‌ଫେଲ୍‌ଡ ତଥ୍ୟ ସଞ୍ଚୟ ଓ ପୁନରୁଦ୍ଧାର ପୂର୍ବକ ସ୍ମୃତି ରୋମନ୍ଥନର କୌଶଳ ଶିଖାଇଲେ। ବିସ୍ମୃତ ସ୍ମୃତି ପୁନରୁଦ୍ଧାର ପରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍ କିପରି ଅନୁଶୀଳନ ଓ ବିଶ୍ଳେଷଣ ଦ୍ୱାରା ଆହୁରି ପ୍ରଭାବଶାଳୀ ହୋଇପାରିବ ସେ ସୂତ୍ର ଆବିଷ୍କାର କଲେ ଜେଫ୍ରିହିଣ୍ଟନ୍।

ଜେଫ୍ରିହିଣ୍ଟନ୍ ପଦାର୍ଥ ବିଜ୍ଞାନର ଏକ ମୌଳିକ ପରିସଂଖ୍ୟାନ ତତ୍ତ୍ୱ ବୋଲ୍‌ଜମ୍ୟାନ୍ ପରିସଂଖ୍ୟାନ ବ୍ୟବହାର କରି ଅସମ୍ଭବକୁ ସମ୍ଭବ କରି ଦେଖାଇଲେ। ଦୃଶ୍ୟମାନ କୃତ୍ରିମ ସ୍ନାୟବିକ ଗଣ୍ଠିରୁ ଅଦୃଶ୍ୟ କୃତ୍ରିମ ସ୍ନାୟବିକ ଗଣ୍ଠିରୁ ପରିସଂଖ୍ୟାନର ନିୟମ ଦ୍ୱାରା ସୁସଂଯତ ଭାବେ ତଥ୍ୟ ଆଦାନପ୍ରଦାନ କରାଯାଇପାରିଲା ହିଣ୍ଟନ୍‌ଙ୍କ ଗବେଷଣା ଦ୍ୱାରା। ପ୍ରଥମେ ମେଶିନ୍ ଲର୍ନିଂର ଶିକ୍ଷାନବୀସ ଥିଲା– ବୋଲ୍‌ଜମ୍ୟାନ ମେଶିନ୍, ଏବେ ତ ଅତ୍ୟାଧୁନିକ ମେଶିନ୍ ତିଆରି ହେଲାଣି। ଏଇ ମେଶିନ୍ ପୂର୍ବରୁ ପ୍ରଦତ୍ତ ନିର୍ଦ୍ଦେଶରୁ ନୁହେଁ, ବରଂ ଉଦାହରଣରୁ ଶିଖେ। ସବୁଠାରୁ ଅଧିକ ସମ୍ଭାବ୍ୟ ଚିତ୍ର, ଶବ୍ଦ, ଚରିତ୍ରକୁ ପୁନରୁଦ୍ଧାର ପୂର୍ବକ ଅବିକଳ ଢାଞ୍ଚା ପ୍ରଦର୍ଶିତ କରେ ଏଇ ମେଶିନ୍ ବା ଯନ୍ତ୍ର। ମେଶିନ୍ ଲର୍ନିଂ ଓ ତତ୍ ସଂଲଗ୍ନ କୃତ୍ରିମ ବୁଦ୍ଧିମତ୍ତା ମଣିଷର ସ୍ମୃତି ପରି ତୀକ୍ଷ୍ଣ। ଜଣେ କବି ଲେଖିଥିଲେ, 'ଯନ୍ତ୍ର ତତେ କି ମନ୍ତ୍ର ଦେଇଛି ମଣିଷ ଆରେ?' ସେ ମନ୍ତ୍ର ଜପି ମେଶିନ୍ କେତେବେଳେ ମହିଷାସୁର ହୋଇ ମଣିଷ ଜାତି ପାଇଁ ବିପଦକୁ ବାଟେଇ ଆଣିବ ଏଇ ଆଶଙ୍କାରେ ବର୍ଷେହେଲା ପରିବ୍ରାଜକ ସାଜି ମଣିଷକୁ ବୁଝାଇ ଆସୁଛନ୍ତି ହିଣ୍ଟନ୍। ଆଗକୁ ତାଙ୍କର ରାସ୍ତା କ'ଣ ରହିବ, ସମୟ କହିବ।

ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ହିମାଚଳ ପ୍ରଦେଶ
ମୋ: ୭୯୭୮୪୨୧୮୩୫

# ଧାଡ଼ି ଶେଷର ମଣିଷ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଧାଡ଼ିର ଶେଷରେ ଠିଆ ହୋଇଛନ୍ତି ଆପଣ। ଧୀରେ ଧୀରେ ଲୋକମାନେ ଆଗକୁ ବଢୁଛନ୍ତି। ନିଜ ଭିତରେ ବିରକ୍ତ ହେଉଥିବେ। କ' ଣ ପାଇଁ ଆସିଲି। ଟିକେ ପୂର୍ବରୁ ଆସିଥିଲେ ହୋଇଥାନ୍ତା। କେତେବେଳେ ଯାଏ ଏମିତି ଠିଆ ହେବାକୁ ପଡ଼ିବ କେଜାଣି। ତେଣିକି ଏଣୁଅ ଭଳି ଏପଟସେପଟ ଚାହୁଁଥିବେ। କୋଉଠି ଗଳାବାଟ ଗୋଟେ ମିଳିଯିବ। ଶୀଘ୍ର ଚାଲିଯିବେ। ଧାଡ଼ିରେ ଠିଆହେବାକୁ ଲୋକଙ୍କ ଆଗ୍ରହ ନାହିଁ କି ଧୈର୍ଯ୍ୟ ବି ନାହିଁ। ଲୋକେ ଭାବନ୍ତି ଧାଡ଼ିରେ ଠିଆ ହୋଇଥିବା ମଣିଷ ସବୁ ମାମୁଲି ଲୋକ। ଧାଡ଼ିରେ ଠିଆ ହେଲେ ସମ୍ମାନ ହାନି ହୋଇଯାଏ ବୋଲି ଥୋକେ ଲୋକଙ୍କ ଗୋଟେ ଜମାଣିଆ ବିଶ୍ୱାସ ରହିଛି। ସେଇଟା ବିଶ୍ୱାସ ବୋଲି କୁହାଯିବନି। ବରଂ କୁହାଯାଉ ଗୋଟେ ବିରାଟ ଅହଂଭାବର ବୋଝକୁ ବୋହିଚାଲିଛି ତଥାକଥିତ ମଣିଷ। ନିଜକୁ ଅନ୍ୟଠୁ ଅଲଗା ଭାବେ ସେ। ଫାଙ୍କ ଖୋଜେ। ଧାଡ଼ିର ପାଖ ଦେଇ ଆଗକୁ ଆସି ଜବରଦସ୍ତି ପଶିବାକୁ ଉଦ୍ୟମ କରିବେ। ଧାଡ଼ିରେ ଠିଆ ହୋଇଥିବା ମଣିଷ କିଛି କହିଲେ ତା' ଉପରେ ରାଗିବେ। ବାକି ଲୋକ ରାହା ଧରି କହିଲେ ଲାଙ୍ଗୁଡ ଜାକି ପଛକୁ ଯିବେ। ସେତେବେଳେ ତଥାକଥିତ ଲୋକର ମୁହଁ ଦେଖିବା ଯୋଗୁ। ଆଉ କିଛି ଆଗୁଆ ବନ୍ଦୋବସ୍ତ କରି ଆସିଥିବେ। ଧାଡ଼ିରେ ଠିଆ ନ ହୋଇ ସଗର୍ବ ଏପଟସେପଟ ଟହଲ ମାରିବେ। କିଏ ପଚାରିଲେ ବାହାଦୁରି ମାରି ପଦେ ଦି ପଦେ କହିବେ – କିଏ ଏ ଲାଇନରେ ଠିଆ ହେବ। ଭିତରେ ଜଣେ ଚିହ୍ନା ଅଛି। ସେ ଫୁରୁସତ ଦେଖି ମୋ କାମ କରିଦେବ। ଆଉ କିଛି ଲୋକ ଆସିବେ। ସିଧା ଯିବେ କାମ ସାରି ତୁରନ୍ତ ଫେରିବେ। ଏଇ ଆଗ ଧାଡ଼ିର ମଣିଷମାନେ ଧାଡ଼ି ପଛର ଲୋକଙ୍କ ଉପରକୁ ଗୋଟେ କରୁଣ ଦୃଷ୍ଟି ଫିଙ୍ଗି ଚାଲିଯିବେ। ଧାଡ଼ି ଶେଷର ମଣିଷ ନିର୍ବାକ ହୋଇ ଚାହିଁଥିବ ସେମିତି। ଧାଡ଼ିରେ ଠିଆ ନ ହେବା ଲାଗି ଅବଶ୍ୟ ଏବେ ଅନେକ ପନ୍ଥା ବାହାରିଲାଣି। ନିଜ ବଦଳରେ ଗାମୁଛା, ଛତା, ବ୍ୟାଗ, ରୁମାଲ ଭଳି ଜିନିଷ ମଧ୍ୟ ପ୍ରତିନିଧିତ୍ୱ କରିପାରନ୍ତି। ସହମତି ଭିତ୍ତିରେ ଏହା କେତେକସ୍ଥଳରେ କାର୍ଯ୍ୟକାରୀ ହୁଏ। ଆଉ କିଛି ଲୋକ ଭଡାଟିଆଙ୍କୁ ଲଗାଇ କାମ ଆଦାୟ କରନ୍ତି। ଆଉ କେଉଁଠି ବ୍ରୋକରମାନେ ଭିତିରି ଭିତିରି କାମ କରେଇ ଦେଇ ପାରନ୍ତି। ଧାଡିର ଭିଡ କମେଇବା ପାଇଁ ଆଜିକାଲି ଅନଲାଇନ ବ୍ୟବସ୍ଥା ଅଛି। ଅଧିକା ଅର୍ଥ ଦେଇ ଧାଡ଼ିରେ ଠିଆ ହେବା ଝିନ୍‌ଝଟରୁ ମୁକ୍ତି ମିଳୁଛି। ପଇସା ଖର୍ଚ୍ଚ ହେଉ ପଛେ ଧାଡିରେ ଠିଆରୁ ମୁକ୍ତି ମିଳୁ। ଏଇ ମାନସିକତାରେ ଅନେକ ଲୋକ ଅନଲାଇନକୁ ପସନ୍ଦ କରନ୍ତି।

ଧାଡ଼ି ଶେଷର ମଣିଷମାନେ ଅସହାୟ ଓ ନିରୁପାୟ। କଳ ବଳ କୌଶଳ ନିକଟରେ ହାରିଥିବା ମଣିଷ। କେବଳ ସ୍ୱାଭିମାନ ଟିକକ ନେଇ ବଞ୍ଚିଥାନ୍ତି ସମାଜରେ। ହୁଏତ ସେମାନଙ୍କ ନିକଟରେ ଅର୍ଥ ଓ ପ୍ରତିପତ୍ତି ନଥାଇ ପାରେ। କିନ୍ତୁ ମଣିଷ ପରି ମଣିଷ ତୁଲ୍ୟ ବଞ୍ଚିବାର ମନ ଓ ହୃଦୟ ଥିବ। ନିଜର ସରଳପଣ ଓ ସରଳ ବିଶ୍ୱାସ ନିକଟରେ ନିଜେ ଠକି ହୋଇଯାଆନ୍ତି ପ୍ରତିଥର। ଏମାନେ ମଣିଷରେ ଗଣା ହୁଅନ୍ତି ସତ। କିନ୍ତୁ ଆବଶ୍ୟକସ୍ଥଳେ ପୋକମାଛି



ପଶୁ ଭଳି ବ୍ୟବହାର କରାଯାଏ। ସହିବାର ଅସୀମ ଶକ୍ତି ରହିଛି। ସଂଘର୍ଷ କରି ବଞ୍ଚିବାର ସାହସ ରହିଛି। ସମସ୍ୟାକୁ ବୋହିବାର ସାମର୍ଥ୍ୟ ଅଛି। ଅଳ୍ପରେ ଅନେକ ତତ୍ତ୍ୱରେ ଖୁବ ବିଶ୍ୱାସୀ। ସ୍ୱପ୍ନ ଛୋଟ, ସଂସାର ବଡ଼। ଭୋକ ବହୁତ, ଖାଦ୍ୟ କମ୍। ଆବେଗ ଅଧିକ, ତୃପ୍ତି କମ୍। ସମସ୍ୟା ଜବର, ସମାଧାନ କଷ୍ଟକର। ତଥାପି ଧାଡ଼ି ଶେଷର ମଣିଷ ଭିତରେ ଗୋଟେ ଆତ୍ମପ୍ରତ୍ୟୟ ଥାଏ। ମୋ ବେଳ ବି ଆସିବ। ସବୁକିଛି ଠିକ ହେବ। ନୂଆ ସୂର୍ଯ୍ୟ ଉଇଁବ। ନୂତନ ଆଭାରେ ଆଲୋକିତ ହେବ ଜୀବନ।

ଧାଡ଼ି ଶେଷର ମଣିଷକୁ ନେଇ ସବୁବେଳେ ଅଧିକ ଚର୍ଚ୍ଚା ହୁଏ। ତାଙ୍କୁ ନେଇ କୁମ୍ଭୀର କାନ୍ଦଣା ଚାଲେ। ଯୋଜନା ପରେ ଯୋଜନା ହୁଏ। ବିକାଶର ଗଚ୍ଛପ ଗତିରେ ସାମିଲ ହୁଅନ୍ତି ଧାଡ଼ି ଶେଷର ମଣିଷ। ସମାଜର ଶେଷ ଧାଡ଼ିର ଲୋକଟି ଯେମିତି ନ୍ୟାୟ ଓ ସହାୟତା ପାଇବ ସେଥିପାଇଁ ବିଚାରବିମର୍ଶ ଚାଲେ। ରାଜନୀତି ହୁଏ। ସହଜରେ କ୍ଷମତା ହାସଲ କରିହୁଏ। ପୁଣି ଅକ୍ଳେଶରେ କ୍ଷମତାଚ୍ୟୁତ ମଧ୍ୟ ହୋଇପାରନ୍ତି। ଧାଡି ଶେଷର ମଣିଷମାନଙ୍କ କ୍ଷମତା ବି ନିରଙ୍କୁଶ ବେଳେବେଳେ। ସଭାସମିତିରେ ଭିଡ଼ ଜମେଇବାକୁ ହେଲେ, ଭୋଟ ରାଜନୀତିରେ କ୍ଷମତା ଦଖଲ କରିବାକୁ ହେଲେ ଏହି ମଣିଷମାନଙ୍କ ମନ ଜିଣିବାକୁ ହୁଏ। ବଡ଼ବଡ଼ିଆମାନେ ନିଚ୍ଛକ ଅଭିନୟ କରନ୍ତି। ଗାଁକୁ ଚାଲ ଯାତ୍ରା ଆରମ୍ଭ ହୁଏ। ପଦଯାତ୍ରାରେ ଆଗ ଧାଡ଼ିର ମଣିଷମାନେ ସାମିଲ ହୁଅନ୍ତି। ଧାଡ଼ି ଶେଷର ମଣିଷମାନଙ୍କୁ ଭେଟିବାକୁ ଆଗ ଧାଡ଼ିର ମଣିଷମାନେ ବ୍ୟାକୁଳ ହୋଇପଡନ୍ତି। ପୁଣି ଚାଲେ ସ୍ୱପ୍ନ ବୁଣିବାର ପ୍ରୟାସ। ମାଗଣା ଦେବାର ପ୍ରତିଶ୍ରୁତି। ଅନେକ ସମୟରେ ଧାଡ଼ି ଶେଷର ମଣିଷଙ୍କ ବି ଗୁରୁତ୍ୱ ବଢ଼ିଯାଏ। ଯେତେବେଳେ ଧାଡ଼ିର ଦିଗ ପରିବର୍ତ୍ତନ ହୁଏ, ସେତେବେଳେ ଆଗୁଆମାନେ ପଛ ହୋଇଯାନ୍ତି।। ପଛମାନେ ଆଗକୁ ବଢ଼ନ୍ତି। ଗଣତନ୍ତ୍ର ପ୍ରକ୍ରିୟାରେ ମତଦାନବେଳେ କିନ୍ତୁ ଆଗ ଧାଡ଼ିର ମଣିଷମାନେ ବି ସମାଜର ଶେଷ ଧାଡ଼ିର ଲୋକମାନଙ୍କ ପଛରେ ଠିଆ ହେବାକୁ ବାଧ୍ୟ ହୁଅନ୍ତି। ନିଜ ପାଳିକୁ ଅପେକ୍ଷା କରନ୍ତି। ସେତେବେଳେ ସର୍ବଦା ଧାଡ଼ି ପଛରେ ଥିବା ମଣିଷ ଭିତରେ କ୍ଷଣକ ପାଇଁ ହେଉପଛେ ନିଜ ଭିତରେ ପ୍ରଚୁର ଆନନ୍ଦ ଖେଳିଯାଏ। ମନେ ମନେ ଭାବନ୍ତି – ଯାହା ହେଉ କେଉଁଠି ନା କେଉଁଠି ତଥାକଥିତ ବଡ଼ବଡ଼ିଆମାନେ ପଛରେ ଠିଆ ହେବାକୁ ତ ବିବଶ ହୁଅନ୍ତି। ଅବଶ୍ୟ ସମୟ ଚାଲିଗଲା ପରେ ଆଗ ଧାଡ଼ିର ମଣିଷଙ୍କ ଆଉ ଦେଖା ମିଳେନି।

ସବା ଶେଷ ଧାଡ଼ିର ମଣିଷ ଅନ୍ୟର କରୁଣା, ସହାୟତା, ଦୟା, କୃପା ପାଇଁ କାକୁତିମିନତି ହୋଇ ଗୋଡ଼ ଭାଙ୍ଗି ଠିଆ ହେବାକୁ ବାଧ୍ୟ ହୁଅନ୍ତି। ଯେତେବେଳେ ଧାଡ଼ି ଶେଷର ମଣିଷ ନିଜର ଗୁରୁତ୍ୱକୁ ବୁଝିବ, ସେତେବେଳେ ଆଗ ଧାଡ଼ିର ମଣିଷମାନଙ୍କ ଭିତର ଆଣ୍ଟପଣ ଭାଙ୍ଗି ଚୂରମାର ହୋଇଯିବ। କାରଣ ଧାଡ଼ି ଶେଷର ମଣିଷମାନେ ବେଶ୍ କ୍ଷମତାଶାଳୀ।। ଦେଶ, ସମାଜ ପରିବର୍ତ୍ତନ କରିବାର ମନ୍ତ୍ର ସେମାନଙ୍କୁ ଜଣା। ଗୋଟିଏ ଭୋଟ ବି ବେଳେବେଳେ ଗାଦିଚ୍ୟୁତ କରିପାରେ ଏଠି।

ଇନ୍ଦିରା ନଗର , ୪ର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୌରବଙ୍କ ଉଦ୍ୟମରେ ଝାଡ଼ଖଣ୍ଡର ଏକ ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ ପ୍ରତିଶତ ବୃଦ୍ଧି ହେବା ବିଷୟ ଶୁଣିଲେ ଆଶ୍ଚର୍ଯ୍ୟ ଲଗୁଥିବ। କିନ୍ତୁ ଏହା ସତ ଓ ସମ୍ଭବ ହୋଇଛି ଆଇଏଏସ୍ ଅଧିକାରୀ ଗୌରବଙ୍କ ଉଦ୍ୟମରେ। ଝାଡ଼ଖଣ୍ଡର ଗୁମଲା ଜିଲାକୁ ସେ ମାଣ୍ଡିଆ ରାଜଧାନୀରେ ପରିଣତ କରିଦେଇଛନ୍ତି। ୨୦୧୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୁମଲା ଜିଲାର ଡେପୁଟି କମିଶନର ଭାବେ ନିଯୁକ୍ତି ପାଇବା ପରେ ମାଣ୍ଡିଆ ଚାଷକୁ ବ୍ୟାପକ କରିବା ଲାଗି ପଦକ୍ଷେପ ନେଇଥିଲେ। ଦୀର୍ଘ ବର୍ଷର ଉଦ୍ୟମ ପରେ ଏବେ ୨୦ ହଜାର କୃଷକ ୩୦ ହଜାର ଏକରରୁ ଅଧିକ ଜମିରେ ମାଣ୍ଡିଆ ଚାଷ କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଏମାନଙ୍କ ମଧ୍ୟରେ ୫,୦୦୦ରୁ ଅଧିକ ମହିଳାଚାଷୀ ଅଛନ୍ତି। ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ପ୍ରତିଶତ ବୃଦ୍ଧି ପାଇବା ଦ୍ୱାରା ଚାଷୀମାନେ ବହୁଗୁଣ ଲାଭ ପାଇପାରୁଛନ୍ତି। ଏହି ଚାଷରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇଛି। ଚାଷୀମାନେ ଜୈବିକ ପରିବେଶ ଉପଯୋଗୀ ପଦ୍ଧତିରେ ଚାଷ କରୁଛନ୍ତି। ମହିଳାମାନଙ୍କ ଦ୍ୱାରା ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫ୍‌ପିଓ) ଚାଲିଛି। ଏହା ମଧ୍ୟମରେ ମହିଳାମାନେ ମାଣ୍ଡିଆରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହାକୁ ସେମାନେ ବିନା ମଧ୍ୟସ୍ଥରେ ବିକ୍ରିକରି ପୂର୍ବାପେକ୍ଷା ଅଧିକ ରୋଜଗାର କରିବାକୁ ସକ୍ଷମ ହେଉଛନ୍ତି।

## ଚିରନ୍ତନୀ

କେତେ ରୂପ ରସ ସାଇତି ରଖଇଁ ଚିତ୍ତରେ
ଗାଇଦେବା ପାଇଁ ସବୁ କଥା ଦିନେ ଗୀତରେ
ଗାଇଦେବା ପାଇଁ ଜୀବନ ଯାତନା
ଅପାସୋରା ସବୁ ସପନ ରଚନା
ମିଛ ଦୁନିଆରେ କହିବାକୁ ପଦେ ସତରେ
ମୁଦିଦେବା ପାଇଁ ଡୋଳା ଦୁଇ ଶେଷେ ଗୀତରେ।
–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 6 | 7 | | |
| 9 | | | | | 8 | | 1 | |
| | 8 | | | 2 | | | | |
| | | 2 | 4 | | | 3 | | 5 |
| | | | | | | | | 4 |
| 8 | | | | 5 | 1 | | | |
| | | 7 | | 3 | | 5 | | |
| | | | | | 2 | 9 | 6 | |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 8 | 3 | 5 | 9 | 1 | 4 |
| 9 | 4 | 1 | 7 | 6 | 2 | 3 | 5 | 8 |
| 5 | 3 | 8 | 4 | 9 | 1 | 2 | 7 | 6 |
| 1 | 7 | 4 | 2 | 5 | 9 | 8 | 6 | 3 |
| 3 | 8 | 5 | 1 | 4 | 6 | 7 | 9 | 2 |
| 6 | 9 | 2 | 3 | 8 | 7 | 1 | 4 | 5 |
| 4 | 2 | 9 | 6 | 7 | 8 | 5 | 3 | 1 |
| 7 | 1 | 6 | 5 | 2 | 3 | 4 | 8 | 9 |
| 8 | 5 | 3 | 9 | 1 | 4 | 6 | 2 | 7 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଦୃଷ୍ଟି ଦିଅନ୍ତୁ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଅଧୀନରେ ଲକ୍ଷ ଲକ୍ଷ ସରକାରୀ ପଦବୀ ବର୍ଷ ବର୍ଷ ଧରି ଖାଲିପଡ଼ିଛି। ତାଜା ତଥ୍ୟ ଅନୁସାରେ କେନ୍ଦ୍ରୀୟ ସ୍ତରରେ ୧୦ ଲକ୍ଷ ଓ ଓଡ଼ିଶା ସରକାରଙ୍କ ଅଧୀନରେ ୨ ଲକ୍ଷରୁ ଅଧିକ ପଦବୀ ଖାଲିପଡିଛି। ଦେଶରେ ବେକାରି ବଢ଼ି ବଢ଼ି ଚାଲିଥିବା ବେଳେ ସରକାର ଏସବୁ ପଦବୀ କାହିଁକି ପୂରଣ କରୁନାହାନ୍ତି । ଏଣେ ବହୁ ପଦବୀରେ ଅସ୍ଥାୟୀ ଓ ଠିକା କର୍ମଚାରୀଙ୍କୁ ସ୍ୱଳ୍ପ ଦରମାରେ ନିଯୁକ୍ତି ଦିଆଯାଇଛି। ସେମାନେ ଅର୍ଥାଭାବରେ ହନ୍ତସନ୍ତ ହେଉଛନ୍ତି। ସମସ୍ତ ଖାଲି ପଡିଥିବା ପଦବୀ ପୂରଣ ହେବା ସହ ସବୁ ଅସ୍ଥାୟୀ ଓ ଠିକା କର୍ମଚାରୀଙ୍କୁ ନିୟମିତ କରିଦେବା ଉଚିତ। ଏହା ହେଲେ କର୍ମଚାରୀମାନେ ଉପକୃତ ହେବା ସହ ବିଭିନ୍ନ କମ୍ପାନୀ ଉପକୃତ ହୁଅନ୍ତେ। କର୍ମଚାରୀଙ୍କ ଆୟ ଓ କ୍ରୟ ଶକ୍ତି ବୃଦ୍ଧି ପାଇବା ଫଳରେ ସେମାନେ ଅଧିକ ଖର୍ଚ୍ଚ କରନ୍ତେ ଓ ବଜାର ଚଳଚଞ୍ଚଳ ହୁଅନ୍ତା। ସରକାରଙ୍କ ଆୟ ମଧ୍ୟ ବୃଦ୍ଧି ପାଆନ୍ତା ଓ ତାହା ବିକାଶ ଦିଗରେ ଖର୍ଚ୍ଚ ହୁଅନ୍ତା। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

–ଅକ୍ଷୟ କୁମାର ମହାନ୍ତି, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୂର୍ବଶତ୍ରୁତାରୁ ଆକ୍ରମଣ, ମହିଳାଙ୍କ ସମେତ ୨ ଆହତ

**ଯୁବକ ଗିରଫ**

ତିହିଡ଼ି,୧୪।୧୦(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତଳଗୋପବିନ୍ଧା ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ୨ ଜଣଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣରେ ଆହତ ଗ୍ରାମର ଜଣେ ମହିଳା ଓ ଅନ୍ୟ ଜଣେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏନେଇ ଆହତ ମହିଳାଙ୍କ ଭଉଣୀ ପଦ୍ମିନୀ ସାହୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୪୬୪/୨୪) ରୁଜୁ କରି ଅଭିଯୁକ୍ତ ଯୁବକ ସତ୍ୟରଞ୍ଜନ ସାହୁଙ୍କୁ ରବିବାର ଗିରଫ ପରେ କୋର୍ଟଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ, ପୂର୍ବଶତ୍ରୁତାକୁ ନେଇ ସତ୍ୟରଞ୍ଜନ ଶନିବାର ସନ୍ଧ୍ୟାରେ ପଦ୍ମିନୀଙ୍କ ଘର ସାମ୍ନାରେ ଗାଳିଗୁଲଜ କରିଥିଲେ। ପଦ୍ମିନୀଙ୍କ ଭଉଣୀ କୁମୁଦିନୀ ଏହାର ପ୍ରତିବାଦ କରିବାରୁ ସତ୍ୟରଞ୍ଜନ ଓ ତାଙ୍କ ପରିବାରର ଅନ୍ୟମାନେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାର ବୁଝାବୁଝି କରିବାକୁ ସେଠାକୁ ଆସିଥିବା ଗ୍ରାମର ରାଜେନ୍ଦ୍ର ସାହୁଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ଫଳରେ ରାଜେନ୍ଦ୍ର ଓ କୁମୁଦିନୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଦୋକାନ ଉପରକୁ ମାଡ଼ିଗଲା ଚୋରା କୋଇଲା ବୋଝେଇ ଭ୍ୟାନ୍

ତିହିଡ଼ି,୧୪।୧୦(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ପୀରହାଟ ଥାନା ଅଧୀନ ବିନ୍ଧା ବଜାରରେ ଥିବା ଏକ ଦୋକାନ ଉପରକୁ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯାଇଛି। ଫଳରେ ଦୋକାନଟି ଭାଙ୍ଗିରୁଜି ଯାଇଛି। ଦୋକାନୀ ଅର୍ଜ୍ଜୁନବିନ୍ଧା ଗ୍ରାମର ଭୀମସେନ ରାଉତ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୪/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ମଙ୍ଗଳପୁର ଗ୍ରାମ ନିକଟରୁ ଏକ ପିକ୍‌ଅପ୍ ଭ୍ୟାନ୍ ଚୋରା କୋଇଲା ବୋଝେଇ କରି ଯାଉଥିବା ବେଳେ ତିହିଡ଼ି ପୋଲିସ ପିଛା କରିଥିଲା। ପୋଲିସକୁ ଦେଖି ଗାଡ଼ିଟି ଦ୍ରୁତଗତିରେ ପୀରହାଟ ଅଭିମୁଖେ ଯିବା ବେଳେ ବିନ୍ଧା ବଜାରରେ ଭାରସାମ୍ୟ ହରାଇ ଏକ ପାନ ଓ ଷ୍ଟେସନେରୀ ଦୋକାନ ଉପରକୁ ମାଡ଼ି ଯାଇଥିଲା। ଫଳରେ ଭୀମସେନଙ୍କ ଦୋକାନଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି। ପୀରହାଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୋରା କୋଇଲା ବୋଝେଇ ଗାଡ଼ିକୁ ଜବତ କରିଥିଲା। ଗାଡ଼ି ଚାଳକ ଓ ମାଲିକ ଉଭୟଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ସେମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇନାହିଁ।

# ଅଧିକାରୀଙ୍କୁ ତାଗିଦ୍ କଲେ ଜିଲାପାଳ

**ଜନଶୁଣାଣି ଶିବିରରେ ୧୨୦ ଅଭିଯୋଗ**

ଭଣ୍ଡାରିପୋଖରୀ,୧୪।୧୦(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ୧୨୦ ଅଭିଯୋଗର ଶୁଣାଣି ହୋଇଛି। ରାଶନକାର୍ଡ ସମ୍ବନ୍ଧୀୟ ୧୪ଟି, ପ୍ରଧାନମନ୍ତ୍ରୀ ଆବାସ ସମ୍ପର୍କିତ ୧୫ଟି, ବିଭିନ୍ନ ଅନିୟମିତତା ନେଇ ୪ଟି ଅଭିଯୋଗ, ମଧ୍ୟାହ୍ନ ଭୋଜନ ପାଚିକା ନିଯୁକ୍ତି, ସମାଜ ମଙ୍ଗଳ ସହାୟତା ନେଇ ୫ଟି, ଶ୍ରମିକ କଲ୍ୟାଣ, ଉଠା ଜଳସେଚନ ସମ୍ପର୍କିତ ଅଭିଯୋଗ ହୋଇଥିଲା। ପଞ୍ଚାୟତ ସମିତିକୁ ଆସୁଥିବା ଅନୁଦାନ



ଶିବିରରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଗୁପ୍ତ ରଖାଯାଇ ମନମୁଖୀ ଭାବେ ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି ବୋଲି ରହଣିଆ ସରପଞ୍ଚ ରଞ୍ଜନ କୁମାର ପରିଡ଼ା ଅଭିଯୋଗ କରିଥିଲେ। ବାଲିପୋଖରୀ ଗ୍ରାମର ୭୦ ବର୍ଷୀୟା ବୃଦ୍ଧା ଶ୍ରୀମତୀ ସାହୁଙ୍କୁ ଅନ୍‌ଲାଇନ ଆବେଦନର ୬ ମାସ ପରେ ମଧ୍ୟ ଭତ୍ତା ମଞ୍ଜୁର ହେଉ ନ ଥିବା ଅଭିଯୋଗ ହୋଇଥିଲା। ତହସିଲରୁ ସୂଚନା ଅଧିକାର ଆଇନ ଆଧାରିତ ତଥ୍ୟ ପ୍ରଦାନରେ ଅନିୟମିତତା କରାଯାଉଥିବା ଅଭିଯୋଗ କରିଥିଲେ ବୟାବନାପୁରର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ। ବହୁ ଅନିୟମିତତାରେ ଜଡ଼ିତ ଥିବା ଥାନା ସବ୍‌ଇନ୍ସପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶିବିରରେ ଅଭିଯୋଗ ହୋଇଥିଲା। ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ନିଜ ନିଜ ସ୍ତରରେ ଅଭିଯୋଗକୁ ଭ୍ରୂକ୍ଷେପ କରୁ ନ ଥିବାରୁ ମିଳିତ ଜନଶୁଣାଣି ଶିବିରକୁ ଏତେସଂଖ୍ୟକ ଅଭିଯୋଗ ଆସୁଛି ବୋଲି ଜିଲାପାଳ ଦିଲୀପ ରାଉତରାଏ କହିବା ସହ ସମସ୍ତ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇ ସମାଧାନ କରାଯିବ ବୋଲି ଜିଲାପାଳ ଆଶ୍ୱାସନା ଦେଇଥିଲେ।

ଜିଲାପାଳଙ୍କ ସହ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ଅତିରିକ୍ତ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଜିଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ଓ ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ଶିବିରରେ ଯୋଗ ଦେଇଥିଲେ।

## 'ସାହିତ୍ୟ, ସଂସ୍କୃତିର ପରିଚୟ ଦିଏ ପରମ୍ପରା'

ଭଦ୍ରକ,୧୪।୧୦ (ସନାତନ ରାଉତ)

ସମାଜକୁ ସୁସ୍ଥ ଓ ସୁନ୍ଦର କରିବାରେ ସଂସ୍କୃତି ସହାୟକ ହୋଇଥାଏ। ଆମ ପରମ୍ପରା ସାହିତ୍ୟ ଓ ସଂସ୍କୃତିର ପରିଚୟ ଦେଇଥାଏ। ଯେଉଁଠି ସଂସ୍କୃତିର ଅବକ୍ଷୟ ଦେଖାଯାଏ, ସେଠାରେ ସାଂସ୍କୃତିକ ଜୀବନ ଦୁର୍ବଳ ହୋଇପଡ଼େ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୫୩ତମ ବିଜୟା ମିଳନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାଷା ଜ୍ଞାନ ବିଜ୍ଞାନର କଥା କହୁଥିବା ବେଳେ ସାହିତ୍ୟ ହୃଦୟର କଥା କହିଥାଏ। ଏପରି ଉତ୍ସବ ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ସହାୟକ ହୁଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ବନଜ ଦେବୀ ଓ ଅନ୍ୟତମ ବକ୍ତା ଭାବେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଗଙ୍ଗାଧର ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସାହିତ୍ୟରତ୍ନ ସ୍ୱର୍ଗତ ଅପୂର୍ବ ରଞ୍ଜନ ରାୟଙ୍କ ତୈଳଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ।

ଏହି ଅବସରରେ ସାହିତ୍ୟିକା, ଉପନ୍ୟାସିକା ଓ ଗାଳ୍ପିକା ବନଜା



ବିଜୟା ମିଳନ ଉତ୍ସବରେ ସାହିତ୍ୟିକା ବନଜା ଦେବୀଙ୍କୁ ସମ୍ମାନିତ କରାଯାଉଛି।

ଦେବୀଙ୍କୁ 'ବିଜୟା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି କରୁଣାକର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଗବେଷକ, ପ୍ରାବନ୍ଧିକ ଓ ସମାଲୋଚକ ଡ. ଅରବିନ୍ଦ ଗିରିଙ୍କୁ 'ବିନୋଦ ବିହାରୀ ସ୍ମୃତି ସମ୍ମାନ', ଗାଳ୍ପିକା ଓ କବୟିତ୍ରୀ ଡ. ସୁମିତ୍ରା ମିଶ୍ରଙ୍କୁ 'ନିଶାମଣି ସ୍ମୃତି ସମ୍ମାନ' ଏବଂ ଚିତ୍ରଶିଳ୍ପୀ ଅକ୍ଷୟ କୁମାର ସ୍ୱାଇଁଙ୍କୁ 'ସରୋଜ କଳା ସମ୍ମାନ' ପ୍ରଦାନ କରାଯାଇଥିଲା। ସହସମ୍ପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଭଦ୍ରକ ପୂଜ୍ୟପୂଜା ସଂସଦର ଶାରଦୀୟ ବିଶେଷାଙ୍କ 'କଥା କାହାଣୀ', କବି ଦମୟନ୍ତୀ ନାଥଙ୍କ 'ଝଲକ' ଓ 'ପ୍ରେମଦୋହା', କବୟିତ୍ରୀ ମନୋରମା ରାୟଙ୍କ 'ଭାବ ବିନୋଦିଆ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କବି ଗୌତମ ମହାରଣା ଅଧିବେଶନକୁ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଦତ୍ତାତ୍ରେୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ମୁଖ୍ୟବକ୍ତା ଅଧ୍ୟାପିକା ଡ. ମମତା ସାହୁ ଓ ଅନ୍ୟତମ ବକ୍ତା ଭାବେ ଅଧ୍ୟାପକ ଡ. ସସ୍ମିତ ଶୁଭଙ୍କର ଖୁଣ୍ଟିଆ, ଡ. ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମନୋଜ ଦାସ, ସଂଗ୍ରାମ ସାହୁ, ଆଶିଷ ରାୟ, ମନୋରଞ୍ଜନ ନାୟକ, ସୁଶ୍ରୀ ସ୍ୱାଗତିକା, ତ୍ରିଲୋଚନ ସାହୁ, ନାଟ୍ୟଶ୍ରୀ ନିର୍ମଳ ରାଉତ, ଶଶିଶେଖର କରଶର୍ମା ପ୍ରମୁଖ ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ପୋଖରୀରୁ ମିଳିଲା ଯୁବତୀଙ୍କ ମୃତଦେହ

ଧାମନଗର,୧୪।୧୦ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଥାନା ଅଧୀନ କରଦା ପଞ୍ଚାୟତ ଅଙ୍ଗେଇପାଳ ଗ୍ରାମର ଶୁଭସ୍ମିତା କର ନାମ୍ନୀ ଯୁବତୀ ରବିବାର ସନ୍ଧ୍ୟାରୁ ଶୌଚ ପାଇଁ ଯାଇ ନିଖୋଜ ଥିଲେ। ସୋମବାର ଗ୍ରାମ ନିକଟସ୍ଥ ଏକ ପୋଖରୀରୁ ତାଙ୍କ ମୃତଦେହ ମିଳିଛି। ପ୍ରକାଶ ଯେ, ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଝିଅକୁ ପାଇ ନ ଥିଲେ। ଶୁଭସ୍ମିତା ନିଖୋଜ ଥିବା ନେଇ ତାଙ୍କ ସାନବାପା କୈଳାସ କର ସୋମବାର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଖରୀରେ ଶୁଭସ୍ମିତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୪) ରୁଜୁ କରାଯାଇଛି।

### ଗାଧୋଇବା ବେଳେ ପାଣିରେ ବୁଡ଼ିଗଲେ

ବେତନଟୀ୧୪।୧୦(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନା ସମ୍ମୁଖ ବାଲିବନ୍ଧରେ ବୁଡ଼ି ଶନିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ସହର ୨୨ନଂ, ୱାର୍ଡ ରଘୁନାଥପୁର ଅଞ୍ଚଳର ସାମସନ ମହାନ୍ତ। ସେ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ସୂତାର କୁମାର ମହାନ୍ତ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୦/୨୪) ରୁଜୁ ହୋଇଛି।

### ଯୁବକଙ୍କ ଗଳିତ ମୃତଦେହ ଜବତ

ମୋରଡ଼ା,୧୪।୧୦(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି ପୋଲିସ। ମୃତକ ହେଲେ ଉକ୍ତ ଥାନା ଅଧୀନ ଖୁରୁଣ୍ଟିଆ ଗ୍ରାମର ପ୍ରବୀର ମହାକୁଡ଼। ପ୍ରବୀର ଗତ ଶନିବାର ବାଇକ୍ ଯୋଗେ ଘରୁ ବାହାରି ଧୁମସାହିକୁ ଯାଇ ଆଉ ଫେରି ନ ଥିଲେ। ସୋମବାର ସକାଳେ ଉକ୍ତ ଥାନା ଅଧୀନ ପଶ୍ଚିମବଙ୍ଗ ସୀମାନ୍ତ ଚୁକପଳାସିଆ ଗ୍ରାମର ଏକ ନାଳ ନିକଟରୁ ତାଙ୍କ ମୃତଦେହ ମିଳିଥିଲା।

## ଆଶାକର୍ମୀ ସଂଘ ପକ୍ଷରୁ ୮ଦଫା ଦାବି




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀ।

ଭଦ୍ରକ,୧୪।୧୦ (ସନାତନ ରାଉତ)

ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ୮ଦଫା ସମ୍ବଳିତ ଦାବିପତ୍ର ସୋମବାର ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଆଶାକର୍ମୀ ସଂଘର କର୍ମକର୍ତ୍ତା, ମଜଦୁର ସଂଘର ଜିଲା ସଭାପତି ମନୋଜ ବସନ୍ତରାୟ, ଆଶାକର୍ମୀ ରାଜ୍ୟ ସଂଘ ପ୍ରଭାରୀ ମୁକ୍ତିକାନ୍ତ ସାହୁଙ୍କ ପରିଚାଳନାରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଶା କର୍ମଚାରୀଙ୍କୁ ରାଜ୍ୟ ସରକାରୀ କର୍ମଚାରୀ ଭାବେ ଘୋଷଣା ସହ ସର୍ବନିମ୍ନ ବେତନ ୧୮ ହଜାର ଟଙ୍କା, ଆଶା କର୍ମଚାରୀଙ୍କୁ ମାଗଣାରେ ବୀମାଭୁକ୍ତ, ଦୁର୍ଘଟଣାରେ ମୃତ୍ୟୁ ହେଲେ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ପ୍ରଦାନ, ଅବସରକାଳୀନ ସୁବିଧା ଅନ୍ତର୍ଗତ ସର୍ବନିମ୍ନ ୧୦ ଲକ୍ଷ ଟଙ୍କାର ରାଶି ପ୍ରଦାନ, ପେନ୍‌ସନ ସୁବିଧା ଲାଗୁ ଆଦି ଦାବି ରହିଛି। ଜିଲା ସଭାନେତ୍ରୀ ତିଳୋତ୍ତମା ସାହୁ, ସମ୍ପାଦିକା ସଞ୍ଜୁଲତା ରାଉତ, ଲକ୍ଷ୍ମୀପ୍ରିୟା ରାଉତ, ନିରୁପମା ପତ୍ରୀ, ଆରତୀପ୍ରଭା ପଣ୍ଡା, ମାନସୀ ଜେନା, ସସ୍ମିତା ସେଠୀ, ପ୍ରମିଳା ରାଉତ, ପ୍ରଭାସିନୀ ଦାସ, ପଦ୍ମାବତୀ ଦାସ, ପଙ୍କଜିନୀ ସେଠୀ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ମଣ୍ଡପରେ ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ଅତିଥିଙ୍କ ସହ କଳାକାରମାନେ।

ଭଦ୍ରକ,୧୪।୧୦(ରବିନାରାୟଣ ଖିଲାର)

ଭଦ୍ରକ ସହରର ବାଇପାସ୍‌ଠାରେ ସାଳନ୍ଦୀ ବାଇପାସ୍ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ୪ଦିନ ଧରି ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ୨୦୦୯ରୁ ଆରମ୍ଭ ହୋଇଥିବା ଏହି ଦୁର୍ଗାପୂଜା ଏଥର ୧୬ ବର୍ଷରେ ପଦାର୍ପଣ କରିଥିଲା। ମିନାବଜାର, ବିଭିନ୍ନ ପ୍ରକାର ଦୋଳି ସାଙ୍ଗକୁ ମୁଖ୍ୟ ଆକର୍ଷଣ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବିଧାୟକ ତଥା ଉପଦେଷ୍ଟା ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଇଂ. ଅଭୟ ପଣ୍ଡା, ସାହିତ୍ୟିକ ଅଭୟ ଦ୍ୱିବେଦୀ, ବସନ୍ତ ମହାନ୍ତି, ବାମଦେବ ମିଶ୍ର, ନିରଞ୍ଜନ ମହାନ୍ତି, ମହେନ୍ଦ୍ର ନାୟକ, କମିଟି ସଭାପତି ଗୋପାଳ ଚନ୍ଦ୍ର ନାୟକ, ସମ୍ପାଦକ ଭବତୋଷ ଦାସ, ଉପସଭାପତି ଅଶୋକ ଦ୍ୱିବେଦୀ, ସୂର୍ଯ୍ୟନାରାୟଣ ମହାନ୍ତି, କୋଷାଧ୍ୟକ୍ଷ ଜୟନ୍ତୀଲାଲ ପଟେଲ, ବିଜୟ କୁମାର ପତି, ନବଘନ ଦାସ, ବିଶ୍ୱନାଥ ବାରିକ ପ୍ରମୁଖ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପୋଲିସ ପ୍ରଶାସନର ସହଯୋଗରେ ଶାନ୍ତିଶୃଙ୍ଖଳାରେ ସମାପନ ହୋଇଛି।

## ମୋ ଖତ ପ୍ରସ୍ତୁତି କେନ୍ଦ୍ର ବୁଲି ଦେଖିଲେ ଜିଲାପାଳ



ଜିଲାପାଳ ଦିଲୀପ ରାଉତରାଏ ଭଦ୍ରକ ପୌରପାଳିକାରେ ଥିବା ମୋ ଖତ ପ୍ରସ୍ତୁତି କେନ୍ଦ୍ର ବୁଲି ଦେଖୁଛନ୍ତି।

ଭଦ୍ରକ,୧୪।୧୦(ସନାତନ ରାଉତ)

ଜିଲାପାଳ ଦିଲୀପ ରାଉତରାଏ ଭଦ୍ରକ ପୌରପାଳିକାର ୧ ନଂ. ୱାର୍ଡ ଚରମ୍ପା ଓ ୨୩ ନଂ. ୱାର୍ଡ ମିର୍ଜାପୁର ଗସ୍ତ କରି ମୋ ଖତ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ୍, ପୌରପାଳିକାର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ମୋ ଖତ ପ୍ରସ୍ତୁତି ପ୍ରକଳ୍ପର କାର୍ଯ୍ୟକାରିତା, ଖତ ପ୍ରସ୍ତୁତି, ବିକ୍ରୟ ପରିଚାଳନା ଆଦି ବ୍ୟବସ୍ଥା ସମ୍ବନ୍ଧରେ ଜିଲାପାଳ ପଚାରି ବୁଝିଥିଲେ। ପୌରପାଳିକାର ସହକାରୀ ଯନ୍ତ୍ରୀ ଲାଲା ଦେବାଶିଷ ରାୟ ପ୍ରକଳ୍ପର ଉପାଦ ସମ୍ବନ୍ଧରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ମ୍ୟୁନିସିପାଲିଟି ଦ୍ୱାରା ପ୍ରତିଦିନ ସଂଗ୍ରହ କରାଯାଉଥିବା ଓଦା ଏବଂ ଶୁଖିଲା ଅଳିଆ ଆବର୍ଜନାକୁ କମ୍ପୋଷ୍ଟିଂ କରାଯାଇ ମୋ ଖତରେ ପରିଣତ କରାଯାଉଛି। ଏହି ଖତକୁ ଜୈବ ଖତ ରୂପେ ଉକ୍ତ କେନ୍ଦ୍ରରେ, ପୌରପାଳିକା କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାଉଣ୍ଟର ଜରିଆରେ କିଲୋଗ୍ରାମ ପ୍ରତି ୨୦ ଟଙ୍କାରେ ବିକ୍ରୟ କରାଯାଉଛି। ୨ କମ୍ପୋଷ୍ଟିଂ ସେଣ୍ଟରରେ ବାର୍ଷିକ ୮୦ରୁ ୯୦ କୁଇଣ୍ଟାଲ ମୋ ଖତ ପ୍ରସ୍ତୁତ କରାଯାଉଥିବା ସୂଚନା ଦେଇଥିଲେ। ସେହିପରି ହରିପୁର ପଞ୍ଚାୟତର ୨୦୨୩ ମସିହାରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର ଜିଲାପାଳ ପରିଦର୍ଶନ କରିଥିଲେ।

## ସାବରଙ୍ଗ ଦୁର୍ଗାପୂଜା ଭସାଣି

ଭଦ୍ରକ, ୧୪।୧୦ (ରବିନାରାୟଣ ଖିଲାର)



୫୭ ବର୍ଷରେ ପହଞ୍ଚିଥିବା ଭଦ୍ରକ ବ୍ଲକର ସାବରଙ୍ଗ ଦୁର୍ଗାପୂଜା ଭସାଣି ଉତ୍ସବ ସୋମବାର ମହାଆଡ଼ମ୍ବରରେ ଶେଷ ହୋଇଛି। ସକାଳେ ବାଦ୍ୟ, ରୋଷଣୀ ଶୋଭାଯାତ୍ରାରେ ବାହାରି ସାବରଙ୍ଗ ଅଞ୍ଚଳ ପରିକ୍ରମା ପରେ ନିକଟସ୍ଥ ନଦୀରେ ବିସର୍ଜନ କରାଯାଇଥିଲା। ଚଳିତବର୍ଷ ପୂଜକ ଗଣେଶ ତ୍ରିପାଠୀ ଓ ବିମଳ ସାମନ୍ତଙ୍କ ଦ୍ୱାରା କଳସ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥର ମେଢ଼ ସହ ଆକର୍ଷଣୀୟ ତୋରଣ ଶ୍ରଦ୍ଧାଳୁଙ୍କୁ ଭକ୍ତଙ୍କୁଆକର୍ଷିତ କରିଥିଲା। ସଭାପତିଅକ୍ଷୟ ମହାପାତ୍ର, ସମ୍ପାଦକ ବିଭୂତି ଭୂଷଣ ନାୟକ, ବିଜୟ କୁମାର ବଳ, ଉଦୟ ଭଞ୍ଜ, ଚନ୍ଦନ କୁମାର ବେହେରା, ବିନୋଦ ବେହେରା, ଶିକ୍ଷାବିତ୍ ବାଦଲ ମହାପାତ୍ର, ଯୁବନେତା ଟିଙ୍କୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରବାସିନୀ ପୀଠରେ କାଳିଶି ଶୋଭାଯାତ୍ରା



ଧାମନଗର, ୧୪।୧୦ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକର ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଉତ୍ସବ ଧୁମ୍‌ଧାମ୍‌ରେ ଶେଷ ହୋଇଛି। ସୋମବାର ଭସାଣି ଅନୁଷ୍ଠିତ ହୋଇଯାଇଛି। ଧାମନଗର ଏନ୍‌ଏସି ଅଧୀନ ଶ୍ୟାମପୁର ଗାଁର ମନ୍ତ୍ରୀବାସିନୀ ପୀଠରେ ଦଶହରା ଅବସରରେ ପାରମ୍ପରିକ କାଳିଶି ଶୋଭାଯାତ୍ରା ହୋଇଥିଲା। ପୀଠରେ ଏହି କାଳିସୀ ଶୋଭାଯାତ୍ରା ଶତାଧିକ ବର୍ଷର ପରମ୍ପରା। ପୂର୍ବ ପରି ଦଶହରା ସକାଳେ କାଳିଶି ଲାଗୁଥିବା ନିର୍ଦ୍ଦିଷ୍ଟ ବ୍ୟକ୍ତି ଜଣଙ୍କ ପ୍ରଥମେ ସ୍ଥାନୀୟ ଜମତୁଲା ପୋଖରୀରୁ ଗାଧୋଇ ସାରିବା ପରେ ମାଗୁର ମାଛ ବଳି ଦେଇଥିଲେ। ସେହିଠାରୁ ମନ୍ତ୍ରବାସିନୀ ପୀଠରେ ପହଞ୍ଚି କାଳିଶି ବେଶରେ ସୁସଜ୍ଜିତ ହୋଇଥିଲେ। ଘଣ୍ଟ, ଢୋଲ ବାଦ୍ୟ ସହ ଶୋଭାଯାତ୍ରାରେ କାଳିଶିଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ଯାଉଥିବା ସମୟରେ ଗ୍ରାମର ଲୋକେ ଘର ଦାଣ୍ଡ ଲିପି କାଳିଶିଙ୍କୁ ପଣା, ଝୁଣା, ଦୀପ, ଧୂପ ଆଦି ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଧାମନଗର ଥାନା ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ଶୋଭାଯାତ୍ରାରେ କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସ୍ଥାନୀୟ କର୍ମୀ କୈଳାସ ମହାପାତ୍ର, ସରୋଜ ମହାପାତ୍ର, ନାରାୟଣ ଚନ୍ଦ୍ର ରାଉତ, ଅନନ୍ତ ଜେନା, ବିଜୟ ରାମ ପ୍ରମୁଖ ସାମିଲ ହୋଇଥିଲେ।

## ସରିଲା ବୈଷ୍ଣବୀ ବନଦୁର୍ଗା ପୂଜା

ଭଦ୍ରକ,୧୪।୧୦(ସନାତନ ରାଉତ)

ଭଦ୍ରକ ସହର ମଠସାହି ରାଜଘାଟଠାରେ ୬ ଦିନ ଧରି ଚାଲିଥିବା ସାର୍ବଜନୀନ ମା' ବୈଷ୍ଣବୀ ବନଦୁର୍ଗା ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୨୪ ବର୍ଷ ଧରି ପୂଜା କମିଟି ପକ୍ଷରୁ ପାଳିତ ହୋଇ ଆସୁଥିବା ବେଳେ ଚଳିତବର୍ଷ ଷଷ୍ଠୀଠାରୁ ନୀତିକାନ୍ତି ସହ ପୂଜା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ଗୋପବନ୍ଧୁ ଦାଶ, ଉଦୟନାଥ ଦାଶ ହୋମ, ଚଣ୍ଡିପାଠ ସହ ପୂଜାପାଠ କରିଥିଲେ। ପୂଜା କମିଟିର ସଭାପତି ଅଶୋକ କୁମାର ନାୟକ, ଉପସଭାପତି ଅଶେଷ କୁମାର ନାୟକ, ସମ୍ପାଦକ ଉମାକାନ୍ତ ଅରଖ, କର୍ତ୍ତା ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ପୂଜା ଆୟୋଜନ କରିଥିଲେ। ସୋମବାର ପୂର୍ବାହ୍ନରେ ଭସାଣି ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ମଠସାହି ରାଜଘାଟ ଛକରୁ ବାହାରି ନଗର ପରିକ୍ରମା କରି ସାଳନ୍ଦୀ ନଦୀର ରାଜଘାଟଠାରେ ବିସର୍ଜନ କରାଯାଇଥିଲା।



ମା' ବୈଷ୍ଣବୀ ବନଦୁର୍ଗା।

## ମେଲାଣି ନେଲେ ମା'



ମଙ୍ଗରାଜପୁରରେ ମା' ଦୁର୍ଗାଙ୍କୁ ଭସାଣି ପାଇଁ ନିଆଯାଉଛି।

ତିହିଡ଼ି,୧୪।୧୦(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା ପୂଜା ମଣ୍ଡପକୁ ବେଶ୍ ଆକର୍ଷଣୀୟ କରିଥିଲା। ମହାଷ୍ଟମୀଠାରୁ ଦଶହରା ଯାଏ ସମସ୍ତ ଦେବୀପୀଠରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଥିଲା। ନନ୍ଦପୁର, ମଙ୍ଗରାଜପୁର ଆଦି କେତେକ ସ୍ଥାନରେ ଦଶହରା ପରଦିନ ସୋମବାର ଦେବୀ ଦୁର୍ଗାଙ୍କୁ ମେଲାଣି ଦିଆଯାଇଛି। ମହାନବମୀ ତିଥିରେ ନିଆରା ପରମ୍ପରା ସ୍ୱରୂପ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଗୁଡୁପାଳ, ବୋଡକ ଏବଂ କାଁପଡ଼ାରେ ଦୁର୍ଗାପୂଜାରେ ଚଳିତବର୍ଷ ମଧ୍ୟ ନବକୁମାରୀ ପୂଜା ଅନୁଷ୍ଠିତ ହୋଇଥିଲା। ଗ୍ରାମର ୯ କୁମାରୀଙ୍କୁ ନବଦୁର୍ଗା ବେଶରେ ସଜ୍ଜିତ କରାଯାଇ ପୂଜା ମଣ୍ଡପ ନିକଟକୁ ନିଆଯାଇଥିଲା। ପୂଜାର କର୍ତ୍ତା ସେମାନଙ୍କ ପାଦ ଧୋଇବା ପରେ ଚନ୍ଦନ ଚର୍ଚ୍ଚିତ କରି କୁମାରୀମାନଙ୍କ ପୂଜା କରିଥିଲେ। ସେମାନଙ୍କୁ ପୁଷ୍ପାଞ୍ଜଳି ଦିଆଯିବା ସହ ଆଳତି ମଧ୍ୟ କରାଯାଇଥିଲା। ପରେ କୁମାରୀମାନେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଆଶିଷ ପ୍ରଦାନ କରିଥିଲେ। କୁମାରୀମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ମା'ଙ୍କ କୃପା କାମନା କରାଯିବା ଲକ୍ଷ୍ୟରେ ଦେବୀପୀଠରେ ଏହି ପରମ୍ପରା ଚାଲୁ ରହିଥିବା ପୂଜା କମିଟିର କର୍ମକର୍ତ୍ତା ପ୍ରକାଶ କରିଥିଲେ। ବ୍ଲକର ବୋଡ଼କ, ବାରୋ, ଖାଲସା, ପୀରହାଟ ପାଢୀସାହି, ବାରବାଟିଆ, ଦୋଳସାହିର ନାଥସାହି, କୁବେରା, କୋହ୍ଲ ପତିସାହି, ଅର୍ଜ୍ଜୁନବିନ୍ଧା ପ୍ରମୁଖ ସ୍ଥାନରେ ମହାଆଡ଼ମ୍ବରରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ସୁବର୍ଣ୍ଣରେଖା କେନାଲରେ ବୁଡ଼ି ଶିଶୁପୁତ୍ର ମୃତ

ବାରିପଦା,୧୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ବାରିପଦା ସହର ଉପକଣ୍ଠ ମହାରାଜାପୁର ନିକଟ ସୁବର୍ଣ୍ଣରେଖା ମୁଖ୍ୟ କେନାଲରେ ବୁଡ଼ିଯାଇ ସ୍ଥାନୀୟ ଅଞ୍ଚଳର ଜଣେ ୬ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ଜଣଙ୍କ ହେଲେ ଦକ୍ଷିଣ ମୁର୍ମୁଙ୍କ ପୁଅ ଠାକରା। ସୂଚନାଯୋଗ୍ୟ, ଘର ଲୋକଙ୍କ ଅଜାଣତରେ ଠାକରା ଗାଧୋଇବାକୁ ଯାଇଥିବାବେଳେ କେନାଲ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର କରି ଭଞ୍ଜପୁର ପୋଲିସକୁ ଖବର ଦେବାପରେ ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ପ୍ରକାଶ ଥାଉକି, କିଛିଦିନ ପୂର୍ବେ ସେହି ଅଞ୍ଚଳରେ ୨ ଆଦର୍ଶ ବିଦ୍ୟାଳୟ ଛାତ୍ର ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ସୁବର୍ଣ୍ଣରେଖା କେନାଲର ଭାସିଯାଇ ପ୍ରାଣ ହରାଇଥିଲେ।

### ବାଇକ୍‌ରୁ ଖସି ନାବାଳକ ମୃତ

ଝାରପୋଖରିଆ,୧୪।୧୦(ହରେକୃଷ୍ଣ ଦାସ)– ଝାରପୋଖରିଆ ଥାନା ଅନ୍ତର୍ଗତ ରାଉତରା ଗ୍ରାମ ନିକଟରେ ରବିବାର ବିଳମ୍ବିତ ରାତିରେ ବାଇକ୍‌ରୁ ଖସିପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ବେଲବରିଆ ଗ୍ରାମର ଘନ ସିଂଙ୍କ ପୁଅ ଶିବ (୧୬ )।

ସୂଚନା ମୁତାବକ, ୩ ଜଣ ନାବାଳକ ରାଜାଲୋକାରୁ ରାବଣ ପୋଡ଼ି ଉତ୍ସବ ଦେଖି ଫେରୁଥିବା ବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଯାଇଥିଲା। ଫଳରେ ୩ ଆରୋହୀ ଛିଟିକି ପଡ଼ିଥିଲେ। ଶିବ ରାସ୍ତା କଡ଼ ଡ୍ରେନରେ ଗଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ଝାରପୋଖରିଆ ଥାନାରେ ଏକ ମାମଲା(ନଂ.୨୬୩/୨୪) ହୋଇଛି।

# ରାଷ୍ଟ୍ରପତିଙ୍କ ଗସ୍ତ ନେଇ ପ୍ରଶାସନ ତତ୍ପର

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି(ସଞ୍ଜୟ କୁମାର ଅଗ୍ରୱାଲା),୧୪।୧୦

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୩ରେ ମୟୂରଭଞ୍ଜ ଗସ୍ତରେ ଆସିବେ। ଏନେଇ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚୂଡ଼ାନ୍ତ କାର୍ଯ୍ୟସୂଚୀ ଆସିବା ପରେ ଜିଲାପାଳ ହେମକାନ୍ତ ସାଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ମିଳିତ ଭାବେ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ବାଙ୍ଗିରିପୋଷିସ୍ଥିତ ସଭାସ୍ଥଳ ପରିଦର୍ଶନ କରିବା ସହ ଆବଶ୍ୟକ ପ୍ରସ୍ତୁତିର ତଦାରଖ କରିଛନ୍ତି। ସେହିପରି ରବିବାର ଖଡ଼ଗପୁର ରେଳ ଡିଭିଜନର ଏଡିଆର୍‌ଏମ୍ ତାଙ୍କର ଏକ ପ୍ରତିନିଧି ଦଳ ସହିତ ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଙ୍ଗିରିପୋଷିରେ ପହଞ୍ଚି ବିଭାଗୀୟ ପ୍ରସ୍ତୁତିକୁ ତଦାରଖ କରିଛନ୍ତି।

ରାଷ୍ଟ୍ରପତି ୨୩ ତାରିଖ ପୂର୍ବାହ୍ନ ୧୦ଟା ୧୫ରେ ବାଙ୍ଗିରିପୋଷିସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚି ବାଙ୍ଗିରିପୋଷି–ଗୋରୁମହିଷାଣି, ବୁଢ଼ାମରା–ଚକୁଳିଆ ଓ ବାଦାମପାହାଡ଼–କେନ୍ଦୁଝରଗଡ଼ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହା ସହିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଟ୍ରାଇବାଲ ରିସର୍ଚ୍ଚ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଠାରୁ ଜନ୍ମମାଟି ଉପରବେଡ଼ା ଗ୍ରାମକୁ ଯିବେ। ରାଷ୍ଟ୍ରପତି ପାଠପଢୁଥିବା ଉପରବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିବେ। ସେଠାରୁ ବାହାରି ନିଜ ବାପଘରକୁ ଯାଇ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ। ପରେ ସଡ଼କ ପଥରେ ରାଇରଙ୍ଗପୁରସ୍ଥିତ ବାସଭବନରେ ପହଞ୍ଚିବେ। ଅପରାହ୍ନ ୪ଟାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ। ସେଠାରୁ ଅପରାହ୍ନ ୫ଟାରେ ବାହାରି ରାଇରଙ୍ଗପୁରସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପୂର୍ଣ୍ଣେଶ୍ୱର ମହାଦେବଙ୍କ ଦର୍ଶନ ସହ ନୂତନ ଭାବେ ସ୍ଥାପିତ ଗଣେଶଙ୍କୁ ଆରତି କରିବେ। ରାଇରଙ୍ଗପୁରସ୍ଥିତ ବାସଭବନରେ ରାତ୍ରିଯାପନ କରିବେ।

# ରାବଣ ପୋଡ଼ି ଉତ୍ସବ

ମୋରଡ଼ା(ସ୍ମାରକ ମାଜୀ)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଡୁଆଲ)/ ରାଇରଙ୍ଗପୁର(ମାନସ ମହାନ୍ତି)/ ବାଙ୍ଗିରିପୋଷି(ସଞ୍ଜୟ କୁମାର ଅଗ୍ରୱାଲା),୧୪।୧୦

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଉତ୍ସାହ ଉଦ୍ଦୀପନାର ସହିତ ଦଶହରା ଶେଷ ହୋଇଛି। ଚିତ୍ରଡ଼ା ବସଷ୍ଟାଣ୍ଡ, ସାପ୍ଲାଇ ଛକ, ମୋରଡ଼ା ମାଳିହତା, ବରକନ୍ଦ, ଝିଙ୍କିରିଆ, ବାରମାଇଲ, ପାରିଆକୁଲି ଏବଂ ଅନ୍ୟ ପୂଜା ମଣ୍ଡପରେ ପୂଜାର୍ଚ୍ଚନା ପରେ ମେଲାଣି ନେଇଛନ୍ତି ମା' ଦୁର୍ଗା। ଘଣ୍ଟଘଣ୍ଟା, ଢୋଲ ବାଦ୍ୟର ତାଳେ ତାଳେ ଦେବୀ ଦୁର୍ଗାଙ୍କୁ ବିଦାୟ ଦେଇଛନ୍ତି ମୋରଡ଼ାବାସୀ। ତେବେ ଚିତ୍ରଡ଼ା ବସ୍‌ଷ୍ଟାଣ୍ଡରେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ହୋଇଥିବା ମା'ଙ୍କ ଭସାଣି ଶୋଭାଯାତ୍ରା ବେଶ୍ ଚିତ୍ତାକର୍ଷକ ହୋଇଥିଲା। ପଶ୍ଚିମବଙ୍ଗରୁ ଆସିଥିବା କଳାକାରଙ୍କ ଦ୍ୱାରା ସିଙ୍ଘ ବାଜାର ତାଳେତାଳେ ଭକ୍ତମାନେ ନାଚି ନାଚି ଚିତ୍ରଡ଼ା–ଶୀର୍ଷାପାଳ ବଜାର ପରିକ୍ରମା ସହ ସ୍ଥାନୀୟ ରାଜାବନ୍ଧରେ ମା'ଙ୍କୁ ବିସର୍ଜନ କରିଥିଲେ। ସେହିପରି ଚିତ୍ରଡ଼ା ବ୍ଲକ ଛକ ପଡ଼ିଆରେ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ରାମ,ଲକ୍ଷ୍ମଣ, ସୀତା,ହନୁମାନ ବେଶରେ କୁନି କୁନି ପିଲାଙ୍କୁ ସଜାଇ ରାବଣ ପୋଡ଼ି ପଡ଼ିଆକୁ ନିଆଯାଇଥିଲା। ଯୁବ ସାମାଜିକ କର୍ମୀ ତରୁଣ କୁମାର ଦେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାବଣ ଦେହରେ ନିଆଁ ଲଗାଇଥିଲେ। ରାବଣ ପୋଡ଼ି ଦେଖିବାକୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ସ୍ଥାନରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଶଳଦା ପଞ୍ଚାୟତ ଆମ୍ବଯୋଡା ଗ୍ରାମର ଆଞ୍ଚଳିକ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ରାବଣ ପୋଡ଼ି ଉତ୍ସବରେ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ସରପଞ୍ଚଙ୍କ ପ୍ରତିନିଧି ମହେଶ୍ୱର ସିଂ, ୱାର୍ଡ ମେମ୍ବର ବାଇଧର ସାହୁ, ସାମାଜିକ କର୍ମୀ ଇଂ. ଉଦୟ ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଭାପତି ଅନ୍ତର୍ଯ୍ୟାମୀ ବେହେରା, ସମ୍ପାଦକ ସ୍ୱପ୍ନେଶ୍ୱରଲେଙ୍କା ,କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଜେନା ,ଆବାହକ ପ୍ରଶାନ୍ତ କୁମାର ବେହେରା, ସୁନାରାମ ସିଂ, ଉମାକାନ୍ତ ସାହୁ,ଶଶୀଧର ସାହୁ, ବଂଶୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଖୁଣ୍ଟାସ୍ଥିତ ଚତୃଷିଲା ପୂଜା କମିଟି ପକ୍ଷରୁ ଖୁଣ୍ଟା ମିନି ଷ୍ଟାଡିୟମରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମଡୁଆଳ ରାବଣ ପ୍ରତିମାରେ ଅଗ୍ନି ସଂଯୋଗ କରିଥିଲେ !



ମୋରଡାରେ ଅନୁଷ୍ଠିତ ରାବଣ ପୋଡି ଉତ୍ସବ।

ରାଇରଙ୍ଗପୁର ସବ୍‌ଡିଭିଜନର ଗମ୍ଭାରିଆ ଏବଂ ଯାମଦା ଅଞ୍ଚଳରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗମ୍ଭାରିଆଠାରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଯୋଗଦେଇଥିଲେ। ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଜନଗହଳି ହୋଇଥିଲା। ସେହିପରି ଯାମଦା ନିକଟସ୍ଥ ଖେଳ ପଡ଼ିଆରେ ଆୟୋଜିତ ରାବଣ ପୋଡି ଉତ୍ସବରେ ପ୍ରବଳ ଜନ ସମାଗମ ହୋଇଥିଲା।

ବାଙ୍ଗିରିପୋଷି ଦୁର୍ଗାପୂଜା କମିଟି ପକ୍ଷରୁ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ସମବେତ ହୋଇଥିଲେ। କମିଟି ପକ୍ଷରୁ ଆତସବାଜୀ ପ୍ରଦର୍ଶନୀ ହୋଇଥିଲା। ଉକ୍ତ କାର୍ଯ୍ୟକର୍ମରେ ସ୍ଥାନୀୟ ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇଥିଲେ। ସୋମବାର ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାର୍ବଜନୀନ ଦୁର୍ଗାପୂଜା କମିଟିର ସମସ୍ତ ସଭ୍ୟ, ବଜାରର ଉଦୀୟମାନ ଓ ସ୍ୱେଚ୍ଛାସେବୀ ଯୁବକ ତଥା ଜନସାଧାରଣଙ୍କ ମିଳିତ ଉଦ୍ୟମରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ୮୦ ଅଭିଯୋଗର ହେଲା ଶୁଣାଣି



ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ରାଇରଙ୍ଗପୁର,୧୪।୧୦(ମାନସ ମହାନ୍ତି)

ରାଇରଙ୍ଗପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉପ ଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ଓ ରାଇରଙ୍ଗପୁର ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ରବୀନ୍ଦ୍ର କୁମାର ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଜନସାଧାରଣଙ୍କଠାରୁ ମୋଟ ୮୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୬୨ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୮ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଜିଲାପାଳ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫,୦୦୦ ଲେଖାଏ ମୋଟ ୧୦,୦୦୦ ଟଙ୍କା ଏବଂ ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨,୦୦୦ ଟଙ୍କା ମଞ୍ଜୁର କରିଥିଲେ। ମୋଟ ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ଉପଖଣ୍ଡସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଯୁବକଙ୍କ ଗଳିତ ମୃତଦେହ ଜବତ

ମୋରଡ଼ା,୧୪।୧୦(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି ପୋଲିସ। ମୃତକ ହେଲେ ଉକ୍ତ ଥାନା ଅଧୀନ ଖୁରୁଣ୍ଟିଆ ଗ୍ରାମର ପ୍ରବୀର ମହାକୁଡ଼। ପ୍ରବୀର ଗତ ଶନିବାର ବାଇକ୍ ଯୋଗେ ଘରୁ ବାହାରି ଧୁମସାହିକୁ ଯାଇ ଆଉ ଫେରି ନ ଥିଲେ। ସୋମବାର ସକାଳେ ଉକ୍ତ ଥାନା ଅଧୀନ ପଶ୍ଚିମବଙ୍ଗ ସୀମାନ୍ତ ଟୁକପଳାସିଆ ଗ୍ରାମର ଏକ ନାଳ ନିକଟରୁ ତାଙ୍କ ମୃତଦେହ ମିଳିଥିଲା।

### ଗାଧୋଇବା ବେଳେ ପାଣିରେ ବୁଡ଼ିଗଲେ

ବେତନଟୀ୧୪।୧୦(ଧରଣୀଧର ମହାନ୍ତି): ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନା ସମ୍ମୁଖ ବାଲିବନ୍ଧରେ ବୁଡ଼ି ଶନିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ସହର ୨୨ନଂ, ୱାର୍ଡ ରଘୁନାଥପୁର ଅଞ୍ଚଳର ସାମସନ ମହାନ୍ତ। ସେ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ସୁତାର କୁମାର ମହାନ୍ତ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୦/୨୪) ରୁଜୁ ହୋଇଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବୈଶିଙ୍ଗା(ରତନ ଦାଶ)/ବେତନଟୀ (ଧରଣୀଧର ମହାନ୍ତି),୧୪।୧୦

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଖଇରବଣୀ ନିକଟରୁ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଜବତ ହୋଇଛି। ମୃତକ ହେଲେ ବେତନଟୀର ପୂର୍ବତନ ସରପଞ୍ଚ ସ୍ୱର୍ଗତ ସୁରେଶ ଚନ୍ଦ୍ର ବେହେରାଙ୍କ ଏକମାତ୍ର ପୁଅ ଆଶୁତୋଷ (ଗୁଡ୍ଡୁ– ୩୮)। ସେ ବେତନଟୀ ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟିର ସଦସ୍ୟ ଥିବାରୁ ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସମ୍ମାନାର୍ଥେ ସୋମବାର ହେବାକୁ ଥିବା ଭସାଣି ଶୋଭାଯାତ୍ରା ବନ୍ଦ କରାଯାଇଥିଲା। ଅପରାହ୍ନରେ ସ୍ଥାନୀୟ ସୁଖିଲାହାର ବନ୍ଧରେ ନିରାଡମ୍ବର ଭାବେ ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟିର ମୂର୍ତ୍ତି ବିସର୍ଜନ କରାଯାଇଥିଲା।

ସୂଚନା ଅନୁଯାୟୀ, ରବିବାର ରାତି ଗୋଟାଏ ପର୍ଯ୍ୟନ୍ତ ଆଶୁତୋଷ ବେତନଟୀରେ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତାଙ୍କ ପଲସର ବାଇକ୍‌ଟି ମଧ୍ୟ ପୂଜା ମଣ୍ଡପ ପାଖରେ ଛିଡ଼ା ହୋଇଛି। ଭୋର ୪ଟା୧୩ରେ ଆଶୁତୋଷ ତାଙ୍କ ମା'ଙ୍କ ପାଖକୁ ଫୋନ କରି ଘରକୁ ଯାଉଛି ବୋଲି କହିଥିଲେ। ମାତ୍ର ଦେଢ଼ ଘଣ୍ଟା ପରେ ବୈଶିଙ୍ଗା ଡାକ୍ତରଖାନାରେ ତାଙ୍କ ମୃତଦେହ ରହିଥିବା ପରିବାର ଲୋକଙ୍କୁ ଖବର ମିଳିଥିଲା। ତେବେ ଏହା ହତ୍ୟାକାଣ୍ଡ ନା ଦୁର୍ଘଟଣା ସେନେଇ ପୋଲିସ ତଦନ୍ତ ଚଳାଇଛି। ଜାତୀୟ ରାଜପଥ ମଝିରେ ତାଙ୍କ ମୃତଦେହ ପଡ଼ିଥିବା ବେଳେ ଶରୀରରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତେବେ ବେତନଟୀରୁ ୮କି.ମି.ଦୂର ଉକ୍ତ ସ୍ଥାନରେ ସେ କିପରି ପହଞ୍ଚିଲେ ତାହା ଏବେ ତଦନ୍ତ ସାପେକ୍ଷ। ଉଲ୍ଲେଖଯୋଗ୍ୟ, ୩୦ବର୍ଷ ତଳେ ମୃତକଙ୍କ ବାପାଙ୍କ ମଧ୍ୟ ସେହି ସ୍ଥାନରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ୪ ବର୍ଷ ତଳେ ଆଶୁତୋଷ ବିବାହ କରିଥିବା ବେଳେ ତାଙ୍କର ୨ ବର୍ଷର ପୁତ୍ର ସନ୍ତାନ ଅଛି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସନ୍ଦେହ ଘେରରେ ଥିବା ୩ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି।

# ଆଶାକର୍ମୀଙ୍କ ବିକ୍ଷୋଭ




ବିକ୍ଷୋଭରେ ସାମିଲ ହୋଇଥିବା ଆଶାକର୍ମୀ।

ବାରିପଦା,୧୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ଡାକରାରେ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଆଶା କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କର୍ମୀମାନେ ଏକ ରାଲିରେ ବଜାର ପରିକ୍ରମା କରି ଦାବି ଉପସ୍ଥାପନ କରିଛନ୍ତି। ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଆଶା କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ସରକାରୀ ମାନ୍ୟତା ପ୍ରଦାନ ପର୍ଯ୍ୟନ୍ତ ସର୍ବନିମ୍ନ ମାସିକ ବେତନ ୧୮ହଜାର ଟଙ୍କା କରିବା, ସାମାଜିକ ସୁରକ୍ଷା ଯୋଗାଇଦେବା, ଅବସର ଗ୍ରହଣ କରିଥିବା କର୍ମୀଙ୍କୁ ୫ଲକ୍ଷ ଟଙ୍କା ସହ ମାସିକ ୫ହଜାର ପେନସନ ପ୍ରଦାନ କରିବା, ସମସ୍ତ ପିଏଚ୍‌ସି ଓ ସିଏଚ୍‌ସିରେ ଆଶା ଗୃହ ନିର୍ମାଣ କରିବା, ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯିବା, ଯାତାୟାତ ପାଇଁ ସ୍କୁଟି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ଗୁଡିକ ପୂରଣ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

# ଲାଖବିନ୍ଧା ପ୍ରତିଯୋଗିତା

ଉଦଳା,୧୪।୧୦(ସନ୍ତୋଷ କୁମାର ବାଛିନୀ)

ଉଦଳା ଆମ ଦୁର୍ଗା ପୂଜା କମିଟି ପକ୍ଷରୁ ଦଶହରା ଅବସରରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମରୁ ୩୦ରୁ ଅଧିକ ଧର୍ନୁଦ୍ଧାରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅତୁଲ ବାବୁଙ୍କ ଯାତ୍ରା ପଡିଆରେ ଏହି ଲାଖବିନ୍ଧା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଖଲାଡି ପଞ୍ଚାୟତ ଅଧୀନ ମଧୁପୁର ଗ୍ରାମର କାଳିଆ ମାରାଣ୍ଡି ବିଜେତା ହୋଇଥିବା କମିଟି ସଦସ୍ୟ ଅଶୋକ ଦାସ କହିଛନ୍ତି। ପ୍ରତିଯୋଗିତା ପରେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇଥିଲା। ତାଙ୍କୁ ନୂତନ ବସ୍ତ୍ର ସହିତ ୫୦୦ ଟଙ୍କା ଏବଂ ମିଠା ପ୍ରଦାନ କରାଯାଇଥିଲା। ଆଦିବାସୀ ଅଧ୍ୟୁଷିତ କପ୍ତିପଦା ଉପଖଣ୍ଡର ପରମ୍ପରାକୁ ବଜାୟ ରଖିବା ପାଇଁ ସବୁ ବର୍ଷ ଏହି ଲାଖବିନ୍ଧା କାର୍ଯ୍ୟକ୍ରମ କମିଟି ତରଫରୁ ଆୟୋଜନ କରାଯାଇଥାଏ ବୋଲି ସମ୍ପାଦକ ଅମୀୟ କୁମାର ବଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଆରଡିଏସ୍ କଲେଜ ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରାମାଣିକ ପରିଚାଳନା କରିଥିଲେ।

# ଚିତ୍ରଡ଼ାର ଅର୍ଦ୍ଧଶତାବ୍ଦୀର ଇତିହାସ ଉପରେ ଆଲୋଚନା




ଅନୁଷ୍ଠିତ ଆଲୋଚନାଚକ୍ର।

ମୋରଡା,୧୪।୧୦(ସ୍ମାରକ ମାଜୀ)

୧୯୭୫ରୁ ୨୦୨୫ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲା ମୋରଡା ବ୍ଲକର ସଦରମହକୁମା ଚିତ୍ରଡ଼ା ଅଞ୍ଚଳର ଅର୍ଦ୍ଧ ଶତାବ୍ଦୀର ଇତିହାସ ଉପରେ ଏକ ପ୍ରାମାଣିକ ପୁସ୍ତକ ସଚିତ୍ର ପ୍ରକାଶ ପାଇବାକୁ ଥିବାରୁ ଏହି ଉପଲକ୍ଷେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପୁସ୍ତକର ଲେଖକ ଗାଳ୍ପିକ ହୃଷିକେଶ ବେହେରା ଏଥିରେ ସଭାପତିତ୍ୱ କରି ପ୍ରକାଶନ୍ମୁଖୀ ଚିତ୍ରଡ଼ାର ଅର୍ଦ୍ଧ ଶତାବ୍ଦୀର ଇତିହାସ ପୁସ୍ତକଟିରେ କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, ରାଜନୀତି, ପରମ୍ପରା, ପର୍ବପର୍ବାଣୀ, ଯାନିଯାତ୍ରା, ଦେବଦେବୀ, ମନ୍ଦିର, ବିଭିନ୍ନ ଅନୁଷ୍ଠାନ, ଧର୍ମଧାରା, ଶିକ୍ଷକ, ଅଧ୍ୟାପକ, ସାମ୍ବାଦିକ, ଆଦି ତଥ୍ୟ ସମ୍ବଳିତ ଲେଖା ସ୍ଥାନ ପାଉଥିବା ପ୍ରକାଶ କରିଥିଲେ। ମୋରଡ଼ା ବ୍ଲକ ସାମ୍ବାଦିକ ସଂଘର ସଭାପତି ରଣଜିତ ସାହୁ ଏହି ଆଲୋଚନାଚକ୍ରରେ ସଂଯୋଜନା କରି ୧୯୮୪ରୁ ୨୦୨୪ ଚାରି ଦଶନ୍ଧିର ନିଜ ସାମ୍ବାଦିକ ଜୀବନର ସ୍ମୃତି ଚାରଣ କରି କଳାପୀଠ ଚିତ୍ରଡ଼ା ଗ୍ରାମର ଇତିହାସ ପୁସ୍ତକରେ ସାମ୍ବାଦିକମାନଙ୍କ ତାଲିକା ଏବଂ ସେମାନଙ୍କ ବୃତ୍ତିଗତ ଜୀବନଧାରା ଉଲ୍ଲେଖ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ଏହି ଆଲୋଚନାଚକ୍ରରେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ମହାନ୍ତ, ବିଶ୍ୱବନ୍ଦନ ବେହେରା, ରଜତ ମହାନ୍ତି ପ୍ରମୁଖ ଭାଗ ନେଇଥିଲେ।

### ନିଲାମ ହେଲା ଆଶୀର୍ବାଦ ଲଡୁ

ଉଦଳା,୧୪।୧୦(ସନ୍ତୋଷ କୁମାର ବାଛିନୀ)– ଆମ ଉଦଳା ଦୁର୍ଗା ପୂଜା କମିଟି ତରଫରୁ ଆଶୀର୍ବାଦ ଲଡୁ ନିଲାମ ପ୍ରକ୍ରିୟା ଶେଷ ହୋଇଛି। ଦଶହରା ପର୍ବ ଦିନ ଦେବୀଙ୍କ ମଣ୍ଡପ ସମ୍ମୁଖରେ କମିଟିର କାର୍ଯ୍ୟକର୍ତ୍ତା, ଉପଦେଷ୍ଟା ଏବଂ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି ଆଶୀର୍ବାଦ ଲଡୁ ନିଲାମ ହୋଇଥିଲା। ଦିବ୍ୟଶ୍ରୀ ମଢେଇ ଓ ରାଜେଶ ବିଶ୍ୱାଳ ୨ଟି ଲଡୁ ନିଲାମ ନେଇଥିଲେ। ସୂଚନାଯୋଗ୍ୟ ଯେ, ଦେବୀଙ୍କ ନିକଟରେ ଭୋଗ ଲାଗି ପରେ ଦୁଇଟି ଆଶୀର୍ବାଦ ଲଡୁ ନିଲାମ ହୋଇଥାଏ। ମୋଟ ୨ଟି ଆଶୀର୍ବାଦ ଲଡୁ ୪୧୫୦ ଟଙ୍କାରେ ନିଲାମ ହୋଇଥିବା କମିଟିର ସମ୍ପାଦକ ଅମୀୟ କୁମାର ବଳ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ପ୍ରଦୀପ ମହାନ୍ତି, ଅଶୋକ ଦାସ, କଲ୍ଲୋଳ ସିଂହ, ରଞ୍ଜନ ମହାନ୍ତି, ସୁଦର୍ଶନ ଦାସ, ସଞ୍ଜୀବ ଭୋଳ, ରଜତ ବିଶ୍ୱାଳ ପ୍ରମୁଖ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ।

# 'ଦେବକୁଣ୍ଡ ଦେବସ୍ଥଳୀର ହେବ ଉନ୍ନତି'

ଉଦଳା,୧୪।୧୦ (ସନ୍ତୋଷ କୁମାର ବାଛିନୀ)

ମା' ଅମ୍ବିକାଙ୍କ ପୀଠ ଦେବକୁଣ୍ଡ ହେବ ବିଶ୍ୱ ପ୍ରସିଦ୍ଧ । ଗୁଗୁଲ ମ୍ୟାପରେ ଦେବକୁଣ୍ଡ ଦେବସ୍ଥଳୀ ଭାବେ ଦେଖାଇବ। ଅଞ୍ଚଳବାସିନ୍ଦାଙ୍କ ଚଳଣି ବଦଳିଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସୋମବାର ଉଦଳା ବ୍ଲକ ହାତୀମଡ଼ାଠାରେ ମିଳିତ ଯୁବ ପରିଷଦ ପକ୍ଷରୁ ଆୟୋଜିତ ୩୪ ତମ ବାର୍ଷିକ ଫୁଟବଲ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ମନ୍ତ୍ରୀ ମହାପାତ୍ର ଏହା କହିଛନ୍ତି। ମନ୍ତ୍ରୀ ଡା. ମହାପାତ୍ର ଫୁଟବଲ ମଧ୍ୟ ଖେଳିଥିଲେ। ଆୟୋଜିତ ସଭାରେ ମନ୍ତ୍ରୀଙ୍କ ସହିତ ଉଦଳା ବିଧାୟକ ଭାସ୍କର ମଢ଼େଇ, ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ନିଜ ବକ୍ତବ୍ୟରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଉଭୟ ଡବଲ ଇଞ୍ଜିନ ସରକାର ଚେଷ୍ଟା କରିବେ ବୋଲି କହିଥିଲେ। ଏହା ସହିତ ଆଗମୀ ଦିନରେ ମା ଅମ୍ବିକାଙ୍କ ପୀଠ ଦେବକୁଣ୍ଡର ବିକାଶ କରିବା ସହିତ ଉନ୍ନତ ମାନର ପର୍ଯ୍ୟଟନ ବିକାଶ ନିମନ୍ତେ ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କ ସହିତ ଆଲୋଚନା ସରିଛି, ଯାହାକି ଖୁବଶୀଘ୍ର ଦେବକୁଣ୍ଡ ବିଶ୍ୱ ସ୍ତରରେ ପ୍ରସିଦ୍ଧି ଲାଭ କରିବ ଏବଂ ଦେବକୁଣ୍ଡ ପର୍ଯ୍ୟଟନର ହବ୍ ହେବ ବୋଲି ମନ୍ତ୍ରୀ କହିଥିଲେ।



ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଫୁଟବଲ ଖେଳୁଛନ୍ତି।

**ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଜବତ**

ବାଲେଶ୍ୱର, (ବାଞ୍ଛାନିଧି ଦେ): ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅଧୀନ ବାଲେଶ୍ୱର ଜିଲା ନୁଣିଆଯୋଡ଼ି ବ୍ରିଜ୍ ନିକଟ ଡାଉନ ଲାଇନ୍‌ରୁ ଜିଆରପି ଥାନା ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କର ବୟସ ୬୦ ହେବା ସେ କୌଣସି ଟ୍ରେନ୍‌ରୁ ଖସିପଡ଼ିଥିବା ନେଇ ଅନୁମାନ କରାଯାଉଛି। ଏନେଇ ବାଲେଶ୍ୱର ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮୮/୨୪) ରୁଜୁ କରାଯାଇଛି। ଜିଆରପି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ରାବଣପୋଡ଼ି ରୌପ୍ୟ ଜୟନ୍ତୀ ସମାରୋହ

## ଦର୍ଶକଙ୍କ ମନମୋହିଲା ଲେଜର ଲାଇଟ୍ ଶୋ, ଆତସବାଜି ପ୍ରଦର୍ଶନ

ବାଲେଶ୍ୱର, ୧୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର 'ରାବଣ ପୋଡ଼ି କମିଟି' ଆନୁକୂଲ୍ୟରେ ମହାନବମୀ ତିଥିରେ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ରାବଣ ପୋଡ଼ି ରୌପ୍ୟଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂସ୍କୃତି, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱରର ସଂସ୍କୃତି ଓ ପରମ୍ପରା ଅନନ୍ୟ। ଅସତ୍ୟ ଓ ଅଧର୍ମକୁ ବିନାଶ କରି ସତ୍ୟ ଓ ଧର୍ମର ବିଜୟ ବାନା ଉଡ଼ାଇବା ଏହି ଉତ୍ସବର ଲକ୍ଷ୍ୟ ବୋଲି ମନ୍ତ୍ରୀ ସୁରଜ ବକ୍ତବ୍ୟରେ କହିଥିଲେ।

କମିଟି ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଉପଜିଲାପାଳ ପ୍ରମେଶ ଅରବିନ୍ଦ ରାଜଶିର୍କେ, ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟି ସାଧାରଣ ସମ୍ପାଦକ କିଶୋର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କମିଟି ସମ୍ପାଦକ ସତ୍ୟଶିବ ସୁନ୍ଦର ଦାଶ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ସମସ୍ତ ଅତିଥିଙ୍କୁ 'ରାବଣପୋଡ଼ି ସମାରୋହ ସ୍ମୃତି ସ୍ମାରକ' ପ୍ରଦାନ କରାଯାଇଥିଲା। ସଭା ପରେ ଲେଜର ଲାଇଟ୍ ଶୋ, ରାମ-ରାବଣ ଯୁଦ୍ଧ, ଲଙ୍କାପୋଡ଼ି ଓ ବିଭିନ୍ନ ପ୍ରକାର ଆତସବାଜି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଅତିଥିମାନେ ରାବଣଙ୍କ ଶରୀରରେ ଅଗ୍ନି ସଂଯୋଗ କରିଥିଲେ। କମିଟି ସମ୍ପାଦକ ରାମ ନାରାୟଣ ଶତପଥି, କୋଷାଧ୍ୟକ୍ଷ ରାଜେନ୍ଦ୍ର ପଟ୍ଟନାୟକ, ଦିବ୍ୟଜ୍ୟୋତି ମହାନ୍ତି, ଦେବଜ୍ୟୋତି ଦାସ ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ। କମିଟିର ଉପସଭାପତି ଭାଗବତ ସାହୁ ଧନ୍ୟବାଦ ଦେଇଥିଲେ।


ସମାରୋହକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦ୍‌ଘାଟନ କରୁଛନ୍ତି।

# ସୋରରେ ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ସମ୍ପନ୍ନ

ସୋର, ୧୪।୧୦(ଜନ୍ମେଜୟ ମିଶ୍ର)

ସୋରର ବିଭିନ୍ନ ପୂଜାମଣ୍ଡପରେ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ସୋର ମ୍ୟୁନିସିପାଲିଟି ଓ ବିଭିନ୍ନ ପଞ୍ଚାୟତରେ ୨୫ଟି ମେଢ ହୋଇଥିଲା। ଅନୁକୂଳ ପାଗ ଯୋଗୁ ପୂଜାମଣ୍ଡପଗୁଡ଼ିକରେ ବେଶ ଭିଡ଼ ଜମିଥିଲା। ବିଶେଷ କରି ସୋର ଥାନା ଛକ ଓ କେଦାରପୁର ପୂଜାମଣ୍ଡପ ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସ୍ଥାନୀୟ କେଦାରପୁର ପୂଜା ମଣ୍ଡପରେ ମାନସିକଧାରୀମାନେ ଅଷ୍ଟମୀ ଓ ନବମୀ ପୂଜାରେ ବଳି ଦେବା ପାଇଁ ଅପେକ୍ଷା କରିବା ସହିତ ଏହାକୁ ଦେଖିବା ପାଇଁ ଭକ୍ତମାନଙ୍କରେ ଭିଡ଼ ଜମିଥିଲା। ବିଭିନ୍ନ ପୂଜାମଣ୍ଡପରେ ପ୍ରଶାସନ ତରଫରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସେହିପରି ଦୁଇଦିନ ଧରି ପ୍ରଶାସନ ତରଫରୁ ପୋଲିସ ଉପସ୍ଥିତିରେ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ଭସାଣି ଅବସରରେ ବେଶ୍ ଭିଡ଼ ଜମିଥିଲା।

# ଲକ୍ଷ୍ମଣନାଥରେ କୁଆଁରୀ ପୂଜା

ଜଳେଶ୍ୱର, ୧୪।୧୦ (ରବିନାରାୟଣ ପାତ୍ର)

ଜଳେଶ୍ୱର ସହର ଓ ବ୍ଲକ ଅଞ୍ଚଳରେ ମା' ଦୁର୍ଗାଙ୍କ ବିଜୟାଦଶମୀ ଶେଷ ହୋଇଛି। ଦେବୀଙ୍କ ପୀଠସ୍ଥାନରେ ଗୋଟିଏ ଦିନ ପୂର୍ବରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ମୃଣ୍ମୟ ପୀଠରେ ଗୋଟିଏ ଦିନ ପରେ ପୂଜା ଶେଷ ହୋଇଛି। ଲକ୍ଷ୍ମଣନାଥ ମହାଶୟ ଗଡରେ ୫୧୮ବର୍ଷର ସାର୍ବଜନୀନ ଦୁର୍ଗାପୂଜା ନୀତି ଓ ବିଧି ମଧ୍ୟରେ ଶେଷ ହୋଇଛି। ୮ମ ତିଥିରେ କୁଆଁରୀପୂଜା ମୁଖ୍ୟ ଆକର୍ଷଣ ହୋଇଥିଲା। ନବମୀ ଓ ଦଶହରା ପୂଜା ଗୋଟିଏ ଦିନରେ ଅନୁଷ୍ଠିତ ହୋଇଥିବାରୁ ସେହିଦିନ ମା'ଙ୍କର ମୂର୍ତ୍ତି ବିସର୍ଜନ ଓ ଭସାଣି ହୋଇଥିଲା। ଜଳେଶ୍ୱର ଷ୍ଟେଶନବଜାର ୧୦୭ବର୍ଷର ପୂଜା ଚଳିତବର୍ଷ ରେଳଷ୍ଟେଶନ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଶେଷ ହୋଇଛି । ବଡବଜାରଠାରେ ୪୬ବର୍ଷ ପୂର୍ବେ ନୃସିଂହ ସାହୁ, ଶଙ୍କର ଲାଠି, ବାମନ ସାହୁ, ସୁରେନ୍ଦ୍ର ଚନ୍ଦ ଓ ଡା. ଅତୁଲ ପାତ୍ର, ବେହେରା ଓ ଭୂୟାଁ ସାଙ୍ଗିଆଧାରୀ ବ୍ୟକ୍ତିଙ୍କ ସହଯୋଗରେ ଏହି ପୂଜା ହୋଇ ଆସୁଥିବା ବେଳେ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ଚଳିତବର୍ଷ ବଡବଜାର ପୂଜାମଣ୍ଡପରେ ମହିଳାମାନେ ଅଳତା, ସିନ୍ଦୂର ଖେଳ ଆରମ୍ଭ କରିଛନ୍ତି। ନୂଆବଜାରଠାରେ ନିକଟସ୍ଥ ଗ୍ରାମ ଅଲାଲପୁର, ନହଞ୍ଜରା, ଭାଦା, ନନ୍ଦିକା ଓ ପୌରାଞ୍ଚଳକୁ ନେଇ ମା' ଦୁର୍ଗାଙ୍କ ପୂଜା ଶେଷ ହୋଇଛି । ୩୬ବର୍ଷ ପୂର୍ବେ ବସ୍‌ଷ୍ଟାଣ୍ଡଠାରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମୂରାରୀମୋହନ ପାତ୍ର, ସୁରେନ୍ଦ୍ର ଚନ୍ଦ, ଲୋକନାଥ ମହାନ୍ତି ପ୍ରମୁଖଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ପୂଜାର୍ଚ୍ଚନା ଏବେ ଶେଷ ହୋଇଛି। ସେହିପରି ୫୪ବର୍ଷ ଧରି ଖୁଆଡଠାରେ, ୫୨ବର୍ଷଧରି ଓଲମରାଠାରେ ମଧ୍ୟ ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ସେଠାରେ ମଧ୍ୟ ଅଳତା ସିନ୍ଦୂର ଖେଳ ଅନ୍ୟ ବର୍ଷ ପରି ଅନୁଷ୍ଠିତ ହୋଇଥିଲା । ଜଳେଶ୍ୱର ଥାନା ଅଞ୍ଚଳରେ ମୋଟ ୩୮ଟି ସ୍ଥାନରେ ଦୁର୍ଗାପୂଜା ହୋଇଥିବା ଜଣାଯାଇଛି।

# ଦଶହରାରେ ଆଖଡ଼ା ଖେଳ
# ଅଂଶଗ୍ରହଣ କଲେ ୨୬ ଦଳ

ବାଲେଶ୍ୱର, ୧୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରର ସିନେମା ଛକରେ ପବିତ୍ର ଦଶହରା ଅବସରରେ ପୂର୍ବ ପରମ୍ପରା ଅନୁଯାୟୀ ଆଖଡ଼ା ଖେଳ ପ୍ରଦର୍ଶନ କରାଯାଇଛି। ଏଥିରେ ୨୬ଟି ଆଖଡ଼ା ଦଳ ଅଂଶଗ୍ରହଣ କରି ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

ପ୍ରଥମେ ଏକ ନମ୍ବର ମଠସାହି ଆଖଡ଼ା ଦଳ ଖେଳ ପ୍ରଦର୍ଶନ କରିବା ପରେ କ୍ରମାନ୍ୱୟରେ ଆସି ଅନ୍ୟ ଦଳର ଖେଳାଳିମାନେ ଖେଳ କୌଶଳ ଦେଖାଇଥିଲେ। ରୁକ୍‌ମାର ବାନା, ବନାଟି, ଝଣ୍ଡାଖେଳ, ଛେଡ଼ିବାଡ଼ି ଭଳି ବିଭିନ୍ନ ପ୍ରକାର ଖେଳ ପ୍ରଦର୍ଶିତ ହୋଇଥିଲା। ଏହି ଚିତ୍ତାକର୍ଷକ ଖେଳ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ସହରବାସୀଙ୍କଠାରୁ ଆରମ୍ଭ କରି ନିର୍ବାଚିତ ଲୋକପ୍ରତିନିଧି, ପ୍ରଶାସନିକ ଏବଂ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବାଡ଼ିଖେଳ ଉପଭୋଗ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଦଶହରା ବାଡ଼ି ଖେଳ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ସମସ୍ତ ଆଖଡ଼ା ଦଳ ବିରାଟ ଶୋଭାଯାତ୍ରାରେ ଖେଳ ସାମଗ୍ରୀ ସହ ପହଞ୍ଚି ଖେଳ ପ୍ରଦର୍ଶନ କରିଥିଲେ। ମହାବୀର ଆଖଡ଼ା ସଂଘ, ଶାନ୍ତି କମିଟିର ସଦସ୍ୟ ଏହାକୁ ପରିଚାଳନା କରିଥିଲେ। ଜିଲା ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।


ଆଖଡ଼ା ଖେଳ ପ୍ରଦର୍ଶନ କରାଯାଉଛି।

# ମା'ଙ୍କୁ ମେଲାଣି ପରେ ସିନ୍ଦୂର ଖେଳ

ବାହାନଗା, ୧୪।୧୦
(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକର ସମସ୍ତ ଦୁର୍ଗା ମଣ୍ଡପରେ ଗତ ରବିବାର ରାତିରେ ମା'ଙ୍କୁ ମେଲାଣି ଦିଆଯାଇଛି। ବାହାନଗା ପୁରୁଣା ବଜାରରେ ମା'ଙ୍କୁ ମେଲାଣି ଦେବା ପରେ ମହିଳାମାନଙ୍କ ଦ୍ୱାରା ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଥିଲା। ବାହାନଗା ପୁରୁଣା ବଜାର ସମେତ ଗୋପାଳପୁର ବଜାର, କଲ୍ୟାଣିରେ ୨ଟି, ନୂଆପୁରରେ ୨ଟି ମଣ୍ଡପ, ଦେବେନ୍ଦ୍ରପୁର, ପରପଣା, ଖନ୍ତାପଡା ବଜାରରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ସେହିପରି ବାହାନଗା ବଜାରରେ ସୋମବାର, ଜଳଖଟୁଆରେ ମଧ୍ୟ ମା'ଙ୍କ ଭସାଣି ଉତ୍ସବ ଧୁମଧାମ୍‌ରେ ପାଳନ କରାଯାଇଛି। ସରକାରଙ୍କ ବାରଣ ଯୋଗୁ ଡିଜେ ନ ବଜାଇ ବ୍ୟାଣ୍ଡପାର୍ଟି ଦ୍ୱାରା ମା'ଙ୍କ ଭସାଣି କରାଯାଇଥିଲା। ସେହିପରି କଲ୍ୟାଣି ବଙ୍ଗାଳିସାହିରେ ମହିଳାମାନଙ୍କ ଦ୍ୱାରା ସିନ୍ଦୂର ଖେଳ ଓ ପୁରୁଷମାନଙ୍କ ଦ୍ୱାରା ଅଭିର ଖେଳ ଅନୁଷ୍ଠିତ ହୋଇଥିଲା। ଆନନ୍ଦ ଉଲ୍ଲାସରେ ମା'ଙ୍କ ଭସାଣି ପାଳନ କରିଥିଲେ। ବାହାନଗା ପୁରୁଣା ବଜାରର ଦୁର୍ଗା କମିଟି ସଭାପତି ମନୋଜ କୁମାର ଭୋଷ ଓ ସମ୍ପାଦକ ଉମାକାନ୍ତ ମହାନ୍ତି କୁହନ୍ତି, ଏହା ଆମର ୨ଶହ ୫୦ ବର୍ଷର ମା'ଙ୍କ ଦୁର୍ଗା ପୂଜା। ଏଠାରେ ମହିଳାମାନେ ପ୍ରତିବର୍ଷ ଭଳି ସିନ୍ଦୂର ଖେଳିଥାନ୍ତି। ଏହା ଏକ ନିଆରା ପରମ୍ପରା। ସେହିପରି ମଇଁଷାପଟାରେ ମା'ଙ୍କ ମହାନବମୀରେ ବୋଦାବଳି ପଡିବା ସହିତ ଅଧିକାଂଶ ବୋଦାକୁ ମା'ଙ୍କଠାରେ ଅର୍ପଣ କରାଯାଇ ଛାଡି ଦିଆଯାଇଥିଲା। ବୋଦାବଳି ପରେ ମା'ଙ୍କଠାରେ ପାଣିକଖାରୁ ବଳି ମଧ୍ୟ ଦିଆଯାଇଥିଲା।


ମେଲାଣି ଶୋଭାଯାତ୍ରାରେ ମା'ଙ୍କୁ ବିସର୍ଜନ ପାଇଁ ନିଆଯାଉଛି।

# ଗଣ୍ଡିବେଡ ହାଇସ୍କୁଲର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ଖଇରା, ୧୪।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଣ୍ଡିବେଡ ହାଇସ୍କୁଲର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଡଃ ମଦନମୋହନ ମହଲା ବୈଠକରେ ସଭାପତିତ୍ୱ କରିଥିଲେ। ଆସନ୍ତା ୨୦୨୫ ଏପ୍ରିଲରେ କରାଯିବା ନେଇ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷକ ଯଦୁନାଥ ଶିଅଳ ଯୋଗଦେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟତମ ପୁରାତନ ଛାତ୍ର ଅଭିମନ୍ୟୁ ରାଉଳ, ଡ ଅଭୟ କୁମାର ମହାନ୍ତି, ଦକ୍ଷତ କୁମାର ଦାସ, ରାଧାକାନ୍ତ ରାଉଳ, ଡଃ ରାଜେଶ କୁମାର ମହାକୁଡ, ସୁବାସ ଚନ୍ଦ୍ର ବିଶ୍ୱାଳ, ମାନସ କୁମାର ରଉଳ, ବିଜୟ କେତନ ନାୟକ, ବିଶ୍ୱଭୂଷଣ ପ୍ରଧାନ, ମଧୁସୂଦନ ଜେନା, ଶ୍ରୀଧର ମହଲା, ପଦ୍ମଲୋଚନ ଜେନା, କୃପାସିନ୍ଧୁ ଦାସ, ଜିତେନ୍ଦ୍ର ଦାସ ଓ ନରୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ନଭେମ୍ବର ମାସରେ କରାଯିବା ଉପରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଔପଦାରେ ରାବଣ ପୋଡ଼ି

ଔପଦା, ୧୪।୧୦(ଧରିତ୍ରୀ ପଣ୍ଡା)

ଔପଦା ହାଇସ୍କୁଲ ପଡ଼ିଆରେ ରାବଣ ପୋଡ଼ି ଉତ୍ସବ ପାଳନ କରାଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଅନ୍ତର୍ଯ୍ୟାମୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ପିତାମ୍ବର ବାରିକ ଯୋଗ ଦେଇ ସଂକୀର୍ଣ୍ଣ ମନୋଭାବ ନ ରଖି ଦଳମତ ନିର୍ବିଶେଷରେ ଅଞ୍ଚଳର ବିକାଶ ପାଇଁ ଭାଇଚାର ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶୁଭେନ୍ଦୁ ପଣ୍ଡା, ଯୁବନେତା ଉଦୟ କୁମାର ସ, ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡା, ସାମାଜିକ କର୍ମୀ ହରିହର ଦାଶ , ଆଦିତ୍ୟ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଔପଦାରେ ଦୀର୍ଘ ୬୦ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲିଥିବା ମା' ଦୁର୍ଗାଙ୍କ ପୂଜାରେ ସାମିଲ ଥିବା ସାମାଜିକ କର୍ମୀ ବଳଭଦ୍ର ସାହୁ ଓ ଗୋପାଳ କିଶୋର ନାୟକଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ

କାଳିପଦା, ୧୪।୧୦(ରାଜଶ୍ରୀ ପାଣିଗ୍ରାହୀ)

ଦଶହରା ଉପଲକ୍ଷେ ବାଲିଆପାଳ ବ୍ଲକ ଅଧୀନ କାଳିପଦା ହାଜିରା ମାର୍କେଟ କମ୍ପ୍ଲେକ୍ସ ପରିସରରେ ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଅକ୍ଷୟ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଭଳି କାର୍ଯ୍ୟରେ ଯୁବବର୍ଗ ଆଗେଇ ଆସିଲେ ଆମ ରାଜ୍ୟରେ ରକ୍ତର ଅଭାବ ରହିବ ନାହିଁ ବୋଲି କହିଥିଲେ। ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଦାସ, ଶିକ୍ଷକ ସୁବଳ ଦାସ ଓ ଅନୁଷ୍ଠାନର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଗ୍ରୀଡ୍ ମରାମତି ଲାଗି ସାଢ଼େ ୮ଘଣ୍ଟା ବିଜୁଳି କାଟ

ଜଳେଶ୍ୱର, ୧୪।୧୦(ରବିନାରାୟଣ ପାତ୍ର)

ପୂର୍ବ ସୂଚନା ଅନୁଯାୟୀ ଟିପିଏଡବ୍ଲ୍ୟୁଡିଏଲ ପକ୍ଷରୁ ସୋମବାର ସକାଳ ୮ଟାରୁ ଜଳେଶ୍ୱର ଗ୍ରୀଡ ମରାମତି ଲାଗି ବିଜୁଳି କାଟ ହୋଇଥିଲା। ଦୀର୍ଘ ସାଢେ ୮ଘଣ୍ଟା ଧରି ବିଜୁଳି କାଟ ହୋଇଥିବାରୁ ଜଳେଶ୍ୱରର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହୋଇପାରି ନ ଥିଲା। ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ୍ୟ ବହୁ ସ୍ଥାନରେ ଲୋକେ ଜାଣିପାରି ନ ଥିବାରୁ ପାଣି ପାଇଁ ହଇରାଣ ହୋଇଥିଲେ। ଭୋଗରାଇରୁ ବିଦ୍ୟୁତ୍ ନେଇ ନାମ୍ପୋ ସେକ୍ସନକୁ ବିଦ୍ୟୁତ୍ ଯୋଗାଣ ହେବାର ଘୋଷଣା କରାଯାଇଥିଲେ ମଧ୍ୟ ଅପରାହ୍ନ ୧ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଥିଲା। ଏ ସମ୍ପର୍କରେ ବିଭାଗୀୟ ମ୍ୟାନେଜର ଭୁବନାନନ୍ଦ ସାହୁ କହିଛନ୍ତି, ପୂର୍ବରୁ ଜନସାଧାରଣଙ୍କୁ ଅବଗତ କରାଇଥିଲୁ।

# ଏଫ୍‌ଏମ୍‌ୟୁରୁ ୩ ସ୍ୱେଚ୍ଛାସେବୀ ଚୟନ

## ପୂର୍ବ ଜୋନ୍ ପ୍ରାକ୍ ସାଧାରଣତନ୍ତ୍ର ପରେଡ୍

ବାଲେଶ୍ୱର, ୧୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ପରେଡ୍ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଭୟ ବାଲେଶ୍ୱର ଏବଂ ଭଦ୍ରକ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୫୨ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ ଚୟନ ହୋଇ ରାଉରକେଲାସ୍ଥିତ ରାଜ୍ୟସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ପରେଡ ଚୟନ ଶିବିରରେ ଭାଗ ନେଇଥିଲେ। ସେଠାରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ପ୍ରାୟ ୨ଶହ ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ୫୨ଜଣ ଚୟନ ହୋଇଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ୩ଜଣ ସ୍ୱେଚ୍ଛାସେବୀ ଆସନ୍ତା ନଭେମ୍ବର ୬ରୁ ୧୫ତାରିଖ ପର୍ଯ୍ୟନ୍ତ ଆସାମରେ ହେବାକୁ ଥିବା ପୂର୍ବ ଜୋନ ପ୍ରାକ୍ ସାଧାରଣତନ୍ତ୍ର ଦିବସ ପରେଡ୍ ଚୟନ ଶିବିରରେ ଯୋଗଦାନ କରିବା ପାଇଁ ଚୟନ ହୋଇଛନ୍ତି। ଚୟନ ହୋଇଥିବା ସ୍ୱେଚ୍ଛାସେବୀ ହେଲେ ଭଦ୍ରକ ଜିଲା ବାସୁଦେବପୁର ତୃପ୍ତି ମହିଳା ମହାବିଦ୍ୟାଳୟର ଜ୍ୟୋତ୍ସ୍ନାରାଣୀ ପରିଡ଼ା, ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଆର୍‌ଆଇଏଚ୍‌ଏସ୍‌ର ସୁମନ ଦଳାଇ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଭିଷେକ ଏ. ବିଶ୍ୱାଳ। ମନୋନୀତ ୩ ସ୍ୱେଚ୍ଛାସେବୀଙ୍କୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା, ଭଦ୍ରକ ଜିଲା କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝାଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ତଥା ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ଚୟନ ହୋଇଥିବା ୩ ସ୍ୱେଚ୍ଛାସେବୀ।

# 'ସଂଘର୍ଷପୂର୍ଣ୍ଣ ଜୀବନ ଭିତରେ ବି ହସିବା ଶିଖିଥିଲେ'

ଖଇରା, ୧୪।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ଖଇରା ମାଟିକୁ ନିଜର କର୍ମଭୂମି ଭାବେ ଆଦରି ନେଇଥିବା ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକଙ୍କ ଏକାଦଶାହ ଅବସରରେ ସ୍ମରଣିକା ଉନ୍ମୋଚନ ଓ ସ୍ମୃତିଚାରଣ ସଭା ସୋମବାର ଖଇରା ଶିକ୍ଷକସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁକ୍ତିକାନ୍ତ ଶତପଥି ଓ ବିଶିଷ୍ଟ ପାଲା ଗାୟକ ହରିହର ପାଣିଗ୍ରାହୀ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସଂଘର୍ଷପୂର୍ଣ୍ଣ ଜୀବନ ଭିତରେ ବି ଉମେଶ ସାର ହସିବା ଶିଖିଥିଲେ। ଏଣୁ ଆଜି ସେ ଅମରପଥର ଯାତ୍ରୀ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ସ୍ମରଣିକା ସ୍ମୃତିଅର୍ଘ୍ୟ ସମ୍ପର୍କରେ ସମ୍ପାଦକ ବୁଦ୍ଧିରାମ ପାଣିଗ୍ରାହୀ ସୂଚନା ଦେଇଥିଲେ। ଖଇରାର ଅଗ୍ରଣୀ ସଙ୍ଗଠନ ପ୍ରତିଭା ପରିବାର, ମୁକୁନ୍ଦପ୍ରସାଦ ସ୍ମୃତି ପରିଷଦ, ଜନଜାଗରଣ ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଖଇରା ସାହିତ୍ୟ ସଂସଦ ଓ ପତଞ୍ଜଳି ଯୋଗ ସମିତିର କର୍ମକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ।



ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ସ୍ମୃତିଅର୍ଘ୍ୟ ଉନ୍ମୋଚନ କରାଯାଉଛି।

# 'ଆଗ୍ରହ ଥିଲେ ଚାଷୀ ଆଗକୁ ବଢ଼ିପାରିବ'

## ଏଫ୍‌ପିଓ କର୍ମଶାଳା

ସିମୁଳିଆ, ୧୪।୧୦(ସନ୍ତୋଷ ନାୟକ)

ଚାଷୀମାନଙ୍କ ଜୀବିକାର ମାନ ବୃଦ୍ଧି ଉଦ୍ଦେଶ୍ୟରେ ବିଭିନ୍ନ ୧୦ଟି ଏଫ୍‌ପିଓ (ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ)ର ୫୦ଜଣ କର୍ମକର୍ତ୍ତାମାନଙ୍କୁ ନେଇ ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଏଫ୍‌ପିଓ କିପରି ଚାଷୀମାନଙ୍କୁ ନେଇ ବିଭିନ୍ନ କୃଷିଭିତ୍ତିକ କ୍ରିୟାର ବିକାଶ କରିପାରିବେ ସେ ସମ୍ପର୍କରେ ବିଭିନ୍ନ ଅତିଥି ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୃଷି ବିଶେଷଜ୍ଞ ଶ୍ରୀଧର ଦାଶ ପ୍ରତ୍ୟେକ ଚାଷୀ ବଜାରକୁ ଦେଖି ନିଷ୍ପତ୍ତି ନେବା, ବ୍ୟବସାୟ ବଢ଼ାଇବା ପାଇଁ ବିଭିନ୍ନ ଦିଗକୁ ଲକ୍ଷ୍ୟ ଦେବା ଉଚିତ୍ ସର୍ବୋପରି ନିଜର ଆଗ୍ରହ ଥିଲେ ଜଣେ ଚାଷୀ ଆଗକୁ ବଢିପାରିବ ବୋଲି ସେ କହିଥିଲେ। ସେହିପରି ମୁଖ୍ୟ କୃଷି ଅଧିକାରୀ ଗଣେଶ ଚନ୍ଦ୍ର ମାଝି ପ୍ରତ୍ୟେକ ଜିନିଷ ଭିତରେ କିଛି ଭିନ୍ନତା ରହିଲେ ତାହା ଅଧିକ ଲୋକପ୍ରିୟତା ସୃଷ୍ଟି କରେ ବୋଲି କହିଥିଲେ। ପୁରାତନ ଖାଦ୍ୟ ମିଲେଟ କ୍ୟାନସର ପରି ମହାମାରୀ ରୋଗ ନିରାକରଣରେ ସହାୟକ ହୋଇଥାଏ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୂଚନା ଦେଇଥିଲେ। ସେହିପରି ମିଲେଟ ମ୍ୟାନ ଇଂ. ସନ୍ଦୀପ କୁମାର ସେନ ମିଲେଟ ଚାଷର ପ୍ରସାର ଓ କ୍ଷୁଦ୍ର ଶସ୍ୟର ବ୍ୟବହାର ସମ୍ପର୍କରେ ଆଲୋଚନା କରି 'ବିଷ ମୁକ୍ତ ଆହାର ଓ ରୋଗ ମୁକ୍ତ ପରିବାର' ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ ଏଫ୍‌ପିଓର ମୁଖ୍ୟ ନିଜର କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାୟ, ଉଦ୍ୟାନ କୃଷି ଅଧିକାରୀ ହୃଦୟ ରଞ୍ଜନ ଜେନା, ଡ. ବିଜୟଲକ୍ଷ୍ମୀ ରାଉତ, ଡ. ବିଜୟଲକ୍ଷ୍ମୀ ମହାନ୍ତି ଓ ମଣ୍ଟୁ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ନାବାର୍ଡ଼ର ଡିଡିଏମ୍ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବିଭିନ୍ନ ଅତିଥିଙ୍କ ଗହଣରେ ନାବାର୍ଡର ଡିଡିଏମ୍ ଦୀପକ କୁମାର ସାହୁ ସୂଚନା ପ୍ରଦାନ କରୁଛନ୍ତି।

# ପରମ୍ପରାକୁ ମନେପକାଏ ବଳଦ ଶୋଭାଯାତ୍ରା

## ରାବଣ ପୋଡ଼ି, ବଦଳ ଦୌଡ଼ ଦେଖିବାକୁ ଭିଡ଼

ରାମଚନ୍ଦ୍ରପୁର,୧୪ା୧୦(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ କେଶଦୁରାପାଳ ଗ୍ରାମରେ ଦଶହରାରେ ଜମିଲା ବଳଦ ଶୋଭାଯାତ୍ରା। ବଳଦ ଶୋଭାଯାତ୍ରା ଉପଲକ୍ଷେ ରବିବାର କେଶଦୁରାପାଳ ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। ଆଞ୍ଚଳିକ ବାଲିଯାତ୍ରା କମିଟିର ଉଦ୍ୟମରେ ବହୁ ବର୍ଷହେଲା ବଳଦଯାତ୍ରାକୁ ଧୁମଧାମରେ ପାଳନ କରାଯାଉଛି। ଦଶହରା ଅବସରରେ ବଦଳ ଦୌଡ଼ ଓ ରାବଣ ପୋଡ଼ି ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରକଶ ଯେ, ପ୍ରାଚୀନ କାଳରେ ଯାନବାହନ ନ ଥିବାରୁ ଲୋକେ ଭାର ବୋହିବାପାଇଁ ବଳଦ ଉପରେ ନିର୍ଭର କରୁଥିଲେ। କୃଷି କାର୍ଯ୍ୟରେ ବ୍ୟବହାର ହେଉଥିବା ବଳଦଙ୍କୁ ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା। ଏହି ପରମ୍ପରାକୁ ମନେପକାଇ କେଶଦୁରାପାଳରେ ପ୍ରାଚୀନ କାଳରୁ ଦଶହରା ଅବସରରେ ବଳଦଯାତ୍ରା(ଦୌଡ଼ ପ୍ରତିଯୋଗିତା) ଅନୁଷ୍ଠିତ ହୋଇଆସୁଛି। କୃଷି କାର୍ଯ୍ୟରେ ବଳଦଙ୍କୁ ଗମହ୍ମା ପୂର୍ଣ୍ଣମୀରେ ପୂଜାର୍ଚ୍ଚନା କରାଯାଇଥାଏ। ଦଶହରାରେ ସମ୍ମାନଜଣାଇ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି ବୋଲି ଶିକ୍ଷାବିତ୍ ହରିପ୍ରସାଦ ମିଶ୍ର କହିଛନ୍ତି। ମହାଳୟା ପରଠାରୁ ବଳଦଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଏଥିରେ ଭାଗନେବାକୁ ଥିବା ବଳଦ ଚିହ୍ନଟ କରାଯାଇ ସପ୍ତାହେ ପୂର୍ବରୁ ପରୀକ୍ଷାମୂଳକ ଭାବେ ଦୌଡ଼ା ଯାଇଥାଏ। ଚଳିତବର୍ଷ ଯାତ୍ରାରେ ଉପରସାହି, କୁମ୍ଭାରସାହି ଓ ମଙ୍ଗଳପୁର ଗ୍ରାମର ବଛାବଛା ବଳଦ ଭାଗ ନେଇଥିଲେ। ଦଶହରା ଦିନ ସକାଳୁ ବଦଳଙ୍କୁ ସ୍ନାନ କରାଯାଇ ବେକରେ ପଲାଣ, ଟାହିଆ, ଘଣ୍ଟି, ମୟୂରପୁଚ୍ଛ ଲଗାଯାଇ ଫୁଲମାଳ ପକାଯାଇଥିଲା। ପ୍ରଥମେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଅପରାହ୍ନରେ ବଳଦ ମାଲିକମାନେ ନିଜନିଜ ବଳଦକୁ ଧରି ବାଲିଯାତ୍ରା ପଡ଼ିଆରେ ଏକାଠି ହୋଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଜେତା ବଳଦ ଚୟନ କରାଯାଇ ପୁରସ୍କୃତ କରାଯାଇଛି। ଚଳିତବର୍ଷ ବଳଦଯାତ୍ରା ପରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇଛି। ଏଥିରେ ବିଶ୍ୱନାଥ ଓଝା, ଆକାଶ ରଥ, ବଂଶୀଧର ଓଝା, ଭିକାରୀ ଚରଣ ବିନ୍ଧାଣୀ, ଶରତ ଜେନା, ରତ୍ନାକର ଜେନା ପ୍ରମୁଖ ପରିଚାଳନା କରିଥିଲେ।


ବଳଦକୁ ସଜାଇ ମାଲିକମାନେ ପ୍ରତିଯୋଗିତା ପାଇଁ ଆଣିଛନ୍ତି।

## ହାଟଡ଼ିହୀରେ ରାବଣ ଦହନ

ଛେନାପଦି,୧୪ା୧୦(ନିରାକାର ପରିଡା): ଦଶହରା ଉପଲକ୍ଷେ ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ତହସିଲ ପଡ଼ିଆରେ ପ୍ରଥମେ ଲାଖବିନ୍ଧା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ରାବଣ ପୁତ୍ତୋଳିକାରେ ଅଗ୍ନି ସଂଯୋଗ କରି ରାବଣ ପୋଡ଼ି ହୋଇଥିଲା। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥିଭାବେ ଯୁବନେତା ଚିନ୍ମୟ ନାୟକଙ୍କ ସହ ବରିଷ୍ଠ ବିଜେଡି କର୍ମୀ ସୁରେନ୍ଦ୍ର ଜେନା, ବଡ଼ରମ୍ପାସ ସରପଞ୍ଚ ରବିନ୍ଦ୍ର ଜେନା, ସମିତିସଭ୍ୟ ବାବନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ମୁଗୁପୁର, କାହାଳିଆଗ କୁରାଡ଼ୀଘସା ଆଦି ସ୍ଥାନରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ଶ୍ରୀଦୁର୍ଗା ମଣ୍ଡପରେ ରାବଣପୋଡ଼ି

ଢେଙ୍କିକୋଟ,୧୪ା୧୦(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଟିକିରାସ୍ଥିତ ଶ୍ରୀଦୁର୍ଗା ପୂଜା ମଣ୍ଡପ ତରଫରୁ ପବିତ୍ର ଦୁର୍ଗା ଦଶମୀ ତିଥିରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଦୁର୍ଗା ମଣ୍ଡପରୁ କୁନି କୁନି ୩ ଜଣ ବାଳକ ରାମ, ଲକ୍ଷ୍ମଣ ଏବଂ ହନୁମାନ ବେଶ ଧାରଣ କରି ମାଆ ଦୁର୍ଗାଙ୍କୁ ଯଥାବିଧି ପୂଜାର୍ଚ୍ଚନା କରି ବଜାରସ୍ଥିତ ବାବା ବିଶ୍ୱନାଥ ଶିବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଶର ମାରି ରାବଣ ଦହନ କରିଥିଲେ।

## ଯୁବକଙ୍କୁ ଶୁଣ୍ଢରେ କଚାଡ଼ି ଦେଲା ଦନ୍ତା

ପାଟଣା,୧୪ା୧୦(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ କେନ୍ଦେଇ ପଶି କାଲୁ ଜଙ୍ଗଲରେ ସୋମବାର ଏକ ଦନ୍ତା ଜଣେ ଯୁବକଙ୍କୁ ଶୁଣ୍ଢରେ କଚାଡ଼ି ଦେଇଛି। ଏଥିରେ ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମ ନାଏକ ସାହିରର ରାଜ କିଶୋର ନାଏକଙ୍କ ପୁଅ ଅକ୍ଷୟ ନାଏକ(୨୫) ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ୨୫ ଟିକିଆ ହାତୀପଲ କେନ୍ଦେଇପଶି କାଲୁ ଜଙ୍ଗଲରେ ଡେରା ପକାଇଛନ୍ତି। ଅକ୍ଷୟ ୨ ସାଙ୍ଗଙ୍କ ସହ ହାତୀ ଦେଖିବାକୁ ଯାଇଥିବା ବେଳେ ଏକ ଦନ୍ତା କାଲୁ ବଗିଚାକୁ ବାହାରି ଅକ୍ଷୟଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିଲା। ପରେ ହାତୀର ତାଙ୍କ ଡାହାଣ ଗୋଡ଼କୁ ମାଡ଼ି ଦେଇଥିଲା। ଲୋକେ ପାଟି କରିବାରୁ ଦନ୍ତା କାଲୁ ଜଙ୍ଗଲ ଭିତରକୁ ଚାଲି ଯାଇଥିଲା। ଅକ୍ଷୟଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଛି। ଏଥିସହ ତାଙ୍କ ପିଠିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ବନ ବିଭାଗ ପକ୍ଷରୁ ରାପିଡଆକ୍ସନ ଫୋର୍ସ ଗାଡ଼ିରେ ଡେପୁଟି ରେଞ୍ଜର ସୁବାସିନି ସାହୁ, ବନପାଳ ଚିତ୍ତରଞ୍ଜନ ପରିଡ଼ା, ମୁରଲୀ ଧର ନାଏକ, ପିଅନ ନାଏକ ପ୍ରମୁଖ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ହାତୀପଲ କେନ୍ଦେଇପଶି କାଲୁ ଜଙ୍ଗଲରେ ଡେରା ପକାଇଥିବା ପାଟଣା ବନପାଳ ପିଅନ ନାଏକ କହିଛନ୍ତି।

# ଟୋଲଙ୍କପଡ଼ାରେ ରାବଣପୋଡ଼ି ଉତ୍ସବ

ରାମଚନ୍ଦ୍ରପୁର,୧୪ା୧୦ (ଗଣେଶ୍ୱର ସା)

କେନ୍ଦୁଝରଜିଲା ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡ଼ା ଗ୍ରାମର ୩ ସ୍ଥାନରେ ବିଜୟାଦଶମୀରେ ରାମଲୀଳା ସହ ରାବଣ ପୋଡି ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମର ହଟିଂ କ୍ଲବ୍, ଜୟ ଭାରତୀ ଯୁବକ ସଂଘ ଏବଂ ନୂଆସାହି କମିଟିର ସଦସ୍ୟମାନେ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ହଟିଂ କ୍ଲବ୍ କମିଟି ପକ୍ଷରୁ ପ୍ରଭୁ ଶ୍ରୀ ରାମ, ଲକ୍ଷ୍ମଣ ଏବଂ ପ୍ରଭୁ ହନୁମାନ ବେଶରେ ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମର ଟିକର ସାହି ପଡ଼ିଆଠାରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇଥିଲା। ସେହିପରି ଜୟ ଭାରତୀ ଯୁବକ ସଂଘ ପକ୍ଷରୁ ପୋଖରୀ ସାହିର ପଡିଆଠାରେ ରାବଣପୋଡ଼ି ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ହିମାଂଶୁ ଶେଖର ସାଉ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାବଣପୋଡ଼ି ଦେଖିବାକୁ ଆଖପାଖ ଅଞ୍ଚଳରୁ ଅନେକ ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଟୋଲଙ୍କପଡ଼ା ହଷ୍ଟିଂ କ୍ଲବ୍, ଜୟ ଭାରତୀ ଯୁବକ ସଂଘର ସଦସ୍ୟ ସହଯୋଗ କରିଥିଲେ।

# ନାଗରା ବାଦ୍ୟର ତାଳେତାଳେ ମା'ଙ୍କୁ ବିଦାୟ

ପାଟଣା,୧୪ା୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ମହାମାୟା ମା' ଦୁର୍ଗାଙ୍କ ପୂଜା ନୀତିକାନ୍ତିରେ ସରିଛି। ସୋମବାର ମା'ଙ୍କୁ ପାରମ୍ପାରିକ ନାଗରା ବାଦ୍ୟର ତାଳେ ତାଳେ ପାଟଣା ବଜାର ପରିକ୍ରମା କରି ବୈତରଣୀ ନଦୀରେ ବିସର୍ଜନ ଦେଇ ବିଦାୟ ଦିଆଯାଇଛି। ପାଟଣା ଦୁର୍ଗାପୂଜା କମିଟିର ଯୁଗଳ କିଶୋର ଦାଶ, ଅଜୟ ବେହେରା, ସହଦେବ ବେହେରା, ଅଜୟ ଦାସ, ସୁଦାମ ଦାଶ, ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ କମିଟିର ଅନ୍ୟ ସଦସ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ମେଲାଣି ନେଲେ ମା'

ଚମ୍ପୁଆ,୧୪ା୧୦(ମହେଶ୍ୱର ଦାସ)

ପାର୍ବଣ ଋତୁରେ ମା' ଦୁର୍ଗତୀନାଶିନୀ ଦୁର୍ଗାଙ୍କର ପବିତ୍ର ଦଶହରା ଶେଷ ହୋଇଛି। ଧରାପୃଷ୍ଠରୁ ମା' ମେଲାଣି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଅଞ୍ଚଳରେ ବେଲବରଣିଠାରୁ ଆରମ୍ଭ ହୋଇଥିବା ମା'ଙ୍କ ପୂଜା ଚଣ୍ଡିପାଠ ଓ ବେଦମନ୍ତ୍ର ସହ ବିଜୟାଦଶମୀରେ ଶେଷ ହୋଇଛି। ଚମ୍ପୁଆ ସଦରମହକୁମାର ସାର୍ବଜନୀନ ଦୁର୍ଗାପୂଜା, ମା' ଜଗତଜନନୀ ଦୁର୍ଗାପୂଜା, କରଞ୍ଜିଆ ଦୁର୍ଗାପୂଜା ଓ ରିମୁଳି ଅଞ୍ଚଳରେ ଦୁର୍ଗାପୂଜା କମିଟିପକ୍ଷରୁ ନିର୍ଦ୍ଧାରିତ ଜଳାଶୟରେ ବିସର୍ଜନ କରାଯାଇଛି।

**ଢେଙ୍କିକୋଟ(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ବ୍ୟବସାୟିକ ବ୍ୟସ୍ତ ବହୁଳ ଢେଙ୍କିକୋଟଠାରେ ମା' ଦୁର୍ଗତୀନାଶିନୀ ଦୁର୍ଗାଙ୍କର ୨ ମଣ୍ଡପରେ ପୂଜା ପାଇଥିଲେ। ସୋମବାର ଅପରାହ୍ନରେ ଦେବୀ ମଣ୍ଡପ ଓ ଶ୍ରୀଦୁର୍ଗା ମଣ୍ଡପରୁ ମାଆ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତିକୁ ଭଜନ କୀର୍ତ୍ତନ ଘଣ୍ଟଘଣ୍ଟି ହରିବୋଲ ହୁଳହୁଳି ଶଙ୍ଖ ଧ୍ୱନୀରେ ମେଲାଣି ଦେଇଛନ୍ତି। ମେଢ଼କୁ ସାହି ବସ୍ତି ପରିକ୍ରମା କରିବା ସମୟରେ ମାଆ, ଭଉଣୀମାନେ ବନ୍ଦାପନା କରିଥିଲେ। ଶେଷରେ ପୁଣ୍ୟତୟା ସୀତା ନଦୀରେ ସନ୍ଧ୍ୟା ୭ଟାରେ ବିସର୍ଜନ କରିଛନ୍ତି।


ଢେଙ୍କିକୋଟ ଶ୍ରୀଦୁର୍ଗା ମଣ୍ଡପ ସଦସ୍ୟ ମା'ଙ୍କୁ ଶୋଭାଯାତ୍ରାରେ ନେଉଛନ୍ତି।

## ରାବଣପୋଡ଼ି ଦେଖିବାକୁ ଜନସମାଗମ

ପାଟଣା,୧୪ା୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଷ୍ଟାଡ଼ିୟମ ନିକଟ ପଡ଼ିଆରେ ରବିବାର ରାବଣ ପୋଡ଼ି କମିଟି ତରଫରୁ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ଦୀନବନ୍ଧୁ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାକୁ ସଭାପତି ବିଜୟରତ୍ନ ପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟ ବକ୍ତାଭାବେ ଡ. ରାମଚନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଅଜୟ ଦାଶ, ପଣ୍ଡିତ ନବ କିଶୋର ଦାଶ, ଅନୁଷ୍ଠାନର ସମ୍ପାଦକ ପ୍ରକାଶ ସେଠୀ ପ୍ରମୁଖ ଯୋଗଦେଇଥିଲେ। ରାବଣ ପୋଡ଼ି ଓ ମେଲୋଡି ଦେଖିବାକୁ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରଦାତା ମହେଶ୍ୱର ପୃଷ୍ଟି, ନୃସିଂହନାଥ ସିଂହ, ଭରସା ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଲମ୍ବୋଦର ମହାନ୍ତ ଓ ତାଙ୍କ ଟିମ୍‌କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ କମିଟିର ବରିଷ୍ଠ ସଦସ୍ୟ ଯତୀନ୍ଦ୍ର ଦାଶ ରାବଣ ଦେହରେ ତୀର ବିଦ୍ଧ କରି ଅଗ୍ନି ସଂଯୋଗ କରିଥିଲେ। କମିଟିର ସଦସ୍ୟ ଅୟଶକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ସେହିଭଳି ସାହରପଡ଼ା ହାଇସ୍କୁଲ ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଂଘ ପକ୍ଷରୁ ପବିତ୍ର ବିଜୟ ଦଶମୀ ପାଳିତ ହୋଇଛି। ମୁଖ୍ୟ ଅତିଥିଭାବେ ଚୈତନ୍ୟ ମାଝୀ, ମୁକୁଳ ମହାନ୍ତଙ୍କ ସହ ଶତାଧିକ ସ୍ୱୟଂ ସେବକ ସାମିଲ ହୋଇ ଲାଠି ଓ ଖଡଗ ଧରି ବୀର ବାଦ୍ୟ ବଜାଇ ବଜାର ପରିକ୍ରମା କରିଥିଲେ।

# ଜାତୀୟସ୍ତରରେ ଚମକୁଛନ୍ତି ଯୋଡ଼ା ଯୁବ ଫୁଟବଲ ତାରକା


ରୁପଶ୍ରୀ, ଦିଲ୍‌ସାନ୍, ପୁଷ୍ପା।

ଯୋଡ଼ା,୧୪ା୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ୩ ଉଦୀୟମାନ ଫୁଟବଲ ତାରକା ଜାତୀୟସ୍ତରରେ ଜମକୁଛନ୍ତି। ବିଭିନ୍ନ ଜାତୀୟସ୍ତରର ଖେଳରେ ଭାଗ ନେଇ ନିଜ ପ୍ରତିଭା ଦେଖାଇ ଅଞ୍ଚଳ ଓ ରାଜ୍ୟର ନାମକୁ ଗୌରାବନ୍ୱିତ କରିଛନ୍ତି। ସେମାନେ ହେଲେ ଟାଟା ଷ୍ଟିଲ ଫାଉଣ୍ଡେଶନରୁ ପ୍ରଶିକ୍ଷଣ ନେଇଥିବା ରୁପଶ୍ରୀ ମୁଣ୍ଡା, ପୁଷ୍ପା ମୁଣ୍ଡା ଓ ଦିଲସାନ ବେହେରା। ସେମାନଙ୍କ ଏହି ସଫଳତା ଆଖପାଖ ଯୁବବର୍ଗଙ୍କୁ ଉତ୍ସାହିତ କରିବା ସହ ଟାଟା ଷ୍ଟିଲ ଫାଉଣ୍ଡେଶନର ତୃଣମୂଳ କ୍ରୀଡ଼ା କାର୍ଯ୍ୟକ୍ରମ ଭୂମିକାକୁ ଦର୍ଶାଉଛି।

ରୁପଶ୍ରୀ ୨୦୧୯ରୁ ଫୁଟବଲ ଯାତ୍ରା ଆରମ୍ଭ କରିଥିବା ବେଳେ ଭଲ ଖେଳ ପ୍ରଦର୍ଶନ କରି କୋଚ ବାଦଲ ମହାକୁଡ଼ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ଟାଟା ଷ୍ଟିଲ ଫାଉଣ୍ଡେଶନ ସହ ଯୋଡ଼ି ହୋଇଥିଲେ। ନିଜ ପ୍ରତିବଦ୍ଧତା ବଳରେ ୨୦୨୪ରେ ଜାତୀୟ ବାଳିକା ଫୁଟବଲ ଚାମ୍ପିୟନଶିପରେ ପ୍ରତିନିଧିତ୍ୱ କରିଥିଲେ। ସେ ଗୋଆରେ ଅନୁଷ୍ଠିତ ୧୯ ବର୍ଷରୁ କମ ଭାରତୀୟ ଶିବିରରେ ସ୍ଥାନ ମଧ୍ୟ ପାଇଥିଲେ। ନେପାଳରେ ୨୦୨୪ ଏସ୍‌ଏଏଫ୍ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ। ଏହା ବ୍ୟତୀତ ରୁପଶ୍ରୀ ୨୦୨୪ରେ ଭାରତୀୟ ଦଳ ପାଇଁ ଖେଳିଥିଲେ ଓ ରନର୍ସ ଅପ (ଉପ ବିଜେତା) ହୋଇଥିଲେ। ସେହିପରି ପୁଷ୍ପା ପରିଶ୍ରମ ଓ ପ୍ରତିବଦ୍ଧତା ବଳରେ ସେ ଉଭୟ ନୂଆଦିଲ୍ଲୀର ସୁଦେବ ଫୁଟବଲ ସ୍କୁଲ ଓ କନିଷ୍ଠ କଟକ ଫୁଟବଲ ଏକାଡେମୀ ପାଇଁ ମନୋନୀତ ହୋଇଥିଲେ। ସୁଦେବ ଫୁଟବଲ ସ୍କୁଲର ୧୭ ବର୍ଷରୁ କମ ଦଳରେ ପୁଷ୍ପା ଚୟନ ହେବା ସହ ନିଜର ଉଦ୍ୟମ ଜରିଆରେ ସଫଳତାର ଯାତ୍ରା ବଜାୟ ରଖିଛନ୍ତି। ସେହିପରି ଯୋଡ଼ା ଅଧୀନସ୍ଥ କମାରଯୋଡ଼ା ଅଞ୍ଚଳର ଦିଲସାନ୍ ଯୁଥ୍ ଡେଭେଲପମେଣ୍ଟ ଫୁଟବଲ ସେଣ୍ଟରରେ ନିଜର ଦକ୍ଷତା ବିକାଶ କରିଥିଲେ। ଜାମସେଦପୁର ଫୁଟବଲ କ୍ଲବ୍ ପାଇଁ ଖେଳିଥିଲେ। ସୁଦେବ ଫୁଟ୍‌ବଲ ସ୍କୁଲର ୧୫ ବର୍ଷରୁ କମ୍ ଟ୍ରାଏଲ ମ୍ୟାଚରେ ଭଲ ପ୍ରଦର୍ଶନ କରି ୨୦୨୪ରେ ହେବାକୁ ଥିବା ମ୍ୟାଚରେ ନିଜ ସ୍ଥାନ ପକ୍କା କରିଥିଲେ। ଯୁବ କ୍ରୀଡ଼ାବିତ୍‌ଙ୍କ ସଫଳତା ପଛରେ ଟାଟା ଷ୍ଟିଲ ଫାଉଣ୍ଡେଶନର କାର୍ଯ୍ୟକ୍ରମ, ତାଲିମ ଓ ଭିତିଭୂମି ଭୂମିକା ଅତୁଳନୀୟ ରହିଛି। କାର୍ଯ୍ୟକ୍ରମରେ ବର୍ତ୍ତମାନ ଯୋଡ଼ା ଅଞ୍ଚଳର ୬୪ ବାଳିକାଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ସ୍ୱ-ଧର୍ମକୁ ଫେରିଲେ ୩ ପରିବାର

କେନ୍ଦୁଝର,୧୪ା୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡିଶା ମା'ଭାରତୀ ଗ୍ରୁପ ଏବଂ ବିଶ୍ୱ ହିନ୍ଦୁ ପରିଷଦର ପରିଚାଳନାରେ କେନ୍ଦୁଝର ସହର ଉପକଣ୍ଠ ସିଦ୍ଧମଠଠାରେ ୩ ପରିବାର ହିନ୍ଦୁ ଧର୍ମକୁ ଫେରିଛନ୍ତି। ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ୍ ଶଗଡଭଙ୍ଗା ଗ୍ରାମର ଏହି ୩ ପରିବାରଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦିଆଯାଇ ଧର୍ମ ପରିବର୍ତ୍ତନ କରାଯାଇଥିଲା। ଗ୍ରୁପର ସଦସ୍ୟା, ସଦସ୍ୟ ପୁଣି ହିନ୍ଦୁ ଧର୍ମକୁ ଫେରି ଆସିବାକୁ ଅନୁରୋଧ କରିଥିଲେ। ପବିତ୍ର ବିଜୟା ଦଶମୀ ଅବସରରେ ସିଦ୍ଧମଠ ପରିସରରେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟଙ୍କ ସହଯୋଗରେ ୩ ପରିବାରର ୨୦ ଜଣ ସଦସ୍ୟ ପୁଣି ହିନ୍ଦୁ ଧର୍ମକୁ ଫେରିଛନ୍ତି। ପ୍ରଥମେ ପୁରୁଷମାନେ ଲଣ୍ଡା ହେବା ପରେ ହିନ୍ଦୁ ରୀତିନୀତି ଅନୁଯାୟୀ ପୂଜା ପାଠ କରାଯାଇଥିଲା। ଶେଷରେ ସମସ୍ତ ଲୋକ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ୩ ପରିବାରର ସଦସ୍ୟଙ୍କୁ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା। ମା'ଭାରତୀ ଗ୍ରୁପର ବରିଷ୍ଠ ସଦସ୍ୟ ସୁଦିପ୍ତ ପଟ୍ଟନାୟକ, ଦୁର୍ଗା ମାଧବ ପରିଡା, ଦେବ ସେନାର ଲୋକନାଥ ଗିରି, ପ୍ରିତୀ ରଞ୍ଜନ ବେହେରା, ବିଶ୍ୱ ହିନ୍ଦୁ ପରିଷଦର ଘନଶ୍ୟାମ ମହାନ୍ତ,କେଦାରନାଥ ଦାସ, ତୁଷାର ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ମା' ଦୁର୍ଗାଙ୍କୁ ଦର୍ଶନ କଲେ, ଦାଣ୍ଡିଆ ନାଚ ଦେଖିଲେ


ପୂଜା ମଣ୍ଡପ ବୁଲିବା ଅବସରରେ ମୁଖ୍ୟମନ୍ତ୍ରୀ।

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୪ା୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

ପବିତ୍ର ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଗସ୍ତରେ ଆସି ପୁରୁଣା ବଜାର୍ ସମେତ ବିଭିନ୍ନ ସାର୍ବଜନୀନ ଦୁର୍ଗା ଉତ୍ସବରେ ସାମିଲ ହୋଇଥିଲେ। ପୁରୁଣା ସହର ଶ୍ରୀ ଦୁର୍ଗା ଉତ୍ସବ କଲଚରାଲ କମିଟି ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ମଣ୍ଡପ ବୁଲି ମା' ଦୁର୍ଗାଙ୍କୁ ଦର୍ଶନ କରିଥିଲେ। ଗୁଜରାଟୀ ସମାଜରେ ନବରାତ୍ର ଅବସରରେ ଚାଲିଥିବା କାର୍ଯ୍ୟକ୍ରମରେ ଯୋଗଦେଇ ଦାଣ୍ଡିଆ ନୃତ୍ୟ ଦେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଦୁର୍ଗା ପୂଜା କମିଟି ପକ୍ଷରୁ ସ୍ୱାଗତ କରାଯାଇଥିଲା। ପୁରୁଣା ସହରରେ ମୁଖ୍ୟମନ୍ତ୍ରୀଙ୍କ ସହ ଏମ୍‌ପି ଅନନ୍ତ ନାୟକ, କମିଟିର ସଭାପତି ସଂଗ୍ରାମ ଦାସ, ଉପ ସଭାପତି ପ୍ରିୟପଦ ମିଶ୍ର, ସମ୍ପାଦକ ଜିତେନ୍ଦ୍ର ସାହୁ, ସହ ସମ୍ପାଦକ ଦଶରଥ ସାହୁ, ଉପଦେଷ୍ଟା ବିନୋଦ ବିହାରୀ ବେଜ ଓ ଗଦାଧର ପୃଷ୍ଟିଙ୍କ ସହିତ ପୁରୁଣା ବଜାର୍‌ବାସୀ ମଣ୍ଡପ ବୁଲିଥିଲେ। ଏହା ଛଡ଼ା ଜିଲା ମୁଖ୍ୟାଳୟରେ ବିଭିନ୍ନ ଦୁର୍ଗାପୂଜା ପେଣ୍ଡାଲ ବୁଲି ଦେଖିଥିଲେ। ଏହି ଅବସରରେ ବାଁପାରସ୍ଥିତ ସାଇ ମନ୍ଦିରକୁ ପରିଦର୍ଶନ କରିଥିଲେ। ପିଲା ଦିନ କଟିଥିବା ନିଜ ଜନ୍ମ ମାଟି ରାଇକଳା ଗ୍ରାମକୁ ଗସ୍ତ କରି ଲୋକଙ୍କୁ ଭେଟିଥିଲେ। ସେହିପରି ପିଲା ଦିନରୁ ବଡ଼ ହେବ ପର୍ଯ୍ୟନ୍ତ ଅଧିକ ସମୟ କରିଥିବା ଝୁମ୍ପୁରାଠାରେ ଜଗତ ଜନନୀ ମା' ଦୁର୍ଗାଙ୍କ ୫୧ତମ ଶାରଦୀୟ ପୂଜା ଓ ଦଶମୀ ପୂଜାରେ ସାମିଲ ହୋଇ ପୂଜାର୍ଚ୍ଚନା କରିଥିଲେ।

ସେହିପରି ପୂର୍ବତନ ମନ୍ତ୍ରୀ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କେନ୍ଦୁଝର ସହରର ପୁରୁଣା ବଜାର୍ ସମେତ ବିଭିନ୍ନ ସାର୍ବଜନୀନ ଦୁର୍ଗା ଉତ୍ସବରେ ସାମିଲ ହୋଇଥିଲେ। ଗୁଜରାଟୀ ସମାଜ ପକ୍ଷରୁ ଆୟୋଜିତ ଦାଣ୍ଡିଆ ନୃତ୍ୟରେ ସାମିଲ ହୋଇଥିଲେ। ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ଦୁର୍ଗା ପୂଜା ପେଣ୍ଡାଲ ବୁଲି ଦେଖିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୨ ଅଧିକାରୀ ନିଯୁକ୍ତ

କେନ୍ଦୁଝର,୧୪ା୧୦(ଦୀପକ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତ ଅବସରରେ ନିଜ ମଣ୍ଡୁଆସ୍ଥିତ ବାସଭବନରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଠାରେ ଅଭିଯୋଗ ଶୁଣାଣି ପାଇଁ ୨ ଜଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ମୁଖ୍ୟ ଅଭିଯୋଗ ଶୁଣାଣି ଅଧିକାରୀ ଭାବେ ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ଇଂ. ହିମାଂଶୁ ଶେଖର ସାହୁ ଏବଂ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଅଧିକାରୀଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ବାରିକ ନିଯୁକ୍ତି ପାଇଛନ୍ତି। ସେମାନେ କେନ୍ଦୁଝରବାସୀଙ୍କ ଅଭିଯୋଗ ଶୁଣି ସିଧାସଳଖ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଅଭିଯୋଗଗୁଡ଼ିକ ପ୍ରେରଣ କରିବେ। ମୁଖ୍ୟ ଅଭିଯୋଗ ଶୁଣାଣି ଅଧିକାରୀ ଇଂ. ହିମାଂଶୁ ଶେଖର ସାହୁ ପ୍ରତି ସୋମବାର ଜିଲାସ୍ତରରେ ହେଉଥିବା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହି ଅଭିଯୋଗର ସମାଧାନ ପାଇଁ ସହଯୋଗ କରିବେ। ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତ ଅଧିକାରୀ ଦ୍ୱୟ ଉପରେ ଆସ୍ଥା ପ୍ରକଟ କରି ଅଭିଯୋଗ ଶୁଣାଣି ପାଇଁ ଦାୟିତ୍ୱ ଦେଇଥିବାରୁ ଅଧିକାରୀ ଦ୍ୱୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଅଭିଯୋଗର ସମାଧାନ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# କଟା ଗଛର ମୂଳ ଗଣନା ଆରମ୍ଭ

## ସଂରକ୍ଷିତ ଜଙ୍ଗଲରୁ ଗଛ କଟା ଘଟଣା

କେନ୍ଦୁଝର,୧୪ା୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ବିଟ୍ ଅନ୍ତର୍ଗତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଅନୁମତି ବାହାରେ ଗଛ କଟା ଯାଇଥିବା ଅଭିଯୋଗ ହୋଇଥିଲା। ସଂରକ୍ଷିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ବାହାରେ ବହୁ ସଂଖ୍ୟାରେ ଗଛ ବିନା ଅନୁମତିରେ କାଟି ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀ ଡିଏଫ୍‌ଓ, ଚମ୍ପୁଆ ଉପ ଜିଲାପାଳ, ଚମ୍ପୁଆ ଥାନା ଅଧିକାରୀ, ଚମ୍ପୁଆ ରେଞ୍ଜ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ଡିଏଫଓ ଧନରାଜ ଏଚ୍‌ଡି ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଏସିଏଫ୍ ତଥା ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆ ଏକ ଟିମ୍ ଗଠନ କରି କଟା ଯାଇଥିବା ଗଛର ମୂଳ ଗଣନା ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ, କୃଷ୍ଣପୁର ବନ ସୁରକ୍ଷା ସମିତି ପକ୍ଷରୁ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବା ପାଇଁ ଆବେଦନ କରାଯାଇଥିଲା। ସମୁଦାୟ ୨୫୦୫ଟି ଗଛ କାଟିବ ପାଇଁ ବନ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଥିଲା। ଚିହ୍ନିତ ହୋଇଥିବା ୟୁକାଲିପଟାସ ଗଛ କଟାଯିବା ପାଇଁ ବନ ବିଭାଗ କିଛି ସର୍ତ୍ତ ରଖିଥିଲା। ତେବେ ଏହି ସର୍ତ୍ତକୁ ନ ମାନି ବନ ସୁରକ୍ଷା ସମିତିର କେତେକ ସଦସ୍ୟ ମନଇଚ୍ଛା ଗଛ କାଟିଥିବା ଗ୍ରାମବାସୀ ଜିଲାପାଳ, ଡିଏଫ୍‌ଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ। ବନ କର୍ମଚାରୀଙ୍କ ଜ୍ଞାତସାରରେ ଆକାଶିଆ, ଶାଳ ଏବଂ ଅନ୍ୟ ପ୍ରଜାତିର ବହୁ ଗଛ କାଟି ସଂଖ୍ୟାଲଘୁ କାଠମାଫିଆଙ୍କ ଦ୍ୱାରା ବାହାରକୁ ଚାଲାଣ କରିଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଥିଲେ। କୃଷ୍ଣପୁର ବନ ସୁରକ୍ଷା ସମିତି ଠିକ୍ ଭାବରେ କାମ କରୁନାହିଁ ଏବଂ ଏହାର ଖର୍ଚ୍ଚ ହିସାବ ହେଉନାହିଁ। ଗଛ କଟା ଅର୍ଥ କମିଟି ଆକାଉଣ୍ଟରେ ଜମା ନ ହୋଇ ବ୍ୟକ୍ତିଗତ ଆକାଉଣ୍ଟରେ ଜମା କରାଯାଉଥିବା ଅଭିଯୋଗ କରି ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି। ନୀତିନିୟମ ଉଲ୍ଲଘଂନ ହୋଇ ତରବରିଆ ଭାବେ ଗଛ କାଟିବାକୁ ଅନୁମତି ଦିଆଯାଇଥିବାରୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି। ଅନୁମତି ବାହାରେ ବହୁ ସଂଖ୍ୟାରେ ଶାଳ, ଆକାଶିଆ ଗଛ କଟାଯାଇଛି। ବନ ସୁରକ୍ଷା ସମିତି ସଦସ୍ୟଙ୍କ ନାମରେ ମାମଲା ରୁଜୁ କରିବା ସହ ବନପାଳ ଏବଂ ବନରକ୍ଷୀଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ବନପାଳ, ବନରକ୍ଷୀ ଏବଂ ସ୍କ୍ୱାର୍ଡ କର୍ମଚାରୀ ରବିବାରଠାରୁ ବନ କର୍ମଚାରୀ ସଂରକ୍ଷିତ ଜଙ୍ଗଲ ଏବଂ ଜଙ୍ଗଲ ବାହାରେ କଟା ଯାଇଥିବା ଗଛର ମୂଳ ଗଣନା କାର୍ଯ୍ୟ ଆରମ୍ଭ କରିଛନ୍ତି।


ବନ କର୍ମଚାରୀମାନେ କଟାଯାଇଥିବା ଗଛର ମୂଳ ଗଣନା କରୁଛନ୍ତି।

# ପୂର୍ବ ସରକାରରେ ଅଧିକାରୀ ମଞ୍ଚରେ, ନେତା ତଳେ: ମୁଖ୍ୟମନ୍ତ୍ରୀ


କେନ୍ଦୁଝରର ପଦ୍ମପୁର ଲକ୍ଷ୍ମୀ ପଡ଼ିଆଠାରେ ସୋମବାର ଭାଜପାର ଏକ ମେଗା ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦଳୀୟ ନେତାମାନେ।

କେନ୍ଦୁଝର,୧୪।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୩ ଦିନିଆ କେନ୍ଦୁଝର ଗସ୍ତ ଅବସରରେ ସୋମବାର ପଦ୍ମପୁର ଲକ୍ଷ୍ମୀ ପଡ଼ିଆଠାରେ ଭାଜପାର ଏକ ମେଗା ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଲୋକଙ୍କୁ ନୂତନ ସଦସ୍ୟ ଭାବେ ଭାଜପାରେ ଯୋଡ଼ିଥିଲେ। ଏହି ଅବସରରେ ଭାଜପା ସରକାରଙ୍କ ଯୋଜନା ବିଷୟରେ ବୁଝାଇଥିଲେ। ବିଜେଡିକୁ ଟାର୍ଗେଟ କରି ପୂର୍ବ ସରକାର ସମୟରେ ଅଧିକାରୀ ମଞ୍ଚରେ ବସୁଥିଲେ ଏବଂ ନେତା, ମନ୍ତ୍ରୀ ମଞ୍ଚ ତଳେ ରହୁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହେଲେ ଭାଜପା ସରକାରରେ ସରପଞ୍ଚ ଓ ୱାର୍ଡମେମ୍ବର ବି ମଞ୍ଚରେ ବସୁଥିବା କହିଥିଲେ। ଏଥିସହ ପୂର୍ବ ସରକାର ଅଧିକାରୀଙ୍କୁ ପଠାଇ ତାଙ୍କ ଜରିଆରେ ନେଇଥିବା ଅଭିଯୋଗର ସମାଧାନ ହୋଇଛି କି ବୋଲି ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭାରତୀୟ ଜନତା ପାର୍ଟିର ସଦସ୍ୟ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପଦ୍ମପୁର ମାଟି ମା' ଲକ୍ଷ୍ମୀଙ୍କ ମାଟି, ଏଠାକାର ଜନତା ବିପୁଳ ପରିମାଣର ଭୋଟ ଦେଇ ଭାଜପାକୁ ଜିତାଇଛନ୍ତି। ମୋଦି ଡବଲ ଇଞ୍ଜିନ ସରକାର ମାଗିଥିଲେ, ଆପଣମାନେ ୨୧ ରୁ ୨୦ ଏମ୍‌ପି ଜିତାଇଛନ୍ତି। ମୋଦି ଏ ଦାନକୁ ଭୁଲି ନାହାନ୍ତି। ଆଉ ଅଭିଯୋଗ ନେଇ ଭୁବନେଶର ଯିବାକୁ ପଡ଼ିବ ନାହିଁ, ଆଜି ସରକାର ଆପଣଙ୍କ ପାଖକୁ ଆସିଛନ୍ତି। ଏହି ଜିଲାକୁ ଏକ ନମ୍ବର କରିବା ପାଇଁ ଆପଣମାନଙ୍କ ସହଯୋଗ ଦରକାର ବୋଲି କହିଥିଲେ। ବିଜେଡିକୁ ଟାର୍ଗେଟ କରି କହିଥିଲେ, ପୂର୍ବ ସରକାରରେ ଜଣେ ଅଧିକାରୀ ଆସି ଦରଖାସ୍ତ ନେଉଥିଲେ, ଆଉ ସମାଧାନ ହୋଇଯିବ କହୁଥିଲେ। ସମସ୍ୟାର ସମାଧାନ ହୋଇଛି କି ବୋଲି ମୁଖ୍ୟମନ୍ତ୍ରୀ ପଚାରିଥିଲେ। ସେତେବେଳେ ଜଣେ ସଚିବ ମଞ୍ଚରେ ଭାଷଣ ଦେଉଥିଲେ, ନେତା, ମନ୍ତ୍ରୀ ତଳେ ଠିଆ ହେଉଥିଲେ। ଆଜି ମଞ୍ଚରେ ସରପଞ୍ଚ, ୱାର୍ଡ ମେମ୍ବର ବସିଛନ୍ତି। ଏଠାରେ ତାଙ୍କର ବସିବାର ଅଧିକାର ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୂର୍ବ ସରକାର ଲୋକଙ୍କ ପାଖକୁ ଗଲେ ନାହିଁ। ଅଫିସରଙ୍କୁ ପଠାଇଲେ। ଗଣତନ୍ତ୍ର ବଦଳରେ ଅମଲାତନ୍ତ୍ର ଚାଲିଲା, ତେଣୁ ଲୋକେ ସରକାର ପରିବର୍ତ୍ତନ କଲେ। ଭାଜପାର ସରକାର ଆସିବା ପରେ ଜିଲାର ମଣ୍ଡୁଆରେ ମଧ୍ୟ ଏକ ଅଭିଯୋଗ ପ୍ରକୋଷ୍ଠର କ୍ୟାମ୍ପ ଅଫିସ ଖୋଲିଛି। ଭୁବନେଶ୍ୱର ଯିବା ଦରକାର ନାହିଁ, ସେହିଠାରେ ଅଭିଯୋଗ ଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଜିଲାର ଉନ୍ନତି ପାଇଁ ଏଠାରେ ନିଶ୍ଚୟ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ହେବ। ଜିଲାର ପିଲାମାନେ ଚାକିରି ପାଇବେ, ମେଡିକାଲ କଲେଜ ଫୁଲଫ୍ଲେଜ୍‌ଡ ଚାଲିବ। ସୁଭଦ୍ରା ଯୋଜନାରେ ଏକ କୋଟି ମହିଳା ପର୍ଯ୍ୟାୟ କ୍ରମେ ୫୦ ହଜାର ଟଙ୍କା ପାଇବେ। ଏଥିସହ ଜଗନ୍ନାଥ ମନ୍ଦିର ୪ ଦ୍ୱାର, ରତ୍ନ ଭଣ୍ଡାର ଖୋଲାଯାଇଛି, ଧାନର ଏମ୍‌ଏସ୍‌ପି ମୂଲ୍ୟ ୩୧୦୦ ହୋଇଛି ବୋଲି କହିଥିଲେ। ତାଙ୍କ ସହ ଏମ୍‌ପି ଅନନ୍ତ ନାଏକ ଓ ତେଲକୋଇ ବିଧାୟକ ଫକିର ନାଏକ ଯୋଗଦେଇଥିଲେ।

# କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ରଖିଲେ ବିରଞ୍ଚି, ଅମରେଶ

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)

## ଭୁବନେଶ୍ୱର ବିଜେଡିରେ ବିଶୃଙ୍ଖଳା ପ୍ରସଙ୍ଗ

ଭୁବନେଶ୍ୱର ବିଜେଡି କନ୍ଦଳକୁ ନେଇ ଚର୍ଚ୍ଚା ଲାଗି ରହିଛି। ବିଶେଷକରି ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବା ପରେ ପରସ୍ପରକୁ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ୨ କର୍ପୋରେଟରଙ୍କ ବିରୋଧରେ ଦଳର ଅନ୍ୟ ୩୨ କର୍ପୋରେଟର ଏକାଠି ହୋଇ ମେଳି କରିଥିଲେ। ଦଳରେ କନ୍ଦଳ ବଢୁଥିବା ଦେଖି ସେପ୍ଟେମ୍ବର ୩୦ରେ ଦଳର ଜିଲା ସଭାପତି ସୁଶାନ୍ତ ରାଉତ ମଧ୍ୟ ନିର୍ବାଚନମଣ୍ଡଳୀ କର୍ପୋରେଟର ଅମରେଶ ଜେନା ଏବଂ ଏକାମ୍ର ନିର୍ବାଚନମଣ୍ଡଳୀ କର୍ପୋରେଟର ବିରଞ୍ଚି ମହାସୁପକାରଙ୍କୁ ବିଶୃଙ୍ଖଳା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ୧୫ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ଦୁଇ କର୍ପୋରେଟର ମିଳିତ ଭାବେ ଜିଲା ସଭାପତିଙ୍କ କାର୍ଯ୍ୟାଳୟରେ ନୋଟିସ୍‌ର ଲିଖିତ ଉତ୍ତର ଦାଖଲ କରିଛନ୍ତି। ଏନେଇ ବିରଞ୍ଚି କହିଛନ୍ତି, ଆମେ ବିଶୃଙ୍ଖଳିତ ବୋଲି ନୋଟିସ୍ ଜାରି କରାଯାଇଥିଲା। ଲିଖିତ ଭାବେ ଏହାର ଉତ୍ତର ରଖାଯାଇଛି। ଏଥିରେ ୧୫/୨୦ଟି ପଏଣ୍ଟ ରହିଛି। ଆମେ ଶୃଙ୍ଖଳିତ ସଭ୍ୟ ଭାବେ ଆଜି ପର୍ଯ୍ୟନ୍ତ ଦଳ ପାଇଁ ଯାହା କରିଛୁ ଏବଂ ଆମ ପାଇଁ କିଏ କ'ଣ କରିଛନ୍ତି ତାହା ଉଲ୍ଲେଖ କରିଛୁ। ଆମେ ପ୍ରକୃତରେ ଶୃଙ୍ଖଳିତ ବୋଲି ନିଜକୁ ପ୍ରମାଣିତ କରିବୁ। ୨୦୦୩ରୁ ୨୦୨୪ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମରେ ସେ ୪ଥର କର୍ପୋରେଟର ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ବିରଞ୍ଚି କହିଛନ୍ତି। ଏବେ ବି ଭୁବନେଶ୍ୱର ଜିଲା କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ, କି ଆଗକୁ ଆସିବନାହିଁ। ଆରୋପ ପ୍ରତ୍ୟାରୋପର ଖୁବ୍‌ଶୀଘ୍ର ସମାଧାନ ହେବ। ଏବେ ଦଳର ସଭାପତି ଯାହା ବିଚାର କରିବେ, ତାହା ଗ୍ରହଣ କରିବେ ବୋଲି ବିରଞ୍ଚି କହିଛନ୍ତି।

ସେହିପରି ଅମରେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଗତ ୨ବର୍ଷ ହେବ ସେମାନଙ୍କ ପ୍ରତି ଦଳରେ ଯାହାସବୁ ଅନ୍ୟାୟ ହୋଇଛି, ସେମାନଙ୍କୁ ଯେଭଳି ଭାବେ ହଇରାଣ କରାଯାଇଛି, ସେସବୁ ଉଲ୍ଲେଖ କରିଛନ୍ତି। ଯେହେତୁ ଦଳରେ ସେମାନଙ୍କ କଥା ବୁଝାଯାଉ ନ ଥିଲା ଏବଂ ବାରମ୍ବାର ଅନ୍ୟାୟ ହେଉଥିଲା, ତେଣୁ ସେମାନେ ଏଭଳି ବିରୋଧ କରୁଥିବା କହିଛନ୍ତି। କିନ୍ତୁ କେବଳ ଦୁହିଁଙ୍କୁ ହିଁ କାରଣ ଦର୍ଶାଅ ମଗାଗଲା। ମାତ୍ର ଯେଉଁମାନେ ଅନ୍ୟାୟ କଲେ, ସେମାନଙ୍କୁ ନୋଟିସ୍ କରାଗଲା ନାହିଁ। ନିଜ ଭିତରେ ଥିବା ଦୁଃଖ, ଅଭିମାନ, ଅଭିଯୋଗ ସବୁକିଛିକୁ ଲିଖିତ ଭାବେ ଜିଲା ସଭାପତିଙ୍କୁ ଅବଗତ କରାଯାଇଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏହା ପ୍ରତିଫଳିତ ହେବ ବୋଲି ଅମରେଶ ସୂଚନା ଦେଇଛନ୍ତି।

# ମୁଁ ବିଜେଡିରେ ନାହିଁ: ଅମର ଶତପଥୀ

ଯାଜପୁର/ଚଣ୍ଡିଖୋଲ(ହର୍ଷବର୍ଦ୍ଧନ ବେହେରା/ପ୍ରଦୀପ୍ତ କୁମାର ପୃଷ୍ଟି),୧୪।୧୦


ଅମର ପ୍ରସାଦ ଶତପଥୀ

ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ତଥା ଯାଜପୁର ଜିଲା ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଦଳରେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ତେଣୁ ଦଳର ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଇତିମଧ୍ୟରେ ଶେଷ ହୋଇଥିଲେ ମଧ୍ୟ ସେ ତାଙ୍କ ସଦସ୍ୟତା ନବୀକରଣ କରିନାହାନ୍ତି। ସେ ଦଳର ସଦସ୍ୟ ହୋଇ ଆଉ ରହିନାହାନ୍ତି। ଏବେ ସେ ସ୍ୱାଧୀନ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ କହିଛନ୍ତି। ଅମର ଆହୁରି କହିଛନ୍ତି ଯେ, କିଛିଦିନ ହେଲା ସେ ସକ୍ରିୟ ରାଜନୀତିଠାରୁ ଦୂରେଇ ରହିଛନ୍ତି। ଗତ ବିଧାନସଭା ନିର୍ବାଚନ ପରଠାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ କେବେ ଡାକିନାହାନ୍ତି କିମ୍ବା ସେ ନବୀନଙ୍କୁ ଭେଟିନାହାନ୍ତି। ଟିକେଟ ପାଇଁ ସେ କାହାରିକୁ ଭିକ ମାଗି ନ ଥିଲେ, କେବଳ ସ୍ଥିତି ସମ୍ପର୍କରେ ଜଣାଇଥିଲେ। ଦିନ ଥିଲା ସେ ଦଳରେ ଟିକେଟ ବାଣ୍ଟୁଥିଲେ। ଏବେ ଦଳରେ ତାଙ୍କର ଆବଶ୍ୟକତା ନ ଥିବା ଅନୁଭବ କରିଛନ୍ତି ବୋଲି ଅମର କହିଛନ୍ତି।

ଛାତ୍ର ରାଜନୀତିରୁ ଆସିଥିବା ଅମର ବଡ଼ଚଣା ବିଧାନସଭା ଆସନରୁ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଥମେ ସେ ୧୯୯୦ରେ ଜନତା ଦଳ ଟିକେଟ୍‌ରେ ବିଜୟୀ ହୋଇଥିଲେ। ଏହାପରେ ୧୯୯୫ ମସିହାରେ ଜନତା ଦଳ ଏବଂ ୨୦୦୦, ୨୦୧୪ ଓ ୨୦୧୯ରେ ବିଜେଡି ପ୍ରାର୍ଥୀ ଭାବେ ଏହି ଆସନରୁ ନିର୍ବାଚିତ ହୋଇଥିଲେ। ୨୦୦୪ ଏବଂ ୨୦୨୪ରେ ବିଜେଡି ତାଙ୍କୁ ଟିକେଟ୍ ଦେଇ ନ ଥିବାବେଳେ ୨୦୦୯ରେ ଏନ୍‌ସିପି ପ୍ରାର୍ଥୀ ଭାବେ ବିଜେଡି ସମର୍ଥନରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ କୃଷି ବିଭାଗର ମନ୍ତ୍ରୀ, ବିଜେଡିର ମୁଖ୍ୟ ସଚେତକ ଓ ଦଳର ମୁଖପାତ୍ର ଭାବରେ କାର୍ଯ୍ୟ କରିଛନ୍ତି। ୨୦୦୪ରେ ବିଜେଡି ପକ୍ଷରୁ ଗୌତମ ରାୟଙ୍କୁ ବଡ଼ଚଣାରୁ ପ୍ରାର୍ଥୀ କରାଯାଇଥିବା ବେଳେ ୨୦୨୪ରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଦଳର ପ୍ରାର୍ଥୀ ହୋଇଥିଲେ। ୨୦୨୪ରେ ଟିକେଟ ନ ପାଇବାରୁ ଅମର କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ଦଳ ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପାଳନ ହୋଇଥିବାବେଳେ ସେଥିରେ ସେ ଯୋଗଦେଇ ନ ଥିଲେ। ଏପରି କି ସଭ୍ୟ ସଂଗ୍ରହ ଅଭିଯାନରେ ମଧ୍ୟ ସେ ସାମିଲ ହୋଇ ନ ଥିଲେ। ଏବେ କେଉଁ ଦଳରେ ଯୋଗଦେବେ ବୋଲି ପଚରାଯିବାରୁ ଅମର କହିଛନ୍ତି, ତାଙ୍କ ସହ ଭାଜପା ସମେତ ବିଭିନ୍ନ ଦଳ ଯୋଗାଯୋଗ କରିଛନ୍ତି। କିନ୍ତୁ ସେ କୌଣସି ଦଳକୁ ଯାଇନାହାନ୍ତି। ବଡ଼ଚଣାର ଜନତା ଓ ସମର୍ଥକମାନଙ୍କ ସହ ଆଲୋଚନା ପରେ ଆଗାମୀ ପଦକ୍ଷେପ ସମ୍ପର୍କରେ ସ୍ଥିର ହେବ। ସେ ବଡ଼ଚଣାବାସୀଙ୍କ ସହିତ ରହିଛନ୍ତି ଏବଂ ରହିବେ ବୋଲି କହିଛନ୍ତି।

# ଯାହାଙ୍କୁ ଅଣନିଃଶ୍ୱାସୀ ଲାଗୁଛି, ଦଳ ଛାଡ଼ି ଯାଆନ୍ତୁ: ଲେନିନ୍

ଭୁବନେଶ୍ୱର,୧୪।୧୦(ଅନିଲ ଦାସ)


ଲେନିନ୍ ମହାନ୍ତି

ବିଜେଡିରେ ଜଣକ ପରେ ଜଣେ ନେତା ଦଳ ବିରୋଧରେ ବିଷୋଦ୍‌ଗାର କରୁଛନ୍ତି। ଦୋଷ–ତ୍ରୁଟି କାଢୁଛନ୍ତି। ବିଜେଡିର ବରିଷ୍ଠ ସଦସ୍ୟ ଅମର ଶତପଥୀ ମଧ୍ୟ ନିର୍ବାଚନ ବେଳେ ଦଳର ରଣନୀତିକୁ ନେଇ ଶାଣିତ ଆକ୍ରମଣ କରିଛନ୍ତି। ଦୁଇଦିନ ତଳେ ଅମର ଦଳର ପରାଜୟ ପାଇଁ ନବୀନ ପଟ୍ଟନାୟକଙ୍କୁ ଦାୟୀ କରିଥିଲେ। ନିର୍ବାଚନ ବିଜୟ ସମୟରେ ଯଦି ନବୀନ ଶ୍ରେୟ ନେଉଥିଲେ ତା'ହେଲେ ପରାଜୟର ଦାୟିତ୍ୱ ବି ସେ ମୁଣ୍ଡାଇବେ ବୋଲି କହିଛନ୍ତି। ଏହାର ଜବାବରେ ଲେନିନ୍ ମହାନ୍ତି କହିଛନ୍ତି, ଯାହାଙ୍କୁ ଦଳରେ ଅଣନିଃଶ୍ୱାସୀ ଲାଗୁଛି, ଛାଡ଼ି ପଳାଇଲେ ଭଲ ହୁଅନ୍ତା। ସେ ନିଜ ପୁତୁରାଙ୍କୁ ଆଗରୁ ଭାଜପାକୁ ଛାଡ଼ିଛନ୍ତି, ଏବେ ନିଜେ ପଳାନ୍ତୁ। ଦଳ ତାଙ୍କୁ ୬ ଥର ବିଧାୟକ କରିଛି, ବିଭିନ୍ନ ପଦପଦବୀ ଦେଇଛି। ତା' ପରେ ଯଦି ତାଙ୍କୁ ଅଣନିଃଶ୍ୱାସୀ ଲାଗୁଛି, ଛାଡ଼ି ପଳାଇଲେ ଭଲ ହେବ। ସେ ଚାଲିଗଲେ ଦଳର ପଇସାଟିଏର କ୍ଷତି ହେବ ନାହିଁ। ଯେଉଁମାନେ ଦଳରୁ ଡେଇଁଛନ୍ତି, ସେମାନେ ଭାଜପା ସମ୍ପର୍କରେ ଥିଲେ। ସେ ଭାଜପାକୁ ଯାଉନାହାନ୍ତି। ଯେଉଁମାନେ ଭାଜପା ଯାଇଛନ୍ତି, ସେମାନେ ସେଠି କ'ଣ ପାଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଯେଉଁମାନେ ଯିବାକୁ ଚାହୁଁଛନ୍ତି ଯାଆନ୍ତୁ। ବହୁ ଯୁବ ନେତା ଅଛନ୍ତି। ବିଜେଡି ଆହୁରି ସୁଦୃଢ଼ ହେବ ବୋଲି ଲେନିନ କହିଛନ୍ତି। ସୂଚନାଯୋଗ୍ୟ, ଅମରଙ୍କୁ ଗତ ନିର୍ବାଚନରେ ବିଜେଡି ବଡ଼ଚଣା ବିଧାନସଭା ଆସନରୁ ଟିକେଟ ଦେଇ ନ ଥିଲା। ତାଙ୍କ ବଦଳରେ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରିଥିଲା। ତେବେ ବର୍ଷା ନିର୍ବାଚନରେ ହାରି ଯାଇଥିଲେ।


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

# ମହିଷାସୁର କବଳରୁ ଓଡ଼ିଶା ମୁକୁଳିଛି: ଅମରେନ୍ଦ୍ର

ଜଗତ୍‌ସିଂହପୁର, ୧୪।୧୦
(ପ୍ରମୋଦ କୁମାର ନାୟକ

## ରାବଣପୋଡ଼ି ଉତ୍ସବରେ ବିଜେଡିକୁ ସମାଲୋଚନା

ମହିଷାସୁର ଓ ରାବଣ କବଳରୁ ଓଡ଼ିଶା ମୁକୁଳିଛି ବୋଲି ଜଗତ୍‌ସିଂପୁର ବିଧାୟକ ଅମରେନ୍ଦ୍ର ଦାସ କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ରାବଣ ପୋଡ଼ି ଉତ୍ସବରେ ରବିବାର ସେ ଅତିଥିଭାବେ ଯୋଗଦେଇ ଜିଲାରେ ୨/୩ ବର୍ଷ ହେବ ରାବଣ ପୋଡ଼ି ଉତ୍ସବ ହେଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହଛନ୍ତି ଦଶହରା, ରାବଣ ପୋଡ଼ି ଓ ଭସାଣିକୁ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ତାଙ୍କୁ ଡାକିବାର ଥିଲା। ସେ ଆସିଥିଲେ, ରାବଣ ପୋଡ଼ି ଉତ୍ସବରେ ଆତସବାଜୀ ପ୍ରତିଯୋଗିତା ହେବା କଥା ପ୍ରସ୍ତାବ ରଖିଥାନ୍ତେ। କାରଣ ଯୁଗ ସାଙ୍ଗକୁ ସମୟ ବଦଳିଛି। ସମୟ ପରିବର୍ତ୍ତନ ସହ ଲୋକଙ୍କ ଭାବନାରେ ଆଜି ସରକାର ମଧ୍ୟ ବଦଳିଛି। ତେଣୁ ପୁରୁଣା ବ୍ୟବସ୍ଥା ମଧ୍ୟ ବଦଳିବା ଦରକାର। ଚାରିଆଡ଼େ ଆତସବାଜୀ ପ୍ରତିଯୋଗିତା ହେଉଥିବା ବିଭିନ୍ନ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ତେଣୁ ଜଗତ୍‌ସିଂହପୁରକୁ ଏଥିରୁ ବଞ୍ଚିତ କରିବା ଉଚିତ ନୁହେଁ। ଜିଲାବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଆସନ୍ତା ବର୍ଷଠାରୁ ପାଖାପାଖି ୧ ଘଣ୍ଟା ଧରି ଆତସବାଜୀ ପ୍ରଦର୍ଶନ ହେବ। ଏହାଦ୍ୱାରା କାହାରି କ୍ଷତି ହେବନାହିଁ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କମ୍ପ୍ୟୁଟର ଯୁଗରେ ଫୋଟକା କାହା ମୁଣ୍ଡରେ ପଡ଼ିବ କିମ୍ବା କାହା ଘର ଜଳିଯିବାର ସମ୍ଭାବନା ନାହିଁ। ତେଣୁ ଭୟ କରିବା ଉଚିତ ନୁହେଁ। ବ୍ୟବସ୍ଥାରେ ପରିବର୍ତ୍ତନ ହେବ। ଆଗକୁ ଲୋକଙ୍କୁ ତହସିଲ, ବ୍ଲକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଧାଇଁବାକୁ ପଡ଼ିବ ନାହିଁ। ଥାନାରେ ଭଲ ବ୍ୟବହାର ମିଳିବ। ଏହି ଅବସରରେ ଅମରେନ୍ଦ୍ର ବିଜେଡି ଆଡ଼କୁ ତେରେଛା ବାଣ ଛାଡ଼ିଥିଲେ। ରାବଣ ଓ ମହିଷାସୁରଙ୍କ ବଧ ହୋଇଛି। ଓଡ଼ିଶା ଏବେ ମହିଷାସୁର ଓ ରାବଣମାନଙ୍କ କବଳରୁ ମୁକୁଳିଥିବା ଅମରେନ୍ଦ୍ର କହି ଚର୍ଚ୍ଚାକୁ ଖୋରାକ ଯୋଗାଇଛନ୍ତି। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମଧ୍ୟ ନାଁ ନ ନେଇ ବିରୋଧୀ ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଜିଲାରେ ସେ ଓ ଅମରେନ୍ଦ୍ର ଭାଜପା ଟିକେଟରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି। ଏବେ ଲୋକଙ୍କ ସରକାର ଚାଲିଛି। ଲୋକଙ୍କ ପାଇଁ ଯେଉଁଭଳି କାମ ଚାଲିଛି ତାହା ଅନେକ ଖଳ ତଥା ରାବଣ ପ୍ରକୃତିର ଲୋକଙ୍କ ପାଇଁ ପୋଡ଼ାଜଳା ଆରମ୍ଭ କଲାଣି ବୋଲି କହି ମନ୍ତ୍ରୀ ସମାଲୋଚନା କରିଥିଲେ। ତେବେ ଆସନ୍ତା ବର୍ଷ ଜଗତ୍‌ସିଂହପୁରରେ ଆହୁରି ଆଡ଼ମ୍ବରପୂର୍ଣ୍ଣ ରାବଣ ପୋଡ଼ି ଉତ୍ସବ ହେବ। ଜଗତ୍‌ସିଂହପୁରକୁ ଆସନ୍ତା ୫ ବର୍ଷରେ ବିକଶିତ ଜିଲା ଭାବେ ଗଢ଼ିତୋଳିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ।


ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ରାବଣ ପୋଡ଼ି ଉତ୍ସବରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

# ଆଗକୁ ମନୁଷ୍ୟରୂପୀ ରାବଣମାନଙ୍କ ପତନ ହେବ : ମନ୍ତ୍ରୀ ସମ୍ପଦ

ପାରଦୀପ,୧୪।୧୦ (ଶରତ ରାଉତ)

ଆଗାମୀ ଦିନରେ ମନୁଷ୍ୟରୂପୀ ରାବଣମାନଙ୍କ ପତନ ହେବ ବୋଲି ଶନିବାର ସନ୍ଧ୍ୟାରେ ପାରାଦୀପରେ ଅନୁଷ୍ଠିତ ରାବଣି ପୋଡ଼ି ଉତ୍ସବରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି। ଏହି ରାବଣ ପୋଡ଼ି ଉତ୍ସବକୁ ସ୍ୱାଭିମାନୀ ନେତା ଦାମୋଦର ରାଉତ ଆରମ୍ଭ କରିଥିଲେ। ଦାମବାବୁ କୌଣସି ଅପରାଧୀଙ୍କୁ ପ୍ରଶ୍ରୟ ଦେଉ ନ ଥିଲେ। ସେ ଯେଉଁମାନଙ୍କୁ ଘୃଣା କରୁଥିଲେ, ଏବେ ତାଙ୍କ ପୁତ୍ର ସେମାନଙ୍କୁ ସାଙ୍ଗରେ ନେଇ ରାଜନୀତି କରୁଛନ୍ତି। ଆଗାମୀ ଦିନରେ ଏହି ମନୁଷ୍ୟରୂପୀ ରାବଣମାନଙ୍କର ପତନ ହେବାକୁ ଯାଉଛି। ଏଭିଳି କହି ସେ ବାପି ସର୍ଖେଲଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଏସମ୍ପର୍କରେ ସାର୍ଖେଲ କହିଛନ୍ତି, ସମୟ ଆସିଲେ ଜଣାପଡ଼ିବ ବାସ୍ତବରେ ରାବଣ କିଏ ଓ ରାମ କିଏ। ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ କୁହନ୍ତି, ଏସବୁ ଦେଖି ସ୍ୱର୍ଗରେ ଦାମବାବୁଙ୍କ ଆତ୍ମା କାନ୍ଦୁଥିବ। ବାସ୍ତବରେ ଯେଉଁମାନେ ଠିକାଦାରୀ ମାଧ୍ୟମରେ ସରକାରୀ ସମ୍ପତି ଲୁଟ୍ କରୁଥିଲେ ସେମାନେ ଆଜି ସରକାରକୁ ଆସିବା ପରେ ଅନ୍ୟକୁ ଆଙ୍ଗୁଠି ଦେଖାଉଛନ୍ତି।

# ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୪୯%

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)



ପନିପରିବା ମୂଲ୍ୟରେ ବ୍ୟାପକ ବୃଦ୍ଧି ହେତୁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ତୀବ୍ର ବୃଦ୍ଧି ଘଟିଛି। ଗତ ୯ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ପହଞ୍ଚିଛି। ୨୦୨୪ ସେପ୍ଟେମ୍ବର ପାଇଁ ପ୍ରକାଶିତ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ ଇଣ୍ଡେକ୍ସ) ଅନୁଯାୟୀ, ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫% ଅତିକ୍ରମକରି ୫.୪୯%ରେ ପହଞ୍ଚିଛି। ତେବେ ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୬୫% ଥିବାବେଳେ ଜୁଲାଇରେ ୩.୫୪ ପ୍ରତିଶତ ଥିଲା। ଏହି କ୍ରମରେ ଖୁଚୁରା ମୁଦ୍ରାସ୍ଫୀତି ଆର୍‌ବିଆଇର ଟଲରାନ୍ସ ବ୍ୟାଣ୍ଡକୁ ୪% ଅତିକ୍ରମ କରିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁସାରେ ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୮୭% ଏବଂ ସହରାଞ୍ଚଳରେ ଏହା ୫.୦୫% ରହିଛି। ମନ୍ତ୍ରଣାଳୟ କହିଛି, ହାଇ ବେସ୍ ଇଫେକ୍ଟ ଏବଂ ପାଗ ଯୋଗୁ ଏହା ଘଟିଛି। ସେପ୍ଟେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ମଧ୍ୟ ବହୁତ ବୃଦ୍ଧି ଘଟି ଏହା ୯.୨୪ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୯.୦୮ ପ୍ରତିଶତ ଏବଂ ସହରାଞ୍ଚଳରେ ଏହା ୯.୫୬ ପ୍ରତିଶତ ରହିଛି। ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୫.୬୬% ଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ହୋଲ୍‌ସେଲ ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ହୋଲ୍‌ସେଲ ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ଘଟିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ସେପ୍ଟେମ୍ବରରେ ପନିପରିବା ମୁଦ୍ରାସ୍ଫୀତି ହାରରେ ବହୁ ବୃଦ୍ଧି ଘଟିଛି। ଅଗଷ୍ଟରେ ପନିପରିବାର ମୁଦ୍ରାସ୍ଫୀତି ହାର ୧୦.୭୧% ଥିଲା। ଏହା ସେପ୍ଟେମ୍ବରରେ ୩୫.୯୯% ରହିଛି। କ୍ଷୀର ଏବଂ ଏହାର ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ବୃଦ୍ଧି ପାଇଛି ଏବଂ ଅଗଷ୍ଟରେ ଏହା ୨.୯୮% ଥିବାବେଳେ ସେପ୍ଟେମ୍ବରରେ ୩.୦୩% ରହିଛି। ଡାଲିର ମୁଦ୍ରାସ୍ଫୀତି ହ୍ରାସ ପାଇଛି ଏବଂ ଅଗଷ୍ଟରେ ୧୩.୬୦% ତୁଳନାରେ ଏହା ୯.୮୧%କୁ ଖସି ଆସିଛି। ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ପାଇଛି ଏବଂ ସେପ୍ଟେମ୍ବରରେ ୬.୮୪% ରହିଛି ଯାହା ଅଗଷ୍ଟରେ ୭.୩୧% ଥିଲା। ଚିନିର ମୁଦ୍ରାସ୍ଫୀତି ହାର ୩.୪୬%କୁ ହ୍ରାସ ପାଇଛି । ସେହିପରି ଅଣ୍ଡାର ମୁଦ୍ରାସ୍ଫୀତି ହାର ୬.୩୧%କୁ ହ୍ରାସ ପାଇଛି। ମାଂସ ଏବଂ ମାଛର ମୁଦ୍ରାସ୍ଫୀତି ହାର ୨.୬୬% କୁ ଖସି ଆସିଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୪।୧୦

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୯୨ (୫୯୧.୬୯) ପଏଣ୍ଟ ବଢି ୮୧,୯୭୩ (୮୧,୯୭୩.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬୪ (୧୬୩.୭୦) ପଏଣ୍ଟ ବୃଦ୍ଧି ଘଟି ୨୫,୧୨୮ (୨୫,୧୨୭.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ଜିଓର ତ୍ରୈମାସିକ ନେଟ୍ ଲାଭ ୬୫୩୯ କୋଟି

ମୁମ୍ବାଇ,୧୪।୧୦

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସର ପରିଚାଳନାଗତ ଏବଂ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଡିଜିଟାଲ କ୍ଷେତ୍ରରେ କମ୍ପାନୀ ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ସେହିଭଳି ଜିଓ ପ୍ଲାଟ୍‌ଫର୍ମସର ନେଟ୍ ଲାଭ ପୂର୍ବ ବର୍ଷ ସମାନ ତ୍ରୈମାସ ତୁଳନାରେ ୨୩.୪% ବୃଦ୍ଧି ନେଟ୍ ଲାଭ ୬୫୩୯ କୋଟି ଟଙ୍କାରେ ପହଞ୍ଚିଥିବା କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଜିଓ ପ୍ଲାଟ୍‌ଫର୍ମର ତ୍ରୈମାସିକ ମୋଟ ରାଜସ୍ୱ ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୧୭.୭% ବୃଦ୍ଧି ପାଇ ୩୭,୧୧୯ କୋଟି ଟଙ୍କା ହୋଇଛି। ଏହି ତ୍ରୈମାସରେ ଜିଓର ଗ୍ରାହକ ସଂଖ୍ୟାରେ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୪.୨% ବୃଦ୍ଧି ସହିତ ସେପ୍ଟେମ୍ବର ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୪୭.୮୮ କୋଟି ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ୧୪.୮ କୋଟି ଗ୍ରାହକ ଜିଓ ୫ଜି ନେଟ୍ ୱର୍କ ଆପଣାଇବା ସହିତ ୫ଜି କ୍ଷେତ୍ରରେ ଜିଓ ଏହାର ଅଗ୍ରଣୀ ସ୍ଥିତିକୁ ଆହୁରି ସୁଦୃଢ କରିଛି। ଏହି ତ୍ରୈମାସରେ ଜିଓ ନେଟ୍‌ୱର୍କରେ ଡାଟା ଟ୍ରାଫିକ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୨୪% ବୃଦ୍ଧି ପାଇ ୪୫ ବିଲିୟନ ଜିବି ହୋଇଥିବାବେଳେ ଭଏସ ଟ୍ରାଫିକ ୬.୪% ବୃଦ୍ଧି ସହିତ ୧.୪୨ ଟ୍ରିଲିୟନ ମିନିଟ ରହିଥିବା ଜଣାପଡିଛି। ଅପରପକ୍ଷରେ ୫ଜି ଏବଂ ହୋମ୍ ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ସଂଖ୍ୟାରେ ବୃଦ୍ଧି ସହିତ ଗ୍ରାହକ ପ୍ରତି ମାସିକ ଡାଟା ବ୍ୟବହାର ୩୧ଜିବିକୁ ବୃଦ୍ଧି ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ତ୍ରୈମାସରେ ଜିଓ ୨.୮ନିୟୁତରୁ ଉର୍ଦ୍ଧ୍ୱ ଜିଓ ଏୟାର ଫାଇବର ଗ୍ରାହକଙ୍କ ସହିତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଫିକ୍ସଡ ୱେର୍‌ଲେସ ଅପରେଟର ହୋଇଛି। ଜିଓର ପ୍ରତି ଗ୍ରାହକ ପିଛା ମାସିକ ରାଜସ୍ୱ ୧୯୫.୧ ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ମୋଟ ରାଜସ୍ୱ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ସାମାନ୍ୟ ବୃଦ୍ଧି ସହିତ ୨୫୮୦୨୭ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି।ସେହିଭଳି ରିଲାଏନ୍ସ ରିଟେଲର ତ୍ରୈମାସିକ ମୋଟ ରାଜସ୍ୱ ୭୬୩୦୨ କୋଟି ଟଙ୍କା ରହିଥିବାବେଳେ ତୈଳ, ରସାୟନ ଏବଂ ଉତ୍ତୋଳନ କ୍ଷେତ୍ରର ମୋଟ ରାଜସ୍ୱ ପୂର୍ବ ବର୍ଷ ତୁଳନାରେ ୫.୧% ବୃଦ୍ଧି ପାଇ ୧୫,୫୫୮୦ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି।

## ନବୀକରଣ ଭିତ୍ତିଭୂମି ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୧୦

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସ୍ଥିରତା ଓ ନବସୃଜନ ଉପରେ ଗୁରୁତ୍ୱ ଦେଇ ଏକ ପ୍ରମୁଖ ଉତ୍ପାଦନ ଉଦ୍ୟୋଗ ରୁନୟା ଓଡ଼ିଶାର ଝାରସୁଗୁଡ଼ାର ବଞ୍ଜାରୀସ୍ଥିତ ସରକାରୀ ସ୍କୁଲର ଭିତ୍ତିଭୂମିକୁ ବଦଳାଇ ଏକ ନବୀକରଣ ବିଦ୍ୟାଳୟ ନିର୍ମାଣ କରିଛି। ଏପରିକି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପଦକ୍ଷେପରେ ରୁନୟା ଉକ୍ତ ବିଦ୍ୟାଳୟର ଆଧୁନିକୀକରଣ କରିଛି। ଏହାର ଲାଇବ୍ରେରି, ରୋଷେଇଘର ଓ ଉନ୍ନତ ବାଳିକା ୱାଶ୍‌ରୁମ୍ ଭଳି ଅନେକ ସୁବିଧା କରିଛି। ଏହାଦ୍ୱାରା ସ୍କୁଲର ଉତ୍ତମ ସ୍ୱଚ୍ଛତା ନିଶ୍ଚିତ କରାଯିବା ସହିତ ୩୩୦୦ରୁ ଅଧିକ ହିତାଧିକାରୀଙ୍କ ସୁସ୍ଥତା ଓ ସାମଗ୍ରିକ ବିକାଶ ସାଧିତ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଝାରସୁଗୁଡ଼ା ଜିଲା ଶ୍ରମ ଅଧିକାରୀ (ଡିଏଲ୍‌ଓ) ସୁନୀତା କିଷାନ, ବଞ୍ଜାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷୀ ନାୟକ ଏବଂ ରୁନୟାର ଡେପୁଟି ସିଇଓ (ସବୁଜ ଆଲୁମିନିୟମ ପୁନରୁଦ୍ଧାର ବ୍ୟବସାୟ) ସନ୍ଦୀପ ସରକାରଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ନବନିର୍ମିତ ଏହି ସୁବିଧାଗୁଡ଼ିକ ଛାତ୍ରୀଛାତ୍ରମାନଙ୍କୁ ଏକ ଶିକ୍ଷଣୀୟ ପରିବେଶ ଯୋଗାଇବା ସହ ଉଭୟ ଏକାଡେମିକ୍ ଉତ୍କର୍ଷ ଏବଂ ବ୍ୟକ୍ତିଗତ ବିକାଶକୁ ଲକ୍ଷ୍ୟକରିବ। ଏହାସହ ଏହି ପଦକ୍ଷେପ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ସମେତ ୫୭୦ ପ୍ରତ୍ୟକ୍ଷ ହିତାଧିକାରୀ ପରିବାର ଏବଂ ସମ୍ପ୍ରଦାୟର ସଦସ୍ୟଙ୍କ ସହିତ ୩୩୦୦ରୁ ଅଧିକ ପରୋକ୍ଷ ହିତାଧିକାରୀଙ୍କୁ ଉପକୃତ କରିବ। ଏ ସମ୍ପର୍କରେ ରୁନୟାର ସିଇଓ (ପୁନରୁଦ୍ଧାର ବ୍ୟବସାୟ) ଜଗନ୍ନାଥ ପ୍ରସାଦ କହିଛନ୍ତି, ପିଲାମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ମଧ୍ୟରେ ରଖିବା ଉଚିତ। ଏପରିକି ସେମାନଙ୍କର ଉତ୍ତମ ଭବିଷ୍ୟତ ଗଠନ ଲାଗି ଏହି ସୁବିଧା ଆଗ ଦରକାର ରହିଛି। ବଞ୍ଜାରୀଠାରେ ଏହି ନବୀକରଣ ପିଏମ୍ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛତା ମିଶନ ସହ ସମାନ ଓ ଏହା ନିଶ୍ଚିତ କରିବ ଯେ ବାଳିକାମାନେ ନିରାପଦ ତଥା ଆରାମଦାୟକ ପରିବେଶ ପାଇବେ।

## ୟୁଏଆଇଏଲ୍‌ର ନୂତନ ପ୍ରକଳ୍ପ ‘ପ୍ରୋଜେକ୍ଟ ଉର୍ମି’




ଭୁବନେଶ୍ୱର,୧୪।୧୦ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ (ୟୁଏଆଇଏଲ୍)ର ନୂତନ ପ୍ରକଳ୍ପ ‘ପ୍ରୋଜେକ୍ଟ ଉର୍ମି’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ରାୟଗଡ଼ା ଜିଲାର କାଶୀପୁର ବ୍ଲକ୍ ଏବଂ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ୍‌ରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ଯାହା ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ଉଲ୍ଲେଖଯୋଗ୍ୟ, ପ୍ରୋଜେକ୍ଟ ଉର୍ମି ୩ ବର୍ଷ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ, ଯାହା ବହୁ ହଜାର ଜୀବନକୁ ସ୍ପର୍ଶ କରିବ। ବିଶେଷକରି ଏହା ୪୦ ଗ୍ରାମରେ ୫,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପରିସରଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଉତ୍କଳ ଆଲୁମିନାର ୟୁନିଟ୍ ହେଡ୍ ରବି ମିଶ୍ର କହିଥିଲେ,ପ୍ରୋଜେକ୍ଟ ଉର୍ମି ଆମ ଜନସମୁଦାୟଙ୍କ ନିମନ୍ତେ ଆଶା ଓ ପ୍ରଗତିର ଏକ ଧ୍ୱଜାଧାରୀ ହୋଇଛି। ସ୍ୱାସ୍ଥ୍ୟର ମାନରେ ଉନ୍ନତି ଆଣିବା ନିମନ୍ତେ ଆମର ଉତ୍ସର୍ଗୀକୃତ ପ୍ରୟାସ କେବଳ ସଂଖ୍ୟା ଉପରେ ଆଧାରିତ ନୁହେଁ, ବରଂ ଜୀବନରେ ରୂପାନ୍ତରଣ ଆଣିବା ଉପରେ ଆଧାରିତ ରହିଛି। ସେହିଭଳି କାଶୀପୁର ବ୍ଲକ୍‌ର ଅତିରିକ୍ତ ବିଡିଓ ପଦ୍ମିନୀ କହଁର କହିଛନ୍ତି, ପ୍ରୋଜେକ୍ଟ ଉର୍ମି ଉତ୍କଳ ଆଲୁମିନାର ସାମାଜିକ ଦାୟିତ୍ୱବୋଧ ଓ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ଉତ୍ସର୍ଗୀକୃତ କାର୍ଯ୍ୟର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି, ଯାହା ଏହା ସେବା ଯୋଗାଉଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣରେ ବୃଦ୍ଧି ଘଟାଇବା କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି।

## ୧୧.୪ % ବଢ଼ିଲା କୋଇଲା ଆମଦାନୀ

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

ଭାରତର କୋଇଲା ଆମଦାନୀ ପରିମାର ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଭାରତର କୋଇଲା ଆମଦାନୀ ୧୧.୪ ପ୍ରତିଶତ ବୃଦ୍ଧି ହୋଇ ୧୨୧.୧ ମିଲିୟନ ଟନ୍‌ରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଦେଶ ୧୦.୮୭ କୋଟି ଟନ୍ କୋଇଲା ଆମଦାନୀ କରିଥିଲା। ଇ-କମର୍ସ ପ୍ଲାଟ୍‌ଫର୍ମ ‘ଏମ୍‌ଜଙ୍କସନ’ ଏହି ତଥ୍ୟ ପ୍ରକାଶ କରିଛି। କେବଳ ଅଗଷ୍ଟରେ କୋଇଲା ଆମଦାନୀ ୫.୪% ବୃଦ୍ଧି ହୋଇ ୨୦.୭ ନିୟୁତ ଟନ୍‌ରେ ପହଞ୍ଚିଛି। ଅଗଷ୍ଟରେ ମୋଟ ଆମଦାନୀ ମଧ୍ୟରେ ଅଣ-କୁକିଂ କୋଇଲା ଆମଦାନୀ ୧୧.୮ ନିୟୁତ ଟନ୍‌ରୁ ବାର୍ଷିକ ୧୩.୦ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ମାତ୍ର କୁକିଂ କୋଇଲା ଆମଦାନୀ ୪୬.୨ ଲକ୍ଷ ଟନ୍‌ରୁ ୪୫.୩ ଲକ୍ଷ ଟନ୍‌କୁ ହ୍ରାସ ପାଇଛି। ଚଳିତ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଅଣକୁକିଂ କୋଇଲା ଆମଦାନୀ ୭୮.୬ ନିୟୁତ ଟନ୍‌ରେ ପହଞ୍ଚିଛି। କୁକିଂ କୋଇଲା ଆମଦାନୀ ପରିମାଣ୨.୪୭ କୋଟି ଟନ୍ ରହିଛି।

## ବନ୍ଧନ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୪।୧୦

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ ଉତ୍ପାଦ ‘ବନ୍ଧନ ନିଫ୍ଟି ୫୦୦ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡ୍ ଓ ବନ୍ଧନ ନିଫ୍ଟି ୫୦୦ ମୋମେଣ୍ଟମ୍ ୫୦ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍‌ଗୁଡିକ ଯଥାକ୍ରମେ ନିଫ୍ଟି୫୦୦ ଭାଲ୍ୟୁ ୫୦ ଇଣ୍ଡେକ୍ସ ଓ ନିଫ୍ଟି୫୦୦ ମୋମେଣ୍ଟମ୍ ୫୦ ଇଣ୍ଡେକ୍ସକୁ ଟ୍ରାକ୍ କରୁଛନ୍ତି। ନିଫ୍ଟି ୫୦୦ଭାଲ୍ୟୁ ୫୦ ଇଣ୍ଡେକ୍ସ ନିଫ୍ଟି ୫୦୦ୟୁନିଭର୍ସ ମଧ୍ୟରେ ୫୦ଟି ଅଣ୍ଡରଭାଲ୍ୟୁଡ୍ କମ୍ପାନୀ ଉପରେ ଗୁରୁତ୍ୱ ଦେଉଥିବାବେଳେ ନିଫ୍ଟି ୫୦୦ ମୋମେଣ୍ଟମ୍ ୫୦ଇଣ୍ଡେକ୍ସ ସେମାନଙ୍କର ସଦ୍ୟତମ ଶକ୍ତିଶାଳୀ ପ୍ରଦର୍ଶନ ଧାରା ଉପରେ ଆଧାରକରି ୫୦ଟି ଷ୍ଟକ୍ ଉପରେ ଗୁରୁତ୍ୱ ଦେଉଛି। ଏହି ନୂତନ ଫଣ୍ଡ୍ ଅଫରଗୁଡିକ ୨୦୨୪ ଅକ୍ଟୋବର ୨୪ରେ ଶେଷ ହେବ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ବନ୍ଧନ ନିଫ୍ଟି ୫୦୦ଭାଲ୍ୟୁ ୫୦ଇଣ୍ଡେକ୍ସ ଫଣ୍ଡ୍ ନିଜର ଅନ୍ତର୍ନିହିତ ମୂଲ୍ୟଠାରୁ କମ୍‌ରେ କାରବାର କରୁଥିବା ଆଉଟ୍-ଅଫ୍-ଫେଭର ଷ୍ଟକ୍‌ଗୁଡିକ ପାଇଁ ଏକ୍ସପୋଜର ପ୍ରଦାନ କରିବା ଏବଂ ସେମାନଙ୍କର ସମ୍ଭାବ୍ୟ ପୁନରୁଦ୍ଧାରରୁ ଲାଭାନ୍ୱିତ ହେବା ପାଇଁ ଲକ୍ଷ୍ୟ ରଖିଛି। ସେହିପରି ବନ୍ଧନ ନିଫ୍ଟି ୫୦୦ ମୋମେଣ୍ଟମ୍ ୫୦ ଇଣ୍ଡେକ୍ସ ଫଣ୍ଡ ସଦ୍ୟତମ ଶକ୍ତିଶାଳୀ ପ୍ରଦର୍ଶନ ଥିବା ଷ୍ଟକ୍‌ଗୁଡିକ ଉପରେ ଗୁରୁତ୍ୱ ଦେଉଛି।

## ୧୦ ଦିନରେ ୧୩୪%ର ଅଭିବୃଦ୍ଧି ହାସଲ

ନୂଆଦିଲ୍ଲୀ,୧୪।୧୦

ଭାରତରେ ପାର୍ବଣ ଋତୁ ବ୍ୟବସାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଧିକୁ ଚିହ୍ନିତ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ କର୍ପୋରେଟ ଆବଶ୍ୟକତାକୁ ସମ୍ବୋଧିତ କରି ଭାରତର ଅଗ୍ରଣୀ ବି୨ବି ଅନ୍‌ଲାଇନ ମାର୍କେଟପ୍ଲେସ୍ ଆମାଜନ ବିଜ୍‌ନେସ୍ ପକ୍ଷରୁ ଶୁଭାରମ୍ଭ କରାଯାଇଥିବା ଏକ ଉତ୍ସର୍ଗୀକୃତ କର୍ପୋରେଟ୍ ଗିଫ୍ଟିଙ୍ଗ୍ ଷ୍ଟୋର୍ ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ କେବଳ ୧୦ ଦିନରେ ୧୩୪% ଅଭିବୃଦ୍ଧି ହାସଲ କରିଛି। ଏହି ସମୟରେ ମୋଟ ଅର୍ଡରରେ ୯୫% ଓ କ୍ରୟ କରୁଥିବା ଗ୍ରାହକଙ୍କ ସଂଖ୍ୟାରେ ୧୦୭% ବୃଦ୍ଧି ଦେଖିବାକୁ ମିଳିଛି। ଏକ ବିସ୍ତୃତ ଶୃଙ୍ଖଳାର ଉପହାର ବିକଳ୍ପ ସହ ୮୫୦୦ ରୁ ଅଧିକ ଜିଏସ୍‌ଟି-ସକ୍ଷମ ଉତ୍ପାଦ ଅନ୍ତର୍ଭୁକ୍ତ ଥିବା ଏହି ଷ୍ଟୋରରେ ଲୋକପ୍ରିୟ ଉପହାର ସାମଗ୍ରୀ ଭାବେ ମିକ୍ସର ଗ୍ରାଇଣ୍ଡର ଓ ଜୁସ୍‌ର ୫.୫ଗୁଣ ଅଭିବୃଦ୍ଧି ହାସଲ କରିଥିବା ବେଳେ କୁକର ଭଳି ଅନ୍ୟ କିଚେନୱେୟାର ୩ ଗୁଣ ବୃଦ୍ଧି ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଆମାଜନ ବିଜ୍‌ନେସ୍‌ର ନିର୍ଦ୍ଦେଶକ ସୁଚିତ ସୁବାଷ କହିଛନ୍ତି, ଚଳିତ ପାର୍ବଣ ଋତୁରେ ଆମର କର୍ପୋରେଟ ଗିଫ୍ଟିଙ୍ଗ୍ ଷ୍ଟୋରର ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଭାରତରେ ଇ-କ୍ରୟର ଦ୍ରୁତ ଗ୍ରହଣୀୟତାକୁ ହାଇଲାଇଟ୍ କରୁଛି। ଏହି ବୃଦ୍ଧି ଅନ୍‌ଲାଇନ ଗିଫ୍ଟିଙ୍ଗ୍‌ର ସୁବିଧା ଓ ଆଧୁନିକ ବ୍ୟବସାୟଗୁଡିକର ବିକଶିତ ଆବଶ୍ୟକତାକୁ ପ୍ରତିଫଳନ କରୁଛି। ଏପରିକି ଆମେ ଆମାଜନ ବିଜ୍‌ନେସ୍‌କୁ ଏକ ଅନ୍‌ଲାଇନ ବି୨ବି ମାର୍କେଟପ୍ଲେସ୍‌ରେ ପରିଣତ କରିବାକୁ ସକ୍ଷମ ହୋଇଛୁ,ଯାହା ଭୌଗୋଳିକ ପ୍ରତିବନ୍ଧକକୁ ଦୂରକରିବା ସହ ସେଲରମାନଙ୍କୁ ଦେଶର କୋଣ ଅନୁକୋଣରେ ଗ୍ରାହକଙ୍କ ସହ ସଂଯୋଗ କରୁଛି ଏବଂ ଦେଶର ୧୦୦% ପିନ୍‌କୋଡ୍‌ରେ ସେବା ପ୍ରଦାନ କରୁଛି। ଚଳିତ ପାର୍ବଣ ଋତୁରେ ହେଡ୍‌ଫୋନ୍ ସବୁଠାରୁ ଲୋକପ୍ରିୟ ଟେକ୍ ଗିଫ୍ଟିଂ ସାମଗ୍ରୀ ଭାବେ ଉଭା ହୋଇଛି, ଯାହା ଗତ ବର୍ଷ ତୁଳନାରେ ୬% ବୃଦ୍ଧି ହାସଲ କରିଛି। ସେହିପରି ୨.୫ ଗୁଣ ବୃଦ୍ଧି ସହ ଲାପ୍‌ଟପ୍ ବ୍ୟାଗ୍ ଆଉ ଏକ ସର୍ବାଧିକ ବିକ୍ରି ବର୍ଗରେ ପରିଣତ ହୋଇଛି। ସ୍ନାକ୍ସ ଓ ସ୍ୱିଟ୍ ଗିଫ୍ଟ ହାମ୍ପର ଅନ୍ୟତମ ଲୋକପ୍ରିୟ ବର୍ଗ ହୋଇଥିବାବେଳେ ଚକୋଲେଟ୍ ୧.୭ ଗୁଣ ବୃଦ୍ଧି ସହ ସର୍ବାଧିକ ଉପହାର ଦିଆଯାଉଥିବା ବର୍ଗରେ ପରିଣତ ହୋଇଛି। ସେହିପରି ଡ୍ରାଏ ଫ୍ରୁଟ୍ ହାମ୍ପର ୩.୭ ଗୁଣ ବୃଦ୍ଧି ହାସଲ କରିଥିବା ବେଳେ ଟି ଓ କଫି ହାମ୍ପର ବର୍ଗ ୨ଗୁଣ ବୃଦ୍ଧି ହାସଲ କରିଛି। ଚଳିତ ପାର୍ବଣ ଋତୁରେ ଆମାଜନ ବିଜ୍‌ନେସ୍ କେରଳରୁ ଜମ୍ମୁ-କଶ୍ମୀର ଓ ଗୁଜରାଟରୁ ନାଗାଲାଣ୍ଡ ପର୍ଯ୍ୟନ୍ତ ଭାରତର କୋଣ ଅନୁକୋଣରେ ସେଲର ଓ କର୍ପୋରେଟଗୁଡିକ ମଧ୍ୟରେ ସଂଯୋଗକୁ ସୁଗମ କରିଛି।

ଫୁର୍‌ସତ୍

# ମନ୍ଦିରରେ ପୂଜା ପାଉଛନ୍ତି ରାବଣ

ଯୋଧପୁର



ଭାରତରେ ରାବଣ ଦହନ ବା ରାବଣ ପୋଡ଼ି ଉତ୍ସବ ଅସତ୍ୟ ଉପରେ ସତ୍ୟର ପ୍ରତୀକ ଭାବରେ ଜଣାଶୁଣା। ପ୍ରତିବର୍ଷ ବିଜୟାଦଶମୀ ଉପଲକ୍ଷେ ରାବଣ ପୋଡ଼ି କରାଯାଇଥାଏ। ସାଧାରଣତଃ ଲୋକମାନେ ରାବଣକୁ ମନ୍ଦର ପ୍ରତୀକ ଭାବରେ ଦେଖିଥାନ୍ତି। କିନ୍ତୁ ରାଜସ୍ଥାନର ଯୋଧପୁରରେ ଏପରି ଏକ ସ୍ଥାନ ରହିଛି, ଯେଉଁଠାରେ ରାବଣର ପୂଜା କରାଯାଇଥାଏ। ଯୋଧପୁରର ମାଣ୍ଡୋର ରେଳ ଷ୍ଟେଶନ ନିକଟରେ ରାବଣର ଏକ ମନ୍ଦିର ରହିଛି, ଯାହା ବିଷୟରେ କୁହାଯାଏ ଯେ ରାବଣର ବିବାହ ସେଠାରେ ହୋଇଥିଲା। ଉକ୍ତ ମନ୍ଦିରରେ ରାବଣର ପୂଜା କରାଯାଇଥାଏ। ମାଣ୍ଡୋର ରେଳ ଷ୍ଟେଶନ ସମ୍ମୁଖରେ ଏକ ସ୍ଥାନ ରହିଛି, ଯାହାକୁ ରାବଣର ବିବାହ ସ୍ଥଳ ବୋଲି କୁହାଯାଏ। ମାଣ୍ଡୋର ରାବଣର ସ୍ତ୍ରୀ ମନ୍ଦୋଦରୀଙ୍କ ବାପଘର ଭାବରେ ଜଣାଶୁଣା। ତେବେ ଉକ୍ତ ଦାବି ନେଇ କେବଳ ଲୋକମାନଙ୍କ ବିଶ୍ୱାସ ରହିଛି। ଏନେଇ କୌଣସି ଐତିହାସିକ ପ୍ରମାଣ କିମ୍ବା ପୌରାଣିକ ଆଧାର ନାହିଁ। ରାବଣ ମାଣ୍ଡୋର ଅଞ୍ଚଳର ଜ୍ୱାଇଁ ବୋଲି ଏଠାକାର ଅଧିବାସୀମାନେ ବିଶ୍ୱାସ କରନ୍ତି, ତେଣୁ ସେମାନେ ରାବଣର ପୂଜା କରି ଆସନ୍ତି।

ସାଧାରଣତଃ ଭାରତରେ ଜ୍ୱାଇଁଙ୍କୁ ଦେବତା ପରି ପୂଜା କରାଯାଇଥାଏ। ଏହି ନ୍ୟାୟରେ ମାଣ୍ଡୋରବାସୀମାନେ ଜ୍ୱାଇଁ ମାନ୍ୟତା ସହ ରାବଣର ପୂଜା କରିଥାନ୍ତି। ୨୦୦୮ରେ ଏଠାରେ ରାବଣର ମନ୍ଦିରକୁ ସ୍ଥାପନ କରାଯାଇଥିଲା ଏବଂ ଏହା ପରଠାରୁ ଏଠାରେ ରାବଣର ପୂଜା କରାଯାଉଛି। ତେବେ ଦଶହରାରେ ରାବଣ ଦହନ ହେବା ପରେ ଏଠାକାର ଲୋକେ ଶୋକ କରିଥାନ୍ତି ବୋଲି ଏହି ମନ୍ଦିରର ପୂଜାରୀ କହିଛନ୍ତି। କାହାଣୀ ଅନୁଯାୟୀ, ମନ୍ଦୋଦରୀ ମାଣ୍ଡୋରର ରାଜକୁମାରୀ ଥିଲେ। ମନ୍ଦୋଦରୀଙ୍କ ନାମରେ ମାଣ୍ଡୋରର ନାମ ରଖାଯାଇଛି।

# ‘ଦୋ ପତ୍ତି’ ଟ୍ରେଲର ଆଉଟ



କ୍ରିତି ସାନନ୍

ମୁମ୍ବାଇ

ଅଭିନେତ୍ରୀ କାଜୋଲ, କ୍ରିତି ସାନନ୍ ଓ ଅଭିନେତା ଶାହିର ଶେଖ୍‌ଙ୍କ ଅଭିନୀତ ‘ଦୋ ପତ୍ତି’ ଟ୍ରେଲରକୁ ସୋମବାର ଜାରି କରାଯାଇଛି। ୨ ମିନିଟ ୩୬ ସେକେଣ୍ଡ ବିଶିଷ୍ଟ ଏହି ଟ୍ରେଲରକୁ ଦେଖିବା ପରେ ଫିଲ୍ମକୁ ନେଇ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏହି ଟ୍ରେଲରଟି ଶାହିରଙ୍କ ଚରିତ୍ର ଧ୍ରୁଭ୍‌ଠାରୁ ଆରମ୍ଭ ହେଉଛି, ଯେଉଁଠାରେ ପୋଲିସ ଅଫିସର ଚରିତ୍ରରେ ଅଭିନେତ୍ରୀ କାଜୋଲ ତାଙ୍କୁ ଏକ ହତ୍ୟା ମାମଲାରେ ପଚରାଉଚରା କରିଛନ୍ତି। ଏହି ସିନେମାରେ କ୍ରିତି ସାନୋନଙ୍କର ଡବଲ୍ ରୋଲ୍ ରହିଛି। ସେ ଫିଲ୍ମରେ ୨ଟି ଚରିତ୍ରରେ ନଜରକୁ ଆସିବେ। ଟ୍ରେଲର ଅନୁଯାୟୀ, କ୍ରିତିଙ୍କ ଏକ ଚରିତ୍ର ପ୍ରେମରେ ପଡ଼ି ଶାହିରଙ୍କ ଧ୍ରୁଭ ଚରିତ୍ରକୁ ଜେଲ ଯିବାକୁ ପଡୁଛି, ଯାହା କାହାଣୀର ରହସ୍ୟ ଏବଂ ରୋମାଞ୍ଚକୁ ଚରମ ସୀମାରେ ପହଞ୍ଚାଇଛି। ଶଶାଙ୍କ ଚତୁର୍ବେଦୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ କନିକା ଢିଲ୍ଲୋଙ୍କ ଦ୍ୱାରା ଲିଖିତ ଏବଂ ପ୍ରଯୋଜିତ ଏହି ଚଳଚ୍ଚିତ୍ରଟି ଆସନ୍ତା ୨୫ରେ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିବ। କ୍ରିତି ସାନନ୍ ଏହି ଚଳଚ୍ଚିତ୍ରରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ମଧ୍ୟ ଦେଉଛନ୍ତି। ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ତନଭି ଅଜମି, ପ୍ରାଚୀ ଶାହା ପାଣ୍ଡ୍ୟା, ଅଭିନେତା ବିଜେନ୍ଦ୍ର କାଲା, ବିବେକ ମୁଶରାନ୍ ମଧ୍ୟ ନଜରକୁ ଆସିବେ। ‘ଦୋ ପତ୍ତି’ ଟ୍ରେଲରର ଲଞ୍ଚିଂ କାର୍ଯ୍ୟକ୍ରମରେ କାଜୋଲ କହିଛନ୍ତି, ସେ ଏହି ଫିଲ୍ମରେ ପୋଲିସ୍ ଭୂମିକାରେ ଅଭିନୟ କରିବା ପାଇଁ ସ୍ୱାମୀ ଅଜୟ ଦେବଗନଙ୍କଠାରୁ ଟିପ୍ସ ନେଇଥିଲେ।

# ଦୃଷ୍ଟିହୀନ ଲୋକଙ୍କ ସାହାରା

### ବିଶ୍ୱ ଧଳାବାଡ଼ି ଦିବସ



ପ୍ରତିବର୍ଷ ଅକ୍ଟୋବର ୧୫ରେ ସାରା ବିଶ୍ୱରେ ହ୍ୱାଇଟ କେନ ଡେ’ ବା ବିଶ୍ୱ ଧଳା ବାଡ଼ି ଦିବସ ପାଳନ କରାଯାଏ। ଦୃଷ୍ଟିହୀନ ଓ କମ୍ ଦୃଷ୍ଟିସମ୍ପନ୍ନ ଲୋକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ସାମ୍ନାକୁ ଆଣିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ଦୃଷ୍ଟିହୀନ ଲୋକେ ଦୈନନ୍ଦିନ ଜୀବନରେ କେତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି, ତାହା ସମସ୍ତେ ଜାଣିପାରିବେ। ହ୍ୱାଇଟ କେନ ଦୃଷ୍ଟିହୀନ ଲୋକଙ୍କ ପାଇଁ ଏକ ଉପକରଣ, ଯାହା ସେମାନଙ୍କୁ ସ୍ୱାଧୀନ ଜୀବନଯାପନ କରିବାର କ୍ଷମତା ଦେଇଥାଏ।

ଦୃଷ୍ଟିହୀନ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ୧୯୩୧ରେ ଫ୍ରାନ୍ସରେ ଗୁଇଲି ଡି’ହର୍ବୋଣ୍ଟଙ୍କ ଦ୍ୱାରା ପ୍ରଥମେ ହ୍ୱାଇଟ କେନ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେତେବେଳେ ଆମେରିକା ରାଷ୍ଟ୍ରପତି ଲିଣ୍ଡନ ଜନସନ ପ୍ରଥମ ଥର ପାଇଁ ଏହାକୁ ସବୁଜ ସଂକେତ ଦେଇଥିଲେ। ଏହାପରେ ‘ନ୍ୟାଶନାଲ ଫେଡେରେସନ ଅଫ୍ ଦି ବ୍ଲାଇଣ୍ଡ’ର ଅନୁରୋଧକ୍ରମେ ୧୯୬୪ରେ ପ୍ରତିବର୍ଷ ଅକ୍ଟୋବର ୧୫ରେ ହ୍ୱାଇଟ କେନ ଡେ ପାଳନ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା କଂଗ୍ରେସ ପ୍ରସ୍ତାବ ଦେଇଥିଲା।

# ଶାଢ଼ି ପିନ୍ଧି ଲୁଟିନେଲେ ସୁନାଅଲଙ୍କାର

ଉଦଳା,୧୪।୧୦(ସନ୍ତୋଷ କୁମାର ବାଛିନୀ)

ଅପରାଧର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଭିନବ ଉପାୟ ଅବଲମ୍ବନ କରି ଅପରାଧୀମାନେ ଲୁଟ କରୁଛନ୍ତି। ସିସିଟିଭି ଲାଗିଥିଲେ ସୁଦ୍ଧା ଏହାକୁ ଖାତିର କରୁ ନାହାନ୍ତି। ସିସିଟିଭିରୁ ବର୍ତ୍ତିବା ପାଇଁ ବିଭିନ୍ନ ଉପାୟ ଆପଣାଉଛନ୍ତି। ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ। ଜଣେ ଲୁଟେରା ଶିକ୍ଷକଙ୍କ ଘରେ ଶାଢ଼ି ପିନ୍ଧି ମହିଳା ବେଶରେ ପଶି ସିସିଟିଭି କ୍ୟାମେରାରେ ଶାଢ଼ି ଢାଙ୍କି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଓ ନଗଦ ୧୩ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ଅଭିଯୋଗ ପରେ ଉଦଳା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଉଦଳା ଏନ୍‌ଏସି ଅଧୀନ ୪ନଂ. ୱାର୍ଡରେ ରହୁଥିବା ଶିକ୍ଷକ ଦୈତାରୀ ବିନ୍ଧାଣୀ ମେଡିକାଲ କାମରେ ନିଜର ଦୁଇ ଝିଅ ଏବଂ ସ୍ତ୍ରୀଙ୍କ ସହ ବାଲେଶ୍ୱର ଯାଇଥିଲେ। ସୋମବାର ଭୋର ସମୟରେ ଘରେ ପହଞ୍ଚି ମୁଖ୍ୟ କବାଟ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହ ଉଦଳା ପୋଲିସ ପହଞ୍ଚି ଛାନଭିନ୍ ଚଳାଇଛି। ତେବେ ଶିକ୍ଷକଙ୍କ ଘରେ ଲାଗିଥିବା ସିସିଟିଭି ଯାଞ୍ଚ ପରେ ରୋଚକ ଘଟଣା ସାମ୍ନାକୁ ଆସିଛି। ସିସିଟିଭିରେ କଏଦ ହୋଇଥିବା ଭିଜୁଆଲ ଅନୁସାରେ, ଜଣେ ଲୁଟେରା ପ୍ରଥମେ ଘର ପାଚେରି ନିକଟରେ ଥିବା ଲତାବୁଦାରେ ପଶିବା ସହିତ ଘର ସାମ୍ନା ରାସ୍ତାରେ ଚଲାବୁଲା କରି ସ୍ଥିତି ପରଖିଥିଲେ। ପରେ ଘର ବାହାରପଟେ ଲାଗିଥିବା ସିସିଟିଭି ଓ ଘରର ମୁଖ୍ୟ କବାଟକୁ ଭାଙ୍ଗି ଘର ଭିତରେ ପଶିଥିଲେ। ନିଜେ ଏକ ଶାଢ଼ି ପନ୍ଧିବା ସହ ଏକ ବାଡି ସାହାଯ୍ୟରେ ଘର ଭିତରେ ଲାଗିଥିବା ସିସିଟିଭିକୁ ଶାଢ଼ିରେ ଢାଙ୍କି ଦେଇଥିଲେ। ପରେ ଘରେ ଥିବା ସୁନା ଅଳଙ୍କାର, ଟଙ୍କା ଆଦି ଲୁଟ୍ କରି ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲେ। ଉଲ୍ଲେଖଯୋଗ୍ୟ, କିଛି ସପ୍ତାହ ହେବ ଉଦଳାରେ ଲୁଟ୍ ଘଟଣା ବଢ଼ି ଚାଲିଥିବା ବେଳେ ପୋଲିସ୍ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ।

## ଲୁଟରୁ ବର୍ତ୍ତିବା ପାଇଁ ସିସିଟିଭିରେ ଶାଢ଼ି ଢାଙ୍କିଲେ



ସିସିଟିଭିରେ କଏଦ ହୋଇଥିବା ଲୁଟ୍ ବେଳର ଦୃଶ୍ୟ।

# ନାବାଳିକାଙ୍କୁ ଛୁରି ଦେଖାଇ ସାରା ରାତି ବଳାତ୍କାର, ଅଭିଯୁକ୍ତ ଫେରାର

ଏମ୍‌ଭି ୭୯, ୧୪।୧୦(ଭିକି ବାରିକ)

ଦୁର୍ଗାପୂଜା ପାଇଁ ମଣ୍ଡପଗୁଡ଼ିକରେ ଗହଳି ଲାଗି ରହିଥିବା ବେଳେ ମାଲକାନଗିରି ଜିଲା ମୋଟୁ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଛୁରି ଦେଖାଇ ଭୟଭୀତ କରି ସାରା ରାତି ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ.୧୩୬/୨୪ରେ ମାମଲା ରୁଜୁ ହୋଇଛି । ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, ଶନିବାର ରାତି ପ୍ରାୟ ୮ଟାରେ ଅଭିଯୁକ୍ତ ଯୁବକ ମୋଟୁ ଥାନା ଅଞ୍ଚଳର ଏକ ଗାଁମୁଣ୍ଡରେ ରହୁଥିବା ଜଣେ ବ୍ୟକ୍ତି ମାଛ ଧରିବାକୁ ବାହାରକୁ ଯାଇଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ନାବାଳିକା ଝିଅ ଏକାକୀ ଥିବା ସମୟରେ ଘରେ ପଶି ତାଙ୍କୁ ଏକ ଛୁରି ଦେଖାଇ ଭୟଭୀତ କରିଥିଲେ। ପାଟି କଲେ ହତ୍ୟା ଧମକ ଦେଇଥିଲେ। ଏହାପରେ ସାରା ରାତି ନାବାଳିକାଙ୍କୁ ବଳାତ୍କାର କରିବା ସହ ଶରୀରର ବିଭିନ୍ନ ସ୍ଥାନକୁ କାମୁଡ଼ି କ୍ଷତାକ୍ତ କରି ପକାଇଥିଲେ। ଭୋର ସମୟରେ ଯୁବକ ଜଣଙ୍କ ଘଟଣା ବିଷୟରେ କାହାକୁ ଜଣାଇଲେ ହତ୍ୟା ଧମକ ଦେଇ ଫେରାର ହୋଇଯାଇଥିଲେ। ପରେ ନାବାଳିକା ଘଟଣା ସମ୍ପର୍କରେ ନିଜ ଭାଇଙ୍କୁ ଫୋନ ଯୋଗେ ଜଣାଇବାରୁ ପାଖଆଖ ଲୋକେ ଆସି ତାଙ୍କୁ ଉଦ୍ଧାର କରିବା ସହ ମାଛ ଧରିବାକୁ ଯାଇଥିବା ତାଙ୍କ ବାପାଙ୍କୁ ଘଟଣା ବିଷୟରେ ଅବଗତ କରିଥିଲେ। ଏହାପରେ ପୀଡ଼ିତାଙ୍କ ବାପାଙ୍କ ସମେତ ଗ୍ରାମବାସୀ ମୋଟୁ ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ।

# ରୋଗୀ ମୃତ୍ୟୁ ଗୁଜବକୁ ନେଇ ହସ୍ପିଟାଲରେ ଉତ୍ତେଜନା

## ସାମ୍ବାଦିକଙ୍କୁ ଧକ୍କା ମାରି ଭୁଲ୍ ମାଗିଲେ ସୁରକ୍ଷା କର୍ମୀ

ଭୁବନେଶ୍ୱର,୧୪।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ସୋମବାର ରୋଗୀମୃତ୍ୟୁ ଗୁଜବକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ସମୟରେ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ପୋର୍ଟାଲ ସାମ୍ବାଦିକଙ୍କୁ ଉକ୍ତ ହସ୍ପିଟାଲର ସୁରକ୍ଷା କର୍ମୀ ଧକ୍କା ମାରିବାରୁ ସ୍ଥିତି ଆହୁରି ଅଶାନ୍ତ ହୋଇଥିଲା। ଖବର ପାଇ ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଜଣେ ସୁରକ୍ଷା କର୍ମୀ କାନ ଧରି ଭୁଲ ମାଗିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାନୁସାରେ ଉକ୍ତ ହସ୍ପିଟାଲରେ ପୁରୀ କଣାସ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ହସ୍ପିଟାଲ ବିଲ୍ ୫ ଲକ୍ଷରୁ ଅଧିକ ହୋଇଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିବାର ଲୋକେ ଅଢ଼େଇ ଲକ୍ଷ ଦେଇଥିଲେ। ଏହାପରେ ହସ୍ପିଟାଲ ପକ୍ଷରୁ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ଆଉ ଟଙ୍କା ଦାବି କରାଯିବାରୁ ଏହାକୁ ବିରୋଧ କରି ମୃତ ବ୍ୟକ୍ତିଙ୍କ ପରିବାର ଓ ସମ୍ପର୍କୀୟ ହସ୍ପିଟାଲ ଗେଟ୍ ବାହାରେ ଧାରଣା ଦେଇଥିଲେ। ଏହି ସମୟରେ ବିଦ୍ୟୁତ୍ ଆଘାତ ପାଇ ଉକ୍ତ ହସ୍ପିଟାଲର ଭେଣ୍ଟିଲେଟରରେ ଚିକିତ୍ସିତ ହେଉଥିବା ଜଣେ ଅଟୋଚାଳକଙ୍କ ମୃତ୍ୟୁ ହୋଇଥିବା ମିଛ ଖବର ପ୍ରସାରିତ ହୋଇଥିଲା। ଏହା ଜାଣିବା ପରେ ଅଟୋ ଡ୍ରାଇଭରଙ୍କ ସମ୍ପର୍କୀୟ ହସ୍ପିଟାଲକୁ ଯାଇ ଦେଖା କରିବାକୁ କହିବାରୁ ତାଙ୍କୁ ସୁରକ୍ଷା କର୍ମୀମାନେ ଭିତରକୁ ଯିବାକୁ ଅନୁମତି ଦେଇ ନ ଥିଲେ। ଫଳରେ ଆହତ ଅଟୋ ଚାଳକଙ୍କ ସମ୍ପର୍କୀୟମାନେ ହୋହାଲ୍ଲା କରି ଗେଟ୍ ବାହାରେ ଧାରଣା ଦେଇଥିଲେ। ଏ ସଂକ୍ରାନ୍ତରେ ଉକ୍ତ ହସ୍ପିଟାଲ ବାହାରେ ଜଣେ ପୋର୍ଟାଲ ସାମ୍ବାଦିକ ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ତାଙ୍କୁ ମଧ୍ୟ ସୁରକ୍ଷା କର୍ମୀ ଅଟକାଇବା ସହ ଧକ୍କା ଦେଇ ବାହାର କରି ଦେଇଥିଲେ, ଯାହାକୁ ନେଇ ଅନ୍ୟ ସାମ୍ବାଦିକମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସୁରକ୍ଷା କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣାରେ ବସିଥିଲେ। ଖବର ପାଇ ଶହୀଦନଗର ପୋଲିସ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଅଟୋ ଚାଳକ ଜୀବିତ ଥିବା ଜଣାପଡ଼ିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା

ବୌଦ୍ଧ/ହରଭଙ୍ଗା, ୧୪।୧୦(ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ମଣିପୁର ମେଣ୍ଡିଖାଇ ପାହାଡ଼ ନିକଟରେ ଥିବା ଏକ ନର୍ସରିରୁ ଜଣେ ଯୁବକଙ୍କ ମୃତଦେହ ସୋମବାର ଠାବ ହୋଇଛି। ଯୁବକଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ବୌଦ୍ଧ ଥାନା ତାଲବାହାଲ ଗ୍ରାମର ଲକ୍ଷ୍ମଣ ମୁର୍ଦ୍ଧା (୩୫)। ତେବେ କେଉଁମାନେ ଓ କାହିଁକି ହତ୍ୟା କଲେ ତାହା ଜଣାପଡ଼ିନାହିଁ। ମଣିପୁର ଗ୍ରାମର କେତେଜଣ ଲୋକ ସକାଳେ ଛତୁ ଖୋଜିବାକୁ ମେଣ୍ଡିଖାଇ ପାହାଡ଼ ଆଡ଼କୁ ଯାଇଥିଲେ। ଛତୁ ଖୋଜିବା ସମୟରେ ଦୁର୍ଗନ୍ଧ ହେବାରୁ ପାଖକୁ ଯାଇ ଦେଖିବାରୁ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଜାଣିପାରିଥିଲେ। ଲୋକେ ପୁରୁଣାକଟକ ଥାନାକୁ ଖବର ଦେବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଥିଲା। ଲକ୍ଷ୍ମଣଙ୍କ ତଣ୍ଟି ଓ ପେଟକୁ କାଟି ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେଇଛି। ମୃତଦେହ ପଡିଥିବା ସ୍ଥାନରେ ମଦ ବୋତଲ, ମାଂସ ହାଡ ଓ ପାଣି ବୋତଲ ପଡିଥିବା ଦେଖିବାକୁ ମିଳିଥିଲା। ଲକ୍ଷ୍ମଣ ଗତ ୧୨ ତାରିଖଠାରୁ ଘରୁ ବାହାରକୁ ଯାଇଥିବା ପରିବାର ଲୋକେ କହିଛନ୍ତି। ହେଲେ କାହା ସହ ଯାଇଥିଲେ ଜାଣିନାହାନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ପୁରୁଣାକଟକ ଥାନାରେ ଏକ ହତ୍ୟା ମାମଲା (ନଂ.୧୪୭/୨୦୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ କହିଛନ୍ତି।



ସନ୍ଧାନୀ କୁକୁର ସହ ପୋଲିସ ତଦନ୍ତ କରୁଛି।

## ପୋଲିସର ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ

# ଯୁବତୀଙ୍କୁ ଅପହରଣ ଅଭିଯୋଗରେ ବାବା ଅଟକ

ଢେଙ୍କାନାଳ,୧୪।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି ଅଞ୍ଚଳରୁ ଜନୈକା ଯୁବତୀଙ୍କୁ କଟକ ଜିଲା ତିଗିରିଆ ଥାନା ଅଞ୍ଚଳର ଜଣେ ବାବା ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ଯୁବତୀଙ୍କ ପରିବାର ପକ୍ଷରୁ ଏପରି ଏତଲା ଦିଆଯିବା ପରେ ଢେଙ୍କାନାଳ ସଦର ଥାନାରେ ନଂ. ୮୦୯।୨୪ରେ ଏକ ମାମଲା ରୁଜୁ କରି ପୋଲିସ ତିଗିରିଆ ପୋଲିସ ସହାୟତାରେ ୨ ଦିନ ତଳେ ଅଭିଯୁକ୍ତ ବାବାଙ୍କୁ ଆଣି ଅଟକ ରଖି ପଚରା ଉଚରା କରିଥିଲା। ଏଥିସହ ସମ୍ପୃକ୍ତା ଯୁବତୀଙ୍କୁ ଉଦ୍ଧାର କରିଥିଲା। ସୋମବାର ଉଦ୍ଧାର ଯୁବତୀ ଓ ଅଟକ ବାବାଙ୍କ ୧୬୪ ଧାରା ଅନୁଯାୟୀ ବୟାନ ଅଦାଲତରେ ରେକର୍ଡ କରାଯାଇଥିଲା। ଏହି ସମୟରେ ଯୁବତୀ ଜଣକ ବାବାଙ୍କ ବିରୋଧରେ କୌଣସି ଅଭିଯୋଗ କରି ନ ଥିଲେ। ଏପରିକି ସେ ୧୮ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବାରୁ ନିଜ ଇଚ୍ଛାରେ ଯାଇଥିବା କହିଥିଲେ। ତେଣୁ ଅଟକ ବାବାଙ୍କୁ ଓକିଲଙ୍କ ଉପସ୍ଥିତିରେ ଥାନାରୁ ଛଡ଼ାଯିବ ବୋଲି ସ୍ଥିର ହୋଇଥିବା ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ରୁଜୁ ହୋଇଥିବା ମାମଲାକୁ ନେଇ ତଦନ୍ତ ଜାରି ରହିବ। ବାବାଙ୍କୁ ଆଶ୍ରମରୁ ଆଣିବା ସମୟରେ ତାଙ୍କ ଜିନ୍ସ ପ୍ୟାଣ୍ଟ ପକେଟରୁ ଅନେକ ଆପତିଜନକ ସାମଗ୍ରୀ ସହ ଆଶ୍ରମରୁ ଅନ୍ୟଜଣେ ଯୁବତୀଙ୍କ ପାସପୋର୍ଟ ଫଟୋ ପୋଲିସକୁ ମିଳିଥିଲା ବୋଲି ପୋଲିସ ପ୍ରକାଶ କରିଛି।

# ଗିରଫ ହେଲେ ୟୁଟ୍ୟୁବର ଶଙ୍କର

ଭୁବନେଶ୍ୱର,୧୪।୧୦(ସତ୍ୟଜିତ୍ ରାଉତ)

## ମହିଳା ନେତ୍ରୀଙ୍କୁ ରୋଷ୍ଟିଂ

ଏକ ରାଜନୈତିକ ଦଳର ଜଣେ ନେତ୍ରୀଙ୍କୁ ୟୁଟ୍ୟୁବ୍ ଚ୍ୟାନେଲରେ ରୋଷ୍ଟିଂକରି ତାଙ୍କ ସମ୍ମାନହାନି କରିବା ଅଭିଯୋଗରେ ଶଙ୍କର ଓମ୍ ଶରଣ ପୁଣି ଗିରଫ ହୋଇଛନ୍ତି। ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଅଭିଯୁକ୍ତ ୟୁଟ୍ୟୁବର ଶଙ୍କର ଓମ୍ ଶରଣ ଓରଫ ଉମାଶଙ୍କର ପାଣିଗ୍ରାହୀଙ୍କୁ ସୋମବାର ଗିରଫ କରିଛି। ଶଙ୍କରଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ବରମୁଣ୍ଡା ଶତାବ୍ଦୀ ନଗରରେ ରହୁଛନ୍ତି। ଶଙ୍କରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପିଟିସି ଓଡ଼ିଶା (ପାଣିଗ୍ରାହୀ ଟେଲି-ମିଡିଆ କମ୍ୟୁନିକେଶନ୍) ନାଁରେ ଶଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଥିଲେ। ସେହି ଚ୍ୟାନେଲରେ ସେ କିଛିଦିନ ତଳେ ଏକ ଭିଡିଓ ପୋଷ୍ଟ କରିଥିଲେ। ଉକ୍ତ ଭିଡିଓରେ ଶଙ୍କର ପୀଡ଼ିତା ନେତ୍ରୀଙ୍କ ନାଁରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ବିଭିନ୍ନ ପ୍ରକାର ଖରାପ ଭାଷା ପ୍ରୟୋଗ କରି ନେତ୍ରୀଜଣଙ୍କୁ ସେ ରୋଷ୍ଟିଂ ଅର୍ଥାତ୍ ଫଟୋ ଦେଖାଇ ଅଶାଳୀନ ମନ୍ତବ୍ୟ ପ୍ରକାଶ କରିଥିଲେ। ଏନେଇ ପୀଡ଼ିତାଙ୍କ ଏତଲାକ୍ରମେ ଶନିବାର ସାଇବର ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଦଫା ଓ ଆଇଟି ଆକ୍ଟରେ ଏକ ମାମଲା (ନଂ.୨୬୧/୨୦୨୪) ରୁଜୁକରି ତଦନ୍ତ କରିଥିଲା। ଶଙ୍କରଙ୍କ ବିରୋଧରେ ସିମୁଳିଆ ଥାନାରେ ୨ ଓ ଭୁବନେଶ୍ୱର ମହିଳା ଥାନାରେ ମଧ୍ୟ ଗୋଟିଏ ମାମଲା ରହିଥିବା ଏସିପି ଅଞ୍ଜନା ଟୁଟୁ କହିଛନ୍ତି। ପୋଲିସର ସୁପାରିସ ପରେ ଭିଡିଓ ପୋଷ୍ଟ ହୋଇଥିବା ଶଙ୍କରଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ଡିଲିଟ୍ କରି ଦିଆଯାଇଛି। ତେବେ ପୂର୍ବରୁ ମଧ୍ୟ ଜଣେ ଯୁବତୀଙ୍କ ନାଁରେ ସୋସିଆଲ୍ ମିଡିଆରେ ଅଶ୍ଳୀଳ ଭାଷା ବ୍ୟବହାର ଅଭିଯୋଗରେ ୨୦୨୩ ଏପ୍ରିଲ ୧୨ରେ ଭୁବନେଶ୍ୱର ମହିଳା ଥାନା ଶଙ୍କରଙ୍କୁ ଗିରଫ କରିଥିଲା।



ଶଙ୍କର ଓମ୍ ଶରଣ।

# କାର୍-ବାଇକ୍ ଧକ୍କା: ହକି ଖେଳାଳି ମୃତ

ଦେବଗଡ଼,୧୪।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ହଦମୁଣ୍ଡା ଘାଟି ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ହକି ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଥାନା ଅନ୍ତର୍ଗତ କଟେଇ ଗ୍ରାମର ସୁରେନ୍ଦ୍ର କାଣ୍ଡିର। ବାଇକ୍‌ରେ ବସିଥିବା ଅନ୍ୟ ୨ଜଣ ଖେଳାଳି ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ ଥାନା ଅନ୍ତର୍ଗତ କଟେଇ ଗ୍ରାମର ସୁରେନ୍ଦ୍ର କାଣ୍ଡିର ଓ ତାଙ୍କ ଭାଇ ରଣସିଂ କାଣ୍ଡିର ଉକ୍ତ ଗ୍ରାମର ସୁଧୀର କାଣ୍ଡିରଙ୍କ ସହ ରିଆମାଳ ବ୍ଲକ ବୈଶପଡା ଗ୍ରାମରେ ଚାଲିଥିବା ହକି ପ୍ରତିଯୋଗିତାରେ ଖେଳିସାରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଦେବଗଡ଼ ପଟୁ ରିଆମାଳ ଆଡ଼କୁ ଦ୍ରୁତଗତିରେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେବାରୁ ସୁରେନ୍ଦ୍ର, ତାଙ୍କ ଭାଇ ରଣସିଂ ଓ ସୁଧୀର ବାଇକ୍ ସହିତ ରାସ୍ତାକଡକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଚାଳକ ଅଳ୍ପ ଦୂର ଯିବାପରେ ନିକଟସ୍ଥ ରତନପୁର ଗ୍ରାମ ନିକଟରେ କାର୍‌କୁ ଛାଡି ଫେରାର ହୋଇଯାଇଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ରଣସିଂ ଓ ସୁଧୀରଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ଘଟଣାର ଅଧିକ ତଦନ୍ତ କରୁଛି।

# ଭୁଲ ଇଞ୍ଜେକ୍ସନରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଅନୁଗୋଳ,୧୪।୧୦(ମାନସ ବିଶ୍ୱାଳ)- ଅନୁଗୋଳ ଜିଲା ଖମାର ଥାନା ସିଆଳିମାଳିଆ ଗ୍ରାମର ବାବୁଲାଲ ମହାକୁଡ଼ଙ୍କ ପୁଅ ଅନନ୍ତ ମହାକୁଡ଼ (୪୦)ଙ୍କ ଭୁଲ ଇଞ୍ଜେକ୍ସନ କାରଣରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଅନନ୍ତ ବଲଣ୍ଡା ଅଞ୍ଚଳରେ ରହି ଏକ ଢାବାରେ କାମ କରୁଥିଲେ। କିଛିଦିନ ହେଲା ତାଙ୍କୁ ଜ୍ୱର ହୋଇଥିଲା। ଡାକ୍ତରଙ୍କ ପରାମର୍ଶ ନେଇ ସେ ଔଷଧ ଖାଉଥିଲେ। ତଥାପି ଜ୍ୱର ନ ଛାଡ଼ିବାରୁ ସେ ମୁଣ୍ଡା ବଜାର ସ୍ଥିତ ଏକ ମେଡିଶିନ ଷ୍ଟୋରକୁ ଯାଇଥିଲେ। ସେଠାରେ ସେ ପରାମର୍ଶ ନେବା ପରେ ୨ଟି ଇଞ୍ଜେକ୍ସନ ନେଇଥିଲେ। ଏହାପରେ ଅନନ୍ତଙ୍କ ଅବସ୍ଥା ବିଗିଡ଼ିବାରୁ ମେଡିଶିନ ଷ୍ଟୋର ପକ୍ଷରୁ ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ତ୍ରୀ କହିଛନ୍ତି, ଅନନ୍ତ ଘରୁ ଚାଲିଚାଲି ଆସିଥିଲେ। ଉକ୍ତ ମେଡିଶିନ ଷ୍ଟୋରରେ ତାଙ୍କୁ ଇଞ୍ଜେକ୍ସନ ଦିଆଯିବା ପରେ ଦେହ ଅଧିକ ଖରାପ ହୋଇଥିଲା। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ଯା, ଗୟା ଯା**
**କର୍ମ ଘେନି ବୁଲୁ ଥା।**

କର୍ମ ହିଁ ସବୁ। କର୍ମ ବିନା ଜୀବନ ତୁଚ୍ଛ ଓ ଅସାର। ବିନା କର୍ମରେ ଭଗବଦ୍ ଆରାଧନାର କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରକୁ ସାଜେ ବୁଢ଼ୀ**
**ବିଲକୁ ସାଜେ ଆଡ଼ି।**

ପୁରୁଖା ବ୍ୟକ୍ତିଙ୍କୁ ଘରର ମୁରବି ଏବଂ ମର୍ଯ୍ୟାଦାବନ୍ତ ବୋଲି କୁହାଯାଏ। ବୃଦ୍ଧ ବୃଦ୍ଧା ବା ବୟସ୍କ ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳ ହେବା ସହ ନିଜ ସାଂସାରିକ ଅଭିଜ୍ଞତା ବଳରେ ଘର ପରିବାରକୁ ଏକ ସୂତ୍ରରେ ବାନ୍ଧି ରଖିବାକୁ ସକ୍ଷମ ହୋଇଥାନ୍ତି। ସେହିପରି ଜମି ବା ବିଲରେ ରହିଥିବା ହିଡ଼ ଜମିର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଇବାରେ ସହାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଝିଅଙ୍କୁ ଅସଦାଚରଣ ଉଦ୍ୟମ, ବାପା ଗିରଫ

ଅନୁଗୋଳ,୧୪।୧୦ (ମାନସ ବିଶ୍ୱାଳ)- ଅନୁଗୋଳ ସଦର ଥାନା ଅଞ୍ଚଳରେ ଶନିବାର ଘଟିଛି ଏକ ଅଭାବନୀୟ ଘଟଣା। ନିଜ ନାବାଳିକା ଝିଅଙ୍କୁ ଅସଦାଚରଣ ଉଦ୍ୟମ କରିଛନ୍ତି ବାପା। ଏ ନେଇ ନାବାଳିକା ଝିଅ ମା'ଙ୍କ ସହ ଥାନାକୁ ଯାଇ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି ଜେଲ୍‌କୁ ପଠାଇଦେବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁଗୋଳ ସଦର ଥାନା ଅଞ୍ଚଳର ସମ୍ପୃକ୍ତା ୧୬ ବର୍ଷୀୟା ନାବାଳିକା ବାପା ଓ ଜେଜେମା'ଙ୍କ ସହ ରହୁଥିଲା ବେଳେ ମା' ଅଲଗା ରୁହନ୍ତି। ଗତ ଶନିବାର ଅଚାନକ ସମ୍ପୃକ୍ତା ନାବାଳିକା ଝିଅଙ୍କୁ ବାପା ଅସଦାଚରଣ ଉଦ୍ୟମ କରିଥିଲେ। କୌଣସି ମତେ ଝିଅ ଖସିଯାଇ ନିଜ ମାଉସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମାଉସୀ ଗାଁରେ ସଭା ଡାକିବା ସହ ଥାନାରେ ଏତଲା ଦିଆଯିବ ବୋଲି ସ୍ଥିର କରିଥିଲେ। ଏପରି ଖବରପାଇ ଅଲଗା ରହୁଥିବା ନାବାଳିକାଙ୍କ ମା' ପହଞ୍ଚି ଝିଅଙ୍କୁ ଧରି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ୨ ଅଭିଯୁକ୍ତ ଗିରଫ: ୨ ପିସ୍ତଲ, ୯ ଗୁଳି ଜବତ

ବାଲେଶ୍ୱର, ୧୪।୧୦(ବାଞ୍ଛାନିଧି ଦେ)

## ସ' ମିଲ୍ ମାଲିକଙ୍କୁ ଗୁଳିକରି ହତ୍ୟା ଘଟଣା

ଜଣେ ସ' ମିଲ୍ ମାଲିକଙ୍କୁ ଗୁଳିକରି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୟ ସିଂ ଓରଫ୍ ସୁବୋଧ ଗିରି (୪୨) ଏବଂ ଘୁଣ୍ଡା ଓରଫ୍ ଲକ୍ଷ୍ମୀଧର ସେଠୀ (୪୨)ଙ୍କୁ ଶିଳ୍ପାଞ୍ଚଳ ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୨ଟି ପିସ୍ତଲ ଓ ୯ଟି ଜୀବନ୍ତ ଗୁଳି ଜବତ କରାଯାଇଥିବା ଡିଆଇଜି ସତ୍ୟଜିତ୍ ନାଏକ ଓ ଏସ୍‌ପି ରାଜପ୍ରସାଦ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ଜୁନ୍ ୪ ତାରିଖ ଶିଳ୍ପାଞ୍ଚଳ ଥାନା ଅଧୀନ ସମଲପୁର ଅଞ୍ଚଳର ସ' ମିଲ୍ ମାଲିକ ସେକ୍ ଜସିମ୍ ସୋମନାଥପୁର ସ' ମିଲ୍‌ରୁ କାର୍ ଯୋଗେ ଘରକୁ ଫେରୁଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ବଡ଼ଗାଁସ୍ଥିତ ରେଳବାଇ ଲେଭଲ କ୍ରସିଂଠାରେ ଜସିମ୍‌ଙ୍କ ଉପରକୁ ଅତର୍କିତ ୪ ରାଉଣ୍ଡ ଗୁଳି ମାଡ଼ କରି ଏକ କାରରେ ଫେରାର ହୋଇଯାଇଥିଲେ। ତାଙ୍କ ଛାତି, ପିଠି ଓ ହାତରେ ଗୁଳି ବାଜିବା ପରେ ସେ ଗୁରୁତର ହୋଇଥିଲେ। ଡ୍ରାଇଭର ଜଣକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଥାନାରେ ଏକ ହତ୍ୟା ମାମଲା (ନଂ. ୮୭/୨୪) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ସୁବୋଧ ଗିରିଙ୍କୁ ଶନିବାର ଗିରଫ କରିବାରେ ସମର୍ଥ ହୋଇଥିଲା। ଅଭିଯୁକ୍ତଙ୍କ ଘର ବିହାର ରାଜ୍ୟ ଔରଙ୍ଗାବାଦର ମୁଫାସିଲ୍ ଥାନା ଅଧୀନ ରାଉଲବିଘା ଗ୍ରାମରେ ହୋଇଥିବା ବେଳେ ସେ ବାମପଦାସ୍ଥିତ ସୋମନାଥପୁର ଗ୍ରାମର ଶ୍ୱଶୁରଘରେ ରହୁଥିଲେ। ତାଙ୍କଠାରୁ ୧ ପିସ୍ତଲ ସହ ୬ଟି ଗୁଳି ଜବତ ହୋଇଥିଲା। ଗତ ୨୦୦୭ରେ ଭଦ୍ରକ ଏଲ୍‌ଆଇସି ଅଫିସ୍ ଡକାୟତି ଘଟଣାରେ ଅଭିଯୁକ୍ତଙ୍କ ନାଁରେ ଭଦ୍ରକ ଟାଉନ୍ ଥାନାରେ ଏକ ମାମଲା, ୨୦୦୬ରେ ବାଲେଶ୍ୱର ଏଲ୍‌ଆଇସି ଅଫିସ୍ ଡକାୟତି ଘଟଣାରେ ଟାଉନ ଥାନାରେ ଏକ ମାମଲା, ଗତ ୨୦୦୫ରେ ଖନ୍ତାପଡ଼ା ଥାନାରେ ଏକ ଡକାୟତି ମାମଲା, ୨୦୦୭ରେ ବାଲେଶ୍ୱର ଟାଉନ୍ ଥାନାରେ ଏକ ମାମଲା ରହିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସେହିପରି ଅନ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ସବରଙ୍ଗ ଥାନା ପଦ୍ମପୁର ଗ୍ରାମର ଲକ୍ଷ୍ମୀଧର ସେଠୀଙ୍କୁ କୁରୁଡ଼ାସ୍ଥିତ ଏକ ମଦ ବାର୍‌ରୁ ରବିବାର ପୋଲିସ ଗିରଫ କରିଛି। ତାଙ୍କଠାରୁ ଏକ ପିସ୍ତଲ ସହ ୩ଟି ଜୀବନ୍ତ ଗୁଳି ଓ ଏକ ମୋବାଇଲ ଜବତ ହୋଇଛି। ଅଭିଯୁକ୍ତ ଜଣକ ସ' ମିଲ୍ ମାଲିକଙ୍କୁ ହତ୍ୟା କରିବା ପାଇଁ ପୂର୍ବରୁ ସୁପାରି ନେଇଥିଲେ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେଉରା ଓ ଶିଳ୍ପାଞ୍ଚଳ ଥାନା ଆଇଆଇସି ଶ୍ୟାମଘନ ବେହେରା ଉପସ୍ଥିତ ଥିଲେ।



ଗିରଫ ୨ ଅଭିଯୁକ୍ତଙ୍କ ସହ ଜବତ ପିସ୍ତଲ ଓ ଗୁଳି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର କ୍ଲିନ୍ ସୁଇପ୍


ବାଂଲାଦେଶ ବିପକ୍ଷରେ ଟି୨୦ ସିରିଜ ବିଜୟୀ ଭାରତୀୟ ଦଳ।

### ବାଂଲାଦେଶ ବିପକ୍ଷ ଟି୨୦ ସିରିଜ

**ହାଇଦ୍ରାବାଦ, ୧୪।୧୦**

ସଞ୍ଜୁ ସାମସନଙ୍କ ବିସ୍ଫୋରକ ଶତକ ସହାୟତାରେ ଭାରତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ବାଂଲାଦେଶକୁ ୧୩୩ ରନରେ ପରାସ୍ତ କରିଛି। ଫଳରେ ଭାରତ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ କରିଛି। ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ବିଶାଳ ୨୯୭ ରନ ସ୍କୋର କରିଥିବାବେଳେ ବାଂଲାଦେଶ ୧୬୪/୭ରେ ସୀମିତ ରହିଥିଲା। କ୍ୟାରିୟରର ପ୍ରଥମ ଟି୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଥିବା ସାମସନ ପ୍ଲେୟର ଅଫ୍ ଦି ମ୍ୟାଚ ଓ ହାର୍ଦ୍ଦିକ ପାଣ୍ଡ୍ୟା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ମ୍ୟାଚରେ ଅନେକ ଭାରତୀୟ ରେକର୍ଡ ସୃଷ୍ଟି ହୋଇଥିଲା। ସାମସନ ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୮ ଛକା ସହାୟତାରେ ୧୧୧ ରନ ସ୍କୋର କରିଥିଲେ। ଟି୨୦ ଅନ୍ତର୍ଜାତୀୟରେ ଭାରତର ଏହାଥିଲା ଦ୍ୱିତୀୟ ଦ୍ରୁତ ଶତକ। ପୂର୍ବରୁ ରୋହିତ ଶର୍ମା ୩୫ ବଲ୍‌ରୁ ଶତକ ହାସଲକରି ରେକର୍ଡର ଅଧିକାରୀ ଅଛନ୍ତି। ସାମସନ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ଉଇକେଟରେ ୧୭୩ ରନର ଭାଗୀଦାରି ଗଢ଼ି ଭାରତର ବଡ଼ ସ୍କୋର ପାଇଁ ପଥ ପ୍ରସ୍ତୁତ କରିଥିଲେ। ୨୯୭ ରନ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ଭାରତର ସର୍ବାଧିକ ଏବଂ ଓଭରଅଲ୍ ଦ୍ୱିତୀୟ ବୃହତ୍ତମ ସ୍କୋର ଥିଲା। ଆଫଗାନିସ୍ତାନ ବିପକ୍ଷରେ ନେପାଳ ୩ ଉଇକେଟ ହରାଇ ୨୭୮ ରନକରି ଏହି ତାଲିକାର ଶୀର୍ଷରେ ରହିଛି। ସୂର୍ଯ୍ୟକୁମାର ୭୫ (୩୫ ବଲ), ହାର୍ଦ୍ଦିକ ପାଣ୍ଡ୍ୟା ୧୮ ବଲ୍‌ରୁ ୪୭ ଓ ରିୟାନ ପରାଗ ୧୩ ବଲ୍‌ରୁ ୩୪ ରନ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ତାଞ୍ଜିମ ହାସନ ସାକିବ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ବାଂଲାଦେଶ ୨୦ ଓଭରରେ ୭ ଉଇକେଟ ହରାଇ ୧୬୪ ରନ କରିଥିଲା। ତୋହିଦ ହ୍ରିଦୟ ସର୍ବାଧିକ ୬୩ ରନକରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ୩ଟି ଓ ମୟଙ୍କ ଯାଦବ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୯୭/୬ (ସଞ୍ଜୁ ସାମସନ-୧୧୧, ସୂର୍ଯ୍ୟକୁମାର ଯାଦବ-୭୫, ହାର୍ଦ୍ଦିକ ପାଣ୍ଡ୍ୟା-୪୭, ତାଞ୍ଜିମ ହାସନ ସାକିବ-୩/୬୬, ତସକିନ ଅହମଦ-୧/୫୧, ମୁସ୍ତାଫିଜୁର ରହମନ-୧/୫୨, ମହମୁଦୁଲ୍ଲା-୧/୨୬)। ବାଂଲାଦେଶ ୨୦ ଓଭରରେ ୧୬୪/୭ (ତୋହିଦ ହ୍ରିଦୟ-୬୩*, ଲିଟନ ଦାସ-୪୨, ରବି ବିଷ୍ଣୋଇ-୩/୩୦, ମୟଙ୍କ ଯାଦବ-୨/୩୨, ୱାଶିଂଟନ ସୁନ୍ଦର-୧/୪, ନୀତୀଶ କୁମାର ରେଡ୍ଡୀ-୧/୩୧)।

# ବର୍ଷାରେ ଧୋଇଲା ଓଡ଼ିଶାର ପ୍ରଥମ ମ୍ୟାଚ

### ରଣଜୀ ଟ୍ରଫି

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ଚଳିତ ରଣ୍‌ଜୀ ଟ୍ରଫି ସିଜନରେ ଓଡ଼ିଶାର ପ୍ରଥମ ମ୍ୟାଚ ବର୍ଷାରେ ଧୋଇଯାଇଛି। ଅଗରତାଲାରେ ଓଡ଼ିଶା-ତ୍ରିପୁରା ମ୍ୟାଚରେ ବର୍ଷା ଏବଂ ତଦ୍‌ଜନିତ ପରିସ୍ଥିତି ଯୋଗୁ ଗୋଟିଏ ମଧ୍ୟ ବଲ୍ ପଡ଼ିବା ସମ୍ଭବ ହୋଇନାହିଁ। ଫଳରେ ଅପେକ୍ଷାକୃତ ଦୁର୍ବଳ ତ୍ରିପୁରା ବିପକ୍ଷରେ ଓଡ଼ିଶା ମାତ୍ର ୧ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଛି। ଏଲିଟ ଗ୍ରୁପ୍ 'ଏ'ରେ ସର୍ଭିସେସ ଏକ ଇନିଂସ ୬୫ ରନରେ ମେଘାଳୟକୁ ହରାଇଥିବାରୁ ୭ ପଏଣ୍ଟ ସହ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଶକ୍ତିଶାଳୀ ମୁମ୍ବାଇକୁ ୮୪ ରନରେ ହରାଇଥିବା ବରୋଦା ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ମ୍ୟାଚ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ନେଇଥିବାରୁ ଜମ୍ମୁ-କଶ୍ମୀର ୩ ପଏଣ୍ଟ ପାଇ ପରବର୍ତ୍ତୀ ସ୍ଥାନ ଅଧିକାର କରିଛି। ପ୍ରଥମ ରାଉଣ୍ଡ ଖେଳ ପରେ ଟେବୁଲର ୬ଷ୍ଠ ସ୍ଥାନରେ ଥିବା ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଚଳିତ ମାସ ୧୮ରୁ ୨୧ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ।

# ତିଲକ ବର୍ମା ଭାରତ 'ଏ' ଅଧିନାୟକ

**ନୂଆଦିଲ୍ଲୀ, ୧୪।୧୦ (ପି.ଟି.)**

ଓମାନର ମସ୍କଟଠାରେ ଅକ୍ଟୋବର ୧୮ରୁ ୨୭ ପର୍ଯ୍ୟନ୍ତ ହେବାକୁଥିବା ଟି୨୦ ଏମର୍ଜିଂ ଟିମ୍ସ ଏସିଆ କପ୍ ପାଇଁ ଭାରତ 'ଏ' ଦଳ ଘୋଷଣା କରାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ଷ୍ଟାର ଖେଳାଳି ତିଲକ ବର୍ମା ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ଅଭିଷେକ ଶର୍ମାଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତି ମିଳିଛି। ୨୧ ବର୍ଷୀୟ ବର୍ମାଙ୍କର ୪ ଅନ୍ତର୍ଜାତୀୟ ଦିନିକିଆ ଓ ୧୬ ଅନ୍ତର୍ଜାତୀୟ ଟି୨୦ର ଅଭିଜ୍ଞତା ରହିଥିବା ବେଳେ ଶର୍ମା ୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଦଳରେ ଲେଗ୍ ସ୍ପିନର ରାହୁଲ ଚହରଙ୍କୁ ମଧ୍ୟ ସ୍ଥାନ ମିଳିଛି। ସେ ଭାରତ ପାଇଁ ୬ ଅନ୍ତର୍ଜାତୀୟ ଟି୨୦ ଖେଳିଥିବା ବେଳେ ଗୋଟିଏ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଟୁର୍ନାମେଣ୍ଟ ପ୍ରଥମ ଥର ଟି୨୦ ଫର୍ମାଟରେ ଖେଳାଯାଉଛି। ପୂର୍ବରୁ ଏହାର ୫୦-ଓଭର ଫର୍ମାଟରେ ଖେଳାଯାଇ ଆସୁଥିଲା।

**ଭାରତ 'ଏ' ଦଳ:** ତିଲକ ବର୍ମା (ଅଧିନାୟକ), ଅଭିଷେକ ଶର୍ମା (ଉପ-ଅଧିନାୟକ), ପ୍ରଭଶିମରନ ସିଂ (ଉଇକେଟକିପର), ନିଶାନ୍ତ ସିନ୍ଧୁ, ରମଣଦୀପ ସିଂ, ନେହାଲ ୱାଧେରା, ଆୟୁଷ ବଦୋନୀ, ଅନୁଜ ରାୱତ(ଉଇକେଟକିପର), ସାଇ କିଶୋର, ହୃତିକ୍ ଶୋକିନ୍, ରାହୁଲ ଚହର, ବୈଭବ ଆରୋରା, ଅଂଶୁଲ କାମ୍ବୋଜ, ଆକିବ ଖାନ୍, ରସିକ୍ ସଲାମ।

# ଜାତୀୟ ମହିଳା ଚେସ୍: ପଦ୍ମିନୀ ତୃତୀୟ, କିରଣ ଚତୁର୍ଥ

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ତାମିଲନାଡୁର କରାଇକୁଡ଼ିରେ ଅନୁଷ୍ଠିତ ୫୦ତମ ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତ ତୃତୀୟ ଓ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ୪ର୍ଥ ସ୍ଥାନ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପଦ୍ମିନୀ ପିଏସ୍‌ପିବି ଓ କିରଣ ଏଲ୍‌ଆଇସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ଉଭୟ ଖେଳାଳି ୧୧ ରାଉଣ୍ଡରୁ ୮.୫ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ଉଭୟେ ଗୋଟିଏ ଲେଖାଏ ମ୍ୟାଚ ହାରିଥିବାବେଳେ ୩ଟି ଡ୍ର ଓ ଅବଶିଷ୍ଟ ୭ଟି ମ୍ୟାଚରେ ବିଜୟୀ ହୋଇଛନ୍ତି। ତାମିଲନାଡୁର ମହିଳା ଗ୍ରାଣ୍ଡମାଷ୍ଟର ପି.ଭି. ନନ୍ଦିଧା ୯ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିବାବେଳେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ପ୍ରିୟଙ୍କା କେ.(୮.୫) ଦ୍ୱିତୀୟସ୍ଥାନରେ ରହିଛନ୍ତି।

# ଆହାନଙ୍କୁ ଡବଲ ଟାଇଟଲ

### ଫିନେଷ୍ଟା ଜାତୀୟ ଟେନିସ

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**



ନୂଆଦିଲ୍ଲୀରେ ଅନୁଷ୍ଠିତ ଫିନେଷ୍ଟା ଜାତୀୟ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଆହାନ ଡବଲ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ସେ ମହାରାଷ୍ଟ୍ରର ପି. ମୁଣ୍ଡେଙ୍କୁ ୬-୧, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ସେ ଏ. ଯାଦବଙ୍କୁ ୭-୫, ୨-୬, ୬-୧ ସେଟ୍‌ରେ ହରାଇ ଦ୍ୱିମୁକୁଟ ପିନ୍ଧିଛନ୍ତି। ଭାରତର ଅନ୍ୟତମ କଷ୍ଟସାଧ୍ୟ ଟେନିସ ପ୍ରତିଯୋଗିତା ଫିନେଷ୍ଟା ଜାତୀୟ ଚାମ୍ପିୟନଶିପ୍‌ରେ ବିଜୟୀ ହେବାଦ୍ୱାରା ଆହାନ ୨୦୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି। ଏହା ବ୍ୟତୀତ ୭୧,୦୦୦ ଟଙ୍କାର ପୁରସ୍କାର ରାଶି ମଧ୍ୟ ହାସଲ କରିଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ୪


ଦେବରାଜ ବେହେରା, ନକୁଳ ବଡ଼ନାୟକ, ପଙ୍କଜ ଭୁଏ ଓ ସୁଖରାମ ମାଝି।

### ଦୃଷ୍ଟିବାଧିତ ଟି୨୦ କ୍ରିକେଟ ବିଶ୍ୱକପ

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ଦୃଷ୍ଟିବାଧିତ ଟି୨୦ କ୍ରିକେଟ ବିଶ୍ୱକପର ୪ର୍ଥ ସଂସ୍କରଣ ପାକିସ୍ତାନରେ ଆସନ୍ତା ନଭେମ୍ବର ୨୨ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (କାଭି) ଭାରତ ସରକାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ନିକଟରୁ ଏନ୍‌ଓସି ଅପେକ୍ଷାରେ ରହିଛି। ତେବେ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୨୬ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହା ମଧ୍ୟରେ ୪ ଜଣ ଓଡ଼ିଶା ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ଦେବରାଜ ବେହେରା, ପଙ୍କଜ ଭୁଏ, ନକୁଳ ବଡନାୟକ ଓ ସୁଖରାମ ମାଝି। ପ୍ରଥମଥର ପାଇଁ ପାକିସ୍ତାନ ବ୍ଲାଇଣ୍ଡ କ୍ରିକେଟ କାଉନ୍ସିଲ ଟି୨୦ ବିଶ୍ୱକପ ଆୟୋଜନ କରିବାକୁ ଯାଉଛି। ପ୍ରତିଯୋଗିତାର ପ୍ରଥମ ୩ ସଂସ୍କରଣ ଭାରତରେ ଆୟୋଜିତ ହୋଇଥିଲା। ୩ ଥରଯାକ ଭାରତ ଚାମ୍ପିୟନ ହୋଇଥିଲା। ଦଳ ଚୟନ ପୂର୍ବରୁ ଦିଲ୍ଲୀର ବିଭିନ୍ନ ଭେନ୍ୟୁରେ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା।


# Classified Everyday
0674-2580101, 2549949



REAL ESTATE

SALE

Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226. D-1469

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1642

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526




2350sqft. Office space available for rent in Saheed nagar, Bhubaneswar. 300mtr. from Rupali square. 7735111058, 9348206389. D-1630

One BHK spacious house Two Toilets covered Car Parking gated community Sector-9, CDA, Cuttack, available on rent. Contact- 8249311472. D-1639




Kerala Massage therapy gents/ Ladies pain relief Bhubaneswar. 9337672475. D-1575

Newly open Jyoti SPA positively health benefits (Expert therapist). 8458067955. D-76162

## AFFIDAVIT

I, Sanjaya Ku. Sahoo, S/o- Mahabir Prasad Sahoo, resident of P.O./ P.S.-Thuamul Rampur, Dist.- Kalahandi, PIN-766037, Odisha declared by this affidavit dated 07.10.2024. That now onwards I shall be known as **Sanjay Ku. Sahoo** for all future purpose. D-1641

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

By virtue of an affidavit sworn before the Notary Public, Ranchi, I, Smt. Anita Maru aged about 66 years residing at 802, Maru Tower, PO/ PS. Kanke Road Ranchi, Jharkhand declare that I had given my signature in 6 blank pages in 2022 to my nephew Mr. Manesh Kumar Nayak, S/o- Late Jyotsna Nayak, residing at Pilgrim Road, College Square, P.S.- Malgodown, Dist. Cuttack- 753003. To take steps or file any objections required on my behalf in the day to day proceedings in the case L.A Case No.-248 of 2021 which is pending before the court of presiding officer, L.A.R & R Authority Cuttack, where I am one of the defendant along with her mother Late Jyotsna Nayak (my elder sister). Recently I came to know that no such steps were taken or objections were filed on my behalf before the court. So if those 6 blank pages with my signature are used in any other documents except for the above mentioned case then I will not accept those documents as it was without my consent. I have also informed these facts to Manesh Kumar Nayak by a registered letter. D-1646

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

ମାନ୍ୟବର ୧ମ ଅତିରିକ୍ତ ଜିଲ୍ଲା ଜଜ୍, ଭୁବନେଶ୍ୱର କୋର୍ଟଙ୍କ ଦେୱାନି କାର୍ଯ୍ୟବିଧି ଆଇନର ଅର୍ଡର ୫ଷ୍ଠ ରୁଲ୍ ୨୦ ସମ୍ବନ୍ଧ ସବ୍ ରୁଲ୍ ନଂ.୧(କ) ମତେ ରେସ୍ପଣ୍ଡାଂଟମାନଙ୍କ ପ୍ରତି ନୋଟିସ

ଏଫ୍.ଏ.ଓ ନଂ.-୧୮୦/୨୦୨୩

ସୁନାକର ପଣ୍ଡା ଏବଂ ଅନ୍ୟଜଣେ ....ଆପିଲାଣ୍ଟମାନେ

ବନାମ

ଏସ୍.ଜି. ଇନ୍‌ଫ୍ରା ପ୍ରପରଟି, ପି.ଭି.ଟି. ଏଲ୍.ଟି.ଡି। ଯେ କି ଏହାର ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରତିନିଧିତ୍ୱ କରନ୍ତି ଓ ଅନ୍ୟଜଣେ ରେସ୍ପଡାଂଟମାନେ

୧. ଗୌରହରି ରଣସିଂହ, ପିତା- ବାସୁଦେବ ରଣସିଂହ। ୨. ସୌମେନ୍ଦ୍ର ମହାପାତ୍ର, ପିତା- ୰ବନବିହାରୀ ମହାପାତ୍ର ଉଭୟଙ୍କ ଅଫିସ୍ ସା- ପ୍ଲଟ୍ ନଂ.-୩୩୬୧/୪୦୦୩, ମ୍ୟୁନିସିପାଲିଟି ରୋଡ୍, ଓଲ୍‌ଡଟାଉନ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ...ରେସ୍ପଣ୍ଡାଂଟମାନେ

ଏହିକି ଉପର ନାମିତ ରେସ୍ପଣ୍ଡାଂଟମାନେ ନୋଟିସ ସତ୍ତ୍ୱେ ଉପର ଲିଖିତ ଅପିଲରେ ହାଜର ନ ହେଉଥିବାରୁ ଓ ନୋଟିସ ରଖିବାକୁ ଏଡ଼ାଇ ଯାଉଥିବାରୁ ମାତ୍ର ନିମ୍ନ ଅଦାଲତରେ ଉପରୋକ୍ତ ଠିକଣାରେ ରହୁଥିବା ଦର୍ଶାଇ ଡିଗ୍ରୀ ଜାରି ମକଦ୍ଦମା ଲଢୁଥିବାରୁ ଏ ନୋଟିସ ଦୈନିକ ସ୍ଥାନୀୟ ପ୍ରକାଶିତ ଓଡ଼ିଆ ଖବରକାଗଜ ମାଧ୍ୟମରେ ପ୍ରକାଶ କରାଗଲା ଯେ, ସେମାନେ ଆସନ୍ତା ତା ୦୪।୧୧।୨୪ରିଖରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜଲାସରେ ହାଜର ହୋଇ ତାଙ୍କ ପକ୍ଷ ରଖିବେ, ନଚେତ୍ ମକଦ୍ଦମାଟି ଏକତରଫା ଶୁଣାଣୀ ହୋଇ ରାୟ ପ୍ରକାଶ ପାଇବ।

ସ୍ୱା./- ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍, ଭୁବନେଶ୍ୱର
ଧ-୧୬୪୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ଆମ୍ଭେ ପାର୍ବତୀ ସାହୁ, ସ୍ୱାମୀ- ୰ଭରତ ସାହୁ, ପିତା- ୰ସୁରଥ ସାହୁ, ସା/ପୋଷ୍ଟ- ରୂପଦେଇପୁର, ଥାନା- ବଳଙ୍ଗା, ଜିଲ୍ଲା- ପୁରୀ ଆମ୍ଭ ପିତାଙ୍କ ନାମରେ ଥିବା ସାକ୍ଷୀଗୋପାଳ ତହସିଲ ଅନ୍ତର୍ଗତ ମୁନିନ୍ଦା ମୌଜା, ଖାତା ନଂ- ୩୭୯, ଚକ ନଂ- ୨୬୦, ପ୍ଲଟ୍ ନଂ- ୧୦୯୮, ଏ ୧.୦୨୭ ଡିସିମିଲ ଜମିକୁ ଚଞ୍ଚକତା କରି ଆମ୍ଭର ଦୁଇ ଭାଇ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପିତା- ୰ସୁରଥ ସାହୁ ତାଙ୍କ ନାମରେ ଦାଖଲଖାରଜ ଖାତା ନଂ- ୩୧୮/୧୫୬, ଚକ ନଂ- ୨୬୦, ପ୍ଲଟ୍ ନଂ.- ୧୦୯୮, ଏ ୧.୦୨୭ ଡିସିମିଲ ଜମିକୁ ଏହା ଉପରେ କୋର୍ଟ ଓଫ ସିଭିଲ ଜଜ୍ (ସିନିୟର ଡିଭିଜନ) ପିପିଲିଙ୍କ ନିକଟରେ ସିଏସ୍ ନଂ- ୧୬୯/୨୦୨୧ ମୋକଦ୍ଦମା ଥାଇ ମଧ୍ୟ ଏହାକୁ ବିକ୍ରି ଖର୍ଦ୍ଦି କରିବାକୁ ଚାହୁଁଛନ୍ତି। ଯଦି ଏହା ଜାଣିଶୁଣି ଏହାକୁ କେହି ବିକ୍ରି ଖର୍ଦ୍ଦି କରନ୍ତି, ଆମ୍ଭେ କୌଣସି ପ୍ରକାର ଦାୟୀ ରହିବୁ ନାହିଁ ଓ ଆମ୍ଭେ ଏଥି ସକ୍ରାନ୍ତେ ପିପିଲି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ସତ୍ୟପାଠ କରିଅଛୁ, ଯାହାର ନଂ.- ୧୫୮୯, ତା.୩୦.୦୮.୨୦୨୪ ଅଟେ।

ପାର୍ବତୀ ସାହୁ
ରୂପଦେଇପୁର, ବଳଙ୍ଗା, ପୁରୀ
ଧ-୧୬୪୫

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସରୋଜିନୀ ମିଶ୍ର
ଓମ୍ ନଗର, ଫାଷ୍ଟଗେଟ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୬।୦୫।୧୯୫୬
ତିରୋଧାନ: ୦୪।୧୦।୨୦୨୪
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମିଶ୍ର ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୧୬୪୮

## ଶତାୟୁ ମହିଳାଙ୍କ ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



୰ରଙ୍ଗଲତା ଆଚାର୍ଯ୍ୟ
ଆବିର୍ଭାବ - ୦୩.୦୪.୧୯୨୦
ତିରୋଧାନ - ୦୪.୧୦.୨୦୨୪
ଏହା ମଧ୍ୟରେ ୧୧ଦିନ ବିତିଗଲାଣି, ତୁମେ ଆଉ ଆମ ସହିତ ନାହିଁ। ତୁମେ ଥିଲ ଆମ ପ୍ରେରଣାର ଉତ୍ସ। ଆମ ପ୍ରତି ତୁମର ତ୍ୟାଗ ଓ ମମତା ଚିରସ୍ମରଣୀୟ। ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର- ସୁଶାନ୍ତ କୁମାର ଆଚାର୍ଯ୍ୟ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ପରିବାରବର୍ଗ
ଧ-୧୬୪୪

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ଅନନ୍ତଚରଣ ବରାଳ
(ମୁରବି ଓ ସମାଜସେବୀ)
ପୁରୁଣା କାଚରାମାଳ, ଫୁଲନଖରା, କଟକ
ଧରାବତରଣ-୧୪।୦୯।୧୯୪୯
ସ୍ୱର୍ଗାରୋହଣ- ୦୭।୧୦।୨୦୨୨
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସଚ୍ଚୋଟତା, ସହନଶୀଳତା, ସରଳ ଜୀବନ ଓ ସତ୍ୟନିଷ୍ଠ ମନୋବୃତ୍ତି ଆମ୍ଭମାନଙ୍କୁ ସର୍ବଦା ଦିଗଦର୍ଶନ ଦେଉଥିବ। ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ; ଆଜି ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବରେ ପ୍ରଭୁ ଶ୍ରୀଲକ୍ଷେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ-ଶାରଳା ବରାଳ, ଭ୍ରାତା, ଭ୍ରାତାବଧୂ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ ଏବଂ ବନ୍ଧୁ ଓ ବରାଳ ପରିବାରବର୍ଗ।
ଧ-୧୬୪୭

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କୁନ୍ତଳା ବେହେରା
ସ୍ୱାମୀ - ୰ଦୈତ୍ୟାରୀ ବେହେରା
୨୧୨୦, କଞ୍ଚନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆଜି ଆପଣଙ୍କର ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୧୬୪୩

ଫ୍ୟାଶନ୍

# ଅଫିସ୍‌ରେ ଦେଖାଯିବେ ଷ୍ଟାଇଲିଶ୍



**ଡ୍ରେସ୍‌କୁ ନେଇ ଝିଅମାନେ ବେଶି ରୁଚି ହୋଇଥାନ୍ତି। ଯଦି ଆପଣ ଅଫିସ୍‌ରେ ଷ୍ଟାଇଲିଶ୍ ଏବଂ କ୍ଲାସି ଦେଖାଯିବାକୁ ଚାହୁଁଛନ୍ତି, ତେବେ କିଛି ଆଉଟ୍‌ଫିଟ୍ ବିଷୟରେ ଜାଣିନିଅନ୍ତୁ। ଏଠାରେ କିଛି ଆଉଟ୍‌ଫିଟ୍ ବିଷୟରେ ସୂଚନା ଦିଆଯାଉଛି, ଯାହା ଅଫିସ୍ ହେଉ କି କଲେଜ ସବୁଠାରେ ଭଲ ମାନିବ। ଜାଣନ୍ତୁ ଏ ସମ୍ପର୍କରେ...**

**ମିଡି ଡ୍ରେସ:** ଝିଅମାନଙ୍କୁ ମିଡି ଡ୍ରେସ ଭଲ ମାନିଥାଏ। ଏଥିରେ ଯଦି ଆପଣ ନେକ୍ ଆଉଟ୍‌ଫିଟ୍ ପିନ୍ଧନ୍ତି, ତେବେ ଏହା ବହୁତ ସୁନ୍ଦର ମାନିଥାଏ। ଆପଣଙ୍କୁ ଯେଉଁ କଲର ପସନ୍ଦ, ଯଦି ଆପଣ ନିଜ ଆଉଟ୍‌ଫିଟ୍‌କୁ ସେହି ପ୍ରକାର ରଖିଲେ ତେବେ ଆପଣଙ୍କ ଲୁକ୍ ଏକଦମ୍ ଷ୍ଟାଇଲିଶ୍ ଦେଖାଯିବ। ମିଡି ଡ୍ରେସ୍ ସହିତ ଆପଣ ହାଲୁକା ମେକ୍‌ଅପ୍ ଏବଂ ମିନିମମ୍ ଜୁଏଲାରି ପିନ୍ଧିପାରିବେ। ଏହି ଆଉଟ୍‌ଫିଟ୍‌କୁ ଆପଣ କଲେଜକୁ ମଧ୍ୟ ପିନ୍ଧି ଯାଇପାରିବେ।

**ଚିକନକାରୀ କୁର୍ତ୍ତି:** ଚିକନକାରୀ କୁର୍ତ୍ତିର ଏବେ ଟ୍ରେଣ୍ଡ ଚାଲିଛି। ଝିଅମାନଙ୍କୁ ଏହା ବେଶ୍ ପସନ୍ଦ ଆସୁଛି। ଏହି କୁର୍ତ୍ତି ଆପଣଙ୍କୁ କ୍ଲାସି ଏବଂ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଆପଣ ଅଫିସ୍‌ରେ ଏହି ଆଉଟ୍‌ଫିଟ୍‌କୁ ପିନ୍ଧି ଯାଇପାରିବେ। ଏହା ସହିତ ଆପଣ ପେନସିଲ୍ ହିଲ୍ ପିନ୍ଧିଲେ ଲୁକ୍‌କୁ ଅଧିକ ଆଟ୍ରାକ୍ଟିଭ୍ କରିଥାଏ।

**ଫ୍ଲୋରାଲ ଡ୍ରେସ୍:** ଯଦି ଆପଣ କଲେଜ କିମ୍ବା ଅଫିସ୍ ଯାଉଛନ୍ତି, ତେବେ ଆପଣ ଲଙ୍ଗ୍ ଫ୍ଲୋରାଲ ପ୍ରିଣ୍ଟ ଡ୍ରେସ ପିନ୍ଧିବା ଆବଶ୍ୟକ। ଏହି ଡ୍ରେସ୍ ଆପଣଙ୍କୁ କୌଣସି ବି ଅକେଜନ୍‌ରେ ଭଲ ମାନିଥାଏ। ଯଦି ଆପଣ ଅଫିସ୍‌ରେ ଫର୍ମାଲ ଲୁକ୍ ଦେଖାଯିବାକୁ ଚାହୁଁଛନ୍ତି, ତେବେ ଫର୍ମାଲ କଲରର ଡ୍ରେସ୍ ପିନ୍ଧିପାରିବେ। ଏହା ସହିତ ଛୋଟ ଇୟରରିଙ୍ଗ୍‌ସ ଏବଂ ସଟଲ ମେକଅପ୍ ଟ୍ରାଏ କରିବା ଆବଶ୍ୟକ।

**ଶାଢ଼ି:** ଯଦି ଆପଣ ଅଫିସ୍ କିମ୍ବା କଲେଜର କୌଣସି ଫଙ୍କସନ୍‌ରେ ଯିବାର ଥାଏ, ତେବେ ବ୍ଲାକ୍ କଲର ଶାଢ଼ି ମଧ୍ୟ ଟ୍ରାଏ କରିପାରିବେ। ଝିଅମାନଙ୍କୁ ଶାଢ଼ି ବହୁତ ପସନ୍ଦ, ଆଜିକାଲି ଫ୍ୟାଶନ୍ ଟ୍ରେଣ୍ଡରେ ବ୍ଲାକ କଲରର ଡିମାଣ୍ଡ ଚାଲିଛି।

# ପିତ୍ତଳ ବାସନକୁ ସଫା କରୁଥିଲେ...



**ଲେମ୍ବୁ ଏବଂ ଲୁଣ ବ୍ୟବହାର**
ପିତ୍ତଳ ବାସନ ନୂଆ ଭଳି ଦେଖାଯିବାକୁ ହେଲେ ଆପଣ ଲେମ୍ବୁ, ଲୁଣର ବ୍ୟବହାର କରିପାରିବେ। ଲେମ୍ବୁ ରସ ଏବଂ ଲୁଣ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ପୁଣି ପିତ୍ତଳ ବାସନ ଉପରେ ଲଗାଇ ବାସନକୁ ଘଷନ୍ତୁ। ଏହାଦ୍ୱାରା କଳା ହୋଇଥିବା ପରସ୍ତ ଆସ୍ତେ ଆସ୍ତେ ଛାଡ଼ିଯିବ।

**ବେକିଂ ସୋଡ଼ା**
ବେକିଂ ସୋଡ଼ାକୁ ପାଣିରେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଭଲ ଭାବେ ଘଷନ୍ତୁ। ଏପରି କରିବା ଦ୍ୱାରା ପିତ୍ତଳ ବାସନରେ ଲାଗିଥିବା କଳାଦାଗ ଧୀରେ ଧୀରେ ଛାଡ଼ିଯିବ। ଦହି ଏବଂ ହଳଦୀ ପେଷ୍ଟ ବନାନ୍ତୁ। ଦୁଇଟିକୁ ଭଲ ଭାବେ ମିଶାଇ ଅଳ୍ପ ପାଣି ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଅଳ୍ପ ସମୟ ପାଇଁ ବାସନରେ ଲଗାଇ ରଖନ୍ତୁ। ପୁଣି ହାତରେ ଭଲଭାବେ ଘଷି ଧୋଇଦିଅନ୍ତୁ। ଫଳରେ ଏହାଦ୍ୱାରା ବାସନ ଚମକି ଉଠିବ।

**ସିର୍କା ଏବଂ ଲୁଣର ବ୍ୟବହାର**
ଆପଣ ତମ୍ବା ବାସନକୁ ସଫା କରିବାକୁ ହେଲେ ସିର୍କା ଏବଂ ଲୁଣର ବ୍ୟବହାର କରିପାରିବେ। ଆପଣ ସିର୍କା, ଲୁଣ ପାଣିକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହି ପେଷ୍ଟକୁ ପିତ୍ତଳ ବାସନରେ ଲଗାଇବାକୁ ହେବ। ପୁଣି ଏହାପରେ ହାଲୁକା ହାତରେ ଘଷି ନରମ କପଡ଼ାରେ ରଗଡ଼ନ୍ତୁ। ଏହାଦ୍ୱାରା ଆପଣଙ୍କ ବାସନ ଚମକି ଉଠିବ।



**ଆଜି ବିଶ୍ୱ ଗର୍ଭନଷ୍ଟ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

# ଗର୍ଭରେ ଶିଶୁ ମୃତ୍ୟୁ

– ଡା. ସରୋଜିନୀ ଷଡ଼ଙ୍ଗୀ



ନାରୀ ପାଇଁ ମାତୃତ୍ୱ ଏକ ସ୍ୱପ୍ନ। ସେ ସ୍ୱପ୍ନ ସାକାର ହୁଏ, ଯେତେବେଳେ ମା'ର କୋଳ ପୂର୍ଣ୍ଣ କରି ଏକ ସୁସ୍ଥ ଶିଶୁ ଜନ୍ମ ହୁଏ। ନଅ ମାସର ଏ ଯାତ୍ରା ବଡ଼ କଷ୍ଟଦାୟକ। ଟିକିଏ ଅସାବଧାନ ହେଲେ ଗର୍ଭଜନିତ ଜଟିଳତା ଦେଖାଦେଇଥାଏ। ଏଥିରେ କାହାର ବାରମ୍ବାର ଗର୍ଭ ନଷ୍ଟ ହୋଇଥାଏ ତ ଆଉ କାହାର ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ। ଏଥିପାଇଁ ସ୍ତ୍ରୀରୋଗ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କର ପରାମର୍ଶ ନେଇ ହସ୍ପିଟାଲରେ ଡେଲିଭରି କରିବା ଦରକାର। ଜୀବନର ଏ ସବୁ ଦୁଃଖଦାୟକ ଘଟଣାକୁ ମନେପକାଇ ସତର୍କତା ଅବଲମ୍ବନ କରିବା ପାଇଁ ଅକ୍ଟୋବର ୧୫ ତାରିଖ ବିଶ୍ୱ ଗର୍ଭନଷ୍ଟ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ ପାଳନ କରାଯାଉଛି।

ଗର୍ଭଧାରଣର ଆଦ୍ୟ ପର୍ଯ୍ୟାୟରୁ ହିଁ ଭାବୀ ମା'ଟିଏ ଗୋଟିଏ ସୁସ୍ଥ ସନ୍ତାନର ସ୍ୱପ୍ନ ଦେଖିଥାଏ। କେତେକ କ୍ଷେତ୍ରରେ ଏମିତି ବି ଘଟିଥାଏ ଯେ, ପ୍ରସବ ପୂର୍ବରୁ ଭାବୀ ଶିଶୁ ପାଇଁ ବିଭିନ୍ନ ସାମଗ୍ରୀ କିଣା ସରିଯାଏ। କିନ୍ତୁ ଏ ସମସ୍ତ ଆଶା ଧୂଳିସାତ୍ ହୋଇଯାଏ, ଯେତେବେଳେ ଶିଶୁର ଗର୍ଭରେ ମୃତ୍ୟୁ ଘଟିଥାଏ। ଗର୍ଭଧାରଣର ୨୮ ସପ୍ତାହ ପରେ (ଶିଶୁର ଓଜନ ଏକ କେ.ଜି. ରୁ ଊର୍ଦ୍ଧ୍ୱ ହୋଇଥିଲେ) ଏବଂ ପ୍ରସବ ପୂର୍ବରୁ ଯଦି ଶିଶୁର ଗର୍ଭରେ ମୃତ୍ୟୁ ଘଟେ ତେବେ ତାହାକୁ ଆଇ.ୟୁ. ଡି. ବା ଇଣ୍ଟ୍ରାୟୁଟେରାଇନ୍ ଫିଟାଲ୍ ଡେଥ୍ ବୋଲି କୁହାଯାଏ।



"ଗର୍ଭାବସ୍ଥାରେ ମଧୁମେହ ରୋଗ, ଗର୍ଭାବସ୍ଥାରେ ଗର୍ଭଫୁଲ ବିଚ୍ଛିନ୍ନ ହେବା ଏବଂ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ। ୩୦% କେସ୍‌ରେ ଠିକ୍ ପ୍ରସବ ଆଗରୁ ଅମ୍ଳଜାନର ଅଭାବ ଯୋଗୁ ଶିଶୁମୃତ୍ୟୁ ହୋଇଥାଏ। ଏହାଛଡ଼ା ୧୫% ଗର୍ଭରେ ମୃତ୍ୟୁ ଶିଶୁର ବିକଳାଙ୍ଗତା ପାଇଁ ହୋଇଥାଏ।"

**କାରଣ:** ପ୍ରାୟ ୩୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୮ ବର୍ଷରୁ କମ୍ ବୟସର ବହୁଗର୍ଭା ମା', ନିମ୍ନ ମଧ୍ୟବିତ୍ତ ପରିବାର ଏବଂ ପୁଷ୍ଟିସାର କମ୍‌ଥିବା ମହିଳାମାନେ ଗର୍ଭରେ ଶିଶୁ ମୃତ୍ୟୁଜନିତ ଜଟିଳତା ବେଶି ଭୋଗିଥାନ୍ତି। ଯେକୌଣସି କାରଣ ପାଇଁ ହେଉ ମା'ର ଲୌହସାରଜନିତ ରକ୍ତହୀନତା, ଥାଲାସିମିଆ, ସିକଲ୍‌ସେଲ ଏନିମିଆ ଏବଂ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ କମିଗଲେ, ଗର୍ଭରେ ଶ୍ୱାସରୁଦ୍ଧ ହୋଇ ଶିଶୁର ମୃତ୍ୟୁ ଘଟିଥାଏ। ୩୦% କେସ୍‌ରେ ମା'ର ଗର୍ଭାବସ୍ଥାର ଜଟିଳତା ପାଇଁ ଗର୍ଭରେ ଶିଶୁମୃତ୍ୟୁ ହୋଇଥାଏ। ଯଥା ଗର୍ଭାବସ୍ଥାରେ ମଧୁମେହ ରୋଗ, ଗର୍ଭାବସ୍ଥାରେ ଗର୍ଭଫୁଲ ବିଚ୍ଛିନ୍ନ ହେବା ଏବଂ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ। ୩୦% କେଶ୍‌ରେ ଠିକ୍ ପ୍ରସବ ଆଗରୁ ଅମ୍ଳଜାନର ଅଭାବ ଯୋଗୁ ଶିଶୁମୃତ୍ୟୁ ହୋଇଥାଏ। ଏହାଛଡ଼ା ୧୫% ଗର୍ଭରେ ମୃତ୍ୟୁ ଶିଶୁର ବିକଳାଙ୍ଗତା ପାଇଁ ହୋଇଥାଏ। ୫% ସଂକ୍ରମଣ ପାଇଁ ହେଲାବେଳେ କୌଣସି କାରଣ ନ ଥାଇ ମଧ୍ୟ ୨୦% ମୃତ୍ୟୁ ହୋଇଥାଏ। ତେବେ ମା'ର ରୋଗଛଡ଼ା ଆହୁରି ଅନେକ ଜଟିଳତା ଅଛି, ଯାହା ଗର୍ଭାବସ୍ଥାରେ ସମସ୍ୟା ସୃଷ୍ଟି କରିଥାଏ। ମା'ର ସଂକ୍ରମଣ ଯଥା ମ୍ୟାଲେରିଆ, ଯକୃତର କାମଳ ରୋଗ (ହେପାଟାଇଟିସ୍), ଇନ୍‌ଫ୍ଲୁଏଞ୍ଜା, ଟକ୍ସୋପ୍ଲାଜ୍‌ମା, ସିଫିଲିସ୍, ଖୁବ୍ ବେଶି ଜ୍ୱର (୩୯.୪୦ ସେଣ୍ଟିଗ୍ରେଡ଼ଠାରୁ ବେଶି) ହେଲେ ଗର୍ଭରେ ଶିଶୁମୃତ୍ୟୁ ହୋଇଥାଏ। ଏହାବ୍ୟତୀତ ଅତିରିକ୍ତ ପ୍ରସବ ବ୍ୟଥା ହୋଇ ପ୍ରସବ ନ ହେଲେ, ବିଦୀର୍ଣ୍ଣ ଜରାୟୁ ବା ଜରାୟୁ ଫାଟିଗଲେ ଶିଶୁର ମୃତ୍ୟୁ ହୋଇଥାଏ। ପ୍ରସବର ସମ୍ଭାବ୍ୟ ତାରିଖ ପରେ ପ୍ରସବ ନ ହେଲେ ବି ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ। ଏହାବ୍ୟତୀତ ନାଭିନାଡ଼ର ଦୁର୍ଘଟଣା, ଯଥା– ଗର୍ଭସ୍ଥ ପାଣିଥଳି ଫାଟି ନାଭିନାଡ଼ ଖସିଗଲେ, ନାଭିନାଡ଼ରେ ଗଣ୍ଠି ପଡ଼ିଗଲେ ବା' ଶିଶୁର ବେକ ଚାରିପଟେ ନାଭିନାଡ଼ ଗୁଡ଼େଇ ହୋଇଗଲେ କିମ୍ବା ଗର୍ଭରେ ଯାଆଁଳା ଶିଶୁ ହେଲେ, ଗୋଟିଏ ଶିଶୁ ଦେହରୁ ଅନ୍ୟ ଶିଶୁ ଦେହକୁ ରକ୍ତ ସଂଚାଳିତ ହୋଇଗଲେ ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ। ମା' ପାଇଁ ହେଉ ବା ଶିଶୁ ପାଇଁ କିମ୍ବା ଅନ୍ୟକୌଣସି ଅଜଣା କାରଣରୁ ହେଉ ଗର୍ଭଫୁଲ ଦେଇ ମା' ପାଖରୁ ଶିଶୁ ପାଖକୁ ନାଭିନାଡ଼ ଦେଇ ଭଲଭାବରେ ରକ୍ତ ବିନିମୟ ନ ହୋଇପାରିଲେ ଶିଶୁ ପୁଷ୍ଟିସାର ନ ପାଇ ମୃତ୍ୟୁମୁଖରେ ପଡ଼ିଥାଏ।

**ଶିଶୁମୃତ୍ୟୁର ଲକ୍ଷଣ:** ମା' ଗର୍ଭରେ ଶିଶୁ ଅନେକ ସମୟଧରି ନ ବୁଲିଲେ ଗର୍ଭରେ ଶିଶୁମୃତ୍ୟୁର ସନ୍ଦେହ ହୋଇଥାଏ। ଗର୍ଭବତୀ ମା'ର ସ୍ତନର ଆକାର କମିଯାଏ। ଶିଶୁଟି ବଞ୍ଚିଥିବା ବେଳେ ମା'ର ଜରାୟୁର ଉଚ୍ଚତା ଯେତିକି ଥାଏ, ଆସ୍ତେ ଆସ୍ତେ ଉଚ୍ଚତା ଓ ଆକାର କମିଯିବା ସହ ଜରାୟୁ ମଧ୍ୟ ଶିଥିଳ ହୋଇଯାଏ। ହାତ ଦେଇ ପେଟ ଉପରେ ଜରାୟୁ ପରୀକ୍ଷା କରିବା ବେଳେ ଡାକ୍ତରଙ୍କ ହାତକୁ ଶିଶୁ ବୁଲିବା ବା' ଶିଶୁର ଘୂର୍ଣ୍ଣନ ଜାଣି ହୁଏନାହିଁ। ଷ୍ଟେଥୋସ୍କୋପ ବା ଫିଟାଲ୍ ଡପଲ୍‌ରରେ ଶୁଣିଲେ ଶିଶୁର ହୃତ୍‌ସ୍ପନ୍ଦନ ଶୁଣାଯାଏ ନାହିଁ। ଶିଶୁର ମୁଣ୍ଡ ବହୁତ ନରମ ଲାଗେ।





**ଶିଶୁମୃତ୍ୟୁ ରୋକିବା ଲାଗି:** ଗର୍ଭଧାରଣ ପୂର୍ବରୁ ପ୍ରତ୍ୟେକ ମହିଳାଙ୍କୁ ମଧୁମେହ ରୋଗ, ରକ୍ତଚାପ ବା କୌଣସି ବଂଶଗତ ରୋଗର ଚିକିତ୍ସା କରାଇବା ନିହାତି ଦରକାର। ଗର୍ଭଧାରଣର ୧୧ରୁ ୧୪ ସପ୍ତାହ ମଧ୍ୟରେ ଏନ୍.ଟି. ସ୍କାନ୍, ଡୁଆଲ୍ ମାର୍କର୍, ତା'ପରେ ଟ୍ରିଲ୍ ମାର୍କର୍ ଏବଂ ଗର୍ଭାବସ୍ଥାର ୫ ମାସ ପରେ ବିକଳାଙ୍ଗ ବା 'ଟିଫାସ୍କାନ୍' (ଶିଶୁ ଶରୀରର ପ୍ରତ୍ୟେକଟି ଅଙ୍ଗର ସ୍କାନିଂ) କରିବା ଉଚିତ। ଯେଉଁ ମା'ମାନେ 'ହାଇରିସ୍କ' ହୋଇଥାନ୍ତି, ସେମାନଙ୍କ ପାଇଁ ତଥା ଗର୍ଭସ୍ଥ ଶିଶୁ ପାଇଁ ବେଶି ଯତ୍ନଶୀଳ ହେବା ଉଚିତ।

**ମା' ପାଇଁ ଜଟିଳତା :**
ଗର୍ଭରେ ଶିଶୁମୃତ୍ୟୁ ହେଲେ ମାନସିକ ଅବସାଦ ବେଳେବେଳେ ମା' ପାଇଁ ଦୁର୍ବିଷହ ହୋଇପଡ଼େ। ମା' ବହୁତ ଦିନଯାଏ ମାନସିକ ଅବସାଦଜନିତ ଦୁଃଖ ଭୋଗକରେ। ଗର୍ଭରେ ମୃତଶିଶୁ ଥିଲେ ସଂକ୍ରମଣର ଆଶଙ୍କା ବଢ଼ିଯାଏ। ଗର୍ଭଥଳି ଫାଟି ନ ଥିଲେ ବେଶି ଅସୁବିଧା ହୋଇ ନ ଥାଏ, କିନ୍ତୁ ଗର୍ଭଥଳି ଫାଟିଗଲେ, ଶିଶୁର ପଚାଦେହରେ କ୍ଲଷ୍ଟ୍ରିଡିଅମ୍ ୱେଲଚାଇ ଏବଂ ଟିଟାନସ୍ ଆଦି ମାରାତ୍ମକ ରୋଗ ହୋଇଥାଏ। ଅନ୍ୟାନ୍ୟ ଜୀବାଣୁ ଦ୍ୱାରା ସଂକ୍ରମିତ ହେବାର ଆଶଙ୍କା ମଧ୍ୟ ଅଧିକ ଥାଏ। ତା'ଛଡ଼ା ବ୍ଲଡ୍ କୋଆଗୁଲେସନ୍ ଡିଜ୍‌ଅର୍ଡ଼ର: ମୃତଶିଶୁର କୋଷ ଓ ଗର୍ଭଫୁଲରୁ ବାହାରୁଥିବା ବିଷ, ଥ୍ରୋମ୍ବୋପ୍ଲାଷ୍ଟିନ୍ ସବୁ ଶୋଷଣ କରୁଥିବାରୁ ପ୍ରସବ ସମୟରେ ଏବଂ ପରେ ପରେ ଅତିରିକ୍ତ ରକ୍ତସ୍ରାବ ହୋଇଥାଏ।

ଗର୍ଭଧାରଣ ପୂର୍ବରୁ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କଠାରୁ ଉନ୍ନତ ମାନର ପରାମର୍ଶ, ଗର୍ଭାବସ୍ଥାରେ ଚିକିତ୍ସା ଓ ପ୍ରସବବେଳେ ଭଲ କେନ୍ଦ୍ରରେ, ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କର ଉପସ୍ଥିତିରେ ପ୍ରସବ ହୋଇପାରିଲେ, ଗର୍ଭରେ ଶିଶୁ ମୃତ୍ୟୁହାର କମିଯାଇଥାଏ। ଏହାଛଡ଼ା ଗର୍ଭାବସ୍ଥାରେ ଶିଶୁର ବିକଳାଙ୍ଗତାର ଚିହ୍ନଟ ଖୁବ୍‌ଶୀଘ୍ର ହୋଇପାରିଲେ ଶିଶୁମୃତ୍ୟୁ ହାର କମିଯାଏ।

– ଲିଙ୍କରୋଡ଼, କଟକ–୧୨
ମୋ: ୯୪୩୭୦୫୫୦୦୭

ସୌନ୍ଦର୍ଯ୍ୟ

# ନାଇଟ୍ ସ୍କିନ୍ କେୟାର

**ଦିନ ମଧ୍ୟରେ ଧୂଳି, ମାଟି ଏବଂ ମେକ୍‌ଅପ୍ ରହିଯାଇ ତ୍ୱଚାର ପୋର୍ସକୁ ବନ୍ଦ କରିଦିଏ। ଏହାଦ୍ୱାରା ମୁହଁରେ ପିମ୍ପଲ୍ସ, ମୁଖବ୍ରଣ ଆଦି ସମସ୍ୟା ହେବାର ଆଶଙ୍କା ରହିଛି। ନାଇଟ୍ ସ୍କିନ୍ କେୟାର ରୁଟିନ୍ କେବଳ ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ଏହା ସୁସ୍ଥ ଏବଂ ଚମକ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।**



**ନାଇଟ୍ ସ୍କିନ୍ କେୟାର ଫାଇଦା:** ରାତି ସମୟରେ ତ୍ୱଚାର ଯାହା ଡ୍ୟାମେଜ୍ ହୋଇଥାଏ, ତାହା ରାତିରେ ହିଁ କ୍ରମଶଃ ଠିକ୍ ହୋଇଥାଏ। ରାତିରେ ସଠିକ୍ ମଶ୍ଚରାଇଜର ବ୍ୟବହାର କରିବା ଦ୍ୱାରା ତ୍ୱଚା ଠିକ୍ ରହିଥାଏ। ଫଳରେ ଏଜିଙ୍ଗ୍ ସମସ୍ୟା ଶିଥିଳ ହୋଇଯାଏ। ଏହାଦ୍ୱାରା ତ୍ୱଚା ସକାଳୁ ବହୁତ ଫ୍ରେଶ୍ ଲାଗିଥାଏ। ନାଇଟ୍ କ୍ରିମ୍ ଏବଂ ସେରମ୍‌ରେ ଆଣ୍ଟି ଏଜିଙ୍ଗ ତ୍ୱଚା ଉପରେ ଅଧିକ କାମ କରିଥାଏ, ଯାହା ଚର୍ମରେ ଝୁରିଆଁକୁ କମ୍ କରିଥାଏ।

**ପ୍ରଥମେ କରନ୍ତୁ କ୍ଲିନିଂ :** ପ୍ରଥମେ ମୁହଁକୁ ମାଇଲ୍ଡ କ୍ଲିଞ୍ଜର ସାହାଯ୍ୟରେ ଭଲଭାବେ ଫେସ୍‌କୁ କ୍ଲିନ୍ କରନ୍ତୁ। ଫଳରେ ପୂରାଦିନର ଅପରିଷ୍କାର ଏବଂ ତେଲ ସଫା ହୋଇଯିବ। ମେକ୍‌ଅପ୍ ଯଦି କରୁଥାନ୍ତି, ତେବେ ଡବଲ କ୍ଲିନିଂ କରିବା ଆବଶ୍ୟକ।

**ଟୋନର ବ୍ୟବହାର :** କ୍ଲିଞ୍ଜର ପରେ ଆପଣ ମୁହଁ ଏବଂ ବେକରେ ଟୋନର ବ୍ୟବହାର କରିପାରନ୍ତି। ଏହା ତ୍ୱଚାର ପୋର୍ସକୁ ଖୋଲିବା ସହିତ ଟାଇଟ୍ କରିବାରେ ସାହାଯ୍ୟ କରିଥାଏ।

**ଆପ୍ଲାଏ କରନ୍ତୁ ସିରମ୍:** ସ୍କିନ୍ ଅନୁଯାୟୀ ତ୍ୱଚାର ସିରମ୍ ବ୍ୟବହାର କରନ୍ତୁ। ଏହା ତ୍ୱଚାକୁ ପୋଷଣ ଏବଂ ହାଇଡ୍ରେସନ୍ ଦେଇଥାଏ। ସ୍କିନ୍ ଏଜିଙ୍ଗଠାରୁ ରକ୍ଷା କରିଥାଏ।

**ମଶ୍ଚରାଇଜର ଲଗାନ୍ତୁ:** ତ୍ୱଚାକୁ ହାଇଡ୍ରେଟ୍ ରଖିବାକୁ ହେଲେ ନାଇଟ୍ କ୍ରିମ୍ କିମ୍ବା ମଶ୍ଚରାଇଜର ଲଗାଇବା ବହୁତ ଜରୁରୀ ହୋଇଥାଏ। ଏହା ସ୍କିନ୍‌କୁ ଫ୍ଲେକ୍ସିବୁଲ୍ କରିବାରେ ସାହାଯ୍ୟ କରିଥାଏ।

**ଆଇକ୍ରିମ୍ ଜରୁରୀ:** ଯଦି ଆପଣଙ୍କ ଆଖି ଚାରିପଟେ ସ୍କିନ୍ ଢିଲା ଅଛି, ତେବେ ରାତିରେ ଆଇକ୍ରିମ୍‌ର ବ୍ୟବହାର ନିହାତି କରନ୍ତୁ।

**ଲିପ୍ ବାମ୍ ଭୁଲନ୍ତୁ ନାହିଁ:** ଯଦି ଆପଣ ଓଠକୁ ସଫ୍ଟ ରଖିବାକୁ ଚାହାନ୍ତି, ତେବେ ଶୋଇବା ପୂର୍ବରୁ ଏକ୍ସଫଲିଏଟ୍ ଯୁକ୍ତ ଲିପ୍‌ବାମ୍ ବ୍ୟବହାର କରନ୍ତୁ।




ଖାଦ୍ୟରୁଚି

# ରୁଟି ଚାଓମିନ୍

**ଆବଶ୍ୟକ ସାମଗ୍ରୀ**
ବଳି ପଡ଼ିଥିବା ରୁଟି–୧, ଛୋଟ ଦୁଇ ଚାମଚ ତେଲ, ୩–୪ଟି କଟା ହୋଇଥିବା ରସୁଣ, କଞ୍ଚାଲଙ୍କା ୩ରୁ ୪ଟି, ପିଆଜ–୨ଟି, ଗାଜର–୧, ଶିମ୍‌ଲା ଲଙ୍କା–୧ଟି, ଅଧାକପ୍ ବନ୍ଧାକୋବି, ସ୍ୱାଦ ଅନୁସାରେ ଲୁଣ, ଦୁଇ ଚାମଚ ଟମାଟୋ ସସ୍, ଏକ ଚାମଚ ଲେମ୍ବୁ ରସ, ଦୁଇଚାମଚ କଟା ହୋଇଥିବା ଧନିଆ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ରୁଟିକୁ ଗୁଡ଼ାଇ ରୋଲ କରି ତାକୁ ଛୁରିରେ ସରୁ ସରୁ କରି କାଟିଦିଅନ୍ତୁ। ଏବେ କଟା ହୋଇଥିବା ରୁଟିକୁ ଅଲଗା ପାତ୍ରରେ ରଖିଦିଅନ୍ତୁ। ଏବେ ସେଥିରେ ଅଧାକପ୍ ତେଲ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ତେଲ ପକାଇ ସେଥିରେ କଟା ହୋଇଥିବା ରସୁଣକୁ ଭାଜି ଦିଅନ୍ତୁ। ଏହାପରେ ସିମ୍‌ଲା ଲଙ୍କା ଏବଂ ପିଆଜ ପକାଇ ଭାଜନ୍ତୁ। ଏହା ଟିକେ ଭାଜି ହୋଇଗଲା ପରେ ସେଥିରେ ବନ୍ଧାକୋବି ଏବଂ ଗାଜର ପକାଇ ଭାଜନ୍ତୁ। ଏବେ ସେଥିରେ ଟମାଟୋ ସସ୍, ଲୁଣ ଆଦି ପକାଇ ଭଲଭାବେ ମିଶାନ୍ତୁ। ଏବେ ଆଗରୁ କଟା ହୋଇଥିବା ରୁଟିକୁ ପକାଇ ଭଲଭାବେ ଘାଣ୍ଟନ୍ତୁ। ଏହାପରେ ଏଥିରେ ଲେମ୍ବୁ ରସ ପକାଇ ତାକୁ ଭଲଭାବେ ଗୋଳାଇ ଉପରେ ଗାର୍ଣ୍ଣିସିଙ୍ଗ କରିବା ଲାଗି ଧନିଆଁ ପତ୍ର ପକାଇ ଏବେ ସର୍ଭ କରନ୍ତୁ।



ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୫/୨୦୨୪ Bhubaneswar, Tuesday, October 15/ 2024

# ହରମନପ୍ରୀତ୍ ସବୁଠାରୁ ଦାମୀ ଖେଳାଳି

**ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମ**

■ ଅମିତ ରୋହିଦାସଙ୍କୁ ନେଲା ତାମିଲନାଡୁ ଡ୍ରାଗନ୍ସ

ନୂଆଦିଲ୍ଲୀ, ୧୪।୧୦ (ପି.ଟି.)

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ପାଇଁ ଖେଳାଳି ନିଲାମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗ ନେଉଥିବା ସମସ୍ତ ୮ ଫ୍ରାଞ୍ଚାଇଜ୍ ଭାରତୀୟ ପୁରୁଷ ହକି ଦଳର ଖେଳାଳିଙ୍କୁ ନେବା ଲାଗି ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। ଷ୍ଟାର ଡ୍ରାଗ୍ ଫ୍ଲିକର ତଥା ଭାରତୀୟ ହକି ଦଳର ଅଧିନାୟକ ହରମନପ୍ରୀତ୍ ସିଂଙ୍କୁ ସୁର୍‌ମା ହକି କ୍ଲବ ୭୮ ଲକ୍ଷ ଟଙ୍କାରେ କ୍ରୟ କରିଛି। ସେ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି। ଦ୍ୱିତୀୟ ଦାମୀ ଖେଳାଳି ଅଭିଷେକଙ୍କୁ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ୭୨ ଲକ୍ଷ ଟଙ୍କାରେ କ୍ରୟ କରିଥିବା ବେଳେ ୟୁପି ରୁଦ୍ରାସ ୭୦ ଲକ୍ଷ ଟଙ୍କାରେ ହାର୍ଦ୍ଦିକ ସିଂଙ୍କୁ ନେଇଛି। ଅନ୍ୟ ଜଣାଶୁଣା ଖେଳାଳିମାନଙ୍କ ମଧ୍ୟରେ ଅମିତ ରୋହିଦାସଙ୍କୁ ତାମିଲନାଡୁ ଡ୍ରାଗନ୍ସ ୪୮ ଲକ୍ଷ ଟଙ୍କାରେ କ୍ରୟ କରିଥିବା ବେଳେ ଯୁଗରାଜ ସିଂଙ୍କୁ ସମାନ ମୂଲ୍ୟରେ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ନେଇଛି। ସେହିପରି ହାଇଦ୍ରାବାଦ ତୁଫାନ୍ସ ସୁମିତଙ୍କୁ ୪୬ ଲକ୍ଷ ଟଙ୍କାରେ କ୍ରୟ କରିଛି। ରବିବାର ୧୮ ବିଦେଶୀ ଖେଳାଳିଙ୍କ ସମେତ ମୋଟ ୫୪ ଖେଳାଳି ନିଲାମ ହୋଇଛନ୍ତି। ପ୍ରଥମ ଦିବସରେ ୮ଟି ଯାକ ଫ୍ରାଞ୍ଚାଇଜ ମୋଟ ୧୬ କୋଟି ୮୮ ଲକ୍ଷ ଓ ୫୦ ହଜାର ଟଙ୍କା ବ୍ୟୟ କରିଛନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଜର୍ମାନୀର ଗୋଞ୍ଜାଲେଜ୍ ପେଲେଟ୍ ସବୁଠାରୁ ଦାମୀ ଖେଳାଳି। ତାଙ୍କୁ ୬୮ ଲକ୍ଷ ଟଙ୍କା ବ୍ୟୟରେ ତାମିଲନାଡୁ ଡ୍ରାଗନ୍ସ କ୍ରୟ କରିଛି। ନେଦରଲାଣ୍ଡର ଜିପ୍ ଜାନସେନଙ୍କୁ ମଧ୍ୟ ତାମିଲନାଡୁ ଡ୍ରାଗନ୍ସ ୫୪ ଲକ୍ଷ ଟଙ୍କାରେ କ୍ରୟ କରିଛି। ବିଦେଶୀ ଗୋଲକିପରଙ୍କ ମଧ୍ୟରୁ ଆୟର୍ଲାଣ୍ଡର ଡେଭିଡ ହାର୍ଟେ ବହୁମୂଲ୍ୟରେ ବିକ୍ରି ହୋଇଛନ୍ତି। ତାମିଲନାଡୁ ଡ୍ରାଗନ୍ସ ତାଙ୍କୁ ୩୨ ଲକ୍ଷ ଟଙ୍କାରେ ନେଇଛି। ନିଲାମ ହୋଇଥିବା ଅନ୍ୟ ଗୋଲକିପରମାନେ ହେଲେ ଜର୍ମାନୀର ଜିନ୍-ପଲ୍ ଡେନ୍‌ବର୍ଗ (ହାଇଦ୍ରାବାଦ ତୁଫାନ୍ସ, ୨୭ ଲକ୍ଷ ଟଙ୍କା), ନେଦରଲାଣ୍ଡର ପିରମିନ ବ୍ଲାକ (ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ, ୨୫ ଲକ୍ଷ) ଏବଂ ବେଲଜିୟମର ଭିନ୍‌ସେଣ୍ଟ ଭାନାଶ୍ଚ (ସୁର୍‌ମା ହକି କ୍ଲବ, ୨୩ ଲକ୍ଷ)। ଭାରତୀୟ ଗୋଲକିପର ସୁରଜ କାର୍‌କେରା ଓ ପୱନଙ୍କୁ ଯଥାକ୍ରମେ ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ୨୨ ଲକ୍ଷ ଓ ୧୫ ଲକ୍ଷ ଟଙ୍କାରେ ନେଇଛନ୍ତି।

**ପ୍ରଥମ ଦିବସରେ ବିକ୍ରି ହୋଇଥିବା ଟପ୍ ୫ ଖେଳାଳି:** ୧. ହରମନପ୍ରୀତ୍ ସିଂ (ଭାରତ)-ସୁର୍‌ମା ହକି କ୍ଲବ-୭୮ଲକ୍ଷ ଟଙ୍କା। ୨. ଅଭିଷେକ (ଭାରତ)-ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ-୭୨ ଲକ୍ଷ। ୩. ହାର୍ଦ୍ଦିକ ସିଂ (ଭାରତ)-ୟୁପି ରୁଦ୍ରାସ-୭୦ ଲକ୍ଷ। ୪.ଗୋଞ୍ଜାଲେଜ୍ ପେଲେଟ୍ (ଜର୍ମାନୀ)-ହାଇଦ୍ରାବାଦ ତୁଫାନ୍ସ-୬୮ଲକ୍ଷ ଟଙ୍କା। ୫.ଜିପ୍‌ଜାନସେନ(ନେଦରଲାଣ୍ଡ)-ତାମିଲନାଡୁ ଡ୍ରାଗନ୍ସ-୫୪ ଲକ୍ଷ।



ହରମନପ୍ରୀତ ସିଂ

### ପ୍ରଥମ ଦିବସରେ ବିକ୍ରି ହୋଇଥିବା ଅନ୍ୟ ଖେଳାଳି

୧. ଅମିତ ରୋହିଦାସ-ତାମିଲନାଡୁ ଡ୍ରାଗନ୍ସ-୪୮ ଲକ୍ଷ, ୨. ଗୁରଜାଣ୍ଟ ସିଂ-ସୁର୍‌ମା ହକି କ୍ଲବ-୧୯ ଲକ୍ଷ। ୩. ମନଦୀପ ସିଂ-ଟିମ୍ ଗୋନାସିକା-୨୫ ଲକ୍ଷ। ୪.ମନପ୍ରୀତ ସିଂ-ଟିମ୍ ଗୋନାସିକା-୪୨ ଲକ୍ଷ। ୫.ସୁଖଜିତ୍ ସିଂ-ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ-୪୨ ଲକ୍ଷ। ୬. ନୀଳକାନ୍ତ ଶର୍ମା-ହାଇଦ୍ରାବାଦ ତୁଫାନ୍ସ-୩୪ ଲକ୍ଷ। ୭. ସଞ୍ଜୟ-କଳିଙ୍ଗ ଲାନ୍ସର୍ସ-୩୮ ଲକ୍ଷ। ୮. ଲଳିତ କୁମାର ଉପାଧ୍ୟାୟ-ୟୁପି ରୁଦ୍ରାସ-୨୮ ଲକ୍ଷ। ୯. ବିବେକ ସାଗର ପ୍ରସାଦ-ସୁର୍‌ମା ହକି କ୍ଲବ-୪୦ ଲକ୍ଷ। ୧୦. ସୁମିତ ହାଇଦ୍ରାବାଦ ତୁଫାନ୍ସ-୪୬ ଲକ୍ଷ। ୧୧. ଯୁଗରାଜ ସିଂ-ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ-୪୮ ଲକ୍ଷ। ୧୨. କ୍ରିଶନ ବି. ପାଠକ-କଳିଙ୍ଗ ଲନ୍ସର୍ସ-୩୨ ଲକ୍ଷ। ୧୩. ସମଶେର ସିଂ-ଦିଲ୍ଲୀ ଏସ୍.ଜି ପାଇପର୍ସ-୪୨ ଲକ୍ଷ। ୧୪. ଜରମନପ୍ରୀତ ସିଂ-ଦିଲ୍ଲୀ ଏସ୍‌ଜି ପାଇପର୍ସ-୪୦ ଲକ୍ଷ। ୧୫. ରାଜକୁମାର ପାଲ୍-ଦିଲ୍ଲୀ ଏସ୍‌ଜି ପାଇପର୍ସ-୪୦ ଲକ୍ଷ। ୧୬. ଡେଭିଡ୍ ହାର୍ଟ (ଆୟର୍ଲାଣ୍ଡ)-ତାମିଲନାଡୁ ଡ୍ରାଗନ୍ସ-୩୨ ଲକ୍ଷ। ୧୭. ଜିନ୍ ପଲ୍-ଡେନ୍‌ବର୍ଗ (ଜର୍ମାନୀ)-ହାଇଦ୍ରାବାଦ ତୁଫାନ୍ସ-୨୭ ଲକ୍ଷ। ୧୮. ଅଲିଭର ପେନ୍ (ୟୁନାଇଟେଡ କିଙ୍ଗଡମ)-ଟିମ୍ ଗୋନାସିକା-୧୫ ଲକ୍ଷ। ୧୯. ପିର୍‌ମାନ ବ୍ଲାକ (ନେଦରଲାଣ୍ଡ)-ଶ୍ରାଚି ବାର୍ ବେଙ୍ଗଲ ଟାଇଗର୍ସ-୨୫ ଲକ୍ଷ। ୨୦. ଟୋମାସ ସାଣ୍ଟିଆଗୋ (ଆର୍ଜେଣ୍ଟିନା)-ଦିଲ୍ଲୀ ଏସ୍‌ଜି ପାଇପର୍ସ-୧୦ ଲକ୍ଷ। ୨୧. ଭିନ୍‌ସେଣ୍ଟ ଭାନାସ୍କ (ବେଲଜିୟମ)-ସୁର୍‌ମା ହକି କ୍ଲବ-୨୩ ଲକ୍ଷ। ୨୨. ସୁରଜ କାରକେରା-ଟିମ୍ ଗୋନାସିକା-୨୨ ଲକ୍ଷ। ୨୩. ପୱନ-ଦିଲ୍ଲୀ ଏସ୍‌ଜି ପାଇପର୍ସ-୧୫ ଲକ୍ଷ।

## ଦ୍ୱିତୀୟ ଦିବସରେ ୱେଗ୍‌ନେଜ୍

ନୂଆଦିଲ୍ଲୀ, ୧୪।୧୦ (ପି.ଟି.)

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଖେଳାଳି ନିଲାମର ଦ୍ୱିତୀୟ ଦିବସରେ ବେଲଜିୟମ ମିଡ୍‌ଫିଲ୍ଡର ଭିକ୍ଟର ୱେଗ୍‌ନେଜ୍ ସବୁଠାରୁ ଦାମି ବିବେଚିତ ହୋଇଛନ୍ତି। ସୁର୍‌ମା ହକି କ୍ଲବ ତାଙ୍କୁ ୪୦ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରିଛି। ସୋମବାର ବିକ୍ରି ହୋଇଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ନେଦରଲାଣ୍ଡର ଥିଏରୀ ବ୍ରିଙ୍କମାନ (୩୮ଲକ୍ଷ) ଓ ଆର୍ଥର ଭାନ୍ ଡୋରେନ (୩୨ ଲକ୍ଷ)। ଏହି ଦୁଇ ଖେଳାଳିଙ୍କୁ କଳିଙ୍ଗ ଲାନ୍ସର୍ସ ନେଇଛି। ସେହିପରି ଟୋମାସ ଡୋମେନଙ୍କୁ ୩୬ ଲକ୍ଷ ଟଙ୍କା ବିନିମୟରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ନେଇଥିବା ବେଳେ ଅଷ୍ଟ୍ରେଲିଆ ଆରନ ଜେଲସ୍କିଙ୍କୁ କଳିଙ୍ଗ ଲାନ୍ସର୍ସ ୨୭ଲକ୍ଷ ଏବଂ ବ୍ଲେକ ଗୋଭର୍ସଙ୍କୁ ତାମିଲନାଡୁ ଡ୍ରାଗନ୍ସ ୨୭ ଲକ୍ଷରେ କ୍ରୟ କରିଛି। ଅନ୍ୟପକ୍ଷରେ ଦ୍ୱିତୀୟ ଦିବସରେ ବିକ୍ରି ହୋଇଥିବା ଟପ୍ ଭାରତୀୟ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ମୋରିଆଙ୍ଗଥିମ୍ ରବିଚନ୍ଦ୍ର (କଳିଙ୍ଗ ଲାନ୍ସର୍ସ ୩୨ ଲକ୍ଷ) ଓ ମହମ୍ମଦ ରାହିଲ ମୋସିନ (ତାମିଲନାଡୁ ଡ୍ରାଗନ୍ସ, ୨୫ ଲକ୍ଷ)।

# କୋଣାର୍କ ସୂର୍ଯ୍ୟସ୍‌ର ସମ୍ମାନଜନକ ସ୍କୋର

ଶ୍ରୀନଗର, ୧୪।୧୦

ଲିଜେଣ୍ଡ ଲିଗ୍ କ୍ରିକେଟର କ୍ୱାଲିଫାୟର-୨ରେ ସମ୍ମାନଜନକ ସ୍କୋର କରିଛି କୋଣାର୍କ ସୂର୍ଯ୍ୟସ ଓଡ଼ିଶା। ସୋମବାର ଅନୁଷ୍ଠିତ ମ୍ୟାଚରେ ଟୋୟମ ହାଇଦ୍ରାବାଦ ବିପକ୍ଷରେ ୨୦ ଓଭରରେ ୫ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଛି ଓଡ଼ିଶା ଭିତ୍ତିକ ଏହି ଦଳ। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ହାଇଦ୍ରାବାଦ ୧୨ ଓଭରରେ ୪ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିଛି। ଚାଡ୍‌ୱିକ୍ ୱାଲଟନ ୧୦, ଜର୍ଜ ୱର୍କର ୮, ପିଟର ଟ୍ରେଗୋ ୧୫ ଓ ଶିବକାନ୍ତ ଶୁକ୍ଳା ୮ ରନକରି ଆଉଟ ହୋଇଛନ୍ତି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଣାର୍କ ସୂର୍ଯ୍ୟସ ମାତ୍ର ୨୦ ରନରେ ଓପନର ରଚାର୍ଡ ଲେଭିଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅନ୍ୟତମ ଓପନର ଦିଲସାନ ମୁନାୱିରା ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୧୮ ରନକରି ପ୍ୟାଭିଲିୟନ ଫେରିଥିଲେ। କେଭିନ ଓ'ବ୍ରାଏନ ଅର୍ଦ୍ଧଶତକ ହାସଲ କରି ଇନିଂସ ସମ୍ଭାଳି ଥିବାବେଳେ ମିଡିଲ ଅର୍ଡରରେ ନଭିନ ଷ୍ଟିୱାର୍ଟ (୮) ଓ ୟୁସୁଫ ପଠାନ (୧୨) ଫେଲ୍ ମାରିଥିଲେ। ତେବେ ଅଧିନାୟକ ଇରଫାନ ପଠାନ ଦୃଢ଼ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓ'ବ୍ରାଏନ ୩୯ ବଲ୍‌ରୁ ୫୦ (୫ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ଇରଫାନ ୪୯ (୩୫ ବଲ୍, ୫ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ହାଇଦ୍ରାବାଦ ଦଳ ପକ୍ଷରୁ ଷ୍ଟୁଆର୍ଟ ବିନ୍ନି ୨ଟି ଏବଂ ନୂଆନ ପ୍ରଦୀପ, ଇସୁରୁ ଉଡାନା ଓ ମଣ୍ଟି ପନିସର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

କ୍ୱାଲିଫାୟର-୧ରେ କୋଣାର୍କ ସୂର୍ଯ୍ୟସ ୭ ଉଇକେଟରେ ସଦର୍ନ ସୁପର ଷ୍ଟାର୍ସ ନିକଟରୁ ହାରିଯାଇଥିଲା। ଅଧିନାୟକ ଇରଫାନ ପଠାନଙ୍କ ଲଢୁଆ ୬୨ ଓ ୟୁସୁଫ ପଠାନଙ୍କ ଦ୍ରୁତ ୪୩ ରନ ସହାୟତାରେ କୋଣାର୍କ ସୂର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୪୮ ରନ କରିଥିଲା। ୧୪୯ ରନର ବିଜୟ ଲକ୍ଷ୍ୟକୁ ସୁପର ଷ୍ଟାର୍ସ ହାମିଲଟନ ମାସାକାଜାଙ୍କ ୬୭ ଓ ପୱନ ନେଗିଙ୍କ ଦ୍ରୁତ ୪୦ ରନ ବଳରେ ୧୭.୨ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଏଲିମିନେଟରରେ ଟୋୟମ ହାଇଦ୍ରାବାଦ ୭ ଉଇକେଟରେ ଇଣ୍ଡିଆ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା। ଇଣ୍ଡିଆ କ୍ୟାପିଟାଲ୍ସ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪.୪ ଓଭରରେ ମାତ୍ର ୮୮ ରନକରି ଅଲ୍ଆଉଟ ହୋଇଥିଲା। ବିପକ୍ଷ ଦଳର ରବି ଜାଙ୍ଗିଦ ଓ ଶିବକାନ୍ତ ଶୁକ୍ଳା ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ହାଇଦ୍ରାବାଦ ୧୧.୩ ଓଭରରେ ୩ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା।

**ସଂକ୍ଷିପ୍ତ ସ୍କୋର**

କୋଣାର୍କ ସୂର୍ଯ୍ୟସ ଓଡ଼ିଶା ୨୦ ଓଭରରେ ୧୫୬/୫ (କେଭିନ ଓ'ବ୍ରାଏନ-୫୦, ଇରଫାନ ପଠାନ-୪୯, ଷ୍ଟୁଆର୍ଟ ବିନ୍ନି-୨/୧୯, ନୂଆନ ପ୍ରଦୀପ-୧/୪୨, ଇସୁରୁ ଉଡାନା-୧/୨୭, ମଣ୍ଟି ପନିସର-୧/୨୩)।



ଷ୍ଟୁଆର୍ଟ ବିନ୍ନି

# ଭାରତର ଅଭିଯାନ ଶେଷ

**ମହିଳା ଟି୨୦ ବିଶ୍ୱକପ୍**

■ ସେମିଫାଇନାଲରେ ନ୍ୟୁଜିଲାଣ୍ଡ

ଦୁବାଇ, ୧୪।୧୦

ଚଳିତ ମହିଳା ଟି୨୦ ବିଶ୍ୱକପରୁ ଭାରତର ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଛି। ସୋମବାର ନ୍ୟୁଜିଲାଣ୍ଡ ୫୪ ରନରେ ପାକିସ୍ତାନକୁ ହରାଇ ଗ୍ରୁପ୍ 'ଏ'ରୁ ଦ୍ୱିତୀୟ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ୪ ମ୍ୟାଚରୁ ୮ ଓ ନ୍ୟୁଜିଲାଣ୍ଡ ସମାନ ସଂଖ୍ୟକ ମ୍ୟାଚରୁ ୬ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତ ୪ ମ୍ୟାଚରୁ ୪ ପଏଣ୍ଟ ସହିତ ବିଦାୟ ନେଇଛି। ନିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ୫୮ ରନରେ ହାରିଥିବା ଭାରତ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ପାକିସ୍ତାନକୁ ୬ ଉଇକେଟରେ ଏବଂ ଶ୍ରୀଲଙ୍କାକୁ ୮୨ ରନରେ ହରାଇଥିଲେ ହେଁ ୪ର୍ଥ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ୯ ରନରେ ହାରି ଯାଇଥିଲା। ଏହାପରେ ପାକିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚର ଫଳାଫଳ ଉପରେ ଭାରତର ଭାଗ୍ୟ ନିର୍ଭର କରୁଥିଲା। ପାକିସ୍ତାନ ବିଜୟୀ ହୋଇଥିଲେ ଉନ୍ନତ ରନ୍ ହାରରେ ଭାରତ ପାଇଁ ସୁଯୋଗ ସୃଷ୍ଟି ହୋଇଥାନ୍ତା। ମାତ୍ର ପାକିସ୍ତାନର ପରାଜୟ ସହ ଭାରତର ବିଦାୟ ନିଶ୍ଚିତ ହୋଇଛି।

ପାକିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚ ଲୋ-ସ୍କୋରିଂ ବିଶିଷ୍ଟ ହୋଇଥିଲା। ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୧୦ ରନ କରିଥିବାବେଳେ ପାକିସ୍ତାନ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧.୪ ଓଭରରେ ମାତ୍ର ୫୬ ରନକରି ଅଲ୍ଆଉଟ ହୋଇ ଯାଇଥିଲା। ନ୍ୟୁଜିଲାଣ୍ଡର ଇଡେନ କାର୍ସନ ୩ ଓଭରରେ ଗୋଟିଏ ମେଡେନ ନେବାସହ ମାତ୍ର ୭ ରନ ଦେଇ ୨ଟି ଉଇକେଟ ନେଇଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୦୧୬ ପରେ ନ୍ୟୁଜିଲାଣ୍ଡ ପ୍ରଥମଥରପାଇଁ ମହିଳା ଟି୨୦ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି।



ଅନ୍ତର୍ଜାତୀୟ ଫିଡେ ରେଟେଡ ଚେସ୍‌ର ଉଦ୍‌ଘାଟନୀରେ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

# ଅନ୍ତର୍ଜାତୀୟ ଫିଡେ ରେଟେଡ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)

ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୮ତମ କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟେଡ ଚେସ୍ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ୧୬ ରାଜ୍ୟରୁ ମୋଟ ୨୮୬ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୧୨୦ ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ରହିଛନ୍ତି। କେଟି ଗ୍ଲୋବାଲ ସ୍କୁଲ ଚେୟାରମ୍ୟାନ ଅରୁଣ ପ୍ରକାଶ ମୁଖ୍ୟ ଅତିଥି ଏବଂ ପ୍ରିନ୍ସିପାଲ ଦୀପ୍ ଖାରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ଜ୍ୟୋତି ନନ୍ଦ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରୁଛନ୍ତି। ଟୁର୍ନାମେଣ୍ଟ ପାଇଁ ୧,୫୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି।

# ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ୧୯ରୁ

ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)

କଟକ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ୧୫ ବର୍ଷରୁ କମ୍ (ବାଳିକା-ବାଳକ) ଚେସ୍ ଚଳିତ ମାସ ୧୯ରୁ ୨୧ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମ ହର୍ଷ ଗେଟ୍ ଭେନ୍ୟୁରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ମୋଟ ୨୦୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ୨୦୦୯ ଜାନୁଆରୀ ୧ କିମ୍ବା ତାପରେ ଜନ୍ମ ହୋଇଥିବା ପିଲାମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏଣ୍ଟ୍ରି ଫି' ୬୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗିତାରେ ମୋଟ ୭ ରାଉଣ୍ଡ ଖେଳ ହେବ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଯଥାକ୍ରମେ ୨୫୦୦ ଓ ୧୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି କଟକ ଜିଲା ଚେସ୍ ଆସୋସିଏଶନ ସଭାପତି ବିବେକ ଡିବରୱାଲ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ପ୍ରତିଯୋଗୀ ତାମିଲନାଡୁରେ ନଭେମ୍ବର ୩ରୁ ୧୧ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ୧୫ ବର୍ଷରୁ କମ୍ ଚେସ୍‌ରେ ଅଂଶଗ୍ରହଣ କରିବେ।




# ଡ୍ରିମ୍ସ ଟାଇଟନକୁ ହରାଇ ଟାଙ୍ଗୀ ସୁପରକିଙ୍ଗ୍ସ ଚାମ୍ପିୟନ

ମଙ୍ଗୁଳି-ଜଗତପୁର,୧୪।୧୦

(ମାନସ ସାମଲ)

କଟକ ଟାଙ୍ଗୀଠାରେ ଡ୍ରିମ୍ସ ଟାଇଟନ ଓ ଟାଙ୍ଗୀ ସୁପରକିଙ୍ଗ୍ସ ମଧ୍ୟରେ କ୍ରିକେଟ ଧମାକା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରିମ୍ସ ଟାଇଟନକୁ ହରାଇ ଟାଙ୍ଗୀ ସୁପରକିଙ୍ଗ୍ସ ଚାମ୍ପିୟନ ହୋଇଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଆୟୋଜିତ ଟି୨୦ର ଏହି ମ୍ୟାଚ୍‌ରେ ଡ୍ରିମ୍ସ ଟାଇଟନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଟାଙ୍ଗୀ ସୁପର କିଙ୍ଗ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୨୫ରନ କରିଥିଲା। ଡ୍ରିମ୍ସ ଟାଇଟନ ୧୨୬ ରନର ବିଜୟ ଲକ୍ଷ୍ୟ ପିଛା କରି ୧୯ ଓଭରରେ ମାତ୍ର ୮୦ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଇଂ. ଦୁର୍ଗାପ୍ରସାଦ ରଥଙ୍କ ଅଧିନାୟକତ୍ୱରେ ଟାଙ୍ଗୀ ସୁପର କିଙ୍ଗ୍ସ ୪୫ ରନ୍‌ରେ ବିଜୟୀ ହୋଇଥିଲା। ଏଥିରେ ଇଂ. ଶକ୍ତି ପ୍ରସାଦ ରଥ 'ମ୍ୟାନ ଅଫ୍ ଦ ମ୍ୟାଚ୍' ଘୋଷିତ ହୋଇଥିଲେ। ଇଂ. ବୈଭବ ଷଡଙ୍ଗୀ 'କ୍ୟାଚ୍ ଅଫ ଦି ମ୍ୟାଚ୍', ଇଂ. ଶିବପ୍ରସାଦ ରଥ 'ପର୍ପଲ କ୍ୟାପ୍' ଓ ରଣଜିତ୍ ସାହୁ 'ଅରେଞ୍ଜ କ୍ୟାପ୍' ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡ. ରୁଦ୍ର ନାରାୟଣ ମିଶ୍ର, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ରଙ୍କ ସମେତ ଡ୍ରିମ୍ସର ବରିଷ୍ଠ ପଦାଧିକାରୀ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜୁବେନ ମହାନ୍ତିଙ୍କ ସଂଯୋଜନାରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଖେଳାଳିଙ୍କ ସହ ଅତିଥିବୃନ୍ଦ।

# ବିସିସିଆଇ ସିନିୟର ମହିଳା ଟି୨୦ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ ଟ୍ରଫି ଭଦୋଦରାରେ ଚଳିତ ମାସ ୧୭ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ୧୭ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ସୁମନ ଶର୍ମା, ସହକାରୀ କୋଚ୍ ମଧୁସ୍ମିତା ବେହେରା, ମ୍ୟାନେଜର ମଧୁସ୍ମିତା ମହାପାତ୍ର, ଫିଜିଓ ପ୍ରଞ୍ଜଳି ପାଲକର, ଷ୍ଟ୍ରେଞ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଗୋମ୍ପା ପୋଲାମା, ଭିଡିଓ ଆନାଲିଷ୍ଟ ଗାୟତ୍ରୀ ବେହେରା ଓ ମାଲିସ ପାଇଁ ଜୟଶ୍ରୀ ମହନା ଟୁର୍ନାମେଣ୍ଟ ଅବସରରେ ଦଳସହ ରହିବେ। ଭଦୋଦରା କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ୧୭ ତାରିଖରେ ଗୁଜରାଟ ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହାପରେ ୧୮ରେ ଜମ୍ମୁ-କଶ୍ମୀର, ୨୦ରେ ତାମିଲନାଡୁ, ୨୨ରେ ମିଜୋରାମ, ୨୪ରେ ଗୋଆ, ୨୬ରେ ମୁମ୍ବାଇ ଓ ୨୬ରେ ଆନ୍ଧ୍ର ପ୍ରଦେଶକୁ ଭେଟିବ।

ଓଡ଼ିଶା ଦଳ: ମାଧୁରୀ ମେହେଟା (ଅଧିନାୟିକା), ତନ୍ମୟୀ ବେହେରା, ସଙ୍ଗିତା ଖାଡ଼ିଆ, କାଜଲ ଜେନା, ସୁଶ୍ରୀ ଦିବ୍ୟଦର୍ଶିନୀ (ଉପ-ଅଧିନାୟିକା), ସରିତା ମେହେର, ଶିଳ୍ପା ସ୍ୱାଇଁ, ପ୍ରଜ୍ଞା ପାରମିତା ମହାନ୍ତି, ରଶ୍ମିତା ଚିନାରା, ଡି. ଜାନକୀ ରେଡ୍ଡୀ, ରସନାରା ପରୱିନ, ଭବାନୀ ଧଡ଼ା, ରାମେଶ୍ୱରୀ ନାଏକ, ରିମାଲକ୍ଷ୍ମୀ ଏକ୍କା, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତରନ୍ନା ପ୍ରଧାନ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ।



ବିସିସିଆଇ ସିନିୟର ମହିଳା ଟି୨୦ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ